


ନୂଆ ରୂପରେ ଆସିବ
'ସନ୍ଦେଶେ ଆତେ ହେଁ'
▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-152 ♦FRIDAY ♦28 NOVEMBER 2025 ♦PAGE-12 ♦₹ 6.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୧୫୨ ♦ଶୁକ୍ରବାର ♦୨୮ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


### ବିଧାନସଭାରେ ଜନପ୍ରତିନିଧିଙ୍କୁ ରାଷ୍ଟ୍ରପତିଙ୍କ ଗୁରୁମନ୍ତ୍ର

# ଉଚ୍ଚାରଣ, ଆଚରଣରେ ସଂଯମ ରହୁ



**ଗୃହରେ କ'ଣ କହୁଛନ୍ତି, କିପରି କହୁଛନ୍ତି ତାହା ସମସ୍ତେ ଜାଣି ପାରୁଛନ୍ତି**

**ଏଠାକାର ଆତ୍ମୀୟ ପରିବେଶ ମୋତେ ଭାବପ୍ରବଣ କରିଦେଇଛି**

**ଓଡ଼ିଶାରେ ନାରୀ ସଶକ୍ତିକରଣର ଏକ ପ୍ରାଚୀନ ପରମ୍ପରା ରହି ଆସିଛି**

**ଓଡ଼ିଶା କୋଳରେ ପ୍ରକୃତି ସବୁ ପ୍ରକାରର ପ୍ରାଚୁର୍ଯ୍ୟ ଅଜାଡ଼ି ଦେଇଛି**

**ଏହାର ସଦୁପଯୋଗ ଓଡ଼ିଶାକୁ ଅଗ୍ରଣୀ ପ୍ରଦେଶରେ ପରିଣତ କରିପାରିବ**

■ ଭୁବନେଶ୍ୱର, ୨୭।୧୧ (ସମିସ): ବର୍ତ୍ତମାନ ଟେକ୍ନୋଲୋଜିର ସମୟ, ଜନ ପ୍ରତିନିଧି ଭାବେ ଆପଣମାନେ ସାରା ରାଜ୍ୟରେ ଚିହ୍ନାମୁହଁ। ଆପଣମାନଙ୍କର ବହୁ ପ୍ରଶଂସକ ଏବଂ ଅନୁଗାମୀ ମଧ୍ୟ ରହିଛନ୍ତି। ଆପଣମାନେ କଣ କରୁଛନ୍ତି, କହୁଛନ୍ତି ତାହା ଜାଣିବା ପାଇଁ ସେମାନେ ଉତ୍ସୁକ ଥାଆନ୍ତି। ତେଣୁ ଆପଣମାନଙ୍କର ଉଚ୍ଚାରଣ ଓ ଆଚରଣ ଉଭୟ ମୂଲ୍ୟବାନ। ନେତା ଯାହା କରିବେ ଜନତା ତାହାକୁ ଅନୁସରଣ କରିବେ। ତେଣୁ ଆପଣମାନେ ନିଜ ଆଚରଣ ଏବଂ ଉଚ୍ଚାରଣକୁ ସଂଯମ ରଖିବାର ଆବଶ୍ୟକତା ରହିଛି ବୋଲି ପରାମର୍ଶ ଦେଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

ବୁଧବାର ଅପରାହ୍ନରେ ବିଧାନସଭାକୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି ଯେ ଆଜି ଘରକୁ ଆସିଲା ପରି ଲାଗୁଛି। ଦେଶର ଏକାଧିକ ରାଜ୍ୟ, ରାଜ୍ୟ ବିଧାନସଭା, ବିଶ୍ୱର କେତେକ ଦେଶର ସଂସଦକୁ ସମ୍ବୋଧନ କରିବାର ସୁଯୋଗ ଲାଭ କରିଛି। ମାତ୍ର ଓଡ଼ିଶା ବିଧାନସଭାକୁ ସମ୍ବୋଧନ କରିବା ମୋ ପାଇଁ ଖୁସିର ବିଷୟ। ମୁଁ ଗାଁରୁ ଏକ ସାଧାରଣ ଝିଅ ହୋଇ ଆସିଥିଲି। ଏହି ଗୃହ ମୋତେ କଥା କୁହା ଶିଖାଇଛି। ଆଜି ମୁଁ ଯେଉଁଠି ଅଛି ତାହାର ସମସ୍ତ ଶ୍ରେୟ ଏହି ଗୃହର। ଯଦି ଓଡ଼ିଶାର ଜନସାଧାରଣ, ଜଗନ୍ନାଥଙ୍କର ଆଶୀର୍ବାଦ ନଥାନ୍ତା, ତାହେଲେ ମୁଁ ଆଜି ଯେଉଁଠି ଅଛି ସେଇଠି ପହଞ୍ଚି ପାରିନଥାନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି। ସେ ପୁଣି କହିଛନ୍ତି ଯେ ଏହି ଗୃହରେ ମୁଁ ବିଧାୟକ ଭାବେ ପ୍ରଶ୍ନ ପଚାରିଛି। ମନ୍ତ୍ରୀ ଭାବେ ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଛି। ବିଭିନ୍ନ ସ୍ଥାୟୀ କମିଟିର ଅଧ୍ୟକ୍ଷ ତଥା ସଦସ୍ୟ ଭାବେ ମୁଁ ମୋର ଚିନ୍ତା ପ୍ରକଟ କରିବାର ସୁଯୋଗ ପାଇଛି। ବିଧାୟକ ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସେ ବିଧାନସଭାରେ ପ୍ରବେଶ କରିଥିଲି। ଓଡ଼ିଶା କେବଳ ଏକ ପ୍ରାଚୀନ ଭୂଖଣ୍ଡ କିମ୍ବା ଆଧୁନିକ ପ୍ରଦେଶ ▶ପୃଷ୍ଠା-୧୦

### ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳତାକୁ ନେଇ ସୁପ୍ରିମକୋର୍ଟ ଚିନ୍ତିତ

# ୪ ସପ୍ତାହ ମଧ୍ୟରେ କଠୋର ନିୟମ ଆଣିବାକୁ ନିର୍ଦ୍ଦେଶ



**ନିଜ ଦାୟିତ୍ୱ ପ୍ରତି ସଚେତନ ରୁହନ୍ତୁ ୟୁଟ୍ୟୁବର୍**

■ ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ ବିଷୟବସ୍ତୁ (କଣ୍ଟେଣ୍ଟ)କୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଏ ସମ୍ବନ୍ଧିତ ଦୁଇଟି ମାମଲାର ଶୁଣାଣି କରି ଗୁରୁବାର ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରାଯାଉଥିବା ଫଟୋ, ଭିଡିଓ ଏବଂ ଅନ୍ୟ ସବୁ ବିଷୟବସ୍ତୁ ପାଇଁ କାହାକୁ ନା କାହାକୁ ଉତ୍ତରଦାୟୀ କରିବାକୁ ହେବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଏ ସମ୍ବନ୍ଧରେ ୪ ସପ୍ତାହ ମଧ୍ୟରେ ନୂଆ ଆଇନ ଆଣିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଏସ୍‌ସି/ଏସ୍‌ଟି ଆଇନ ଭଳି କଠୋର କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି। ସେହିପରି ଦିବ୍ୟାଙ୍ଗଙ୍କୁ ଅପମାନିତ କରିବା ମାମଲାରେ 'ଇଣ୍ଡିଆଜ ଗଟ୍ ଲାଟେଣ୍ଟ'ର ଉପସ୍ଥାପକ ତଥା ୟୁଟ୍ୟୁବର ସମୟ ରୈନାଙ୍କୁ ନିଜ ଦାୟିତ୍ୱ ପ୍ରତି ସଚେତନ କରାଇଛନ୍ତି। ନିଜ ଶୋ'ରେ ଦିବ୍ୟାଙ୍ଗ ଲୋକଙ୍କ ସଫଳତାର କାହାଣୀ ଦେଖାଇବାକୁ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ପାଣ୍ଠି ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରୈନାଙ୍କୁ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ କହିଥିଲେ ଯେ ଆଗାମୀ ଶୁଣାଣି ପୂର୍ବରୁ କିଛି ଭଲ କାର୍ଯ୍ୟ କରି ଏଠାକୁ ଆସିବେ ବୋଲି ▶ପୃଷ୍ଠା-୧୦


## ରାଷ୍ଟ୍ରପତିଙ୍କ ସାମଗ୍ରିକ ଜୀବନ ଅନୁକରଣୀୟ



'ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆମ ବିଧାନସଭାରୁ ତାଙ୍କର ସକ୍ରିୟ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ସେ ନିଜର କଠୋର ଅଧ୍ୟବସାୟ ଓ ତ୍ୟାଗ ଫଳରେ ଦେଶର ସର୍ବୋଚ୍ଚ ସ୍ଥାନ ଅଳଙ୍କୃତ କରିଛନ୍ତି। ବିଧାୟକ, ମନ୍ତ୍ରୀ, ରାଜ୍ୟପାଳ ଏବଂ ରାଷ୍ଟ୍ରପତି ଭାବେ ସେ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ତାଙ୍କ ସାର୍ବଜନୀନ ଏବଂ ରାଜନୈତିକ ଜୀବନ ସମସ୍ତଙ୍କ ପାଇଁ ଅନୁକରଣୀୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ବିଧାନସଭାରେ ରାଷ୍ଟ୍ରପତିଙ୍କ ସମ୍ବୋଧନ ପ୍ରରିପେକ୍ଷୀରେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣ ରଖି କହିଥିଲେ ଯେ ଦୀର୍ଘ ୭୫ ବର୍ଷର ଓଡ଼ିଶା ବିଧାନ ସଭା ଇତିହାସରେ ପ୍ରଥମ ଥର ପାଇଁ ଦେଶର ପ୍ରଥମ ନାଗରିକ ବିଧାନସଭାକୁ ସମ୍ବୋଧନ ଓ ମାର୍ଗଦର୍ଶନ ସମସ୍ତଙ୍କ ପାଇଁ ଶିକ୍ଷଣୀୟ। ପ୍ରାୟ ଏକ ଚତୁର୍ଥାଂଶ ଜନଜାତି ସଂପ୍ରଦାୟଥିବା ରାଜ୍ୟ ଓଡ଼ିଶାର ସେହି ସଂପ୍ରଦାୟରୁ ଦେଶର ରାଷ୍ଟ୍ରପତି ▶ପୃଷ୍ଠା-୧୦

## ରାଷ୍ଟ୍ରପତି ଏ ମାଟିର ଗୌରବ ବୃଦ୍ଧି କରିଛନ୍ତି



'ଏ ମାଟିର ଝିଅ ଆଜି ଦେଶର ରାଷ୍ଟ୍ରପତି, ଏଥିପାଇଁ ଏ ମାଟି ଗୌରବାନ୍ୱିତ। ଆହୁରି ଗର୍ବର କଥା ଯେ ସେ ତାଙ୍କର ରାଜନୈତିକ ଜୀବନ ୨୫ ବର୍ଷ ତଳେ ଓଡ଼ିଶା ବିଧାନସଭାରୁ ଆରମ୍ଭ କରିଥିଲେ। ଆଜି ସେ ଦେଶର ରାଷ୍ଟ୍ରପତି ହୋଇ ଏ ମାଟିର ଗୌରବ ବୃଦ୍ଧି କରିଛନ୍ତି ବୋଲି କହିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ବିଧାନସଭାରେ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ ପୂର୍ବରୁ ନିଜ ଅଭିଭାଷଣରେ କହିଛନ୍ତି ଯେ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ପାଇଁ ଏହା ଏକ ଗୌରବର ମୁହୂର୍ତ୍ତ। ଆମ ରାଜ୍ୟରୁ ଆସିଥିବା ଭାରତର ରାଷ୍ଟ୍ରପତି ଆଜି ଓଡ଼ିଶା ବିଧାନସଭାକୁ ସମ୍ବୋଧିତ କରୁଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣ, ଆମ ଦେଶ ବର୍ତ୍ତମାନ ସମ୍ମୁଖୀନ ହେଉଥିବା ଆହ୍ୱାନ ପରିପ୍ରେକ୍ଷୀରେ ବିଶେଷ ଗୁରୁତ୍ୱ ବହନ କରୁଛି। ବିବିଧତା ମଧ୍ୟରେ ଏକତା ହେଉଛି ଆମ ରାଷ୍ଟ୍ରର ସୌନ୍ଦର୍ଯ୍ୟ। ଭାରତୀୟ ରାଜନୀତିକୁ ▶ପୃଷ୍ଠା-୧୦

# ରେକର୍ଡ ଭାଙ୍ଗିଲା ନଭେମ୍ବର ଶୀତ

**୭୧ ବର୍ଷ ପରେ ଝାରସୁଗୁଡ଼ାରେ ପାରଦ ସର୍ବନିମ୍ନ ସ୍ତରରେ**

**ଦୁଇ ଦିନ ମଧ୍ୟରେ ଆହୁରି ୩ ଡ଼ିଗ୍ରୀ ଖସିବ ତାପମାତ୍ରା**

**ବଙ୍ଗୋପସାଗରରେ ସୃଷ୍ଟି ହେଲା ଆଉ ଏକ ବାତ୍ୟା 'ଡିଟୱା'**

**ଓଡ଼ିଶା ଉପରେ ପ୍ରଭାବହୀନ, ରାଜ୍ୟକୁ ବହିବ ଥଣ୍ଡା ପବନ**

■ ଭୁବନେଶ୍ୱର, ୨୭ ।୧୧ (ସମିସ): ରାଜ୍ୟକୁ ପୁଣି ଫେରିଛି ଶୀତ। ଦୁଇ ତିନି ଦିନ ହେବ ତାପମାତ୍ରାରେ କ୍ରମାଗତ ହ୍ରାସ ଫଳରେ ଥଣ୍ଡାର ପ୍ରଭାବ ବୃଦ୍ଧି ପାଇଛି।ଅନେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ଝାରସୁଗୁଡ଼ାରେ ତାପମାତ୍ରା ସର୍ବନିମ୍ନ ତାପମାତ୍ରା ୮.୧ ଡିଗ୍ରୀକୁ ହ୍ରାସ ହୋଇଛି। ଗତ ୭୧ ବର୍ଷ ପରେ ନଭେମ୍ବର ମାସରେ ଝାରସୁଗୁଡ଼ାରେ ଶୀତ ରେକର୍ଡ ସ୍ତରକୁ ଖସିଛି। ସେହିପରି ଜି. ଉଦୟଗିରିରେ ତାପମାତ୍ରା ୭.୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ରାଉରକେଲା ୭.୭, ସେମିଳିଗୁଡ଼ା ୮.୬, କିରେଇ ୯.୩, ▶ପୃଷ୍ଠା-୧୦





| MODEL | 125 CF | NS 125 | 150 | N160 | NS 160 | NS 200 |
|---|---|---|---|---|---|---|
| 100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-* |
| PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-* |
| ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-* |

10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | HDFC BANK | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସଞ୍ଚୟ 25 ନଭେମ୍ବର 2025 ଠାରୁ 25 ଡିସେମ୍ବର 2025 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉଦ୍ଧୃତ ମୋଟ ସଞ୍ଚୟ ହେଉଛି 100% ଜିଏସ୍‌ଟି ବେନିଫିଟ୍ ରୁ ସଞ୍ଚୟ (ଏକ୍ସ ଶୋ-ରୁମ୍ ମୂଲ୍ୟ ଓ ତତ୍‌ଜନିତ ଆର୍‌ଟିଓ ଟ୍ୟାକ୍ସ ରେ), ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 1 ବର୍ଷର ଓନ୍ ଡ୍ୟାମେଜ୍ ବୀମା (ଓଡି), ଶୂନ୍ୟ ପିଏଫ୍ ଏବଂ ଓଡି ରେ ସଞ୍ଚୟ ହୁଏତ ଫାଇନାନ୍‌ସର୍/ଇନ୍‌ସ୍ୟୋରର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଅଲଗା ହୋଇପାରେ । ଫାଇନାନ୍‌ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍‌ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।

**Authorised Dealers for BAJAJ Auto Ltd.: Jeypore:** DURRANI TRADERS 9124212491 • **Nabarangapur** DURRANI TRADERS 9124212490 , • Raighar DURRANI TRADERS 8260225498• **Bhawanipatna** KALINGA AUTO SERVICE 8763863692 • **Bolangir** URBASI BAJAJ 7381052046. • **Rayagada** SITA RAMA BAJAJ 7205631185, • **Gunupur** SITA RAMA BAJAJ 9437771070.

● ଦିଲ୍ଲୀ ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟ ଅସହାୟ

## ବିଷବାୟୁରୁ ମୁକ୍ତି ଦେବା ପାଇଁ ଆମ ପାଖରେ ଯାଦୁର ଛଡ଼ି ନାହିଁ

ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ପ୍ରଦୂଷଣରୁ ଜନତାଙ୍କୁ ତ୍ରାହି ମିଳୁନାହିଁ। ଲୋକେ ପ୍ରଦୂଷଣରେ ଅତିଷ୍ଠ ହୋଇ ଚାଲିଥିବାବେଳେ ସୁପ୍ରିମକୋର୍ଟ ଗୁରୁବାର ଏହି ମାମଲା ଉପରେ ଶୁଣାଣି କରି ସ୍ଥିତିକୁ ନେଇ ଅସହାୟତା ପ୍ରକାଶ କରିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ ଦିଲ୍ଲୀ-ଏନସିଆରକୁ ବିଷ ବାୟୁରୁ ମୁକ୍ତି ଦେବା ଭଳି କୌଣସି ଯାଦୁର ଛଡ଼ି ସୁପ୍ରିମକୋର୍ଟଙ୍କ ପାଖରେ ନାହିଁ। ଏହା ଦିଲ୍ଲୀ ବାସୀଙ୍କ ପାଇଁ ବିପଜ୍ଜନକ ବୋଲି ଆମେ ଜାଣିଛୁ। ଏପରି କି ନିର୍ଦ୍ଦେଶ ଦେଲେ ବାୟୁ ତୁରନ୍ତ ସଫା ହୋଇଯିବ ତାହା ଜଣାନ୍ତୁ ବୋଲି ବରିଷ୍ଠ ଓକିଲ ଅପରାଜିତା ସିଂହଙ୍କୁ ଖଣ୍ଡପୀଠ ପଚାରିଛନ୍ତି। ସିଜେଆଇ କହିଥିଲେ ଯେ ଆମେ ବି ଦିଲ୍ଲୀ-ଏନ୍‌ସିଆରର ବାସିନ୍ଦା। ବିଚାରପତି ମଧ୍ୟ ଏହି ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଦିଲ୍ଲୀର ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ବିଗିଡ଼ିବା ପଛରେ ଅନେକ କାରଣ ରହିଛି। କେବଳ ଗୋଟିଏ କାରଣକୁ କାରକ ଧରିବା ବହୁତ ବଡ଼ ଭୁଲ ହେବ। ସମସ୍ୟା କ'ଣ ତାହା ସମସ୍ତେ ଜାଣନ୍ତି। ପ୍ରଦୂଷଣର ସବୁ କାରଣ ସନ୍ଧାନ କରି ଏହାର ସମାଧାନ ଖୋଜିବା ଜରୁରୀ। ଡିସେମ୍ବର ୧ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।



ବରିଷ୍ଠ ଓକିଲ ଅପରାଜିତା ସିଂହ କହିଥିଲେ ଯେ ଦିଲ୍ଲୀ ପ୍ରଦୂଷଣ ସ୍ୱାସ୍ଥ୍ୟ ଜନିତ ଜରୁରୀ ପରିସ୍ଥିତି ସୃଷ୍ଟି କରୁଛି। ଏହାର ସମାଧାନ କେବଳ କାଗଜପତ୍ରରେ ସୀମିତ ରହୁଛନ୍ତି। ତୃଣମୂଳସ୍ତରରେ କିଛି କାରାଯା ନାହିଁ। ଖଣ୍ଡପୀଠ କହିଥିଲେ ଯେ ଏହି ମାମଲା ଉପରେ କ'ଣ କରାଯାଇପାରିବ ତାହା ସୋମବାର ଦେଖାଯିବ। କେବଳ ଦୀପାବଳି ଭଳି ସ୍ୱତନ୍ତ୍ର ଦିନରେ ଏହି ମାମଲା ଉଠାଇଲେ ସମାଧାନ ବାହାରି ପାରିବ ନାହିଁ। ଶୀତ ପରେ ଏହି ମାମଲା ଶୀଥିଳ ହୋଇଯାଏ। ତେଣୁ ଏହାର ନିୟମିତ ଶୁଣାଣି ହେବା ଉଚିତ।

● ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ

## କ୍ରିକେଟ ବେଟିଂରୁ ଲାଭ ଉପାର୍ଜନ ଅପରାଧ

ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ ବେଟିଂ ର୍ୟାକେଟ ସମ୍ବନ୍ଧିତ ୬ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏହି ନେଟୱର୍କ ଅପରାଧ ଉପରେ ଛିଡ଼ା ହୋଇଥିଲା। ତେଣୁ ଏଥିରୁ ଉପାର୍ଜିତ ପ୍ରତ୍ୟେକ ଲାଭ ଅପରାଧ ବୋଲି ହାଇକୋର୍ଟ କହିଛନ୍ତି। କ୍ରିକେଟ ବେଟିଂ ସହ ଜଡ଼ିତ ମୁକେଶ କୁମାର, ଉମେଶ ଚୌଟାଲିଆ, ନରେଶ ବଂଶଲ, ଘନଶ୍ୟାମ ଭାଇ ପଟେଲ ଏବଂ ଅନ୍ୟମାନେ ଏହି ଆବେଦନ ଉପରେ ଆସିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜାରି କରିଥିବା ଅସ୍ଥାୟୀ ସମ୍ପତ୍ତି ଜବତ ଏବଂ ନୋଟିସକୁ ରଦ୍ଦ କରିବାକୁ ଦାବି କରାଯାଇଥିଲା। କ୍ରିକେଟ ବେଟିଂ ପିଏମଏଲଏରେ ଅପରାଧ ନୁହେଁ। ତେଣୁ ସମ୍ପତ୍ତିକୁ ବେଆଇନ ଧରାଯାଇପାରିବ ନାହିଁ ବୋଲି କୁହାଯାଇଥିଲା। ରାୟ ଦେଇ ହାଇକୋର୍ଟ କହିଥିଲେ ଯେ ଆବେଦନକୁ ଖାରଜ କରାଯାଉଛି। ଏହି ର୍ୟାକେଟ ଅପରାଧ ଉପରେ



ତିଷ୍ଠି ଥିଲା। ଡିଜିଟାଲ ଠକେଇ, ଜାଲ୍ କେୱାଇସି, ହାୱାଲା ଚେନ୍ ଏବଂ ବିନା କାଗଜପତ୍ରରେ ସୁପର ମାଷ୍ଟର ଲଗ୍‌ଇନ ଆଇଡି ମୁଖ୍ୟ ଅପରାଧର ମୂଳଦୁଆ ଥିଲା। ଏହି ସବୁ ବିଷାକ୍ତ ଗଛ ଭଳି। ଗଛ ବିଷ ହୋଇଥିଲେ, ଫଳ କେମିତି ବୈଧ ହୋଇଯିବ। ତେବେ କୋର୍ଟ ବେଟିଂକୁ ବିଷାକ୍ତ ଗଛ କହିନାହାନ୍ତି। ପିଏମଏଲଏ ଅଧିନରେ ଏହା ଅପରାଧ ନୁହେଁ। ଠକେଇ, ଜାଲ୍ ପରିଚୟ ପତ୍ର, ହାୱାଲା, ଜାଲ୍ ସିମ ଆଧାରିତ ଡିଜିଟାଲ ନେଟୱର୍କ ବିଷାକ୍ତ ବିଷ ଭଳି। ଏହା ମାଧ୍ୟମରେ ସୁପର ମାଷ୍ଟର ଆଇଡି କ୍ରୟ ଏବଂ ର୍ୟାକେଟ ପରିଚାଳନା କରାଯାଉଥିଲା। ଏହା ମାଧ୍ୟମରେ ମାରୁତି ଅହମଦାବାଦ ନେଟୱର୍କ ୨୦୧୪ ଡିସେମ୍ବରରୁ ୨୦୧୫ ମାର୍ଚ୍ଚ ମଧ୍ୟରେ ୨୪୬୯ କୋଟି ଟଙ୍କା ଆୟ କରିଥିଲା। ଏଥିରୁ ୬୦ କୋଟି ଆବେଦନକାରୀଙ୍କ ପାଖରେ ପହଞ୍ଚି ଥିଲା। ତେଣୁ ଇଡି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ଏକରୁ ଅଧିକ ବିବାହ କଲେ ୧୦ ବର୍ଷ ଜେଲ୍

ଗୌହାଟୀ, ୨୭ ।୧୧(ଏଜେନ୍ସି): ଆସାମ ବିଧାନସଭାରେ ବହୁ ବିବାହକୁ ରୋକିବା ପାଇଁ 'ପଲିଗାମୀ ବିଲ୍' ପାସ୍ ହୋଇଛି। ଏହି 'ଆସାମ ପ୍ରୋହିବିସନ ଅଫ୍ ପଲିଗାମୀ ବିଲ୍' ଅନୁସାରେ ଜଣେ ବ୍ୟକ୍ତି ଏକରୁ ଅଧିକ ବିବାହ କରିପାରିବେ ନାହିଁ। ତେବେ ଏହି ଆଇନ୍ ଷଷ୍ଠ ସିଡ୍ୟୁଲ ଅଞ୍ଚଳ ଓ ସିଡ୍ୟୁଲ ଟ୍ରାଇବ୍ ବର୍ଗ ଉପରେ ଲାଗୁ ହେବ ନାହିଁ। ଏହି କ୍ଷେତ୍ରରେ ଆଞ୍ଚଳିକ ପ୍ରଥାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ଗୁରୁବାର ଏହି ବିଲ୍ ପାସ୍ ହୋଇଛି। ଏହା ଅନୁସାରେ ଯଦି ଜୀବନସାଥି ଜୀବିତ ଅଛନ୍ତି ଓ ତାଙ୍କଠାରୁ ଆଇନଗତ ଭାବେ ଛାଡ଼ପତ୍ର ନିଆଯାଇନାହିଁ, ତେବେ ଅନ୍ୟ କାହା ସହ ବିବାହ କଲେ ତାହକୁ ଅପରାଧ ବୋଲି ବିବେଚନା କରାଯିବ। ଏଭଳି କ୍ଷେତ୍ରରେ ଜଣେ ବ୍ୟକ୍ତିଙ୍କୁ ୭ ବର୍ଷ ଜେଲ ଓ ଜୋରିମାନାରେ ଦଣ୍ଡିତ କରାଯିବ। ଏଥିସହ ପୀଡିତାଙ୍କୁ ୧.୪୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ଭାବେ ଦେବାକୁ ହେବ। ପୁଣି ଯଦି କୌଣସି ବ୍ୟକ୍ତି ନିଜର ପ୍ରଥମ ବିବାହକୁ ଲୁଚାଇ ଦ୍ୱିତୀୟ ବିବାହ କରିଛନ୍ତି, ତେବେ ତାଙ୍କୁ ୧୦ ବର୍ଷ ଜେଲ ଓ ଜୋରିମାନା ଦେବାକୁ ହେବ। ଏହି ଅପରାଧ ଦୋହରାଇଲେ ଦଣ୍ଡ ମଧ୍ୟ ସେହି ଅନୁସାରେ ବୃଦ୍ଧି ପାଇବ। ପୁଣି ଏହି ଅପରାଧ କରିଥିବା ବ୍ୟକ୍ତି ସ୍ଥାନୀୟ ସଂସ୍ଥାଗତ ନିର୍ବାଚନ ଲଢିପାରିବେ ନାହିଁ ଓ ସରକାରୀ ଚାକିରି କରିପାରିବେ ନାହିଁ ବୋଲି କୁହାଯାଇଛି।

## ୧୫ ବର୍ଷ ପରେ ଚୀନ୍‌ରେ ରେଳ ଦୁର୍ଘଟଣା; ୧୧ ମୃତ

ବେଜିଂ, ୨୭ ।୧୧(ଏଜେନ୍ସି): ଚୀନର ଦାକ୍ଷିଣାତ୍ୟ ରାଜ୍ୟ ୟୁନାନ୍‌ରେ ଗୁରୁବାର ସକାଳେ ଏକ ଟ୍ରେନ୍ ଦୁର୍ଘଟଣାରେ ୧୧ ଜଣ ରେଳବାଇ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଏଥିରେ ୨ଜଣ ଆହତ ମଧ୍ୟ ହୋଇଛନ୍ତି। ଭୂକମ୍ପ ସହିତ ଜଡିତ କ୍ଷତିର ଯାଞ୍ଚ କରାଯାଉଥିବା ବେଳେ ଟ୍ରେନ୍ ରେଳ କର୍ମଚାରୀଙ୍କ ଉପରେ ମାଡ଼ି ଯାଇଥିଲା। ଏହି ଦୁର୍ଘଟଣା କୁନମିଙ୍ଗ ସହରର ଲୁଓୟାଙ୍ଗଜେନ୍ ରେଳ ଷ୍ଟେସନରେ ଘଟିଥିଲା। ରେଳ କର୍ମଚାରୀମାନେ ଏକ ଟର୍ଣ୍ଣିଂ ଟ୍ରାକ୍‌ର ଅଂଶରେ କାର୍ଯ୍ୟ କରୁଥିଲେ। ଏତିକି ବେଳେ ଅଚାନକ ଟ୍ରେନ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ୧୫ ବର୍ଷ ପରେ ଏହାକୁ ଚୀନ୍‌ର ପ୍ରଥମ ରେଳ ଦୁର୍ଘଟଣା ବୋଲି କୁହାଯାଉଛି। ଏହା ପୂର୍ବରୁ ୨୦୧୧ରେ ଘଟିଥିବା ଟ୍ରେନ ଦୁର୍ଘଟଣାରେ ୪୦ ଲୋକ ମୃତ୍ୟୁବରଣ କରିଥିଲେ।

## ହାସିନାଙ୍କୁ ପୁଣି ୨୧ ବର୍ଷ ଜେଲ୍

ଢାକା, ୨୭ ।୧୧(ଏଜେନ୍ସି): ବାଂଲାଦେଶର ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ବାଂଲାଦେଶର ଏକ କୋର୍ଟ ଗୁରୁବାର ତାଙ୍କୁ ୩ଟି ଦୁର୍ନୀତି ମାମଲାରେ ୨୧ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହାପୂର୍ବରୁ କୋର୍ଟ ତାଙ୍କୁ ଫାଶୀ ଦଣ୍ଡାଦେଶ ଦେଇଥିଲେ। କିନ୍ତୁ ଏଥର କୋର୍ଟ ତାଙ୍କୁ ସରକାରୀ ହାଉସିଂ ପ୍ରୋଜେକ୍ଟ ଓ ପୂର୍ବାଚଳ ପ୍ଲଟ୍ ଦୁର୍ନୀତିର ୩ଟି ମାମଲାରେ ଦଣ୍ଡିତ କରିଛନ୍ତି। ହସିନାଙ୍କ ପୁଅ ସଜିବ ୱାଜେଦ ଓ ଝିଅ ସାଇମା ୱାଜେଦଙ୍କୁ ମଧ୍ୟ ୫ ବର୍ଷ ଲେଖାଏ ଜେଲ ଦଣ୍ଡ ଶୁଣାଯାଇଛି। ଏହି ମାମଲାରେ ବାକି ଅନ୍ୟ ୨୦ ଅଭିଯୁକ୍ତଙ୍କ ମଧ୍ୟରୁ ୧୯ ଜଣଙ୍କୁ ଭିନ୍ନ ଭିନ୍ନ ଦଣ୍ଡାଦେଶ ହୋଇଛି। ଜଣେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ ମଧ୍ୟ କରାଯାଇଛି।

**ଚାପ ବଢ଼ାଉଛି ଏସ୍‌ଆଇଆର୍**

# ୨୨ ଦିନରେ ୭ ରାଜ୍ୟରେ ୨୫ ବିଏଲ୍‌ଓଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ଦେଶରେ ୧୨ଟି ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ଯାଞ୍ଚ ତଥା ଏସଆଇଆର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ବୁଥ୍ ଲେଭ୍ଲ ଅଫିସର (ବିଏଲଓ)ଙ୍କୁ ଦିନରାତି କାମ କରିବାକୁ ପଡୁଛି। ୧୨ ରାଜ୍ୟର ୫୧ କୋଟିରୁ ଅଧିକ ଭୋଟରଙ୍କ ପାଖରେ ପହଞ୍ଚୁଥିବା ବିଏଲଓଙ୍କ ଉପରେ ପ୍ରବଳ ଚାପର ସମ୍ମୁଖୀନ ହେଉଛନ୍ତି। ଦିନକୁ ୧୬ରୁ ୧୭ ଘଣ୍ଟା କାମ କରୁଛନ୍ତି। ଆଉ ଏହି କାର୍ଯ୍ୟଚାପ ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଉଛି ଏବଂ କେହି କେହି ଅବସାଦଗ୍ରସ୍ତ ହୋଇ ଜୀବନ ହାରୁଛନ୍ତି। ଏସ୍‌ଆଇଆର ପ୍ରକ୍ରିୟା ଆରମ୍ଭ ହେବାର ୨୨ ଦିନ ମଧ୍ୟରେ ୭ ରାଜ୍ୟରେ ୨୫ ବିଏଲଓ ପ୍ରାଣ ହରାଇଲେଣି। ତେବେ ପଶ୍ଚିମବଙ୍ଗରେ କେବଳ ୩୪ ବିଏଲଓଙ୍କ ମୃତ୍ୟୁ ହୋଇଥିବା କ୍ଷମତାସୀନ ଟିଏମ୍‌ସି ପକ୍ଷରୁ ଦାବି କରାଯାଇଛି। ଏହି ସବୁ ମୃତ୍ୟୁକୁ ନେଇ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଷ ରାଜସ୍ଥାନ, ଉତ୍ତର ପ୍ରଦେଶରେ ରାଜନୀତି ଜୋର୍ ଧରିଛି। ଏହି ପ୍ରକ୍ରିୟାକୁ ବନ୍ଦ କରିବା ପାଇଁ ବିରୋଧୀ ଦାବି କରୁଛନ୍ତି। ସେହିପରି ନିର୍ବାଚନ କମିଶନ (ଇସି)ଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ କାର୍ଯ୍ୟଚାପରେ କାହାର ମୃତ୍ୟୁ ହୋଇ ନ ଥିବା କୁହାଯାଇଛି।

ପଶ୍ଚିମବଙ୍ଗ ମନ୍ତ୍ରୀ ଅରୁପ ବିଶ୍ୱାସ କହିଛନ୍ତି ଯେ ଏସଆଇଆର ଯୋଗୁଁ ୩୪ ଲୋକ ଜୀବନ ହାରିଲେଣି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ ଗଳାବାଟ ଦେଇ ଏନ୍‌ଆରସି ଲାଗୁ କରିବାକୁ ଏବଂ ଭୟର ସ୍ଥିତି ସୃଷ୍ଟି ପାଇଁ ଏସଆଇଆର କରାଯାଉଛି। ସେହିପରି ଟିଏମସି ଚାପରେ ଜାଲ୍ ଏବଂ ସନ୍ଦେହଜନକ ବ୍ୟକ୍ତିଙ୍କ ନାମ ତାଲିକାରେ ସାମିଲ କରାଯାଉଛି ବୋଲି ବିଜେପି ଆଇଟି ସେଲ୍ ମୁଖ୍ୟ ଅମିଲ ମାଲବୀୟ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ ମଧ୍ୟପ୍ରଦେଶରେ ସର୍ବାଧିକ ୯ ଜଣ, ଉତ୍ତର ପ୍ରଦେଶ ଓ ଗୁଜରାଟରେ ୪ ଜଣ ଲେଖାଏଁ, ପଶ୍ଚିମବଙ୍ଗ ଓ ରାଜସ୍ଥାନରେ ୩ ଜଣ ଲେଖାଏଁ ଏବଂ ତାମିଲନାଡୁ, କେରଳରେ ଜଣେ ଲେଖାଏଁ ବିଏଲଓ ପ୍ରାଣ ହରାଇଲେଣି।

■ ପଶ୍ଚିମବଙ୍ଗରେ ୩୪ ଜଣ ଜୀବନ ହାରିଥିବା ଟିଏମସିର ଦାବି
■ ମଧ୍ୟପ୍ରଦେଶରେ ୯, ୟୁପି-ଗୁଜରାଟରେ ୪ ଜଣ ଲେଖାଏଁ ମୃତ



ଉତ୍ତରପ୍ରଦେଶ ଗୋଣ୍ଡାର ବିଏଲଓ ତଥା ଶିକ୍ଷକ ବିପିନ ଯାଦବ ସୋମବାର ବିଷ ଖାଇ ଆତ୍ମହତ୍ୟା କରିଥିଲେ। ତାଙ୍କ ବାପା ପ୍ରଶାସନ ବିରୋଧରେ ଗୁରୁତର ଅଭିଯୋଗ ଲଗାଇ କହିଛନ୍ତି ଯେ ଓବିସି ଭୋଟରଙ୍କ ନାମ ହଟାଇବା ଏବଂ ସାଧାରଣ ବର୍ଗର ନାମ ବଢ଼ାଇବାକୁ ବିଡିଓ ପୁଅ ଉପରେ ଚାପ ପକାଇ ଥିଲେ। ଏପରି ମନା କରିବାରୁ ନିଲମ୍ବନ ଏବଂ ଗିରଫ ଧମକ ଦିଆଯାଇଥିଲା। ସେହିପରି ବୁଧବାର ବରେଲିର ବିଏଲଓ ସର୍ବେଶ ଗଙ୍ଗୱାର ପ୍ରାଣ ହରାଇ ଥିଲେ। ତାଙ୍କ ଭାଇ ଯୋଗେଶ କହିଥିଲେ ଯେ ଏସଆଇଆର ଚାପ ଯୋଗୁ ବେଶୀ ରାତି ପର୍ଯ୍ୟନ୍ତ କାମ କରିବାକୁ ପଡୁଥିଲା। ଫଳରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ସେ ଛିଡ଼ା ହୋଇଥିବାବେଳେ ଅଚାନକ ଖସି ପଡ଼ି ପ୍ରାଣ ହରାଇ ଥିଲେ।

## ଏସ୍‌ଆଇଆର୍ ଆଳରେ ଭଉଣୀଙ୍କ ଜମିକୁ ନିଜ ନାମରେ କରିନେଲେ

ଲକ୍ଷ୍ନୌ, ୨୭।୧୧ (ଏଜେନ୍ସି): ଉତ୍ତର ପ୍ରଦେଶ ଫିରୋଜାବାଦରେ ଏସ୍‌ଆଇଆରକୁ ନେଇ ବଡ଼ ଠକେଇ ମାମଲା ସାମ୍ନାକୁ ଆସିଛି। ଏସଆଇଆର ବାହାନାରେ ଭଉଣୀର ଜମିକୁ ଭାଇ ନିଜ ନାମରେ କରାଇ ନେଇଛି। ଅଭିଯୁକ୍ତର ଭଉଣୀ ପାଠ ପଢ଼ାଲେଖା ଜାଣିନାହାନ୍ତି। ତେଣୁ ଭାଇର ଏହାର ସୁଯୋଗ ଉଠାଇ ଥିଲା। ଭଉଣୀକୁ ହରିୟାଣାର ଗୁରୁଗ୍ରାମକୁ ଡାକି ଏସଆଇଆର କାମ ପାଇଁ ତହସିଲ ଯାଇ ଦସ୍ତଖତ କରିବାକୁ କହିଥିଲା। ଏପରି ନ କଲେ ସରକାର ଦେଶରୁ ବାହାର କରିଦେବେ ବୋଲି ଧମକ ଦେଇଥିଲା। ତହସିଲରେ କୋଠା ଏବଂ ଦୋକାନକୁ ଭାଇକୁ ଗିଫ୍ଟରେ ଦେଉଛନ୍ତି କି ବୋଲି ମହିଳାଙ୍କୁ ପଚରା ଯାଇଥିଲା। ଗିଫ୍ଟର ଅର୍ଥ ବୁଝି ନ ପାରି ମହିଳା ହଁ କରି ଦସ୍ତଖତ କରିଦେଇଥିଲେ। ଏବେ ପୀଡ଼ିତା ସରତାଜ ଖାନମ ଏସଏସପି ଏବଂ କୋର୍ଟରେ ଅଭିଯୋଗ ଦାଏର କରିଛନ୍ତି। ରେଜେଷ୍ଟ୍ରି ରଦ୍ଦ କରିବାକୁ ନିବେଦନ କରିଛନ୍ତି।

ଅନ୍ୟପଟେ ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ଗୁରୁବାର ଏସଆଇଆର ଫର୍ମ ପୂରଣ କରିଛନ୍ତି। କିଛି ତ୍ରୁଟି ଥିଲେ ଜଣାଇବାକୁ ସେ ଲୋକଙ୍କୁ ନିବେଦନ କରିଛନ୍ତି। ଏହା ମଧ୍ୟରେ ଗାଜିଆବାଦରେ ବିଏଲଓ ଡ୍ୟୁଟିରେ ମୁତୟନ ୨୧ ଜଣଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ଏତଲା ରୁଜୁ କରିଛି। ଏମାନଙ୍କ ମଧ୍ୟରେ ୪ ଶିକ୍ଷକ ସାମିଲ ଅଛନ୍ତି। ଗୋଣ୍ଡାରେ ବିଏଲଓ ବିପିନ ଯାଦବଙ୍କ ଆତ୍ମହତ୍ୟାକୁ ନେଇ ରାହୁଲ ସରକାରଙ୍କୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ଏସଆଇଆର ନାମରେ ପଛୁଆ, ଦଳିତ, ବଞ୍ଚିତ ବର୍ଗଙ୍କୁ ଭୋଟର ତାଲିକାରୁ ହଟାଯାଇ ବିଜେପି ନିଜ ମନଇଛା ତାଲିକା ପ୍ରସ୍ତୁତ କରୁଛି। ଗଣତନ୍ତ୍ରର ହତ୍ୟା ପାଇଁ ନିର୍ବାଚନ କମିଶନ ଦାୟୀ।

**ସାମାଜିକ ଗଣମାଧ୍ୟମକୁ ବ୍ୟାପିଲା କର୍ଣ୍ଣାଟକ କଂଗ୍ରେସ କଳି**

## ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା-ଉପମୁଖ୍ୟମନ୍ତ୍ରୀ ଡିକେ ମୁହାଁମୁହିଁ

ବେଙ୍ଗାଲୁରୁ, ୨୭।୧୧ (ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସ କଳି ତୁଟିବାର ନା ଧରୁନି। ମୁଖ୍ୟମନ୍ତ୍ରୀ ପଦକୁ ନେଇ ଜାରି ଶୀତଳ ଯୁଦ୍ଧ ଖୋଲାଖୋଲି ଭାବେ ସାମ୍ନାକୁ ଆସିଛି। ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏବଂ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଜାରି ଶୀତଳ ଯୁଦ୍ଧ ଆଜି ସର୍ବସମ୍ମୁଖକୁ ଆସିଯାଇଛି। ଦୁଇ ନେତାଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ଶିବକୁମାର ଗୁରୁବାର ସକାଳେ ପୋଷ୍ଟ କରି ଲେଖି ଥିଲେ ଯେ ଆମ ଶବ୍ଦ ଦୁନିଆର ସବୁଠାରୁ ବଡ଼ ଶକ୍ତି। ବିଚାରପତି ହୁଅନ୍ତୁ ଅବା ରାଷ୍ଟ୍ରପତି କିମ୍ବା ମୁଁ ସମସ୍ତେ ନିଜ



ପ୍ରତିଶ୍ରୁତି ପାଳନ କରିବା ଉଚିତ। ଅନ୍ୟପଟେ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ପୋଷ୍ଟ କରି ଲେଖିଥିଲେ ଯେ ଶକ୍ତି କେବଳ ଶବ୍ଦରେ ନୁହେଁ, ବରଂ କାମ ଏବଂ ଜନତାଙ୍କ ପାଇଁ କରାଯାଇଥିବା ପ୍ରୟାସରେ ଥାଏ। ଲୋକଙ୍କ ପାଇଁ ବିଶ୍ୱକୁ ଉତ୍ତମ ବନାଇଲେ ଶବ୍ଦ ଶକ୍ତି ପାଲଟି ଯାଇଥାଏ। କର୍ଣ୍ଣାଟକ ଲୋକ ଯେଉଁ ଜନାଦେଶ ଦେଇଛନ୍ତି ତାହା କିଛି କ୍ଷଣ ଲାଗି ନୁହେଁ, ବରଂ ସମ୍ପୂର୍ଣ୍ଣ ୫ ବର୍ଷର ଦାୟିତ୍ୱ। କର୍ଣ୍ଣାଟକ ପାଇଁ ଆମର ପ୍ରତିଶ୍ରୁତି କୌଣସି ସ୍ଲୋଗାନ ନୁହେଁ, ବରଂ ସାରା ବିଶ୍ୱ ବୋଲି ସିଦ୍ଧରମେୟା ଲେଖିଛନ୍ତି। ଏହାକୁ ଶିବକୁମାରଙ୍କ ପୋଷ୍ଟର ଜବାବ ଭାବେ ଦେଖାଯାଉଛି।

ଡିକେଙ୍କ ସମର୍ଥକ ବିଧାୟକଙ୍କ ଅନୁଯାୟୀ ୨୦୨୩ରେ ସରକାର ଗଠନ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଅଢେଇ ବର୍ଷର ଡିଲ୍ ହୋଇଥିଲା। କିନ୍ତୁ ସିଦ୍ଧରମେୟାଙ୍କ ସମର୍ଥକ ଏହାକୁ ମାନୁନାହାନ୍ତି। ଗତ ୨୦ ତାରିଖରେ ଅଢେଇ ବର୍ଷର ଅବଧି ଶେଷ ହେବା ପରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ଚର୍ଚ୍ଚା ଜୋର ଧରିଥିଲା। ଏବେ କ୍ଷମତା ସନ୍ତୁଳନ ପାଇଁ ବୟାନବାଜି ଜାରି ରହିଛି। ଡିକେଙ୍କ ସମର୍ଥନରେ କିଛି ବିଧାୟକ ଦିଲ୍ଲୀ ଯାଇ ହାଇକମାଣ୍ଡଙ୍କୁ ଭେଟିଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ପଦ ଛାଡ଼ିବାକୁ ଚାହୁଁନାହାନ୍ତି। ସେ କ୍ୟାବିନେଟ ଅଦଳବଦଳ ଚାହୁଁଛନ୍ତି। କିନ୍ତୁ ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ବଦଳା ଯାଉ ବୋଲି ଡିକେ ଦାବି କରୁଛନ୍ତି। ଏହାକୁ ନେଇ ଡିକେ କଂଗ୍ରେସ ନେତୃତ୍ୱଙ୍କୁ ସଙ୍କେତ ଦେଇ ପ୍ରତିଶ୍ରୁତି ପାଳନ କରିବାକୁ କହିଥିଲେ।

## ଦେଶର ପ୍ରଥମ ଘରୋଇ ଅର୍ବିଟାଲ ରକେଟ ଉନ୍ମୋଚନ କଲେ ମୋଦୀ

ନୂଆଦିଲ୍ଲୀ, ୨୭ ।୧୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ଦେଶର ପ୍ରଥମ ଘରୋଇ ଅର୍ବିଟାଲ ରକେଟ୍ ଉନ୍ମୋଚନ କରିଛନ୍ତି। ଏହି ରକେଟର ନାମ ବିକ୍ରମ-୧ ରଖାଯାଇଛି। ଏହାର ଉଚ୍ଚତା ୭ ମହଲା କୋଠା ସହିତ ସମାନ। ଅର୍ଥାତ ରକେଟର ଉଚ୍ଚତା ଅର୍ଥାତ ୨୬ମିଟର। ଏହି ରକେଟକୁ ଏକ ଘରୋଇ ସ୍ପେସ୍ କମ୍ପାନୀ 'ସ୍କାଏରୁଟ୍ ଏରୋସ୍ପେଶ୍' ନିର୍ମାଣ କରିଛି। ଏହାକୁ ୨୦୨୬ରେ ଲଞ୍ଚ୍ କରାଯିବ। ଏହି



ରକେଟ ନିଜ ସହିତ ୩୦୦ କେଜି ଓଜନର ଉପଗ୍ରହ ଅନ୍ତରୀକ୍ଷ ନେବାକୁ ସକ୍ଷମ ବୋଲି କୁହାଯାଇଛି। ରକେଟକୁ ବାଦ୍ ଦେଲେ ପ୍ରଧାନମନ୍ତ୍ରୀ କମ୍ପାନୀର ଇନ୍‌ଫିନିଟି କ୍ୟାମ୍ପସର ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଏହି କ୍ୟାମ୍ପସରେ ଏକାଧିକ ଲଞ୍ଚ୍ ଭେଇକଲର ଡିଜାଇନ୍, ଡେଭଲପମେଣ୍ଟ, ଇଣ୍ଟିଗ୍ରେସନ ଓ ଟେଷ୍ଟିଂର କାର୍ଯ୍ୟ କରାଯିବ। ଏହି କ୍ୟାମ୍ପସ ହାଇଦରାବାଦ୍‌ରେ ରହିଛି। ସ୍କାଇରୁଟ ଏରୋସ୍ପେଶ କମ୍ପାନୀକୁ ୨୦୧୮ ରେ ପବନ ଚନ୍ଦନା ଓ ଭାରତ ଢାକ ସ୍ଥାପନ କରିଥିଲେ। ଏହି ଦୁଇଜଣ ଆଇଆଇଟି ପାସ୍‌ଆଉଟ୍ ଓ ପୂର୍ବତନ ଇସ୍ରୋ ବୈଜ୍ଞାନିକ।

## ହ୍ୱାଇଟ୍ ହାଉସ୍ ନିକଟରେ ଗୁଳିମାଡ଼; ୨ ଆହତ

ୱାଶିଂଟନ, ୨୭ ।୧୧(ଏଜେନ୍ସି): ଆମେରିକାରେ ବୁଧବାର ହ୍ୱାଇଟ୍ ହାଉସ୍ ନିକଟରେ ଗୁଳିକାଣ୍ଡ ଘଟିଛି। ଏଥିରେ ଦୁଇଜଣ ନ୍ୟାସନାଲ ଗାର୍ଡ ଆହତ ହୋଇଛନ୍ତି। ଏହି ଘଟଣାରେ ଆଫଗାନିସ୍ତାନର ଜଣେ ଶରଣାର୍ଥୀଙ୍କୁ ଗିରଫ କରାଯାଇଛି। ଏଫ୍‌ବିଆଇର ଅଧିକାରୀ ଦେଇଥିବା ସୂଚନା ଅନୁସାରେ ଆକ୍ରମଣରେ ସାମିଲ ସନ୍ଦିଗ୍ଧର ହେଉଛି ୨୯ ବର୍ଷୀୟ ରହମାନୁଲା ଲାକନବାଲ। ସେ ୨୦୨୧ ଅଗଷ୍ଟରେ ଆଫଗାନିସ୍ତାନରୁ ଆମେରିକା ଆସିଥିଲା। ୨୦୨୫ରେ ତାକୁ ନାଗରିକତା ମିଳିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ଆତଙ୍କବାଦୀ ଆକ୍ରମଣ ବୋଲି କହିଛନ୍ତି। ଏହି ଘଟଣାରେ ଯିଏବି ସାମିଲ ଥାନ୍ତୁ ନା କାହିଁକି ତାଙ୍କୁ ଗମ୍ଭୀର ପରିଣାମ ଭୋଗିବାକୁ ହେବ ବୋଲି ଟ୍ରମ୍ପ କହିଛନ୍ତି। ଏଥିସହ ଆମେରିକାରେ ଆଫଗାନ ଶରଣାର୍ଥୀଙ୍କ ପ୍ରବେଶକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରିବାକୁ ଘୋଷଣା କରିଛନ୍ତି।

# ଇଣ୍ଡୋନେସିଆରେ ୩୦ ଦିନରେ ୧, ୪୦୦ ଭୂକମ୍ପ

ଜାକର୍ତ୍ତା, ୨୭ ।୧୧(ଏଜେନ୍ସି): ଇଣ୍ଡୋନେସିଆରେ ଗୁରୁବାର ଆସେ ରାଜ୍ୟ ନିକଟରେ ସୁମାତ୍ରା ଦୀପରେ ୬.୩ ତୀବ୍ରତାର ଭୂକମ୍ପ ଅନୁଭୁତ ହୋଇଛି। ଭୂକମ୍ପର କେନ୍ଦ୍ର ଭୂପୃଷ୍ଠର ୧୦ କିମି ତଳେ ଥିଲା। ଭୂକମ୍ପ ଦୃଷ୍ଟିକୋଣରୁ ସକ୍ରିୟ ଥିବା ଏହି ସମ୍ପୂର୍ଣ୍ଣ ଅଞ୍ଚଳ ଥରି ଉଠିଥିଲା। ସିନାବାଗର ପଶ୍ଚିମରୁ ୬୩ କିମି ଦୂରରେ ଭୂକମ୍ପର କେନ୍ଦ୍ର ଥିଲା। ଫଳରେ ଏହି ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା। ତେବେ ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ। ଏଥିସହ ଇଣ୍ଡୋନେସିଆରେ ଗତ ୩୦ ଦିନ ମଧ୍ୟରେ ୬.୪ ତୀବ୍ରତା ପର୍ଯ୍ୟନ୍ତ ୧, ୪୦୦ଟି ଭୂକମ୍ପର ରେକର୍ଡ ହୋଇଛି ବୋଲି ୟୁନାଇଟେଡ ଷ୍ଟେଟ୍ସ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) ଓ ଭଲକାନୋ ଡିସ୍‌କଭରୀ ଡାଟା ତରଫରୁ କୁହାଯାଇଛି। ଇଣ୍ଡୋନେସିଆ ପ୍ରଶାନ୍ତ ମହାସାଗରର ଚାରିପଟେ ଥିବା 'ରିଙ୍ଗ ଅଫ୍ ଫାୟାର' ଉପରେ ଅବସ୍ଥିତ। ଏହା ବିଶ୍ୱର ସବୁଠାରୁ ବିପଜ୍ଜନକ ଭୂକମ୍ପ ହେଉଥିବା ସ୍ଥାନ ଉପରେ ସ୍ଥିତ। ଏହି ଅଞ୍ଚଳରେ ଥିବା ୧୫ଟି ବଡ଼-ବଡ଼ ଟେକ୍ଟୋନିକ ପ୍ଲେଟ ପରସ୍ପରକୁ ଧକ୍କା ଦେବା ସହ ଦୂରେଇ ମଧ୍ୟ ଯାଇଥାନ୍ତି। ବିଶ୍ୱର ୯୦ ପ୍ରତିଶତ ଭୂକମ୍ପ ଏହି ଅଞ୍ଚଳରେ ହିଁ ଆସିଥାଏ। ପ୍ରତିବର୍ଷ ଇଣ୍ଡୋନେସିଆରେ ଛୋଟବଡ଼ ଭୂକମ୍ପ ଆସିଥାଏ ଓ ଏହା କୌଣସି ବଡ଼ କଥା ନୁହେଁ। ସୁମାତ୍ରା ଦୀପ ତଳେ ଥିବା ଇଣ୍ଡୋ- ଅଷ୍ଟ୍ରେଲିଆନ ପ୍ଲେଟ ଧୀରେ-ଧୀରେ ଅର୍ଥାତ ପ୍ରତିବର୍ଷ ୫-୭ ସେଣ୍ଟିମିଟର ୟୁରେସିଆନ ପ୍ଲେଟ୍ ତଳକୁ ଧସିଯାଉଛି।



ଏହା ଦ୍ୱାରା ବହୁତ ଚାପ ସୃଷ୍ଟି ହୋଇଥାଏ। ଯେତେବେଳେ ଏହି ଚାପ ଏକଦମ ଆସିଛି ସେତେବେଳେ ଭୂକମ୍ପ ଆସିଥାଏ। ପୁଣି ସୁମାତ୍ରାରେ ଗ୍ରେଟ୍ ସୁମାତ୍ରା ଫଲ୍ଟ ନାମକ ଏକ ବଡ଼ ଫାଟ ମଧ୍ୟ ରହିଛି। ଏହା ଫଳରେ ପ୍ରାୟ ଭୂକମ୍ପର ଝଟ୍‌କା ଆସିଥାଏ। ଗତ କିଛିଦିନ ମଧ୍ୟରେ ଆସିଥିବା ୬.୬ ଓ ୬.୩ ତୀବ୍ରତାର ଭୂକମ୍ପ ଏହି କାରଣରୁ ହିଁ ଆସିଥିଲା। ପୂର୍ବରୁ ୨୦୦୪ରେ ସୁମାତ୍ରା ନିକଟରେ ୯.୧ ତୀବ୍ରତାର ଏକ ବଡ଼ ଭୂକମ୍ପ ଆସିଥିଲା ଓ ଏଥିରେ ୨ ଲକ୍ଷ ୩୦ ହଜାର ଲୋକ ମୃତ୍ୟୁବରଣ କରିଥିଲେ। ଏଥର କିନ୍ତୁ ୧୦ କିମି ଗଭୀରରେ ଭୂକମ୍ପର କେନ୍ଦ୍ର ଥିଲା। ଏଥିପାଇଁ ଭୂମି ଜୋରରେ ଥରି ଉଠିଥିଲା। କିନ୍ତୁ ସୁନାମୀର କୌଣସି ବିପଦ ନ ଥିଲା। କିଛିଦିନ ତଳେ ଆସିଥିବା ଘୂର୍ଣ୍ଣିବାତ୍ୟା ଓ ବନ୍ୟାରେ ଇଣ୍ଡୋନେସିଆରେ ବହୁତ କ୍ଷୟକ୍ଷତି ହୋଇଛି। ୮ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏହାପରେ ଭୂକମ୍ପର ଝଟ୍‌କା ବାରମ୍ବାର ଆସୁଥିବାରୁ ଲୋକେ ବହୁତ ଭୟଭୀତ ଅବସ୍ଥାରେ ଅଛନ୍ତି। ଆଗକୁ ଆହୁରି ମଧ୍ୟ ଭୂକମ୍ପ ଝଟ୍‌କାର ଆଶଙ୍କା ରହିଛି ବୋଲି ବୈଜ୍ଞାନିକମାନ କହିଛନ୍ତି। ଇଣ୍ଡୋନେସିଆରେ ଭୂକମ୍ପ ଓ ବନ୍ୟା ପ୍ରତିବର୍ଷ ଆସିଥାଏ। ଏବେ ଜଳବାୟୁ ପରିବର୍ତ୍ତନ କାରଣରୁ ଅଧିକ ବର୍ଷା ଓ ଭୂକମ୍ପର ପ୍ରଭାବ ବଢ଼ିବାରେ ଲାଗିଛି ବୋଲି କୁହାଯାଉଛି।

## ଇମ୍ରାନ୍‌ଙ୍କୁ ନେଇ ଥମୁନି ଚର୍ଚ୍ଚା

ଇସଲାମାବାଦ୍, ୨୭ ।୧୧(ଏଜେନ୍ସି): ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ମୃତ୍ୟୁ ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଥମୁନାହିଁ। ୨୦୨୩ ଅଗଷ୍ଟରେ ତାଙ୍କୁ ରାୱଲପିଣ୍ଡିର ଅଡିଆଲ ଜେଲ୍‌ରେ ରଖାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଅଛି ବୋଲି କେତେକ ଗଣମାଧ୍ୟମ ସେମାନଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଗତ ୩ ସପ୍ତାହ ହେବ ଇମ୍ରାନଙ୍କ ୩ ଭଉଣୀ ତାଙ୍କୁ ଭେଟିବାକୁ ପ୍ରୟାସ କରୁଛନ୍ତି। କିନ୍ତୁ ଜେଲ ପ୍ରଶାସନ ସେମାନଙ୍କୁ ଅନୁମତି ଦେଉନାହିଁ। ଫଳରେ ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନାହିଁ ବୋଲି ଅନୁମାନ କରାଯିବା ସହ ଗୁଜବ ପ୍ରସାରିତ ହୋଇଛି। ଇମ୍ରାନଙ୍କ ଭଉଣୀମାନେ ସତ କହିବାକୁ ଦାବି କରିଛନ୍ତି। ଏ ନେଇ ଦ୍ୱନ୍ଦ୍ୱ ବୃଦ୍ଧି ପାଇବା ଫଳରେ ଜେଲ ପ୍ରଶାସନ ତାଙ୍କ ସ୍ୱାସ୍ଥ୍ୟ ନେଇ ସ୍ପଷ୍ଟୀକରଣ ଦେଇଛନ୍ତି। ଇମ୍ରାନ ପୂରା ଠିକ୍



ଅଛନ୍ତି ବୋଲି ଜେଲ ପ୍ରଶାସନ କହିଛି। ଇମ୍ରାନଙ୍କ ପାର୍ଟି ପାକିସ୍ତାନ ତେହେରିକ-ଇ-ଇନ୍‌ସାଫ୍ (ପିଟିଆଇ) ତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ପ୍ରଚାରିତ ହେଉଥିବା ଗୁଜବ ବିଷୟରେ ସ୍ପଷ୍ଟୀକରଣ ମାଗିଛି। ସେହିପରି ପରିବାରର ଲୋକଙ୍କ ସହ ଇମ୍ରାନଙ୍କୁ ସକ୍ଷାତ କରାଇବାର ବ୍ୟବସ୍ଥା କରିବାକୁ ମଧ୍ୟ ପାର୍ଟି ଦାବି କରିଛି। ଯଦି ଇମ୍ରାନଙ୍କର କିଛି ହୁଏ ତେବେ ତାକୁ ବରଦାସ୍ତ କରାଯିବ ନାହିଁ ବୋଲି ପାର୍ଟି ତରଫରୁ କୁହାଯାଇଛି। ପୂର୍ବରୁ ଜେଲ୍ ବାହାରେ ଧାରଣାରେ ବସିଥିବା ଇମ୍ରାନଙ୍କ ଭଉଣୀମାନଙ୍କ ଉପରେ ଲାଠିଚାର୍ଜ କରାଯାଇଥିଲା। ଗତ ଦୁଇବର୍ଷ ହେବ ସେ ଜେଲ୍‌ରେ ବନ୍ଦ ଅଛନ୍ତି। ଇସଲାମାବାଦ ହାଇକୋର୍ଟ ମଧ୍ୟ ଇମ୍ରାନଙ୍କୁ ତାଙ୍କ ପରିବାର ସହ ସାକ୍ଷାତ କରିବାକୁ ଅନୁମତି ଦେଇଛନ୍ତି। ଏହା ସତ୍ତ୍ୱେ ଜେଲ ପ୍ରଶାସନ ଅନୁମତି ଦେଉନାହିଁ ବୋଲି ଅଭିଯୋଗ ହେଉଛି।



ବିଧାନସଭାରେ ଅଭିଭାଷଣ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରୁଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ



ଏକ ବିଶେଷ ମୁହୂର୍ତ୍ତରେ ନବୀନ ପଟ୍ଟନାୟକଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

### ଆଜିଠୁ ଖୋଲିବ ମଣ୍ଡି

## ଏଯାଏ ମିଳିନି ଟୋକନ୍

ଭୁବନେଶ୍ୱର/ବରଗଡ଼, ୨୭ ।୧୧(ସମିସ): ଚଳିତ ଖରିଫ୍ ଋତୁର ଧାନକିଣା ପ୍ରକ୍ରିୟା ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାରଠାରୁ ଆରମ୍ଭ ହେବ । ପ୍ରଥମ ଦିନରେ ବରଗଡ଼ ସମେତ ସମ୍ବଲପୁର ଜିଲ୍ଲାରୁ ଧାନ କିଣା ହେବ । ମାତ୍ର, ଏଯାଏ ଚାଷୀଙ୍କୁ ଟୋକନ୍ ମିଳିନାହିଁ । ତେଣୁ, ଆସନ୍ତାକାଲିଠାରୁ ଧାନକିଣା ଆରମ୍ଭ ହେବ ନା ନାହିଁ, ସେ ସମ୍ପର୍କରେ କୌଣସି ସ୍ୱଷ୍ଟତା ନ ଥିବାରୁ ସରକାରଙ୍କଠାରୁ ସ୍ୱଷ୍ଟୀକରଣ ଦାବି କରି ସଂଯୁକ୍ତ କୃଷକ ସଂଗଠନ ବରଗଡ଼ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି ।

ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାରୁ ଶୁକ୍ରବାରଠାରୁ ଧାନ କିଣା ପାଇଁ ଡିଏଲ୍‌ପିସି ବୈଠକରେ ନିଷ୍ପତ୍ତି ହୋଇଛି । ହେଲେ ଧାନ ବିକିବା ପାଇଁ ଚାଷୀଙ୍କୁ ଟୋକନ୍ ଦିଆଯାଇନାହିଁ । ଚାଷୀମାନେ ବିଭିନ୍ନ ମଣ୍ଡିରେ ହଜାରହଜାର କ୍ୱିଣ୍ଟାଲ୍ ଧାନ ଗଦା କଲେଣି । ମାତ୍ର କେବେ ସୁଦ୍ଧା ଚାଷୀଙ୍କୁ ଟୋକନ୍ ଦେଇ ଧାନ କିଣା ଆରମ୍ଭ କରିବେ, ସେନେଇ ସରକାର କୌଣସି ସ୍ୱଷ୍ଟ ସୂଚନା ଦେଉ ନାହାନ୍ତି । ଯାହାର ସୁଯୋଗ ନେଇ ଜିଲ୍ଲାରେ ଧାନ ମାଫିଆ ମାତିଲେଣି । ଚାଷୀଙ୍କ



ବରଗଡ଼ ଜିଲ୍ଲାପାଳଙ୍କୁ ଚାଷୀଙ୍କ ଦାବିପତ୍ର

ଆବଶ୍ୟକତା ଥିବାରୁ ସେମାନେ ବାଧ ହୋଇ ଦଲାଲମାନଙ୍କୁ କ୍ୱିଣ୍ଟାଲ ପିଛା ମାତ୍ର ୧୫ରୁ ୧୬ଶହ ମଧ୍ୟରେ ବିକ୍ରି କରିବାକୁ ବାଧ ହେଉଛନ୍ତି । ଅନୁରୂପ ଭାବେ ତ୍ରୁଟିପୂର୍ଣ୍ଣ ପଞ୍ଜୀକରଣ ନୀତି ପାଇଁ ବହୁ ଚାଷୀ ପଞ୍ଜୀକରଣ କରିପାରିନାହାନ୍ତି । ସାର ଏବଂ ଉନ୍ନତ ବିହନ ଏବଂ ଆଧୁନିକ ଜ୍ଞାନକୌଶଳ ଉପଯୋଗ କରି ଅଧିକ ଅମଳ ହେଉଥିଲେ ମଧ୍ୟ ବଳକା ଧାନ କିଣିବାକୁ ସରକାର ବ୍ୟବସ୍ଥା କରି ନଥିବାରୁ ଚାଷୀମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି । ଏଣୁ, ବଳକା ଧାନକିଣା ବ୍ୟବସ୍ଥା କରିବା ସହ ଧାନକିଣା ସମ୍ପର୍କରେ ସ୍ୱଷ୍ଟୀକରଣ ରଖିବାକୁ ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଅନ୍ୟଥା ବଡ଼ଧରଣର ଚାଷୀ ଆନ୍ଦୋଳନ କରିବା ପାଇଁ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି ।

ଅନୁରୂପ ଭାବେ ସମ୍ବଲପୁର ଜିଲ୍ଲାରେ ମଧ୍ୟ ସମାନ ଅବ୍ୟବସ୍ଥା ଲାଗି ରହିଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଆସନ୍ତାକାଲିଠାରୁ ଧାନକିଣା ସ୍ୱାଭାବିକ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବିଭିନ୍ନ କୃଷକ ସଂଗଠନ ଚେତାବନୀ ଦେଇଛନ୍ତି ।

### ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଝଟ୍‌କା

## ବିଧାୟକ, ସାଂସଦଙ୍କ ସୁପାରିସରେ ଶିକ୍ଷକ ବଦଳି ନିଷ୍ପତ୍ତି ରଦ୍ଦ

କଟକ, ୨୭।୧୧(ସମିସ): ବିଧାୟକ ଓ ସାଂସଦମାନଙ୍କ ସୁପାରିସ ଭିତ୍ତିରେ ଶିକ୍ଷକ ବଦଳି ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଲାଗିଛି ହାଇକୋର୍ଟଙ୍କ ଝଟ୍‌କା । ନିଜ ନିର୍ବାଚନମଣ୍ଡଳୀର ୧୫ଜଣ ଶିକ୍ଷକଙ୍କ ବଦଳି ପାଇଁ ବିଧାୟକ ଓ ସାଂସଦ ସୁପାରିସ୍ କରିବା ସମ୍ପର୍କିତ ନିଷ୍ପତ୍ତି ତଥା ଗତ ମେ’ ୧୩ରେ ବିଭାଗୀୟ ଯୁଗ୍ମ ସଚିବଙ୍କ ପକ୍ଷରୁ ଜାରି ହୋଇଥିବା ଚିଠିକୁ ହାଇକୋର୍ଟ ଆଜି ରଦ୍ଦ କରିଦେଇଛନ୍ତି । ଫକିର ମହାନନ୍ଦ, ରାହୁଲ ତ୍ରିପାଠୀ ଓ ଅନ୍ୟ ଶିକ୍ଷକମାନଙ୍କ ତରଫରୁ ରୁଜୁ ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ରାୟ ପ୍ରକାଶ କରିଛନ୍ତି । ରାଷ୍ଟ୍ର ଗଠନ କ୍ଷେତ୍ରରେ ଶିକ୍ଷକମାନଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଣୁ, ସେମାନଙ୍କ ବଦଳି କ୍ଷେତ୍ରରେ ରାଜନୈତିକ ହସ୍ତକ୍ଷେପକୁ ହାଇକୋର୍ଟ ନାପସନ୍ଦ କରିଛନ୍ତି । ବିଶେଷକରି ବିଧାୟକ ଓ ସାଂସଦଙ୍କ ସୁପାରିସ କ୍ଷମତା ଦ୍ୱାରା ଶିକ୍ଷକ ଗୋଷ୍ଠୀ ସହ ରାଜନୈତିକ ଦଳ ଓ ବ୍ୟକ୍ତିଙ୍କ ମଧ୍ୟରେ ଏକ ମେଣ୍ଟ ସୃଷ୍ଟି ହେବ, ଯାହା ବ୍ୟବସ୍ଥା ପାଇଁ ଶୁଭଙ୍କର ନୁହେଁ ବୋଲି ହାଇକୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି ।

ଯେଉଁ ଆବେଦନକାରୀ ଶିକ୍ଷକମାନେ ଅନ୍ତରୀଣ ରହିତାଦେଶ ବଳରେ ପୂର୍ବ ସ୍ଥାନରେ କାର୍ଯ୍ୟ କରୁଛନ୍ତି, ସେମାନେ ଏବେ ସେହିଠାରେ କାର୍ଯ୍ୟ କରିବେ । ତେବେ ଉକ୍ତ ସୁପାରିସ ଆଧାରରେ ଯେଉଁମାନଙ୍କ ବଦଳି ହୋଇଛି ଓ ସେମାନେ ନୂତନ ସ୍ଥାନରେ ଯୋଗ ଦେଇସାରିଛନ୍ତି, ସେମାନେ ୨୦୨୫-୨୬ ଶିକ୍ଷା ବର୍ଷ ଶେଷ ପର୍ଯ୍ୟନ୍ତ ସେଠାରେ କାର୍ଯ୍ୟ କରିବେ । ଏହାର ଏକ ସପ୍ତାହ ମଧ୍ୟରେ ସେହି ଶିକ୍ଷକମାନଙ୍କୁ ମୂଳ ସ୍ଥାନକୁ ଫେରାଇ ଅଣାଯିବ ବୋଲି ହାଇକୋର୍ଟ ସ୍ୱଷ୍ଟ କରିଛନ୍ତି । ମାମଲାର ଶୁଣାଣି ବେଳେ ଆବେଦନକାରୀଙ୍କ ପକ୍ଷରୁ ସୁପ୍ରିମକୋର୍ଟଙ୍କ ଟି. ସୁବ୍ରମଣ୍ୟମ ବନାମ କର୍ଣ୍ଣାଟକ ସରକାରଙ୍କ ରାୟକୁ ଉପସ୍ଥାପନ କରାଯାଇଥିଲା । ଏହି ରାୟଅନୁସାରେ, କେବଳ ମୁଖ୍ୟମନ୍ତ୍ରୀଙ୍କୁ ଛାଡ଼ିଲେ ମନ୍ତ୍ରୀମାନେ ମଧ୍ୟ ଏଭଳି ବଦଳି କରିବାର କ୍ଷମତା ଧାରଣ କରିନାହାନ୍ତି ବୋଲି ସ୍ୱଷ୍ଟ ହୋଇଥିଲା ।

ମାମଲାରୁ ପ୍ରକାଶ, ବିଧାୟକ ଓ ସାଂସଦମାନେ ନିଜ ନିର୍ବାଚନମଣ୍ଡଳୀର ୧୫ଜଣ ପର୍ଯ୍ୟନ୍ତ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ କରିପାରିବେ ବୋଲି ସରକାର ନେଇଥିବା ନିଷ୍ପତ୍ତିକୁ ବିଭାଗୀୟ ଯୁଗ୍ମ ସଚିବଙ୍କ ପକ୍ଷରୁ ଗତ ମେ’ ୧୩ ତାରିଖରେ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଦିଆଯାଇଥିଲା । ବଦଳି ସୁପାରିସ ଜିଲ୍ଲା ସ୍ତରୀୟ ବଦଳି କମିଟି (ଡିଏଲଟିସି)କୁ ମେ’ ୧୫ରୁ ଜୁନ୍ ୫ମଧ୍ୟରେ ପଠାଯିବା ପରେ କମିଟି କାର୍ଯ୍ୟକାରୀ କରିବ ବୋଲି ଉଲ୍ଲେଖ ଥିଲା । ଆବେଦନକାରୀ ଶିକ୍ଷକମାନଙ୍କୁ ମଧ୍ୟ ଅନୁରୂପ ଭାବ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ସୁପାରିସକ୍ରମେ ବଦଳି କରାଯାଇଥିଲା । ଏପରିକି, ଆବେଦନକାରୀଙ୍କୁ ୧୦୦କି.ମି ଦୂରକୁ ବଦଳି ପାଇଁ ଆଦେଶ ଜାରି ହୋଇଥିଲା । ଏଭଳି ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବଦଳି ନିଷ୍ପତ୍ତି ପାଇଁ କୌଣସି କ୍ଷମତା କିମ୍ବା ଯଥାର୍ଥତା ନଥିବା ବେଳେ ବଦଳି ଆଦେଶକୁ ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାମଲାର ଶୁଣାଣି କରି ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିବା ସହ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଥିଲେ । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପୁରୁଷୋତ୍ତମ ଚୁଳି, ରାମଦାସ ଆଚାରି, ସୁକାନ୍ତ ଦଳାଇ ଓ ଅନ୍ୟମାନେ ମାମଲା ପରିଚାଳନା କରୁଥିଲେ ।

### ମାଧ୍ୟମିକ ଶିକ୍ଷକ ଦମ୍ପତି ବଦଳିରେ ବିଳମ୍ବ

## ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ ଧମକ

ଭୁବନେଶ୍ୱର, ୨୭ ।୧୧(ସମିସ): ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଦମ୍ପତିଙ୍କ ବଦଳିରେ ଚଳିତ ବର୍ଷ ଅହେତୁକ ବିଳମ୍ବ ହୋଇଛି । ପ୍ରାୟ ୬ ମାସରୁ ଅଧିକ ସମୟ ହେଲା ଆଶାୟୀମାନେ ଆବେଦନ କରିଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନି । ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ଜାଣିଶୁଣି ବିଳମ୍ବ କରାଯାଉଥିବା ଅଭିଯୋଗ କରିଛନ୍ତି । ଆସନ୍ତା ୧୦ ଦିନ ମଧ୍ୟରେ ବଦଳି ନିର୍ଦ୍ଦେଶନାମା ପ୍ରକାଶ କରା ନ ଗଲେ ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଅହୋରାତ୍ର ଧାରଣାରେ ବସିବେ ବୋଲି ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

ମାଧ୍ୟମିକ ଶିକ୍ଷକଙ୍କ ବଦଳି କ୍ଷେତ୍ରରେ ଦମ୍ପତି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପ୍ରାଥମିକତା ଭିତ୍ତିରେ ବଦଳି ପ୍ରକ୍ରିୟା କରିବାର ପ୍ରାବଧାନ ରହିଛି । ହେଲେ, ଚଳିତବର୍ଷ ସେମାନଙ୍କୁ ଅଣଦେଖା କରି ଅନ୍ୟ ଶିକ୍ଷକଙ୍କର ବଦଳି ନିର୍ଦ୍ଦେଶନାମା ପ୍ରକାଶ ପାଇଛି । ଏପରିକି, ଆବେଦନକୁ ଦୀର୍ଘ ୬ମାସ ଅତିକ୍ରମ କରିଥିଲେ ମଧ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ । ବଦଳି ନିୟମର ଏହା ଖୋଲା ଉଲ୍ଲଂଘନ । ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିଭିନ୍ନ ଆଳ ଦେଖାଇ ସେମାନଙ୍କର ବଦଳି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁ ନଥିବା ସଂଘ ଅଭିଯୋଗ କରିଛି । ବାରମ୍ବାର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ପ୍ରାଥମିକ ଦମ୍ପତି ଶିକ୍ଷକଙ୍କ ବଦଳି ହୋଇସାରିଥିବା ବେଳେ ମାଧ୍ୟମିକ ଶିକ୍ଷକଙ୍କ କ୍ଷେତ୍ରରେ କାହିଁକି ବିଳମ୍ବ କରାଯାଉଛି ବୋଲି ଶିକ୍ଷକମାନେ ପ୍ରଶ୍ନ କରିବା ସହ ୧୦ ଦିନ ମଧ୍ୟରେ ବଦଳି ପ୍ରକ୍ରିୟା ସାରିବାକୁ ଦାବି କରିଛନ୍ତି । ଅନ୍ୟଥା ଆବେଦନ କରିଥିବା ପ୍ରାୟ ୨ଶହରୁ ଅଧିକ ଦମ୍ପତି ଶିକ୍ଷକ ଶିକ୍ଷୟିତ୍ରୀ ସପରିବାର ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଦିବାରାତ୍ର ଧାରଣାରେ ବସିବେ ବୋଲି ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି ।

### ଏସ୍‌ଆଇ ଚାକିରି ବିକ୍ରି ମାମଲା

## ୩ ଦିନିଆ ସିବିଆଇ ରିମାଣ୍ଡରେ ୪ ମଧ୍ୟସ୍ଥ

ଭୁବନେଶ୍ୱର,୨୭।୧୧(ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ୪ଜଣ ମଧ୍ୟସ୍ଥଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗୁରୁବାର ୩ଦିନିଆ ରିମାଣ୍ଡରେ ନେଇଛି । ଏହି ମଧ୍ୟସ୍ଥମାନେ ହେଲେ, ବିଶ୍ୱରଞ୍ଜନ ବେହେରା, ଲୋକନାଥ ସାହୁ, ଫଲିମ୍ ଅହମ୍ମଦ ଖାନ୍ ଏବଂ ବିଶ୍ୱରଞ୍ଜନ ହରିଶ୍ଚନ୍ଦନ । ଏମାନଙ୍କୁ ରିମାଣ୍ଡରେ ନେବା ପାଇଁ ସକାଳୁ ସିବିଆଇ ଟିମ୍ ଝାରପଡ଼ା ଜେଲରେ ପହଞ୍ଚିଥିଲା । ସବୁ ଔପଚାରିକତା ଶେଷ କରିବା ପରେ ୪ ଜଣଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ସିବିଆଇ କାର୍ଯ୍ୟାଳୟକୁ ନିଆଯାଇଥିଲା । ଏମାନଙ୍କୁ ସିବିଆଇର ସ୍ୱତନ୍ତ୍ର ଟିମ୍ ଦିନତମାମ ଜେରା କରିଥିଲା । ଚାକିରି ବିକ୍ରି ସିଣ୍ଡିକେଟ୍ ସମ୍ପର୍କରେ ଏମାନଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଜଣାଯାଇଛି ।

ମିଳିଥିବା ସୂଚନା ମୁତାବକ, ସିବିଆଇ ପରୀକ୍ଷା ଚାକିରି ବିକ୍ରି କରୁଥିବା କ୍ରାଇମ୍ ସିଣ୍ଡିକେଟ୍‌ର ପ୍ରତ୍ୟେକ ସଦସ୍ୟମାନଙ୍କୁ ଧରିବାକୁ ଏକ ଫୁଲ୍‌ପ୍ରୁଫ୍ ଯୋଜନା ପ୍ରସ୍ତୁତ କରିଛି । ଅଭିଯୁକ୍ତମାନଙ୍କୁ ୩ଟି ଶ୍ରେଣୀରେ ବିଭକ୍ତ କରାଯାଇଛି । ପ୍ରଥମ ଶ୍ରେଣୀରେ ରହିଛନ୍ତି ଚାକିରି ଆଶାୟୀ, ଯେଉଁମାନେ ଟଙ୍କା ଖର୍ଚ୍ଚ କରି ଚାକିରି ପାଇବାକୁ ଯୋଜନା କରିଥିଲେ । ୬ଦିନ ଧରି ଏମାନଙ୍କୁ ଜେରା କରାଗଲା । ଏହାପରେ ଏମାନଙ୍କଠାରୁ ଯାହା କିଛି ତଥ୍ୟ ମିଳିଲା, ତାହାକୁ ଆଧାର କରି ଦ୍ୱିତୀୟ ଶ୍ରେଣୀରେ ଥିବା ମଧ୍ୟସ୍ଥଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯାଉଛି । ଏମାନଙ୍କଠାରୁ କ୍ରାଇମ୍ ସିଣ୍ଡିକେଟ୍ ସଦସ୍ୟଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ । ଏହାପରେ ସିବିଆଇ କାର୍ଯ୍ୟାଳୟରେ ହାଜର ହେବେ ସିଣ୍ଡିକେଟ୍ ଜଣେ ଜଣେ ସଦସ୍ୟ । ଏଣୁ ସିବିଆଇ ତଦନ୍ତ ପ୍ରକ୍ରିୟା ତଳୁ ଉପର ଆଡ଼କୁ ଯାଉଛି ବୋଲି ନାମ ଗୋପନ ରଖିବା ସର୍ତ୍ତରେ ଜଣେ ଅଧିକାରୀ ସୂଚନା ଦେଇଛନ୍ତି ।

ଅନ୍ୟପକ୍ଷରେ, ରିମାଣ୍ଡରେ ଆସିଥିବା ଅଭିଯୁକ୍ତମାନେ ସିବିଆଇ କାର୍ଯ୍ୟାଳୟରେ ହାଜର ହେବା ପରେ ସେମାନଙ୍କୁ ଜେରା ପାଇଁ ସ୍ୱତନ୍ତ୍ର ଗୃହକୁ ନିଆଯାଇଥିଲା । ହେଲେ ଏହି ଗୃହରେ ୬ଘଣ୍ଟା ପର୍ଯ୍ୟନ୍ତ ସେମାନଙ୍କୁ ସମ୍ପୂର୍ଣ୍ଣ ଏକଲା ଛାଡ଼ି ଦିଆଯାଇଥିଲା । ଗୋଟିଏ ବି ପ୍ରଶ୍ନ ନ ପଚାରି ଦୂରରୁ ସେମାନଙ୍କ ହାବଭାବକୁ ଯାଞ୍ଚ କରୁଥିଲେ ସିବିଆଇ ଅଧିକାରୀ । ଏକୁଟିଆ ଘଣ୍ଟାଘଣ୍ଟା ଧରି ବସିବା ପରେ ଅଭିଯୁକ୍ତମାନେ ଛାନିଆ ହୋଇଯାଇଥିଲେ । ଯିଏ ମାନସିକସ୍ତରରେ ଭାଙ୍ଗି ପଡୁଥିଲା ଏବଂ ସିବିଆଇ ଆଗରେ ସବୁ କିଛି ମାନିଯିବ ବୋଲି ବିଶ୍ୱାସ ହୋଇଥିଲା, ସେମାନଙ୍କୁ ହିଁ ଜେରା ଆରମ୍ଭ କରାଯାଉଥିଲା । ସେମାନଙ୍କୁ ଆରମ୍ଭ ହେଉଥିଲା ପ୍ରକୃତ ଜେରା । ଗୋଟିଏ ପରେ ଗୋଟିଏ ପଶ୍ନ ପଚରାଯାଉଥିଲା ।

ସିବିଆଇର ପ୍ରଶ୍ନବାଣରେ ଘାଇଲା ହୋଇଯାଇଥିଲେ ରିମାଣ୍ଡରେ ଥିବା ଅଭିଯୁକ୍ତମାନେ । କେତେବେଳେ କାହାକୁ ଏକୁଟିଆ ଜେରା କରାଯାଉଥିଲା ତ ପୁଣି କେତେବେଳେ କଥା ନମିଶିବାରୁ କେତେବେଳେ ଏମାନଙ୍କୁ ଏକତ୍ର ଜେରା କରାଯାଉଥିଲା । ସିବିଆଇର ଗୋଟିଏ ଉଦ୍ଦେଶ୍ୟ ଥିଲା କ୍ରାଇମ୍ ସିଣ୍ଡିକେଟ୍ ସଦସ୍ୟଙ୍କ ନାଁ ସାମ୍ନାକୁ ଆଣିବା ଏବଂ ଏମାନଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରିବା ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବିଶ୍ୱରଞ୍ଜନ ବେହେରା ଏବଂ ଲୋକନାଥ ସାହୁଙ୍କୁ ଜେରା କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏହି ରାକେଟ୍‌ର ଟଙ୍କା କାରବାର ଉପରୁ ପରଦା ହଟାଇବା । ନିଲମ୍ବିତ କନ୍‌ଷ୍ଟେବଳ ବିଶ୍ୱରଞ୍ଜନ ଜେରା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କଥା ସିବିଆଇକୁ କହିଛନ୍ତି ବୋଲି ଜଣାପଡ଼ିଛି । ସେ ସିବିଆଇ ଆଗରେ ବହୁ ଗୁମର ଖୋଲିଛନ୍ତି । ତାଙ୍କ ଘର ବାରଙ୍ଗ ଥାନା ଅଞ୍ଚଳରେ । ଚାକିରି କରିବାର କିଛି ବର୍ଷ ପରେ ସେ ଚାକିରି ବିକ୍ରି କ୍ରାଇମ୍ ସିଣ୍ଡିକେଟ୍ ସଂସ୍ପର୍ଶରେ ଆସିଥିଲେ । ବିଶ୍ୱରଞ୍ଜନ ବହୁ ମଧ୍ୟସ୍ଥଙ୍କ ସହ ଯୋଗାଯୋଗରେ ଥିଲେ । ସେ ୧୧୪ ଆଶାୟୀଙ୍କଠାରୁ ସାର୍ଟିଫିକେଟ୍ ଏବଂ ଚେକ୍ ସଂଗ୍ରହ କରିଥିଲେ । ଏହା ବଦଳରେ ସେ ପ୍ରଶ୍ନପତ୍ର ପ୍ରଦାନ କରିଥିଲେ ।

## ଟ୍ରେଡିଂ ଆଳରେ ୫୦ କୋଟି ଠକେଇ

ସମ୍ବଲପୁର, ୨୭।୧୧(ସମିସ): ‘ମୁଁ ଆଇଟି ଏକ୍ସପର୍ଟ । ଟ୍ରେଡିଂ କ୍ଷେତ୍ରରେ ବହୁବର୍ଷ ହେଲାଣି କାମ କରୁଛି । ମୋତେ ଟଙ୍କା ଦିଅ, ପ୍ରଥମ ମାସରେ ମୂଳଧନର ୧୦ ପ୍ରତିଶତ ଦେଇଦେବି । ୬ମାସ ପରେ ବଡ଼ ଆକାରରେ ଟଙ୍କା ଫେରାଇଦେବି । ବ୍ୟାଙ୍କ କିମ୍ବା ଅନ୍ୟ କୌଣସି କ୍ଷେତ୍ରରେ ବିନିଯୋଗ କଲେ, ଏତେ ଲାଭ ପାଇବେନି । ମୋତେ ଟଙ୍କା ଦେଲେ କୋଟିପତି ହେବେ ।’ ଏପରି ଲୋଭ ଦେଖାଇ ୫୦ କୋଟି ଟଙ୍କା ଠକି ନେଇଥିବା ଜଣେ ଧୂର୍ତ୍ତକୁ ସମ୍ବଲପୁର ସଦର ଥାନା ପୁଲିସ ଗିରଫ କରିଛି । ସେ ହେଲା, କ୍ଷେତରାଜପୁର ଥାନା ଚନ୍ଦନ ନଗରର ମଧୁସୂଦନ ବରାଇ(୩୬)କୁ ଗିରଫ କରିଛି । ମଧୁସୂଦନ ସଦର ଥାନା ଏନ୍‌ଏସ୍‌ସିବି କଲେଜ ଛକରେ ‘ଏ ଆଣ୍ଡ ଏ’ ଇଣ୍ଟରପ୍ରାଇଜେସ୍ ଇନ୍‌ଭେଷ୍ଟମେଣ୍ଟ ରିଟର୍ନ୍ସ ନାମକ ଏକ ସଂସ୍ଥା ଖୋଲି ଏପରି କାରବାର ଚଳାଇଥିଲା ବୋଲି ସମ୍ବଲପୁର ଏସପି ମୁକେଶ ଭାମୁ ସୂଚନା ଦେଇଛନ୍ତି । ପ୍ରାୟ ୪୭ଜଣ ଲୋକଙ୍କ ପାଖରୁ ଲକ୍ଷାଧିକ ମୋଟ ୫୦କୋଟି ଟଙ୍କା ଠକେଇ ହୋଇଥିବା ପୁଲିସ ଅନୁମାନ କରିଛି । ପୁଲିସ ତା’ ନିକଟରୁ ଗୋଟିଏ ମୋବାଇଲ, ୬ଟି ସିପିୟୁ, ୬ଟି ମନିଟର୍, ଗୋଟିଏ ପ୍ରିଣ୍ଟର୍, ୫ଟି କି-ବୋର୍ଡ ସହ ୫ଟି ମାଉସ ଜବତ କରିଛି ।

ଏସ୍‌ପି ଶ୍ରୀ ଭାମୁ କହିଛନ୍ତି ଯେ ଏ ପର୍ଯ୍ୟନ୍ତ ୨୦କୋଟିର ବ୍ୟାଙ୍କ ଟ୍ରାଞ୍ଜାକ୍ସନ୍ ବାବଦରେ ପୁଲିସ ସୂଚନା ପାଇଛି । ଅଭିଯୁକ୍ତ ପୂର୍ବରୁ ଓଡ଼ିଶା ବାହାରେ ଏକ କମ୍ପାନୀର ଆଇଟି ସେକ୍ଟରରେ କାମ କରୁଥିଲା । ପରେ ଚାକିରି ଛାଡ଼ି ଟ୍ରେଡିଂ କ୍ଷେତ୍ରରେ ପ୍ରବେଶ କରିଥିଲା । ନିଜର ଡିମାଟ୍ ଆକାଉଣ୍ଟରେ ଲୋକଙ୍କ ଟଙ୍କା ଆଣି ବିନିଯୋଗ କରୁଥିଲା । ଗ୍ରାହକ ଦେଉଥିବା ଟଙ୍କାକୁ ରଖିବା ପରେ ସେମାନଙ୍କୁ ବଣ୍ଡ ପେପର୍ ମଧ୍ୟ ଦେଉଥିଲା । କିଛି ଲୋକଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ଟଙ୍କା ଫେରାଇଥିବା ମଧ୍ୟ ସୂଚନା ରହିଛି । ଏଥିରେ ତାକୁ ଆଉ କିଛି ଯୁବକ ସହଯୋଗ କରୁଥିଲେ । ସେମାନଙ୍କୁ ଧରିବା ପାଇଁ ତନାଘନା ଚାଲିଛି । ସେହିଭଳି, କେଉଁ ପରିସ୍ଥିତିରେ ଲୋକମାନେ ଲକ୍ଷାଧିକ ଟଙ୍କା ବିନିଯୋଗ କରିବା ପାଇଁ ଦେଉଥିଲେ, ତାହା ଅଭିଯୁକ୍ତ ମଧୁସୂଦନକୁ ରିମାଣ୍ଡରେ ଆଣିଲେ ଜଣାପଡ଼ିବ ବୋଲି ଏସ୍‌ପି ଶ୍ରୀ ଭାମୁ କହିଛନ୍ତି ।

### ପ୍ରେମ ପାଇଁ ସାତଦରିଆ ପାରି

## ଓଡ଼ିଆ ବୋହୂ ହେଲେ ସ୍ଲୋଭାକିଆ ଯୁବତୀ

ପାରଳାଖେମୁଣ୍ଡି, ୨୭ ।୧୧ (ସମିସ): ପ୍ରେମ ମାନେନାହିଁ ସୀମା ସରହଦ, ବନ୍ଧବାଡ଼ । ଏହି ଉକ୍ତିକୁ ପ୍ରମାଣିତ କରି ଦେଖାଇଛନ୍ତି ସ୍ଲୋଭାକିଆର ଜଣେ ଯୁବତୀ । ପ୍ରେମ ପାଇଁ ସେ ସାତଦରିଆ ପାର ହୋଇ ଓଡ଼ିଶାରେ ପାଦ ଥାପିଛନ୍ତି । ହିନ୍ଦୁ ରୀତିନୀତିରେ ଜଣେ ଓଡ଼ିଆ ଯୁବକଙ୍କୁ ବିବାହ କରି ଓଡ଼ିଶାର ବୋହୂ ହୋଇଛନ୍ତି । ସେ ହେଲେ, ୟୁରୋପୀୟ ଦେଶ ସ୍ଲୋଭାକିଆର ଯୁବତୀ ଏନା । ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ରାମଲିଙ୍ଗେଶ୍ୱର ମନ୍ଦିରରେ ସେ ପାରଳାଖେମୁଣ୍ଡିର ରାଜୀବ ମିଶାଲଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ।

ରାଜୀବ ସିଙ୍ଗାପୁରରେ କାମ କରନ୍ତି । ଏକ ହସ୍ପିଟାଲରେ ଏନାଙ୍କ ସହ ତାଙ୍କର ଦେଖା ହୋଇଥିଲା । ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଦୀର୍ଘ ବର୍ଷ ଧରି ରାଜୀବଙ୍କ ସଂସ୍ପର୍ଶରେ ରହିବା ପରେ ଏନା ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ମଧ୍ୟ ଭଲ ପାଇ ବସିଥିଲେ । ଏ ସଂପର୍କରେ ଉଭୟ ନିଜ ନିଜ ପରିବାରଲୋକଙ୍କ ସହ ଆଲୋଚନା କରିବା ପରେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ । ନିଷ୍ପତ୍ତି ଅନୁଯାୟୀ ବୁଧବାର ରାତିରେ ରାମଲିଙ୍ଗେଶ୍ୱର ମନ୍ଦିରରେ ହିନ୍ଦୁ ରୀତିନୀତିରେ ଦୁହିଁଙ୍କ ବିବାହ ସଂପନ୍ନ ହୋଇଥିଲା । ରାଜୀବଙ୍କ ପରିବାରଲୋକ ଏନାଙ୍କ ନାମକୁ ଭାରତୀୟ ନାମ ଅନୁସାରେ ଅନନ୍ୟା ଦେଇଛନ୍ତି । ଏହି ବିବାହ ଉତ୍ସବରେ ଉଭୟ ପକ୍ଷର ସମସ୍ତ ବନ୍ଧୁବାନ୍ଧବ ଓ ପ୍ରିୟଜନ ଉପସ୍ଥିତ ଥିଲେ ।



### ପାଟଣାରେ ମେଗା ଷ୍ଟିଲ୍ ପ୍ଲାଣ୍ଟକୁ ବିରୋଧ ଜାରି

## ରାତିଅଧରେ ପୁଲିସ-ଗ୍ରାମବାସୀ ହାତାହାତି

କେନ୍ଦୁଝର, ୨୭।୧୧ (ସମିସ): କେନ୍ଦୁଝର ଜିଲ୍ଲାର ପାଟଣା ଅଞ୍ଚଳରେ ମେଗା ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନକୁ ସ୍ଥାନୀୟ ଲୋକ ବିରୋଧ କରିଆସୁଛନ୍ତି । ଏହାକୁ ନେଇ ସ୍ଥିତି ଏବେ ଦିନକୁ ଦିନ ଉଗ୍ର ହେବାରେ ଲାଗିଛି । ଗତ ରାତିରେ କାରଖାନା ବିରୋଧୀ ମଞ୍ଚର ୬ନେତାଙ୍କୁ ଗିରଫ କରିବାକୁ ଯାଇଥିବା ପୁଲିସକୁ ଗ୍ରାମବାସୀଙ୍କ ଆକ୍ରୋଶର ସମ୍ମୁଖୀନ ହେବାକୁ ପଡ଼ିଛି । ଉତ୍ୟକ୍ତ ଗ୍ରାମବାସୀମାନେ ଏହି ଗିରଫଦାରୀକୁ ବେଆଇନ ଦର୍ଶାଇ ପୁଲିସ୍‌କୁ ଗାଁ ଦାଣ୍ଡରେ ଅଟକ ରଖିଥିଲେ । ପୁଲିସ-ଗ୍ରାମବାସୀଙ୍କ ମଧ୍ୟରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା । ତେବେ ସ୍ଥିତି ଜଟିଳ ହେବାରୁ ପୁଲିସ ମୃଦୁ ଲାଠିଚାଳନା କରି ଗ୍ରାମବାସୀଙ୍କୁ ଘଉଡ଼ାଇଥିଲା । ଏଥିରେ ଜଣେ ମହିଳା ପୁଲିସ ଓ କିଛି ଗ୍ରାମବାସୀ ଆହତ ହୋଇଥିବା ଜଣାପଡ଼ିଛି । ପରେ ପୁଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ନେଇଥିଲା । ତୁରୁମୁଙ୍ଗା ଥାନା ଯମୁନାପଶି ଗ୍ରାମରେ ଏହି ଘଟଣା ଘଟିଛି । ଗିରଫ ଅଭିଯୁକ୍ତମାନେ ହେଲେ, କାରଖାନା ପ୍ରତିରୋଧ ମଞ୍ଚର ସମ୍ପାଦକ ବେଣୁଧର ସର୍ଦ୍ଦାର, ତାଙ୍କ ଭାଇ ଭୁବନାନନ୍ଦ ସର୍ଦ୍ଦାର, ମଞ୍ଚର




ଉପସଭାପତି ସରୋଜ କୁମାର ସିଂ, ରବୀନ୍ଦ୍ର ମାହାନ୍ତ, ବରିଷ୍ଠ କର୍ମୀ ଅନାମ ନାୟକ, ବୀରେନ୍ଦ୍ର ମହାକୁଡ଼ । ଆଜି ପୁଲିସ ସେମାନଙ୍କୁ କୋର୍ଟଚାଲାଣ କରିଛି ।

ଅପରପକ୍ଷେ, ଏହି ୬ ଜଣଙ୍କ ଗିରଫଦାରୀ ପ୍ରତିବାଦରେ ଆଜି ସକାଳ ପ୍ରାୟ ୧୦ଟାରେ ପ୍ଲାଣ୍ଟ ପ୍ରଭାବିତ ୧୨ଟି ଗାଁର ପ୍ରାୟ ୨ ହଜାର ମହିଳା ପୁରୁଷ ଏକାଠି ହୋଇ ହାତୀବାରି ଛକ ନିକଟରୁ ଏକ ରାଲିରେ ବାହାରିଥିଲେ । ତୁରୁମୁଙ୍ଗା ଥାନାଠାରୁ ୫ଶହ ମିଟର ଦୂରରେ ପୁଲିସ ସେମାନଙ୍କୁ ଅଟକାଇବାରୁ ସେମାନେ ତୁରୁମୁଙ୍ଗା ସର୍ଭିସ୍ ରୋଡ୍‌ରେ ଧାରଣା ଦେଇଥିଲେ । ଚାଷଜମିରେ ପ୍ଲାଣ୍ଟ ନିର୍ମାଣ ବନ୍ଦ, ପୋସ୍କୋ ସହ ଏମଓୟୁ ବାତିଲ, ରକ୍ତ ଦେବୁ ପଛେ ଭିଟା ମାଟି ଛାଡ଼ିବୁ ନାହିଁ ଆଦି ଲେଖାଥିବା ପ୍ଲା’-କାର୍ଡ ଧରି ଧାରଣାରେ ବସିଥିଲେ । ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ଆନ୍ଦୋଳନକାରୀମାନେ ଧାରଣରୁ ଉଠିଥିଲେ ।

ସୂଚନାନୁଯାୟୀ, ପାଟଣା ବ୍ଲକ୍ ଚେମେଣା ଓ ଯମୁନାପଶି ପଞ୍ଚାୟତ ଅଞ୍ଚଳରେ ଦୁଇଟି କମ୍ପାନୀ ମିଳିତ ଭାବେ ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ କରିବାକୁ ଯାଉଛନ୍ତି । ଏହାକୁ କାରଖାନା ପ୍ରତିରୋଧ ମଞ୍ଚ ବିରୋଧ କରିଆସୁଛି । ବେଣୁଧର ମଞ୍ଚର ସଂପାଦକ । କିଛି ଦିନ ତଳେ ଚେମଣା ଗ୍ରାମର ପ୍ରତାପ ଦାସ ସହ ୨ଜଣଙ୍କୁ ଅତର୍କିତ ଆକ୍ରମଣ ସହ ତାଙ୍କଠାରୁ ଜୋରଜବରଦସ୍ତ ଟଙ୍କା ଛଡ଼ାଇ ନେଇଯିବା, ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ ଏନେଇ ନମ୍ବର ୨୬୫/୨୦୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଏହି ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୁଲିସ ଗତ ରାତିରେ ଯମୁନାପଶି ଗାଁକୁ ଯାଇଥିଲା । କିନ୍ତୁ, କାରଖାନା ପ୍ରତିରୋଧ ମଞ୍ଚର ସ୍ୱରକୁ ଦବାଇବା ପାଇଁ ପୁଲିସ ଏଭଳି ମିଛ ମାମଲା କରି ଏହାର ସଦସ୍ୟଙ୍କୁ ଗିରଫ କରୁଥିବା ଅଭିଯୋଗ କରି ଗ୍ରାମବାସୀମାନେ ପୁଲିସର ବାଟ ଉଗାରିଥିଲେ । ଏହାକୁ ନେଇ ପୁଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ହାତାହାତି ହୋଇଥିଲା ।

- ଲାଠିଚାର୍ଜ କରି ମୁକୁଳିଲା ପୁଲିସ
- ଗିରଫଦାରୀ ପ୍ରତିବାଦରେ ରାସ୍ତାରେ ଧାରଣା
- ପ୍ଲାଣ୍ଟ ବିରୋଧୀ ନେତାଙ୍କୁ ନିସର୍ତ୍ତ ଖଲାସ ଦାବି


ଅପରପକ୍ଷେ, ମଞ୍ଚର ଉପଦେଷ୍ଟା ତଥା ଏଆଇକେକେଏମଏସ୍ ରାଜ୍ୟ ସମ୍ପାଦକ କମ୍ରେଡ ରଘୁନାଥ ଦାସ ଓ ପ୍ରତିରୋଧ ମଞ୍ଚର ସଭାପତି ଘନଶ୍ୟାମ ମହାନ୍ତ ପୁଲିସର ଏଭଳି ଦମନକାରୀ ନୀତିକୁ ତୀବ୍ର ନିନ୍ଦା କରିଛନ୍ତି । ଅବିଳମ୍ବେ ବିନା ସର୍ତ୍ତରେ ପ୍ରତିରୋଧ ମଞ୍ଚର ସଦସ୍ୟମାନଙ୍କୁ ଖଲାସ କରିବାକୁ ସେମାନେ ଦାବି କରିନ୍ତି । ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଘଟଣାକୁ ନେଇ କାରଖାନା ପ୍ରସ୍ତାବିତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବାରୁ ପୁଲିସ୍ ତୀକ୍ଷ୍ଣ ନଜର ରଖିଛି ।

# କୋରାପୁଟକୁ ବାଲ୍ୟ ବିବାହମୁକ୍ତ ଜିଲ୍ଲା କରିବାକୁ ସଂକଳ୍ପ




ପଟ୍ଟାଙ୍ଗି, ୨୭।୧୧(ସମିସ): କୋରାପୁଟକୁ ବାଲ୍ୟ ବିବାହ ମୁକ୍ତ ଜିଲ୍ଲା ଘୋଷଣା କରିବାକୁ ପ୍ରତିବଦ୍ଧତା ଜଣାଇଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶୋଭା'। ଭାରତ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ବାଲ୍ୟ ବିବାହ ଉଚ୍ଛେଦ ପାଇଁ ୧୦୦ ଦିନିଆ କାର୍ଯ୍ୟ ଯୋଜନାର ପ୍ରେରଣାରେ ଜଷ୍ଟ ରାଇଟ୍ସ ଫର୍ ଚିଲ୍ଡ୍ରେନ୍' ର ସହଯୋଗରେ ସରକାରୀ-ବେସରକାରୀ ଅନୁଷ୍ଠାନ ସହ ମିଶି ଆଗାମୀ ଏକ ବର୍ଷ ମଧ୍ୟରେ ଉକ୍ତ ଯୋଜନା ରଖିଅଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶୋଭା'।କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ସଦର ମହକୁମା ଠାରେ 'ଶୋଭା' ଦ୍ୱାରା ବାଲ୍ୟବିବାହ ଉଚ୍ଛେଦ ନିମନ୍ତେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣ ନାୟକ ଓ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାଯ୍ୟକ୍ରମଟିକୁ ସବୁଜ ଝଣ୍ଡା ଦେଖାଇ ଉଦ୍‌ଘାଟନ କରିଥିଲେ। ପରେ ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ଠାରୁ ଉପସ୍ଥିତ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ବାହାରି ପଟ୍ଟାଙ୍ଗି ଗ୍ରାମ ପରିକ୍ରମା କରିଥିଲେ। ଶୋଭା ଯାତ୍ରାରେ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମବାସୀ ମାନଙ୍କୁ ସଚେତନତା କରିଥିଲେ। ସେହିପରି ନୋଡାଲ ସରକାରୀ ବିଦ୍ୟାଳୟ ପୁକାଲି ,ଚନ୍ଦକା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରି ଗ୍ରାମବାସୀଙ୍କୁ ସଚେତନତା କରାଯାଇଥିଲା। ସନ୍ଧ୍ୟା ସମୟରେ ରାଲେଗାଡ଼ା ଗ୍ରାମ ପଞ୍ଚାୟତ ସ୍ଥିତ ରାଜୁଗୁଡା ଗ୍ରାମର ମହିଳା ମାନଙ୍କୁ ନେଇ କ୍ୟାଣ୍ଡେଲ ଶୋଭାଯାତ୍ରା କରି ଗ୍ରାମବାସୀଙ୍କୁ ବାଲ୍ୟବିବାହ ରୋକିବାକୁ ନେଇ ସଚେତନ କରାଯାଇଥିଲା। ୧୦୦ ଦିନିଆ ସଚେତନତା ଅଭିଯାନକୁ ୩ଟି ପର୍ଯ୍ୟାୟରେ ବିଭକ୍ତ କରାଯାଇ ଏହା ୮ ମାର୍ଚ୍ଚ ୨୦୨୬ରେ ଅନ୍ତର୍ଜାତୀୟ ନାରୀ ଦିବସରେ ଶେଷ ହେବ ବୋଲି ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ସଞ୍ଜିତ ପଟ୍ଟନାୟକ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ 'ଶୋଭା' ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମୀ ବିଜୟ ପଟ୍ଟନାୟକ, ରାମପ୍ରସାଦ ପଟ୍ଟନାୟକ, ରବୀନ୍ଦ୍ର ପଡାଲ, ଦେବ ଜୟପୁରିଆ, ପ୍ରକାଶ ଖେମୁଣ୍ଡୁ, ରବି ସଡାପେଲି, ବେବନ୍ତ ନାୟକ ଓ ବିମଳା ପାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ।

# କଳାକାର ଲିଙ୍ଗରାଜ ନିଶଙ୍କୁ ସମ୍ମାନିତ



ଜୟପୁର ୨୭ ।୧୧, (ସମିସ): ଓଡିଆ ଲୋକକଳା ଏବଂ ସଂକୀର୍ତ୍ତନର ଗାୟକ ଭାବେ ଅବିଭକ୍ତ କୋରାପୁଟ ଜିଲ୍ଲାର ଶ୍ରେଷ୍ଠ କଳାକାର ତଥା ଜୟପୁର ସାମନ୍ତରା ସାହିର ବାସିନ୍ଦା ଲିଙ୍ଗରାଜ ନିଶଙ୍କୁ ଚଳିତ ୨୦୨୫ ମସିହ ଲୋକକଳା ଓ ତଥା ସଂକୀର୍ତ୍ତନ ପାଇଁ ଓଡିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ସମ୍ମାନିତ କରାଯାଇଛି। ଗତକାଲି ସଂଧ୍ୟାରେ ଭୁବନେଶ୍ୱର ଠାରେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଜୟପୁରର ବାସିନ୍ଦା ୮୩ ବର୍ଷିୟ ଲୋକ କଳାକାର ଶ୍ରୀନିଶଙ୍କୁ ଉପଢୌକନ, ତାମ୍ରପତ୍ର ସହିତ ଏକ ଲକ୍ଷ ଟଙ୍କାର ନଗଦ ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟ ବିଭାଗୀୟ ସଚିବ ତଥା ରାଜ୍ୟ ସଂଗୀତ ନାଟକ ଏକାଡେମୀର ସଭାପତି ଡ. ବିଜୟ କେତନ ଉପାଧ୍ୟାୟ ଏବଂ ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ମଞ୍ଚାସୀନ ରହିଥିଲେ। ପ୍ରକାଶ ଯେ, ଲୋକ କଳାକାର ତଥା ସଂକୀର୍ତ୍ତନ ଗୁରୁ ଶ୍ରୀ ନିଶଙ୍କ ଜୟପୁର ସାମନ୍ତରା ସହାଇ ଠାରେ ୧୯୪୨ ମସିହା ମେ ୧୭ ତାରିଖରେ ପିତା ସ୍ୱର୍ଗତ ରାମେଶ୍ୱର ନିଶଙ୍କ ଓ ମାତା ହରାମଣି ଦେବୀଙ୍କ ଜ୍ୟେଷ୍ଠ ପୁତ୍ର ଭାବେ ଜନ୍ମ ଗ୍ରହଣ କରିଥିଲେ। ଘରୋଇ ପରମ୍ପରା ତଥା ପ୍ରଭାବ ଯୋଗୁଁ ପିଲାଟି ଦିନରୁ ବୈଷ୍ଣବ ଧର୍ମ ନାମ ସଂକୀର୍ତ୍ତନ ପ୍ରତି ଆଗ୍ରହ ପ୍ରକାଶ କରି ଏହି ପାରମ୍ପରିକ ଲୋକକଳା ପ୍ରତି ଆକୃଷ୍ଟ ହୋଇଥିଲେ। ପିତା ସ୍ୱର୍ଗତ ରାମେଶ୍ୱର ନିଶଙ୍କ ଜୟପୁର ରାଜ ଦରବାରର ଜଣେ କବି, ଭଜନ ଗାୟକ ଓ ଲୋକ ନାଟକ ନିର୍ଦ୍ଦେଶକ , ସଂକୀର୍ତ୍ତନ ଗାୟକ ଥିଲେ। ତାଙ୍କର ପ୍ରଥମ ଗୁରୁ ନିଜ ପିତା ରହିଥିବା ନେଇ ସମ୍ମାନିତ ଶ୍ରୀ ନିଶଙ୍କ ପ୍ରକାଶ କରିଛନ୍ତି। ଏହାପରେ ସ୍ଥାନୀୟ ଅଞ୍ଚଳର ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ତଥା ସୁସଂକୀର୍ତ୍ତନ ଗାୟକ ଏବଂ ଗୁରୁ ସ୍ୱର୍ଗତ ବଳଭଦ୍ର ପୂଜାରୀଙ୍କ ଠାରୁ ସଂଗୀତର ସ୍ୱର ଓ ରାଗ ଶିକ୍ଷା ଗ୍ରହଣ କରିଥିଲେ। ୧୮ବର୍ଷରୁ ବୟସରୁ ଜଣେ ସଂକୀର୍ତ୍ତନ ଗାୟକ ଭାବେ ସେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ସୁପରିଚିତ ଥିଲେ। ଏହା ପୂର୍ବରୁ ବିଭିନ୍ନ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ତାଙ୍କୁ ସମ୍ମାନିତ କରାଯାଇଛି।

## ଗାଁ ରାସ୍ତାରେ ଭାରିଯାନ ଚଳାଚଳ

# ଭାରତମାଳା ରାସ୍ତା ନିର୍ମାଣକାରୀ ସଂସ୍ଥା ଆଗରେ ବିକ୍ଷୋଭ



ପୋଡ଼ାଗଡ଼,୨୭।୧୧(ସମିସ): ତିନି ରାଜ୍ୟ ଆନ୍ଧ୍ରପ୍ରଦେଶ, ଓଡ଼ିଶା ଓ ଛତିଶଗଡକୁ. ଯୋଡ଼ିବା ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଛି ଭାରତ ମାଳା ରାସ୍ତା। ଏହି ରାସ୍ତା ଓଡ଼ିଶାରେ ପାଖାପାଖି ୨୪୦ କିମି ହେଉଥିବାବେଳେ ଆଉ ବାକି ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶରେ ହେଉଛି। ଓଡ଼ିଶାର କୋରାପୁଟ ଜିଲ୍ଲାର ୫ଟି ବ୍ଲକ ଦେଇ ଯାଇଥିବାରୁ ଏହି ୫ ବ୍ଲକର ବିଭିନ୍ନ ଗ୍ରାମର ଲୋକମାନଙ୍କର ଜମି ଅଧିଗ୍ରହଣ କରାଯାଇ ରାସ୍ତା ମଧ୍ୟ ଅଧାରୁ ଅଧିକ ନିର୍ମାଣ ହେଲାଣି। କିନ୍ତୁ ଏହି ରାସ୍ତା ନିର୍ମାଣରେ ବ୍ୟବହୃତ ହେଉଥିବା ଭାରି ଯାନ ଗ୍ରାମୀଣ ରାସ୍ତା ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ରାସ୍ତାରେ ଚଳାଚଳ କରୁଥିବାରୁ ଅନେକ ସମୟରେ ଗ୍ରାମ୍ୟ ଜୀବଜନ୍ତୁ ବା ଗୃହପାଳିତ ପଶୁ ଓ ଲୋକମାନେ ମଧ୍ୟ ଦୁର୍ଘଟଣାରେ ମୃତ୍ୟୁବରଣ କରୁଛନ୍ତି। ଏହା ଛଡ଼ା ରାସ୍ତାରେ ଭାରିଯାନ ଯିବା ହେତୁ ରାସ୍ତା ଅତି ଶୋଚନୀୟ ହୋଇଥିବାରୁ ଅନେକ ସମୟରେ ଲୋକେ ସ୍ଥାନୀୟ କୋରାପୁଟ ବଜାର କିମ୍ବା ହସ୍ପିଟାଲ ଯିବାକୁ ହେଲେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସମସ୍ୟା ନେଇ ଦଶମନ୍ତପୁର ବ୍ଲକ ଅଧିନସ୍ଥ ପାଇକ ଫୁଲବେଡା ପଞ୍ଚାୟତ ଅନ୍ତର୍ଗତ ଅଡପୁର ଗ୍ରାମ ନିକଟରେ ଥିବା ଭାରତ ମାଳା ରାସ୍ତା ନିର୍ମାଣ କମ୍ପାନୀରେ ଆଜି ୫-୬ ଖଣ୍ଡ ଗ୍ରାମବାସୀ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଆନ୍ଦୋଳନକୁ ଜିଲ୍ଲା କଂଗ୍ରେସ କମିଟି ସମର୍ଥନ କରିଥିଲା। ପାଇକ ଫୁଲବେଡା ପଞ୍ଚାୟତର ସରପଞ୍ଚ ମହେଶ୍ୱର ଗାଦବା ଓ ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ରମେଶ ଖରାଙ୍କ ନେତୃତ୍ୱରେ ଅଡପୁର ମାଝୀଗୁଡା ବାଉଁଶ ଗୁଡା ହାତୀ ମୁଣ୍ଡା ପ୍ରମୁଖ ଗ୍ରାମବାସମାନେ ବିକ୍ଷୋଭ କରିଥିଲେ। ଏହି ଆନ୍ଦୋଳନ ବା ଧାରଣାକୁ ସମର୍ଥନ ଜଣାଇ ଜିଲ୍ଲା କଂଗ୍ରେସ କମିଟି ସଭାପତି ରୂପକ ତୁରୁକଙ୍କ ନେତୃତ୍ୱରେ ଏକ ଟିମ୍ ଯାଇ କମ୍ପାନୀର ସମ୍ମୁଖ ଗେଟ୍‌ରେ ଧାରଣା ଦେଇଥିଲେ। ଏହି ଟିମ୍‌ରେ ଥିଲେ ପୂର୍ବତନ ବିଧାୟକ ନିମାଇଁ ସରକାର, ରାଜେନ୍ଦ୍ର କୁଲଦୀପ, ଜଗବନ୍ଧୁ ବାଘ ଇନାଗଡଡଙ୍କ ସମେତ ଆଦିବାସୀ ନେତା ପଦ୍ମନାଭ ଜାନି। ଏହି ବିକ୍ଷୋଭ କରିବାର ମୁଖ୍ୟ ଉଦ୍ଦେଶ୍ୟ ଅଡପୁରରୁ ରାଜ୍ୟ ରାଜପଥର ମାଛରା ଛକ ପର୍ଯ୍ୟନ୍ତ ତୁରନ୍ତ ରାସ୍ତା ମରାମତି ଓ ଅଡ ନିକଟରେ ଏକ ଭାରତ ମାଳା ରାସ୍ତାରେ ସଂଯୋଗ । ଏହି ଆନ୍ଦୋଳନ ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ କୋରାପୁଟ ସଦର ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ଏଏସଆଇ ମାଧବ ବାଙ୍କିଆ, ହାବିଲଦାର ତାରିଣିଙ୍କ ସମେତ ଏକ ଟିମ୍ ଉପସ୍ଥିତ ଥିଲେ। ଶେଷରେ ଭାରତମାଳା ରାସ୍ତା ନିର୍ମାଣ ସଂସ୍ଥାର କର୍ମଚାରୀ କୈଳାସ ରାଉତ ଆସି ଆନ୍ଦୋଳନକାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରି ତୁରନ୍ତ ଗ୍ରାମ୍ୟ ରାସ୍ତା ଅଡପୁର ଠାରୁ ମାଛରା ପର୍ଯ୍ୟନ୍ତ ଥିବା ରାସ୍ତା ମରାମତି କାମ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ଓ ଆରମ୍ଭ ମଧ୍ୟ କରିଥିଲେ। କିନ୍ତୁ ଭାରତମାଳା ରାସ୍ତା କାମ କରିବାକୁ ଆନ୍ଦୋଳନକାରୀ ଗ୍ରାମବାସୀ ଦେଇନଥିଲେ। ଯେହେତୁ ଉକ୍ତ ରାସ୍ତାରେ ସଂଯୋଗ ନିମନ୍ତେ କୌଣସି ପ୍ରତିଶ୍ରୁତି ମିଳିନଥିବାରୁ କାମ ବନ୍ଦ ରଖିଥିବା ଦେଖିବାକୁ ମିଳିଛି। ଶୁକ୍ରବାର ଦିନ ଜାତୀୟ ରାଜପଥ ବିଭାଗର ଅଧିକାରୀ ଆସି ଆଲେଚନା ପରେ ହିଁ କାମ କରିବାକୁ ଦେବୁ ବୋଲି ଗ୍ରାମବାସୀ କହିଛନ୍ତି।

# ସାବରମଲ୍ଲାଇ ଆୟାପ୍ପା ମନ୍ଦିରକୁ ଯାତ୍ରା ଆରମ୍ଭ



ଜୟପୁର ୨୭ ।୧୧, (ସମିସ): ଜୟପୁର ସହରରେ ଭଗବାନ ଆୟାପ୍ପା ସ୍ୱାମୀଙ୍କ ପୂଜନ ନିମନ୍ତେ ମାନସିକଧାରୀ ସ୍ୱାମୀମାନେ ଆଜି ସଂଧ୍ୟାରେ କେରଳ ରାଜ୍ୟର ସାବରମଲ୍ଲାଇ ସ୍ଥିତ ମୁଖ୍ୟମନ୍ଦିରକୁ ଯାତ୍ରା ଆରମ୍ଭ କରିଛନ୍ତି। ଦୀର୍ଘ ୪୫ ଦିନ କାଳ ବସ୍ତ୍ର ଧାରଣ ସହିତ ନିୟମ ଅନୁଯାୟୀ ପୂଜନ କରୁଥିବା ପ୍ରାୟ ୧୫ ଜଣ ବ୍ରତଧାରୀ ସ୍ୱାମୀ ମାନେ ମଣିକଣ୍ଠା ସାନିଧାନମ ସଂସ୍ଥା ପକ୍ଷରୁ ପ୍ରଥମ ଯାତ୍ରା ଆଜି ସଂଧ୍ୟାରେ ସ୍ଥାନୀୟ କୁମ୍ଭାରସାହି ସ୍ଥିତ ତିରୁପତି ବାଲାଜୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୁଭାରମ୍ଭ କରିଛନ୍ତି। ଗୁରୁସ୍ୱାମୀ ସମ୍ବାନା ଚିନ୍ନା ସ୍ୱାମୀଙ୍କ ନେତୃତ୍ୱରେ ବ୍ରତଧାରୀ ମାନେ ଜୟପୁର ଠାରୁ ବିଶାଖପାଟଣା ଯାତ୍ରା କରିବା ସହିତ ସେଠାରେ ଆସନ୍ତା ୩୦ ତାରିଖରେ ପହଞ୍ଚିବା ସହିତ ମୁଖ୍ୟ ମନ୍ଦିରରେ ଭଗବାନ ଆୟାପ୍ପାଙ୍କୁ ଦର୍ଶନ ପରେ ସେଠାରେ ସେମାନଙ୍କ ବ୍ରତ ସମାପ୍ତ ହେବ। ସେଠାରୁ ଜୟପୁର ଫେରିବା ବେଳେ ଦକ୍ଷିଣ ଭାରତର ବିଭିନ୍ନ ଧର୍ମପୀଠରେ ଠାକୁର ମାନଙ୍କୁ ଦର୍ଶନ କରିବା ପରେ ଆସନ୍ତା ୫ମାସ ୫ ତାରିଖରେ ଜୟପୁର ଫେରିବା ଆସିବା ପରେ ସେମାନେ ଧାରଣ କରିଥିବା ମାଳ ଏଠାରେ ପୂଜାର୍ଚ୍ଚନା ସହିତ ବିସର୍ଜନ ରୀତିଅନୁଯାୟୀ କରିବେ ବୋଲି ମୁଖ୍ୟ ଗୁରୁସ୍ୱାମୀ ରାବାଣା ପ୍ରକାଶ କରିଛନ୍ତି। ଜୟପୁର ସହରରେ ଶତାଧିକ ମାନିସିକଧାରୀ ଚଳିତ ବର୍ଷ ମାଳ ଧାରଣା ସହିତ କଳବସ୍ତ୍ର ଓ ଖାଲିପାଦରେ ଚାଲି ଏହି ବ୍ରତ ଦୀର୍ଘ ୫୦ ଦିନ ପାଳନ କରୁଛନ୍ତି।

# ଆଖିରେ ଲଙ୍କାଗୁଣ୍ଡ ପକାଇ ଲୁଟ୍

କୋଷଗୁମୁଡା,୨୭।୧୧ (ସମିସ): କୋଷାଗୁମୁଡ଼ା ବ୍ଲକ୍ ତଥା କୋଡ଼ିଙ୍ଗା ଥାନା ଅନ୍ତର୍ଗତ ବାସୁଦେବଗୁଡ଼ା ନିକଟରେ ଆଖିରେ ଲଙ୍କାଗୁଣ୍ଡ ପକାଇ ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି କୋଷାଗୁମୁଡ଼ା ବିଦ୍ୟୁତ୍ ବିଭାଗ ରାଜସ୍ୱ ସହକାରୀ କିଶୋର କୁମାର ସିଂହ। ଦୁଇ ଜଣ ଲୁଟେରା ଥିଲେ ବୋଲି ସୂଚନା ମିଳିଛି। ଅଭିଯୋଗ ପାଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ବୁଧବାର ସକାଳେ କୋଣ୍ଡାପୁରୀ ଗାଁକୁ ବିଦ୍ୟୁତ୍ ବିଲ୍ ବାବଦ ବକେୟା ସଂଗ୍ରହ କରିବାକୁ କିଶୋର କୁମାର ସିଂହ ଯାଇଥିଲେ। ଗାଁରୁ ପ୍ରାୟ ୨୧ହଜାର ଟଙ୍କା ଆଦାୟ କରିବା ପରେ ଚୋଲାଣଗୁଡ଼ା ଗାଁ ଅଭିମୁଖେ ବାହାରିଥିଲେ। କୋଣ୍ଡାପୁରୀ-ବାସୁଦେବଗୁଡ଼ା ମଝିରେ ଦୁଇ ଜଣ ଲୁଟେରା ରାସ୍ତା ମଝିରେ ବାଇକ୍ ରଖି ତାଙ୍କୁ ଅପେକ୍ଷା କରିଥିଲେ। କିଶୋରଙ୍କୁ ଦେଖିବା ମାତ୍ରେ ଦୁହେଁ ସକ୍ରିୟ ହୋଇଥିଲେ। ରାସ୍ତା ମଝିରେ କିଶୋରଙ୍କୁ ଅଟକାଇବା ପରେ ଜଣେ ତାଙ୍କର ଦୁଇ ହାତକୁ ଧରିଥିଲା ବେଳେ ଅନ୍ୟ ଜଣେ ଆଖିରେ ଲଙ୍କାଗୁଣ୍ଡ ପକାଇଥିଲା। ଯନ୍ତ୍ରଣାରେ ଛଟପଟ ହେବାରୁ ଦୁର୍ବୃତ୍ତ ଟଙ୍କା ବ୍ୟାଗ୍ ଝାମ୍ପିବା ପରେ ସେଠାରୁ ଚମ୍ପଟ ମାରିଥିଲେ। ଘଟଣାସ୍ଥଳରୁ କିଶୋରଙ୍କୁ କୋଣ୍ଡାପୁରୀ ଗ୍ରାମବାସୀ ଉଦ୍ଧାର କରିଥିଲେ। ଏହି ବିଷୟରେ କୋଡ଼ିଙ୍ଗା ଥାନାରେ କିଶୋର ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତି କରି କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବର ଏକ ମାମଲା ରୁଜୁ କରିବା ସହ ସହ ଅନୁସନ୍ଧାନ କରୁଥିବା କହିଛନ୍ତି।

# ମଦ ଚାଲାଣ ବେଳେ ଜଣେ ଗିରଫ

ଜୟପୁର ୨୭ ।୧୧, (ସମିସ): ଜୟପୁର ଅବକାରୀ ବିଭାଗ ପକ୍ଷରୁ ବାଇକରେ ବେଆଇନ ମଦ ଚାଲାଣ ବେଳେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ବାଇକ୍ ଓ ମଦ ଜବତ କରିଛନ୍ତି। ଗିରଫ ଅଭିଯୁକ୍ତ ଗଡପଦର ଗ୍ରାମର ବସନ୍ତ ସୁନା (୧୮) ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବାଇକରେ ପରିବହନ ହେଉଥିବା ଏକ ଗାଡି ଟ୍ୟୁବ ଭିତରୁ ୧୪ ଲିଟର ବେଆଇନ ଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତ କଳାଗୁଡାରୁ ଜୟପୁର ସହର ଅଭିମୁଖେ ଏକ ବାଇକ ଯୋଗେ ମଦ ଚାଲାଣ କରୁଥିବା ବେଳେ ଅବକାରୀ ବିଭାଗର ପାଟ୍ରୋଲିଂ ଦଳ ସ୍ଥାନୀୟ ଦୁବୁଲି ଏବଂ ଏକଟାଗୁଡା ନିକଟସ୍ଥ ରାସ୍ତାରେ ଚାଲାଣକାରୀଙ୍କୁ ଧରିଥିବା ନେଇ ଅବକାରୀ ଥାନା ଅଧିକାରୀ ସୁବ୍ରତ କେଶରୀ ହିରନ ପ୍ରକାଶ କରିଛନ୍ତି।

**● ଧାନ ଗଦାରେ ନିଆଁ**

# ୧୯ ଏକର ଜମିର ଧାନ ପୋଡ଼ି ପାଉଁଶ

ବୈପାରୀଗୁଡା, ୨୭।୧୧(ସମିସ): ବୈପାରିଗୁଡା ବ୍ଲକର ସୁଖୁଆପଦର ଗ୍ରାମରେ ଧାନଗଦାରେ ନିଆଁ ଲାଗି ୧୯ ଏକର ଚାଷ ଜମିର ଧାନ ସମ୍ପୂର୍ଣ୍ଣ ର୍ ନଷ୍ଟ ହୋଇଛି। ଆଜି ଅପରାହ୍ନ ୨ଟା ସମୟରେ ଏଭଳି ଘଟଣା ଘଟିଛି। ଗାଁ ର କିଛି ଚାଷୀ ନିଜ ନିଜ ଜମିରେ ଚାଷ କରିଥିବା ଧାନକୁ ଅମଳ ପରେ ଗୋଟିଏ ଖଳାରେ ଗଦା କରି ରଖିଥିଲେ। ଆଜି ଅପରାହ୍ନ ୨ଟା ବେଳେ କୌଣସି କାରଣରୁ ଗୋଟିଏ ଧାନ ଗଦାରେ ନିଆଁ ଲାଗିଯାଇଥିଲା। ପବନରେ ନିଆଁ ଉଡ଼ି ନିକଟରେ ଥିବା ଅନ୍ୟ ଧାନ ଗଦା ଗୁଡ଼ିକରେ ମଧ୍ୟ ନିଆଁ ଲାଗିବା ଆରମ୍ଭ ହୋଇଯାଇଥିଲା। ଗ୍ରାମବାସୀ ଖଳାରେ ନିଆଁ ଲାଗିବା ଦେଖି ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେବାସହ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଦମକଳ ବାହିନୀ ଆସିବା ପୂର୍ବରୁ ଗ୍ରାମବାସୀ ୯୦ ଭାଗ ନିଆଁକୁ ଆୟତ୍ତ କରିସାରିଥିଲେ। ଫଳରେ ଅନ୍ୟ ଧାନ ଗଦା ନିଆଁ ଦାଉରୁ ବର୍ତ୍ତି ଯାଇଥିଲ। ଶୁକୁଆପଦର ଗ୍ରାମର ଚାଷୀ ରତ୍ନ ପରଜା ଗୋଟିଏ ଧାନ ଗଦାରେ ୫ ଏକରର ଧାନ ଅମଳ କରିବା ପରେ ଗଦା କରି ରଖିଥିଲେ। ସେହିପରି ନନ୍ଦ ମାଝୀ ଦୁଇଟି ଧାନ ଗଦାରେ ୫ ଏକର, ଡମ୍ବରୁ ପରଜା ଦୁଇଟି ଧାନ ଗଦାରେ ୪ ଏକର ଧାନ ଏବଂ ପଦ୍ମନ ପୂଜାରୀଙ୍କ ଦୁଇଟି ଧାନ ଗଦାରେ ୫ ଏକର ଧାନ ପୋଡ଼ି ନଷ୍ଟ ହୋଇଯାଇଛି। ଚାଷୀଙ୍କ ବର୍ଷକର କଷ୍ଟ ପାଉଁଶ ହୋଇଯାଇଥିବାରୁ ଦୁଃଖରେ ଭାଙ୍ଗି ପଡିଛନ୍ତି। ଧାର ଉଧାର କରି ଚାଷ କରିଥିବା ଚାଷୀ ଏବେ ଟଙ୍କା କିପରି ପରିଶୋଧ କରିବେ ବୋଲି ଚିନ୍ତାରେ ରହିଥିବା ବେଳେ ସରକାରୀ ସହାୟତା ପାଇଁ ଗୁହାରୀ କରିଛନ୍ତି।

# ଡିସେମ୍ବର ହେବ ଆରପିଡିଏସି ବୈଠକ



ଲକ୍ଷ୍ମୀପୁର,୨୭।୧୧(ସମିସ): କୋରାପୁଟ ଓ ରାୟଗଡା ଜିଲ୍ଲାର ଲକ୍ଷ୍ମୀପୁର ଓ କାଶୀପୁର ବ୍ଲକର ଜମିକୁ ନେଇ ଚାଲିଛି ହିଣ୍ଡାଲ୍‌କୋର ମେଗା ବକ୍ସାଇଟ ରିଫାଇନାରୀ କାରଖାନା। ଏହାର ନିର୍ମାଣ କାର୍ଯ୍ୟ ଏକ ବର୍ଷ ହେବ ଚାଲୁ ରହିଛି ଏବଂ ଦ୍ରୁତ ଗତିରେ ମଧ ନିର୍ମାଣ କାର୍ଯ୍ୟ ଆଗେଇଛି। ଏଲଏଣ୍ଡଟି ଭଳି ଅନେକ ବଡ଼ କମ୍ପାନୀ ସବୁ ଆସି ଜୋର୍‌ସୋରରେ କାମ ଚାଲିଛି। ଏଠି ଲୋକଙ୍କ ଅନେକ ସମସ୍ୟା ରହିଛି । ଆରପିଡିଏସି ବୈଠକ ଅନୁଷ୍ଠିତ ହେଲେ ଲୋକେ ସମ୍ପୃକ୍ତ କମ୍ପାନୀକୁ ବୈଠକ ମାଧ୍ୟମରେ ନିଜ ଗାଁ ଓ ଅଞ୍ଚଳର ସମସ୍ୟା ଉପସ୍ଥାପନା କରିବେ। ଏହାକୁ ଲିପିବଦ୍ଧ କରି କମ୍ପାନୀ ତାର ଗୋଟି ଗୋଟି କରି ସମସ୍ୟା ଗୁଡ଼ିକୁ ସମାଧାନ କରି ଚାଲିବ। ଆରପିଡିଏସି ବୈଠକ ଏଥି ପାଇଁ ନିହାତି ଜରୁରୀ ଅଟେ। ତେଣୁ କ୍ଷତିଗ୍ରସ୍ତ ଲୋକ ଏହି ବୈଠକ ପାଇଁ ସବୁ ପଦାଧିକାରୀଙ୍କ ଦ୍ୱାରସ୍ଥ ହୋଇ ତୁରନ୍ତ ବୈଠକ ଡାକିବାକୁ ଅନୁରୋଧ କରୁଛନ୍ତି। କିନ୍ତୁ ହୋଇପାରୁ ନାହିଁ । ଏହା ଅତ୍ୟନ୍ତ ଦୁଃଖର ବିଷୟ ପାଲଟିଛି। ଏନେଇ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକାଙ୍କୁ ସ୍ୱତନ୍ତ୍ର ଭାବେ ସାକ୍ଷାତ କରି ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସାଂସଦ ଏହା ଜାଣିବା ପରେ କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ଏହି ବୈଠକ ଆୟୋଜନ ପାଇଁ ସବୁ ବିଭାଗ ସହିତ ଯୋଗାଯୋଗ କରି ଆସନ୍ତା ଡିସେମ୍ବର ମାସରେ ବସିବା ଯୋଜନା କରିବାକୁ କହିଛନ୍ତି। ଏହା ଶୁଣିବା ପରେ ଅଞ୍ଚଳବାସୀ ଆଶ୍ୱସ୍ତି ପ୍ରକାଶ କରିବା ସହ ଶ୍ରୀ ଉଲ୍ଲାକାଙ୍କ ପ୍ରତି ଖୁସି ବ୍ୟକ୍ତ କରିଛନ୍ତି। ଏହି ସମୟରେ ଅଗସ୍ତି ହଲୱା, ସୀତାରାମ ଖରା, ସହଦେବ ବିଡିକା, ବିପିନ ମାଣ୍ଡିଙ୍ଗା, ଚନ୍ଦ୍ର ବିଡ଼ିକା, ଦାମୋଦର ବିଡିକା ଓ ଅନ୍ୟମାନେ ଉପସ୍ଥିତ ରହି ସବୁ ବିଷୟ ଗୁଡ଼ିକ ଶ୍ରୀ ସାଂସଦ ଙ୍କୁ ଅବଗତ କରାଇ ଥିଲେ।

# ପାଇଥିବା ସୁନା ଫେରାଇଲେ ମନ୍ଦିର ପୂଜକ

ତେନ୍ତୁଲିଖୁଣ୍ଟି,୨୭।୧୧(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ କପୁର ସ୍ଥିତ ଶୈବ ପୀଠ ପୂଜକ ଦେଖାଇଲେ ବଦାନ୍ୟତା। ଏକମାସ ତଳେ ହଜିଥିବା ସୁନା ଚେନ ପାଇ ତାର ପ୍ରକୃତ ମାଲିକଙ୍କୁ ଫେରାଇଛନ୍ତି ।ସୂଚନା ଅନୁଯାଇ କପୁର ଶିବ ମନ୍ଦିର ପୂଜକ ବିଭୁ ପଦାରବିନ୍ଦ ରଥ ଏକ ସୁନା ଚେନ ସୋମବାର ସକାଳୁ ଶିବ ମନ୍ଦିର ନିକଟସ୍ଥ ପାଣି ଟାଙ୍କି ପାଶ୍ୱର୍ରୁ ପାଇ ଥିଲେ। ଏହାପରେ ପୂଜକ ଶ୍ରୀ ରଥ ନିଜ ପତ୍ନୀ ଙ୍କୁ ଜଣାଇଥିଲେ। ଗତ କାର୍ତ୍ତିକ ମାସ ଶେଷ ସୋମବାର ଦିନ ଇନ୍ଦ୍ରାବତି ରେ ରହୁଥିବା ଆଦର୍ଶ ଶିକ୍ଷକ ଜଗଦେବ କେଶରୀ ସାମନ୍ତଙ୍କ ପତ୍ନୀଙ୍କ ଲକେଟ ହଜି ଯାଇଥିବା ହେତୁ ସେ ଖୋଜାଖୋଜି କରିଥିଲେ। ପାଇଥିବା ସୁନା ତାଙ୍କର ହୋଇଥାଇପାରେ ବୋଲି କହିଥିଲେ ପୂଜକଙ୍କ ପତ୍ନୀ। ଏହାପରେ ସୁନା କଥା ମନ୍ଦିର ସାଧାରଣ ସମ୍ପାଦକ ତଥା ସମାଜସେବୀ ସାଧୁ ସୁଦନ ବରାଳଙ୍କୁ ପୂଜକ ଜଣାଇବା ପରେ ସେ ଶିକ୍ଷକ ଶ୍ରୀ ଜଗଦେବଙ୍କୁ ଡାକି ଦେଖାଇଥିଲେ। ସୁନା ଚିହ୍ନଟ ପରେ ଶ୍ରୀ ବରାଳଙ୍କ ଉପସ୍ଥିତି ରେ ପୂଜକ ଉକ୍ତ ସୁନାକୁ ଶିକ୍ଷକଙ୍କୁ ହସ୍ତାନ୍ତର କରିଥିଲେ। ପୂଜକଙ୍କ ଏଭଳି କାର୍ଯ୍ୟକ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ଜିଲ୍ଲା ଡମ ସଂଗଠନର ସ୍ୱତନ୍ତ୍ର ବୈଠକ

ଜୟପୁର,୨୭ ।୧୧(ସମିସ): ଜୟପୁର ସହର ନିକଟସ୍ଥ ବାମୁଣି ଗାଁ ସ୍ଥିତ ଶୀତଳା ମନ୍ଦିର ପରିସରରେ ଜିଲ୍ଲା ଡମ ସଂଗଠନର ଏକ ସ୍ୱତନ୍ତ୍ର ବୈଠକ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ପବିତ୍ର ଖରା, ସମ୍ପାଦକ ମଙ୍ଗଳଦାନ ଖିଲ, ଓ ସହ ସମ୍ପାଦକ ରାଜୁ ତାଣ୍ଡିଲ ସହ ଜିଲ୍ଲା ଡମ ସଂଗଠନର ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏକ ନୂତନ କର୍ମକର୍ତ୍ତା ଚୟନ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ନୂତନ କର୍ମକର୍ତ୍ତା ଚୟନ କରାନଯିବା ପର୍ଯ୍ୟନ୍ତ ସଂଗଠନକୁ ଭଙ୍ଗ କରାଯାଇଛି ବୋଲି ସଭାପତି ଶ୍ରୀ ଖରା ପ୍ରକାଶ କରିଛନ୍ତି। ଏହି ପଦପଦବୀ ନିମନ୍ତେ ଯଦି କୌଣସି ବ୍ୟକ୍ତି ତଥା କର୍ମକର୍ତ୍ତା ଇଚ୍ଛୁକ ଅଛନ୍ତି, ତେବେ ଆସନ୍ତା ୧୦ ତାରିଖ ମଧ୍ୟରେ ଆବେଦନ କରିବା ପରେ ନିର୍ବାଚନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଖଗପତି ପାଙ୍ଗି, ବିଜୟ ହନ୍ତାଳ, ପଦ୍ମନ ହରିଜନ, ଚିତ୍ର ହରିଜନ, ଅର୍ଜୁନ ହରିଜନ ଓ ଜିରା ହରିଜନଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

# ପ୍ରଶାସନର ଜବରଦଖଲ ଉଚ୍ଛେଦ ଅଭିଯାନ

ଉମରକୋଟ/ଝରିଗାଁ ,୨୭।୧୧(ସମିସ): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ଧୋଡ୍ରା ପଞ୍ଚାୟତ ସଦର ମହକୁମାର ଉମରକୋଟ-ନବରଙ୍ଗପୁର ମୁଖ୍ୟ ରାସ୍ତାରେ ଜବରଦଖଲକାରୀଙ୍କୁ ଦୁଇ ଦିନ ମଧ୍ୟରେ ଜାଗା ଖାଲି କରିବାକୁ ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଥିବା ସୂଚନା ମିଳିଛି। ଆଜି ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ଧୋଡ୍ରାରେ ପହଞ୍ଚିଥିଲା। ଧୋଡ୍ରା ଛକରେ ଥିବା ୨ଟା ଘର ଭାଙ୍ଗିବା ପରେ ଦୁଇଦିନ ମଧ୍ୟରେ ଜାଗା ସବୁ ଖାଲି କରିବାକୁ ଚେତାବନୀ ଦେଇ ଫେରିଥିବା ଜଣାପଡିଛି। ଝରିଗାଁ ତହସିଲଦାର ସୁମନ୍ତ ପାତ୍ର, ଅତିରିକ୍ତ ତହସିଲଦାର ଅହଲ୍ୟା ମୁଦୁଲି, ଧୋଡ୍ରା ଆରଆଇ ଶିବନାଥ ମଣ୍ଡଳ, ଆରଡି ବିଭାଗ, ପିଡବ୍ଲୁଡି ବିଭାଗର କର୍ମଚାରୀ ଓ ଉମରକୋଟ ପୋଲିସ ପ୍ରଶାସନ ଧୋଡ୍ରା ଠାରେ ପହଞ୍ଚି ଜବରଦଖଲକାରୀ ମାନଙ୍କ ସହିତ ଆଲୋଚନା କରି ଉଚ୍ଛେଦକୁ ସ୍ଥଗିତ ରଖିଥିବା ସୂଚନା ମିଳିଛି।

# ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି

ପାପଡାହାଣ୍ଡି, ୨୭।୧୧(ସମିସ): ହ୍ୟୁମାନ ସାଗରଙ୍କ ସ୍ମୃତିରେ ଆଜି ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ଜଟାବାଲ ପଞ୍ଚାୟତ ସଦର ମହକୁମା ଠାରେ ଖ୍ରୀଷ୍ଟିଆନ କମ୍ୟୁନିଟି ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିବା ଦେଖିବାକୁ ମିଳିଛି । ଏଥିରେ ଜଟାବାଲର ସମସ୍ତ ଖ୍ରୀଷ୍ଟିୟ ମହିଳା, ପୁରୁଷ, ଯୁବକ, ଯୁବତୀ ଓ କୁନି କୁନି ପିଲାମାନେ ସାମିଲ ହୋଇ କ୍ୟାଣ୍ଡେଲ ଜାଳି ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ସ୍ଥାନୀୟ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଶୋଭାଯାତ୍ରା କରିଥିବା ଦେଖିବାକୁ ମିଳିଥିଲା। ପରେ ଏକ ବୈଠକର ଆୟୋଜନ କରି ଉକ୍ତ ବୈଠକରେ ହ୍ୟୁମାନ ସାଗରଙ୍କ ଜୀବନୀ, ତାଙ୍କ କର୍ମମୟ ଜୀବନ ଓ ଓଡିଆ ଇଣ୍ଡଷ୍ଟ୍ରିକୁ ତାଙ୍କ ମହାନ ଅବଦାନ ଉପରେ ଆଲୋକପାତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜଟାବାଲ ଖ୍ରୀଷ୍ଟିଆନ କମ୍ୟୁନିଟିର ସଭାପତି ଦିଲୀପ କୂଲଦୀପ, ଉପ ସଭାପତି ହପ୍ଲେନ କୂଲଦୀପ, ସେକ୍ରେଟେରୀ ଟୁକୁ ବାଘ, ସୁବାସ ଚେଟି, କୋଷାଧକ୍ଷ ମହେନ୍ଦ୍ର କୂଲଦୀପ, ଉପଦେଷ୍ଟା ମାନଙ୍କ ମଧ୍ୟରେ ମାନୁଏଲ ଖୁରା, ବାବୁନୁ ନାୟକ ସୁଶୀଳ ବାଘ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ପୌରାଞ୍ଚଳ 'ପରବ' ପାଇଁ କ୍ରିକେଟ୍ ମ୍ୟାଚ

ଜୟପୁର,୨୭ ।୧୧(ସମିସ): ଆଜି ସ୍ଥାନୀୟ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଖେଳ ପଡିଆ ଠାରେ ପୌରାଞ୍ଚଳ 'ପରବ ୨୦୨୫' ଉତ୍ସବ ପାଳନ ଅବସରରେ ୩ଟି ଦଳକୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ପୌର କାର୍ଯ୍ୟାଳୟ ଏକାଦଶ ଓ ପୌର ଚେୟାରମ୍ୟାନ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚେୟାରମ୍ୟାନ ଏକାଦଶ ପ୍ରଥମେ ବ୍ୟାଟିଂ କରିବା ସହ ନିର୍ଦ୍ଧାରିତ ୧୫ ଓଭରରେ ୧୨୮ ରନ ସଂଗ୍ରହ କରିଥିଲେ। ଲକ୍ଷ୍ୟ ହାସଲ ନେଇ ପୌର କାର୍ଯ୍ୟାଳୟ ଦଳ ମାତ୍ର ୧୦୦ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲେ। ଦ୍ୱିତୀୟ ମ୍ୟାଚ ସାମ୍ବାଦିକ ଏକାଦଶ ଓ ପୌର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ଏକାଦଶ ପ୍ରଥମେ ବ୍ୟାଟିଂ କରିବା ସହିତ ୧୦ ଓଭରରେ ୧୦୪ ରନ୍ ସଂଗ୍ରହ କରିଥିବା ବେଳେ ପୌର ଏକାଦଶ ଗୋଟିଏ ୱିକେଟ ହରାଇ ବିଜୟୀ ୧୦୫ ରନ୍ ସଂଗ୍ରହ କରିବା ସହ ବିଜୟୀ ହୋଇ ଚାମ୍ପିଅନ୍ ହୋଇଥିଲେ।

## ସରକାରୀ ନିର୍ଦ୍ଦେଶକୁ ଉଲ୍ଲଂଘନ

# ବେଆଇନ ଭାବେ ସ୍କୁଲ୍ ବନ୍ଦ କଲେ ପ୍ରଧାନ ଶିକ୍ଷକ

ବୈପାରୀଗୁଡ଼ା,୨୭।୧୧(ସମିସ): ପ୍ରଧାନ ଶିକ୍ଷକ ବିଦ୍ୟାଳୟକୁ ଅଘୋଷିତ ଛୁଟି ଘୋଷଣା କରି ସରକାରଙ୍କ ନିୟମକୁ ଖୋଲାଖୋଲି ଉଲଂଘନ କରିଥିବା ଅଭିଯୋଗ ହୋଇଛି। ସୂଚନା ପ୍ରକାରେ କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ୍ ଅନ୍ତର୍ଗତ କୋଲାର ପଞ୍ଚାୟତର ଟାଙ୍ଗୀନିଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଆଜି ପ୍ରଧାନଶିକ୍ଷକ ସ୍ଥାନୀୟ ଛୁଟି ରୂପେ ଘୋଷଣା କରିଥିଲେ। ବାସ୍ତବରେ ଆଖପାଖର ସମସ୍ତ ବିଦ୍ୟାଳୟ ଖୋଲାଥିବା ବେଳେ ଟାଙ୍ଗୀନିଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବନ୍ଦ ଥିବା ନେଇ ସନ୍ଦେହ ପ୍ରକଟ କରି ଅନେକ ଅଭିଭାବକ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ବୈପାରୀଗୁଡ଼ା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ପହଞ୍ଚି ଥିଲେ। ଆରଡିସିଙ୍କ ନିର୍ଦ୍ଦେଶ ଅନୁସାରେ ଆଜି ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ଥିବାରୁ ସେମାନେ ଆମ ପ୍ରତିନିଧିଙ୍କୁ ଏ ବିଷୟରେ ଜଣାଇଥିଲେ। ଆମ ପ୍ରତିନିଧି ଗ୍ରାଉଣ୍ଡ ଜିରୋରୁ ଏସମ୍ପର୍କରେ ତଥ୍ୟ ନେବାରୁ ପ୍ରଧାନଶିକ୍ଷକଙ୍କ ଦାୟିତ୍ୱହିନତା ପଦାକୁ ଆସିଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗମୋହନ ବାଗଙ୍କୁ ଏ ସମ୍ପର୍କରେ ପଚାରିବାରୁ ପ୍ରଥମେ ସେ ନିୟମ ପ୍ରକାରେ ମାର୍ଗଶୀର ମାସର ଶେଷ ଗୁରୁବାର ଉପଲକ୍ଷେ ସ୍ଥାନୀୟ ଛୁଟି ରୂପେ ବିଦ୍ୟାଳୟକୁ ଛୁଟି ଘୋଷଣା କରିଛୁ କହି ଅଭିଯୋଗକୁ ଟାଳି ଦେବାକୁ ଚେଷ୍ଟା କରିଥିଲେ । କିନ୍ତୁ ଚଳିତ ବର୍ଷ ରାଜ୍ୟ ସରକାର ନୂଆଁଖାଇ ଏବଂ ଦୀପାବଳି ପାଇଁ ସମଗ୍ର ରାଜ୍ୟର ଶିକ୍ଷାନୁଷ୍ଠାନକୁ ଦୁଇ ଦିନ ଅତିରିକ୍ତ ଛୁଟି ଘୋଷଣା ସହ ସ୍ଥାନୀୟ ଛୁଟିକୁ ବାତିଲ୍ କରିଥିଲେ ବୋଲି ଏହି ପ୍ରତିନିଧି ଶ୍ରୀ ବାଗଙ୍କୁ ପ୍ରଶ୍ନ କରିବାରୁ ସେ ନିଜ ଭୁଲ୍ ସ୍ୱୀକାର କରିଥିଲେ। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଭାବକ ମହଲରେ ଦାବି ହୋଇଛି। ସୂଚନା ଥାଉକି ଏହି ବିଦ୍ୟାଳୟରେ ନିୟମିତ ପ୍ରଧାନଶିକ୍ଷକ ନଥିବାରୁ ଶ୍ରୀ ବାଗ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରୂପେ ଦାୟିତ୍ୱ ତୁଲାଉଛନ୍ତି। ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ପାଇଁ ପୂର୍ବରୁ ଅଭିଭାବକଗଣ ଦାବି କରିଆସୁଛନ୍ତି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Green 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar.
Contact Gadhwal Group.
9437015112

## ଗଞ୍ଜେଇ ଚୋରା ଚାଲାଣରେ ରାଜ୍ୟ ବାହାର ଯୁବଗୋଷ୍ଠୀ

# ୮ ମାସରେ ଗିରଫ ହେଲେଣି ୪୮



କୋରାପୁଟ,୨୭।୧୧(ସମିସ): କୋରାପୁଟ ଜିଲ୍ଲା ଗଞ୍ଜେଇର ଚାହିଦା ସାରା ଦେଶରେ ରହିଛି। ତେଣୁ ଦିଲ୍ଲୀ, ବିହାର, କେରଳ, ପଣ୍ଡିଚେରୀ, ୟୁପି, ତାମିଲନାଡୁ, ଝାଡଖଣ୍ଡ ଏବଂ ମହାରାଷ୍ଟ୍ରକୁ ଚାଲାଣ ହେଉଛି କୋରାପୁଟର ଗଞ୍ଜେଇ। ଗଞ୍ଜେଇ ଚାଲାଣର ମାଧ୍ୟମ କୋରାପୁଟର ରେଳପଥ ପାଲଟିଥିବା ବେଳେ ଚାଲାଣକାରୀ ସାଜିଛନ୍ତି ବାହାର ରାଜ୍ୟର ବହୁ ଉଚ୍ଚ ଶିକ୍ଷିତ ଯୁବକ ଯୁବତୀ। ପୂର୍ବରୁ ନଜିର ରହିଛି ଆମ୍ବୁଲାନ୍ସ, କଣ୍ଟେନର, ଟ୍ରକ୍, ବସ ଓ ଦାମୀ କାରରେ ଗଞ୍ଜେଇ ଚାଲାଣ ହେବା। ଭିନ୍ନ ଭିନ୍ନ ଥାନାରେ ପୁଲିସ ବି ଜବତ କରିଛି ଗଞ୍ଜେଇ। ସବୁବେଳେ ଡ୍ରାଇଭର ଓ ଏସ୍କର୍ଟ ଫସୁଥିବା ବେଳେ ମାଷ୍ଟର ମାଇଣ୍ଡ ପଛରେ ରହି ଯାଉଥିଲେ। ଏବେ କିନ୍ତୁ ପୋଲିସକୁ ଚକମା ଦେବା ପାଇଁ ମାଷ୍ଟରମାଇଣ୍ଡ ମାଫିଆ ମାନେ ନୂଆ ତରିକା ଆପଣାଉଛନ୍ତି, ଯାହାକି ୧୮ ରୁ ୩୦ ବର୍ଷର ଉଚ୍ଚ ଶିକ୍ଷିତ ଯୁବକ ଯୁବତୀ ପର୍ଯ୍ୟଟକ ବା ଯାତ୍ରୀ ହୋଇ ଆସୁଛନ୍ତି, ଲଗେଜରେ ଗଞ୍ଜେଇ ନେଇ ଫେରୁଛନ୍ତି। ଆଉ ଧରା ପଡିଲେ ବନ୍ଧା ହେଉଛନ୍ତି। ତଥ୍ୟ ଦେଖିଲେ ଗତ ଜାନୁଆରୀ ମାସରୁ ଏବେ ପର୍ଯ୍ୟନ୍ତ ବାହାର ରାଜ୍ୟର ୮ ଯୁବତୀ, ୪୦ ଯୁବକ ଗିରଫ କରି ଜେଲ ପଠାଇଛି ଜିଆରପି। ସେମାନଙ୍କ ଠାରୁ ୩୪୩ କେଜି ଗଞ୍ଜେଇ ମଧ୍ୟ ଜବତ ହୋଇଛି। ଶିକ୍ଷିତ ଯୁବକ ଓ ଯୁବତୀ ମାନେ ସହଜରେ ଅର୍ଥ ଉପାର୍ଜନ ପାଇଁ କୋରାପୁଟ ରେଳପଥକୁ ଏବେ ମାଧ୍ୟମ କରିଛନ୍ତି। କିରଣ୍ଡୁଲ ବିଶାଖାପାଟଣାମ ଟ୍ରେନ୍‌ରେ ବିଶାଖାପାଟଣା ଯାଇ ସେଠାରୁ ୟୁପି, ତାମିଲନାଡୁ, ମହାରାଷ୍ଟ୍ର ଓ ଝାଡଖଣ୍ଡ ଭଳି ରାଜ୍ୟକୁ ଯାଉଥିବା ବେଳେ କୋରାପୁଟ ରାୟଗଡା ଦେଇ ଯାଉଥିବା ଟ୍ରେନରେ ଦିଲ୍ଲୀ ଯାଉଥିବା ସୂଚନା ରହିଛି। ସେମାନଙ୍କ ଭିତରେ ୧୦ମ ପାସ ଠାରୁ ଆରମ୍ଭ କରି ବିଟେକ,ଆଇଟିଆଇ ଏବଂ କଲେଜ ପଢୁଆ ମଧ୍ୟ ରହିଛନ୍ତି। କୋରାପୁଟ ଶିଳାବତୀ ଗଞ୍ଜେଇର ବିଭିନ୍ନ ରାଜ୍ୟରେ ବିଭିନ୍ନ ଦର ରହିଛି। ତେବେ ଚାଲାଣକାରୀ କେଜି ପ୍ରତି ୧ ହଜାରରୁ ୧୫ଶହ ଟଙ୍କାରେ କିଣି ୧୦ ହଜାରରୁ ଅଧିକ ଦରରେ ବିକ୍ରି କରୁଛନ୍ତି। ଅନ୍ୟପଟେ ଯଦି ୧୦ ଗ୍ରାମ ପ୍ୟାକେଟ କରି ୫ ଶହ ଟଙ୍କା ଦରରେ ବିକ୍ରି କରୁଛନ୍ତି। ସୂଚନା ଅନୁଯାୟୀ, କୋରାପୁଟ ଜିଆରପି ଥାନାରେ ୨୦୨୪ ମସିହାରେ ୧୭ଟି ଗଞ୍ଜେଇ ମାମଲା ରୁଜୁ ହୋଇଥିବା ବେଳେ ଚଳିତବର୍ଷ ୯ ମାସ ଭିତରେ ୩୩ଟି

**▶ ମାଧ୍ୟମ ପାଲଟିଛି ରେଳଷ୍ଟେସନ**
**▶ ୧୯ ରୁ ୩୦ ବର୍ଷ ଭିତରେ ରହିଛନ୍ତି ଉଚ୍ଚ ଶିକ୍ଷିତ**

ମାମଲା ରୁଜୁ କରି ୪୮ ଜଣକୁ ଗିରଫ କରିଛି ଜିଆରପି। ଏଥିରେ ୮ ଜଣ ମହିଳା, ୪୦ ଜଣ ଛାତ୍ର ଏବଂ ଅନ୍ୟ ୯ ଜଣ ମାଷ୍ଟରମାଇଣ୍ଡକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରଶ୍ନ ଉଠୁଛି ଯଦି କୋରାପୁଟ, ଜୟପୁର, ପାଡୁଆ ଅଞ୍ଚଳରୁ ୪୮ ଧରାପଡିଛନ୍ତି କିନ୍ତୁ ଅନେକ ଖସି ଯାଇଛନ୍ତି ବୋଲି ଅନୁମେୟ। ଅର୍ଥ ଉପାର୍ଜନର ମାଧ୍ୟମ ଏବେ ଗଞ୍ଜେଇ ପାଲଟିଥିବା ବେଳେ ଧରାପଡିଲେ ବର୍ଷ ବର୍ଷ ଧରି ଜେଲ ଭୋଗୁଛନ୍ତି ଶିକ୍ଷିତ ଯୁବକ ଯୁବତୀ। ତେଣୁ କିଏ କିଣୁଛି ଓ କାହା ଇଙ୍ଗିତରେ ଲମ୍ବିଛି ଏ ଆର୍ନ୍ତରାଜ୍ୟ ଗଞ୍ଜେଇ ଚେର ଉପାଡିବା ପାଇଁ ଦାବି କରୁଛନ୍ତି ବୁଦ୍ଧିଜୀବୀ। ଏ ନେଇ କୋରାପୁଟ ଜିଆରପି ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷୀ ମହନ୍ତ କହିଛନ୍ତି ଯୁବକ ଯୁବତୀ ମାନେ ଟୁରିଷ୍ଟ ହିସାବରେ କୋରାପୁଟ ବୁଲିବାକୁ ଆସି ଗଞ୍ଜେଇ ନେଇ ଯିବା ସମୟରେ ଧରା ପଡୁଛନ୍ତି। କମ୍ ବୟସରେ ଅଧିକ ଟଙ୍କା ରୋଜଗାର କରିବାର ଲୋଭ ସେମାନଙ୍କ କ୍ୟାରିୟର ନଷ୍ଟ କରି ଦେଉଛି ବୋଲି ସେ କହିଛନ୍ତି। ଗଞ୍ଜେଇ ଚୋରାଚାଲାଣର କିଛି ମାଷ୍ଟର ମାଇଣ୍ଡଙ୍କୁ ଜିଆରପି ଧରିଛି । ଆଗାମୀ ଦିନରେ ଟ୍ରେନ୍‌ରେ ଚେକିଂ ଆହୁରି କଡାକଡି କରାଯିବ ବୋଲି ସେ କହିଛନ୍ତି।

## ମାଁ ଧନଲକ୍ଷ୍ମୀ ପୂଜା ଆରମ୍ଭ

କଲ୍ୟାଣସିଂହପୁର,୨୭।୧୧(ସମିସ): କଲ୍ୟାଣସିଂହପୁର ବ୍ଲକ ସଦର ମହକୁମାର ହନୁମାନ ଜଙ୍ଗସନ କ୍ଲବ୍‌ର ପୂଜା କମିଟି ଆନୁକୂଲ୍ୟରେ ମାଣବସା ଗୁରୁବାର ଧନଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳୁ ରୀତିନୀତି ଅନୁଯାୟୀ ଅଙ୍କୁରାରୋପଣ, ମଣ୍ଡଳ, ସୂର୍ଯ୍ୟ ପୂଜା, ମା ଲକ୍ଷ୍ମୀଙ୍କ ଆବାହନ,ହୋମ ଇତ୍ୟାଦି ପୂଜା ଆରମ୍ଭ କରାଯାଇଛି। ଚଳିତ ମାସ ୨୭ ତାରିଖ ଠାରୁ ୮ ତାରିଖ ପର୍ଯ୍ୟନ୍ତ ପୂଜା ହେଉଥିବା ଜଣାପଡିଛି। ସନ୍ଧ୍ୟାରେ କଳସ ଯାତ୍ରାରେ ରାସ୍ତା ପରିକ୍ରମା କରି ସ୍ଥାନୀୟ ନାଗାବଳୀ ଓ କଲ୍ୟାଣୀ ନଦୀ ସଙ୍ଗମ ସ୍ଥଳରୁ ଜଳ ଉଠାଇ ସ୍ଥାନୀୟ ପୁରୋହିତ ବାପିନ ମିଶ୍ରଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ଗଙ୍ଗାଙ୍କୁ ଆହ୍ୱାନ କରି କଳସରେ ସୁବାସିତ ଜଳ ନେଇ ଅସ୍ଥାୟୀ ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଏହାପରେ ବାଜାବାଜଣା ବଜାଇ ବାଣ ଫୁଟାଇ ଶଙ୍ଖ ଧ୍ୱନୀ କରି ଜଗନ୍ନାଥ ମନ୍ଦିରରେ ଥିବା ମା'ଲକ୍ଷ୍ମୀ ଠାକୁରାଣୀଙ୍କ ଠାରୁ ଆଜ୍ଞାମାଳ ନେଇ ଅସ୍ଥାୟୀ ମଣ୍ଡପରେ ପୂଜା ଆରମ୍ଭ କରିଥିଲେ। ମେଢ଼, ତୋରଣ ଓ ଆଲୋକରେ ପୂଜାମଣ୍ଡପକୁ ସୁସଜିତ କରାଯାଇଛି। ୨୭ ତାରିଖ ସନ୍ଧ୍ୟାରେ ୩୦୦୧ ଦୀପ ଯଜ୍ଞ, ଡିସେମ୍ବର ୬ ତାରିଖ ଦିନ ଅନ୍ନ ପ୍ରସାଦ ଭକ୍ତଙ୍କ ପାଇଁ ହୋଇଥିବା ସୂଚନା ମିଳିଛି।୨୮ ତାରିଖରୁ ଅପେରା ଯାତ୍ରା ସମ୍ରାଟ ପୃଥିବୀରାଜ ଡସେମ୍ବର ୩ ତାରିଖ ପର୍ଯ୍ୟନ୍ତ ଟିକଟ ସୋ'ରେ ଆୟୋଜନ ହେବ। ଭସାଣି ଉତ୍ସବ ୮ତାରିଖରେ ୫ଘଣ୍ଟିକା ସମୟରେ କରାଯିବ ବୋଲି ଜଣାପଡିଛି। ଏହି ପୂଜା ଦେଖିବା ପାଇଁ ବ୍ଲକର ବହୁ ଭକ୍ତଙ୍କ ଭିଡ଼ ଲାଗିଥିବା ଦେଖିବାକୁ ମିଳେ। ଏଥିରେ ପୂଜା କମିଟ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଛନ୍ତି।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ଗୁଡାରି, ୨୭।୧୧ (ସମିସ): ଗୁଡାରୀ ବ୍ଲକ୍ ଏଲ୍‌ଏଲ୍‌ଏଲପୁର୍ ପ୍ରାଥମିକ ସେବାଶ୍ରମ ଠାରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ପ୍ରଧାନ ଶିକ୍ଷକ ଦିଲୀପ କୁମାର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଗତ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ବିଦାୟକାଳୀନ ସମ୍ବର୍ଦ୍ଧନାରେ ମୁଖ୍ୟ ଅତିଥି ଭାବେ ଗୁଡାରୀ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା , ମୁଖ୍ୟବକ୍ତା ଭାବେ ସାଧନ କର୍ମୀ ଅବନୀ କାନ୍ତ ହରିଚନ୍ଦନ , ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର କର୍ମକର୍ତ୍ତା ଷ୍ଟିଫେନସନ୍ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶ୍ୱିନୀ କୁମାର ଖାଡ଼ଙ୍ଗା, ତ୍ରିନାଥ ମିଶ୍ର, ଶିକ୍ଷକ ନଗେନ୍ଦ୍ର ପୁରୋହିତ, ରିଲିଫ ତ୍ରିପାଠୀ, ଗ୍ରାମବାସୀ ଗଙ୍ଗାଧର ଶବର ଓ ସଭାପତି ରୂପେ ବିଦ୍ୟାଳୟ ପରିଚାଳନ କମିଟି ସଭାପତି ମହେଦ୍ର ଶବର ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ମଞ୍ଚାସୀନ ଅତିଥିଙ୍କ ଅଭିଭାଷଣ ପରେ ବିଦ୍ୟାଳୟ ତରଫରୁ ଅବସରପ୍ରାପ୍ତ ଶିକ୍ଷକ ତ୍ରିନାଥ ମିଶ୍ର, ନଗେନ୍ଦ୍ର ପୁରୋହିତ ଓ ଅଶ୍ୱନୀ କୁମାର ଖାଡ଼ଙ୍ଗାଙ୍କୁ ଗୀତା, ଛତା, ଉପହାର ତଥା ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ତଥା ବିଦ୍ୟାଳୟ ପରିଚାଳନ କମିଟି ସଭ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

● ଡାକ୍ତରଙ୍କ ଆନ୍ଦୋଳନକୁ ସପ୍ତାହ ବିତିଲା

## କଳା ପୋଷାକ ପରିଧାନ କରି ପ୍ରତିବାଦ



କୁନ୍ଦୁରା, ୨୭।୧୧(ସମିସ): କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ବିଭିନ୍ନ ଦାବି ନେଇ କଳା ପୋଷାକ ପରିଧାନ କରିଛନ୍ତି କାର୍ଯ୍ୟରତ ଡାକ୍ତରମାନେ। ହେଲେ ଆନ୍ଦୋଳନକୁ ସପ୍ତାହ ବିତିଲାଣି। କୌଣସି ପଦକ୍ଷେପ ନେଉନାହାନ୍ତି ସରକାର। ଏଣୁ ଆଗାମୀ ଦିନରେ କାର୍ଯ୍ୟ ବନ୍ଦ ଆନ୍ଦାଳନ ଚେତାବନୀ ଦେଇଛନ୍ତି ମେଡିକାଲ୍ ସେବା ସଂଘ। ଓଡ଼ିଶା ମେଡିକାଲ୍ ସେବା ସଂଘ ପକ୍ଷରୁ ଦିଆଯାଇଥିବା ଡାକରାରେ କେନ୍ଦ୍ରୀୟ ଡିଏସିପି ଏଥିରେ ଆଡ୍- ହକ୍ ଏବଂ ଚୁକ୍ତିନାମା ଅବଧି ଅନ୍ତର୍ଭୁକ୍ତ, କ୍ୟାଡର୍ ପୁନର୍ଗଠନ, କେବିକେ ଏକ୍ଜିଟ ନୀତି, କାର୍ଯ୍ୟସ୍ଥଳରେ ସୁରକ୍ଷା, ସ୍ୱାସ୍ଥ୍ୟବୀମା, ନିୟମିତ ଡିପିସି, ସମସ୍ତ ପ୍ରକାର ଭତ୍ତାରେ ସଂଶୋଧନ ଆଦି ୧୮ ଦଫା ଦାବି ରଖାଯାଇଛି। ଏ ସବୁ ଦାବି ପୂରଣ ପାଇଁ ଗତ ୨୦ ତାରିଖ ଠାରୁ କଳା ବ୍ୟାଜ୍ ପରିଧାନ କରିଛନ୍ତି। ମାସେ ପର୍ଯ୍ୟନ୍ତ ଏଭଳି କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବେ। ଏହା ଭିତେର ସରକାର ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ, ପରବର୍ତ୍ତୀ ସମୟରେ କେବଳ ଜରୁରୀ ସ୍ୱାସ୍ଥ୍ୟସେବା ଜାରି ରହିବ, ଓପିଡି ବନ୍ଦ ରହିବ ବୋଲି ସୂଚନା ଦେଇଛନ୍ତି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗଣେଶ ପ୍ରସାଦ ଦାସ। ଆଜି କାର୍ଯ୍ୟରତ ଡାକ୍ତର ଶ୍ରୀ ଦାସଙ୍କ ସମେତ ଡାକ୍ତର ଦେବାଶିଷ ମହାରଣା, ଜୟପ୍ରକାଶ, ଅରବିନ୍ଦ ପଣ୍ଡା ଓ ହରିଶ୍ଚନ୍ଦ୍ର ପ୍ରଧାନ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ୨୮ରେ ବ୍ୟାଙ୍କ ଜମାରାଶି ସୁରକ୍ଷା ସଚେତନତା ଶିବିର

ନନ୍ଦପୁର,୨୭।୧୧ (ସମିସ): ଚଳିତ ମାସ ୨୮ ତାରିଖ ତଥା ଶୁକ୍ରବାର ପୂର୍ବାହ୍ନ ସାଢେ ୧୦ଟା ରେ କୋରାପୁଟ ସହରର ସଦ୍‌ଭାବନା ହଲରେ 'ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର' ଶୀର୍ଷକ ସଚେତନତା ଶିବିର ଅନଷ୍ଠିତ ହେବ। ଶିବିରରେ ଦାବିହୀନ ଖାତା ସମ୍ବନ୍ଧୀୟ ସବିଶେଷ ସୂଚନା ଦିଆଯିବ। ଜନସାଧାରଣ ନିଜପୁଞ୍ଜି ଉପରେ ପୂର୍ଣ୍ଣ ଅଧିକାର ସାବ୍ୟସ୍ତକୁ ସଫଳ କରିବା ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାର ବ୍ୟାଙ୍କ ଓ ଅଧିକାରୀ ସଂସ୍ଥା ମିଶି ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି ବୋଲି ଷ୍ଟେଟବ୍ୟାଙ୍କର କ୍ଷେତ୍ରୀୟ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ସୁବାସ ଚନ୍ଦ୍ର ବେହେରା ଓ ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଦେବେନ୍ଦ୍ର କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

## ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ



ଲମତାପୁଟ,୨୭।୧୧,(ସମିସ): ଗତ ବୁଧବାର କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ଲମତାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଲମତାପୁଟ ବ୍ଲକ ବିଡିଓ ଜୟନ୍ତ କୁମାର ମେହେର, ସମ୍ମାନିତ ଅତିଥି ଜିଲ୍ଲାପରିଷଦ ପୂର୍ଣ୍ଣଚନ୍ଦ୍ର ପାଙ୍ଗି, ବିଜେପି ମହିଳା ସଭାନେତ୍ରୀ ରଞ୍ଜିତା ଖରା ଯୋଗ ଦେଇଥିଲେ। ମୋଟ ୧୦୨ ଗୋଟି ପ୍ରୋଜେକ୍ଟ ପ୍ରଦର୍ଶନ ହୋଇଥିଲା। ସେଥିମଧ୍ୟରୁ ୪୪ଟି ପ୍ରୋଜେକ୍ଟ ଛାତ୍ରମାନେ ପ୍ରଦର୍ଶନ କରିଥିବା ବେଳେ ଏବଂ ୫୮ ଟି ଛାତ୍ରୀମାନେ ପ୍ରଦର୍ଶନ କରିଥିଲେ। ମେଳାରେ ମୋଟ ୪୨ଟି ବିଦ୍ୟାଳୟ ଭାଗ ନେଇଥିଲେ ଏବଂ ୪୨ ଜଣ ଗାଇଡ୍ ଟିଚର ଏବଂ ୨୭ ଜଣ ବିଚାରକ ଉପସ୍ଥିତ ଥିଲେ। ଏହି ମେଳାରେ ବ୍ଲକର ଅଧିକାଂଶ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବ୍ଲକ ଶିକ୍ଷାଧିକାରୀ ଦିନେଶ କୁମାର କିସ୍କଙ୍କ ପରିଚାଳନାରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଖ୍ରୀଷ୍ଟଦାନ ସୁନା ଏବଂ ଶିବାନୀ ମୁଦୁଲି, ୪ ଜଣ ସିଆରସିସି ସନାତନ ନାଥ, ସୁଲେମାନ ଶବର, ଅଜୟ କୁମାର ଖଣ୍ଡପାଣି, ବରଦା ପ୍ରସାଦ ସ୍ୱାଇଁ, ମିସିଙ୍ଗପୁଟ ଆଦର୍ଶ ବିଦ୍ୟାଳୟ ଅଧକ୍ଷ ସାଗର କୁମାର ବେହେରା, ଲମତାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ବେନିଆ ଉପସ୍ଥିତ ରହି କୃତି ଛାତ୍ର ଛାତ୍ରୀଙ୍କୁ ମୋଟ ୨୭ଟି ପ୍ରୋଜେକ୍ଟ ଉପରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ୭ଜଣ ପ୍ରଥମ ପୁରସ୍କାର ବିଜେତାଙ୍କୁ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବା ପାଇଁ ମନୋନୀତ କରାଯାଇଛି। ଲମତାପୁଟ ହାଇସ୍କୁଲର ଖେଳ ଶିକ୍ଷକ ରବି ନାରାୟଣ ସାମଲ ମଞ୍ଚ ପରିଚାଳନା କରିଥିଲେ।

## ଓଡ଼ିଆ ପାଠ୍ୟକ୍ରମ ରୂପରେଖ ଦିଗଦର୍ଶନ କାର୍ଯ୍ୟକ୍ରମ

### ୭ଟି ଜିଲ୍ଲାର ୨୬୨ଟି ସାଧନକର୍ମୀଙ୍କ ଯୋଗଦାନ



ଜୟପୁର୨୭ ।୧୧(ସମିସ): ରାଜ୍ୟରେ ନୂତନ ଶିକ୍ଷାନୀତି ଅନୁଯାୟୀ, ଓଡିଆ ପାଠ୍ୟକ୍ରମର ରୂପରେଖ ଓ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ସଞ୍ଚାଳନ ନିମନ୍ତେ ୭ଟି ଜିଲ୍ଲାର ୨୬୨ଟି ମୁଖ୍ୟ ସାଧନ କର୍ମିଙ୍କୁ ତାଲିମ ତଥା ଦିଗଦର୍ଶନ କାର୍ଯ୍ୟକ୍ରମ ଆଜି ସହରର ଦୁଇଟି ହୋଟେଲର ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ହୋଇଥିଲା। ରାଜ୍ୟ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ବୈଷୟିକ ଗବେଷଣା କେନ୍ଦ୍ର ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ଆୟୋଜିତ ଏହି ଦିଗଦର୍ଶନ କାର୍ଯ୍ୟକ୍ରମ ଆସନ୍ତା ଆଜି ଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆଜି ଏହି କାର୍ଯ୍ୟକ୍ରମକୁ ଜୟପୁର ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ସହିତ ଉଦଘାଟନ କରିଥିଲେ। ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ ଡ.ରୂପଚନ୍ଦ୍ର ସୋରନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯକ୍ରମରେ ରାଜ୍ୟସ୍ତରୀୟ ରିସୋର୍ସ ପର୍ସନ ତଥା ପ୍ରଶିକ୍ଷକ ମାନେ ଯୋଗଦେଇ କୋରାପୁଟ, ନବରଙ୍ଗପୁର, ରାୟଗଡା, ମାଲକାନଗିରି, ଗଞ୍ଜାମ, ଗଜପତି ଏବଂ କଳାହାଣ୍ଡି ଜିଲ୍ଲାରୁ ଆସିଥିବା ୨୬୨ ଜଣ ରିସୋର୍ସପର୍ସନଙ୍କୁ ତାଲିମ ତଥା ଦିଗଦର୍ଶନ ଦେଇଥିଲେ। ଏଠାରୁ ତାଲିମ ଗ୍ରହଣ କରିବା ପରେ ସେମାନେ ନିଜ ନିଜ ଜିଲ୍ଲା ରିସୋର୍ସ ପେରସନ ମାନଙ୍କୁ ତାଲିମ ପ୍ରଦାନ କରିବେ। ଏହି ଅବସରରେ ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ନିଯୁକ୍ତ ଅପେପାର ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ଡ. ସନାତନ ପଣ୍ଡା, ମାଧ୍ୟମିକ ଶିକ୍ଷା ପରିଷଦର ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ଏକାଡେମିକ ଅଧିକାରୀ ଡ.କିଶୋର ଚନ୍ଦ୍ର ମହାନ୍ତି, ଜୟପୁର ଡିଆଇଇଟିର ବରିଷ୍ଠ ପ୍ରଶିକ୍ଷକ ଉମାକାନ୍ତ ବାଇପାଇ, କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ଡ. ଭରତ ପଣ୍ଡା,. ଭବାନୀପାଟଣା ଡିଆଇଟିର ବରିଷ୍ଠ ପ୍ରଶିକ୍ଷକ ଇଶ୍ୱର ଚନ୍ଦ୍ର ବେହେରା, ଗଞ୍ଜାମ ଜିଲ୍ଲା ଆସିକା ବିଜ୍ଞାନ ମହାବିଦ୍ୟାଳୟର ଓଡିଆ ବିଭାଗକ ଅଧ୍ୟାପକ ଡ.ଅଜିତ କୁମାର ମୁନୀ, କୋରାପୁଟ ଜିଲ୍ଲା ଗଡପଦର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ପଣ୍ଡା, ବରଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତଥା ହିନ୍ଦି ବିଭାଗର ମୁଖ୍ୟ ଦିଲ୍ଲୀପ କୁମାର ସାଠୁଆ, ଡିଟିଇ ଏବଂ ଏସସିଇଆରଟିର ସରକାରୀ ନିର୍ଦ୍ଦେଶକ ଭାରତୀ ଟୁଡୁ, ବରଗଡ ଡିଆଇଇଟି ଆଜାଦ ଶେଖର ପ୍ରଧାନ, ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଜାମରଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଡ. ପ୍ରଦୀପ କୁମାର ମିଶ୍ର, ପୁରୀ ଜିଲ୍ଲା ନିମାପଡା ବ୍ଲକ ଭଗବତୀପୁର ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତଥା ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଇଶ୍ୱର ଚନ୍ଦ୍ର ନାୟକ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ଯୋଗଦେଇ ତାଲିମ ନେଇଥିଲେ।

## ସ୍ୱଚ୍ଛତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଖଇରପୁଟ,୨୭ ।୧୧(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଣ୍ଡିଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଅମର ଜ୍ୟୋତି ଫାଉଣ୍ଡେସନ ଓ ରେକୀଟ୍ ଇଣ୍ଡିଆର ମିଳିତ ଉଦ୍ୟମରେ ସ୍ୱଚ୍ଛତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲିପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ଦିଲୀପ କୁମାର ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଶିକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର ପ୍ରଧାନ ଏବଂ ସମସ୍ତ ସିଆରସିସି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଥମ ଦିନରେ ବ୍ଲକର ୫୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ପ୍ରଥମେ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଇ ନିସ୍ୱାର୍ଥପର ପର ଭାବେ କାର୍ଯ୍ୟ କରିବାକୁ ବିଇଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ କୋରାପୁଟ ଜିଲ୍ଲା ପ୍ରକଳ୍ପ ସଂଯୋଜକ ତାପସ ହୋତା ଏବଂ କନ୍ଧମାଳ ଜିଲ୍ଲା ସଂଯୋଜକ ଅର୍ଜୁନ କର୍ମୀ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ। ଗୋଷ୍ଠୀ ପ୍ରଶିକ୍ଷଣ ବିନ୍ଦୁ ଖମାରି, ଯୋଗ୍ୟତା ପୂଜାରୀ, ଲକ୍ଷ୍ମଣ କିର୍ଷାନୀ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ସରକାର ଏପରି ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ସବୁ ମହଲରେ ପ୍ରଶଂସା କରାଯାଇଛି। ଶେଷରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ମହିଳା ସ୍ନାତକ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ




ନବରଙ୍ଗପୁର,୨୭।୧୧ (ସମିସ): ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶାନୁସାରେ ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ "ସମ୍ବିଧାନ ଦିବସ" ଜାତୀୟ ସେବା ଯୋଜନା ଏବଂ ଯୁବ ରେଡ୍‌କ୍ରସର ସଂଯୁକ୍ତ ଆୟୋଜନରେ ପାଳିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷା ମାଳେଶ୍ୱରୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଫଳ ଭାବେ ସମ୍ପାଦିତ ହୋଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ସଂଯୋଗରେ ନୈତିକ ଆଇନ ସେବା ଏବଂ ସମ୍ବିଧାନ ବୈଷୟିକ ବିଶେଷ ଆଲୋଚନା ହୋଇଥିଲା। ଏଥିରେ ଜିଲ୍ଲା କୋର୍ଟର ଲିଗାଲ ଏଇଡ୍ ସେକ୍ରେଟାରୀ ଶାଶ୍ୱତୀ ମିଶ୍ର ସମ୍ବିଧାନର ପ୍ରସ୍ତାବନାର ପ୍ରତ୍ୟେକ ଶବ୍ଦର ଗୁରୁତ୍ୱକୁ ସହଜ ଭାବରେ ବ୍ୟାଖ୍ୟା କରିଥିଲେ। ନବରଙ୍ଗପୁର ଜିଲ୍ଲା ବାର ଅସୋସିଏସନର ସଭାପତି ସିରାଜ ଉଦ୍ଦିନ ଅହମଦ, ଉପସଭାପତି ସଦାଶିବ ସାହୁ ଉପସ୍ଥିତ ଥାଇ ଛାତ୍ରୀମାନଙ୍କ ମଧ୍ୟରେ ସମ୍ବିଧାନ ସଚେତନତା ବିକାଶ, ଏବଂ ଦୈନନ୍ଦିନ ଜୀବନରେ ସମ୍ବିଧାନର ମୂଲ୍ୟବୋଧକୁ କାର୍ଯ୍ୟକାରୀ କରିବା ଉପରେ ଆଲୋକପାତ କରିଥିଲେ। ଆସିଷ୍ଟାଣ୍ଟ କାଉନ୍‌ସେଲର ରାଜକିଶୋର ନାଗ, ପାନେଲ ଲୟର କିଶୋରୀ ପଟ୍ଟନାୟକ ଛାତ୍ରୀମାନଙ୍କୁ ସମ୍ବିଧାନର ମୁଖବନ୍ଧ-ଶପଥ ପାଠ କରାଇଥିଲେ। ସମଗ୍ର କାର୍ଯ୍ୟକ୍ରମଟିକୁ ରାଜନୀତି ବିଭାଗର ବିଭାଗୀୟ ମୁଖ୍ୟ ନୃପେନ୍ଦ୍ର ନାଥ ଖୋସଲା ପରିଚାଳନା କରିଥିଲେ। ଶେଷରେ ଡ. ଏମ୍. ରୋହିଣୀ ରାଣୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିନୋଦ ବିହାରୀ ପ୍ରଧାନ, ଡ. ସଂଯୁକ୍ତା ପଣ୍ଡା, ରଞ୍ଜୁଷା କୁମାରୀ ପ୍ରହରାଜ, ତାଇରା ବେଗମ, ସୁନିତା ପାତ୍ର, ଲକ୍ଷ୍ମୀକାନ୍ତ ସୌରା, ତାରାନୁମ୍ ଆରା ସହଯୋଗ କରିଥିଲେ।

## ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

ଉମରକୋଟ,୨୭।୧୧ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଭାମିନି ପଞ୍ଚାୟତ ଗୁଚା ଗୁଡା ଠାରେ ବେକେରୀ ଉତ୍ପାଦ ପ୍ରସ୍ତୁତି ଏବଂ ଏହାର ପ୍ୟାକେଜିଂ ଉପରେ ଦୁଇ ଦିନିଆ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ୪୯ ଜଣ ଅଂଶ ଗ୍ରହଣକାରୀ ଯୋଗ ଦେଇଥିଲେ। ୬ ଜଣ ପୁରୁଷ ଏବଂ ୪୩ ଜଣ ମହିଳା ଅଂଶ ଗ୍ରହଣକାରୀ ଥିଲେ। ମହିଳା ଅଂଶ ଗ୍ରହଣକାରୀ ମାନେ ମୁଖ୍ୟତଃ ସ୍ଥାନୀୟ ସ୍ୱୟଂସହାୟକ ଗୋଷ୍ଠୀରୁ ଥିଲେ। ଅଂଶ ଗ୍ରହଣକାରୀଙ୍କ ମଧ୍ୟରୁ ୪ ଜଣ ଅନୁସୂଚିତ ଜାତି ବର୍ଗର, ୪୧ ଜଣ ଅନୁସୂଚିତ ଜନଜାତି ବର୍ଗର ଏବଂ ୪ ଜଣ ଅନ୍ୟାନ୍ୟ ପଛୁଆ ବର୍ଗ ବର୍ଗର ଥିଲେ। ତାଲିମରେ ମୌଳିକ ବେକରି ସାମଗ୍ରୀ, ସରଳ ପ୍ୟାକେଜିଂ କୌଶଳ ଏବଂ ଗ୍ରାମସ୍ତରୀୟ ୟୁନିଟ୍ ପାଇଁ ଉପଯୁକ୍ତ ଉଦ୍ୟୋଗୀ ଅଭିମୁଖୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ନବରଙ୍ଗପୁର ରେଳ ଜମି ଅଧିଗ୍ରହଣ କାର୍ଯ୍ୟ ତୁରନ୍ତ ଶେଷ ହେଉ: ବଳଭଦ୍ର ମାଝୀ



ନବରଙ୍ଗପୁର,୨୭।୧୧(ସମିସ): ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝୀଙ୍କ ଅଧକ୍ଷତାରେ ଦିଶା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଯୁଗ୍ମ ନିର୍ଦ୍ଦେଶକ ବିମ୍ବାଧର ସେଠୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପାଢ଼ୀ, ରାଜ୍ୟସଭା ପ୍ରତିନିଧି କାଜମ ମାଦାନି, ନବରଙ୍ଗପୁର ବିଧାୟକ ପ୍ରତିନିଧି ମୃତ୍ୟୁଞ୍ଜୟ ମହାର, ଝରିଗାଁ ବିଧାୟକ ପ୍ରତିନିଧି ଗୋବିନ୍ଦ ଜୈନ ଉପସ୍ଥିତ ଥିଲେ। ବୈଠକରେ ପୌରପାଳିକା ନବରଙ୍ଗପୁର ଅଧକ୍ଷ କୁନୁ ନାୟକ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର , ଦିସା ସଦସ୍ୟ ଜଗଦୀଶ ବିଷୋୟୀ, ଝାଡେଶ୍ୱର୍ ଖାଡ଼ାଙ୍ଗା ଉପସ୍ଥିତ ଥିଲେ। ପ୍ରଥମେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ସଭା ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ଆୟୁଷ୍ମାନ କାର୍ଡ ଓ ବୟୋବନ୍ଦନା କାର୍ଡ ବିତରଣ, ସିକିଲସେଲ, ଥାଲ ସେମିଆ,ମ୍ୟାଲେରିଆ ରୋଗ,ଉଚ୍ଚ ରକ୍ତଚାପ, ମଧୁମେହ , ଯକ୍ଷ୍ମା ରୋଗର ସ୍କ୍ରିନିଂ, ନିରାକରଣ ଓ ଔଷଧ ବ୍ୟବସ୍ଥା ଉପରେ ସିଡିଏମ୍‌ଓ ଗୃହରେ କହିଥିଲେ। ଜିଲ୍ଲାରେ ମୁଦ୍ରା ଯୋଜନାର ସଫଳ ରୂପାୟନ ଏବଂ ଯେଭଳି ଅନେକ ଯୁବକ ଯୁବତୀ ଏହାର ଲାଭ ଉଠାଇ ସ୍ୱାବଲମ୍ବୀ ହୋଇ ପାରିବେ ଏବଂ ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଅଧିକ ସଂଖ୍ୟାରେ ପଞ୍ଜିକରଣ ଓ ଋଣ ପ୍ରଦାନ ଉପରେ ଗୁରୁତ୍ୱ ଦେବାକୁ ସାଂସଦ କହିଥିଲେ। ନବରଙ୍ଗପୁର ଜିଲ୍ଲା ଦେଇ ଯାଇଥିବା ଭାରତମାଳା ପ୍ରକଳ୍ପ ଅତିଶିଘ୍ର ସଂପୂର୍ଣ୍ଣ କରିବା ଏବଂ ସାଧାରଣ ଲୋକଙ୍କ ଯାତାୟାତ ପାଇଁ ଶୀଘ୍ର ପଦକ୍ଷେପ ନେବାକୁ ସଂପୃକ୍ତ ଅଧିକାରୀଙ୍କୁ ସାଂସଦ ଶ୍ରୀ ମାଝୀ କହିଥିଲେ। ସେଭଳି ରେଳ କାର୍ଯ୍ୟ ପାଇଁ ଜମି ଅଧିଗ୍ରହଣ, ଟେଣ୍ଡର କାର୍ଯ୍ୟ ଶୀଘ୍ର ପଦକ୍ଷେପ ଉପରେ ସାଂସଦ ଅଧିକ ଗୁରୁତ୍ୱ ଦେଇଛନ୍ତି। ଜିଲ୍ଲାର ୧୫୨ଟି ଗ୍ରାମ୍ୟ ପଞ୍ଚାୟତରେ ଭାରତ ନେଟ ଦ୍ୱାରା ନେଟ୍ ସୁବିଧା ସେଭଳି ସନ୍ତୋଷଜନକ ହୋଇନାହିଁ ଏବଂ ଏହା ଫେବୃଆରୀ ସୁଦ୍ଧା ପୁରା କାର୍ଯ୍ୟକ୍ଷମ କରିବାକୁ ସାଂସଦ ନିର୍ଦ୍ଦେଶ ଦେଲେ। ଯେଉଁଠି ରାସ୍ତା ଗମନାଗମନ ର ଅସୁବିଧା ରହୁଛି ଆର୍‌ଡି, ପିଡବ୍ଲୁଡି ଓ ପଞ୍ଚାୟତ ବିଭାଗ ସମନ୍ୱୟ ରଖି ଏହାର ଉଚିତ୍ ସମାଧାନ କରିବାକୁ ନିର୍ଦ୍ଦେଶ ଦେଲେ। ଗୃହରେ ଜଳ ସେଚନ, ଉଠା ଜଳସେଚନ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ସେଭଳି ଗତ ୨୬ ତାରିଖରେ ଗୃହରେ ଜନପ୍ରତିନିଧି ଓ ଦିଶା ସଦସ୍ୟଙ୍କ ଦ୍ୱାରା ବିଭିନ୍ନ ବିଭାଗ ଯଥା , ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ, ଶିକ୍ଷା, ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ , ରାସ୍ତା ଓ ଗୃହ ନିର୍ମାଣ, ଭାରତମାଳା, ଖାଦ୍ୟ ଯୋଗାଣ, ସମାଜ କଲ୍ୟାଣ, ଦକ୍ଷତା ବିକାଶ , ବନ ବିଭାଗ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ଉତ୍ତର ଓ କାର୍ଯ୍ୟାନୁଷ୍ଠାନର ପଦକ୍ଷେପ ଗୃହରେ ରଖାଯାଇଥିଲା। ଗୃହରେ ନବରଙ୍ଗପୁର ଜିଲ୍ଲାରେ ବାଲ୍ୟ ବିବାହକୁ ରୋକିବା ପାଇଁ ପଦକ୍ଷେପ ସ୍ୱରୂପ ସାଂସଦ ଶିଶୁ ବିବାହ ବିରୋଧରେ ଉପସ୍ଥିତ ସମସ୍ତଙ୍କୁ ଏକ ଶପଥ ପାଠ କରାଇଥିଲେ। ଗୃହରେ ବିଭିନ୍ନ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ, ପଞ୍ଚାୟତ ସମିତି ଅଧକ୍ଷ, ସରପଞ୍ଚ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଯଦି ଜନତାଙ୍କୁ ମତାଧିକାର ସାବ୍ୟସ୍ତ କରିବାର ପୂର୍ଣ୍ଣ କ୍ଷମତା ଦିଆଯାଏ, ତେବେ ଶାସନ ବ୍ୟବସ୍ଥା ଏକ ଉଚ୍ଚତର ସୋପାନରେ ପହଞ୍ଚିବ ।

-ମାର୍କ ଜୁକରବର୍ଗ

ସକାଳ THE SAKALA

## ପ୍ରଭାବହୀନ କୋପ୍ ୩୦

ବ୍ରାଜିଲ୍‌ର ବେଲମ୍‌ଠାରେ ଗତସପ୍ତାହରେ ସମାପ୍ତ ଜଳବାୟୁ ଶିଖର ସମ୍ମିଳନୀର ୩୦ତମ ଅଧିବେଶନ(କୋପ୍‌୩୦) ପୁଣି ଥରେ ଚକ୍ଷୁକୁଟା ପ୍ରହସନରେ ପରିଣତ ହୋଇଛି । ଜୀବାଶ୍ମ ଇନ୍ଧନର ବ୍ୟବହାର ହ୍ରାସ, କ୍ରମବର୍ଦ୍ଧିଷ୍ଣୁ ବିଶ୍ୱ ତାପମାନ ନିୟନ୍ତ୍ରଣ ଲକ୍ଷ୍ୟ ପ୍ରାୟତଃ ଗୁରୁତ୍ୱ ହରାଇଥିବା ବେଳେ କେବଳ ଉପରଦେଖାଣିଆ ଭାବରେ ଜଳବାୟୁ ପାଣ୍ଠି ପରିମାଣ ବୃଦ୍ଧି ଉପରେ ସକାରାତ୍ମକ ମତୈକ ପ୍ରକାଶ ପାଇଛି । ପରିବେଶ ପ୍ରଦୂଷଣରେ ସର୍ବାଧିକ ପ୍ରଭାବିତ ବିକାଶଶୀଳ ଓ ଅନୁନ୍ନତ ଦେଶମାନଙ୍କ ପ୍ରତି ସର୍ବାଧିକ ପ୍ରଦୂଷଣ ସୃଷ୍ଟିକାରୀ ବିକଶିତ ଦେଶମାନଙ୍କର ଉତ୍ତରଦାୟିତ୍ୱ ବୃଦ୍ଧି ନେଇ କୋପ୍‌୩୦ରେ ଘୋଷଣା ହୋଇପାରେ ବୋଲି ଆଶା କରାଯାଉଥିବା ବେଳେ ସେଥିରେ ମଧ୍ୟ ନିରାଶ ହେବାକୁ ପଡ଼ିଛି । ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନର ମୁଖ୍ୟକାରଣ ଉପରେ ଧ୍ୟାନ କେନ୍ଦ୍ରିତ ନ କରି ସବୁଜ ଗୃହ ବାଷ୍ପ ସୃଷ୍ଟିକାରୀ ସାମଗ୍ରୀର ଆମଦାନୀ ଉପରେ ଅଧିକ ଶୁଳ୍କ ଲାଗୁ କରିବା ପାଇଁ କୋପ୍ ୩୦ରେ ସଂକଳ୍ପ ଆଗତ କରିବାକୁ ଯୋଜନା ଚୂଡ଼ାନ୍ତ ହୋଇଥିଲା । କିନ୍ତୁ ଭାରତ ଓ ଚୀନ୍ ସମେତ କେତେକ ବିକାଶଶୀଳ ରାଷ୍ଟ୍ର ଏଭଳି ପାତରଅନ୍ତର ନୀତିର ଘୋର ବିରୋଧ କରିବା ପରେ ତାହା ସ୍ଥଗିତ ରହିଲା । ଏଥିରୁ କୋପ୍‌୩୦ ଯେ ତାର ମୂଳ ଓ ମୌଳିକ ଲକ୍ଷ୍ୟରୁ ଦୂରେଇ ଯାଉଛି ଏହି ଅଭିଯୋଗ ନିରାଧାର ନୁହେଁ ।

କୋପ୍ ୩୦ର ଏକମାତ୍ର ସକାରାତ୍ମକ ବାର୍ତ୍ତା ହେଲା ବ୍ୟାପକ ଶିଳ୍ପାୟନ ଓ ଜଳବାୟୁ ପରିବର୍ତ୍ତନରେ ପ୍ରଭାବିତ ବିକାଶଶୀଳ ଦେଶମାନଙ୍କର କ୍ଷତିଭରଣା ପାଇଁ ୨୦୩୫ ମସିହା ପର୍ଯ୍ୟନ୍ତ ବାର୍ଷିକ ୧.୩ ଲକ୍ଷ କୋଟି ଡଲାରର ଅନୁଦାନ ଦେବା ପାଇଁ ସଦସ୍ୟ ଦେଶମାନେ ସହମତ ହୋଇଛନ୍ତି । ସେହିପରି କୋପ୍ ୨୮ ରେ ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ଭରଣା ପାଇଁ ପ୍ରସ୍ତାବିତ 'ଲସ୍ ଆଣ୍ଡ ଡ୍ୟାମେଜ୍ ଫଣ୍ଡ' ଆରମ୍ଭ କରିବା ଏବଂ ପ୍ରସ୍ତାବିତ ପାଣ୍ଠି ରାଶିକୁ ତିନିଗୁଣା ବୃଦ୍ଧି କରିବା ଲାଗି ମଧ୍ୟ ସଂକଳ୍ପ ପାରିତ ହୋଇଛି । କିନ୍ତୁ ୨୦୧୯ ରୁ ଜଳବାୟୁ ପାଣ୍ଠି ପ୍ରତି ବିକଶିତ ଦେଶମାନଙ୍କର ପ୍ରତିଶ୍ରୁତି ଓ ଅଙ୍ଗୀକାରବଦ୍ଧତାରେ ଥିବା ଆକାଶପାତାଳ ତଫାତ୍‌ର ଅନୁଭବ ଦୃଷ୍ଟିରୁ ଉପରୋକ୍ତ ସଂକଳ୍ପର ରୂପାୟନରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ । ସେହିପରି ଆମେରିକା ଜଳବାୟୁ ଶିଖର ସମ୍ମିଳନୀରୁ ଓହରି ଆସିଥିବାରୁ ଜଳବାୟୁ ପାଣ୍ଠିର ଆକାର ଓ କାର୍ଯ୍ୟାନ୍ୱୟନକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି ।

ଅପ୍ରିୟ ସତ୍ୟ ହେଉଛି, ବିକଶିତ ଦେଶମାନେ ଉତ୍ତରଦାୟିତ୍ୱ ନ ନେବା ପର୍ଯ୍ୟନ୍ତ ଜଳବାୟୁ ଶିଖର ସମ୍ମିଳନୀମାନ ଏଭଳି ଚକ୍ଷୁକୁଟା ପ୍ରହସନ ହୋଇଚାଲିଥିବ । କିନ୍ତୁ ଚେଇଁ ଶୋଇଥିବା ଲୋକକୁ ଉଠେଇବ କିଏ? ସାମ୍ପ୍ରତିକ ବିଶ୍ୱର ସର୍ବବୃହତ୍ ଆହ୍ୱାନ ହେଉଛି ଜନତାଙ୍କୁ ଜଳବାୟୁ ନ୍ୟାୟ ପ୍ରଦାନ । ସ୍ୱାର୍ଥସର୍ବସ୍ୱ ମାନସିକତାରେ ଏହି ଲକ୍ଷ୍ୟ ହାସଲ ସମ୍ଭବ ନୁହେଁ । ବୋଧହୁଏ ନିଜେ ପ୍ରଭାବିତ ଓ କ୍ଷତିଗ୍ରସ୍ତ ନ ହେବା ଯାଏଁ ବିକଶିତ ରାଷ୍ଟ୍ରମାନଙ୍କର ଚେତନା ଉଦୟ ହେବ ନାହିଁ । ସେପର୍ଯ୍ୟନ୍ତ ଅବଶିଷ୍ଟ ବିଶ୍ୱ ଜଳବାୟୁ ପରିବର୍ତ୍ତନର ବିଷ ପିଇବାକୁ ବାଧ୍ୟ । ବିଶେଷକରି ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ତଥା ଜଳବାୟୁ ପରିବର୍ତ୍ତନ ଜନିତ ସଙ୍କଟ ପ୍ରଭାବିତ ତାଲିକାରେ ନବମ ସ୍ଥାନରେ ଥିବା ଭାରତ ପାଇଁ ଏହି ଆହ୍ୱାନର ମୁକାବିଲା କରିବା ଆହୁରି ଅଧିକ କଠିନ ।

ଏବେ ସମୟ ଆସିଛି ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବକୁ ହ୍ରାସ କରିବା ପାଇଁ ଜାତୀୟ ନୀତି ପ୍ରଣୟନ କରିବାର । ଭାରତକୁ ଖାଦ୍ୟାଭାବ, ବାତ୍ୟା, ବନ୍ୟା, ମରୁଡ଼ି, ସମୁଦ୍ର ପତ୍ତନ ବୃଦ୍ଧି, ଜଳାଭାବ, ଶସ୍ୟ ହାନି, ସ୍ୱାସ୍ଥ୍ୟସଙ୍କଟ, ଜୈବବିବିଧତା ହ୍ରାସ, ଅଂଶୁଘାତ, ଆଦି ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଜନିତ ଦୁଷ୍ପ୍ରଭାବରୁ ସୁରକ୍ଷା ଦେବାକୁ ହେଲେ ସଂକଳ୍ପ ନୁହେଁ, ଯୁଦ୍ଧକାଳୀନ ପଦକ୍ଷେପ ଆବଶ୍ୟକ । ଏଥିପାଇଁ ସରକାରୀ ଓ ରାଜନୈତିକ ନିଷ୍ଠା, ଗୋଷ୍ଠୀ ସହଭାଗିତା ଓ ପ୍ରଶାସନିକ ଆନ୍ତରିକତା ଅପରିହାର୍ଯ୍ୟ । ସେହିପରି ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ସମାଧାନରେ ବୈଷୟିକ ଜ୍ଞାନକୌଶଳ ସହ ପାରମ୍ପରିକ ମୌଳିକ ଜ୍ଞାନକୁ ସମ୍ମିଳିତ ଭାବେ ପ୍ରୟୋଗ କରିବା ପାଇଁ ମାନସିକତାରେ ସକାରାତ୍ମକ ପରିବର୍ତ୍ତନ ମଧ୍ୟ ଜରୁରୀ ।

## ଆପଣା ହସ୍ତେ ଜିହ୍ୱା ଛେଦି

ଯାନବାହନ ଓ ସେଗୁଡ଼ିକର ଚାଳିତ ଶକ୍ତି ଜୀବାଶ୍ମ ଇନ୍ଧନର ଉତ୍ପାଦନ ଓ ବିକ୍ରି ଉପରେ କଟକଣା ଜାରି କରିବା ଲାଗି ସରକାରଙ୍କୁ ଆବେଦନ କରିଛନ୍ତି କାରନିର୍ମାଣକାରୀ ସଂସ୍ଥାର ଜନୈକ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ । ଆବେଦନର କାରଣରେ ସେ ଦର୍ଶାଇଛନ୍ତି ଯେ କାର ମୋ ଜୀବିକାର୍ଜନର ମୁଖ୍ୟ ସହାୟକ ଏହା ନିଃସନ୍ଦେହ; କିନ୍ତୁ ତା'ଠାରୁ ଗୁରୁତ୍ୱପୂର୍ଣ୍ଣ ମୋ ପୂର୍ବ ଓ ଉତ୍ତର ପିଢ଼ିର ସ୍ୱାସ୍ଥ୍ୟ ଓ ଭବିଷ୍ୟତ । ଯାନବାହନ ଚଳାଚଳରେ କଟକଣା ନ ଲାଗିବା ପର୍ଯ୍ୟନ୍ତ ପରିବେଶ ପ୍ରଦୂଷଣରୁ ଯେ ମୁକ୍ତି ନାହିଁ ଏହି ଆପ୍ତ ବାକ୍ୟଟି ସମ୍ପୃକ୍ତ ସିଇଓଙ୍କ ଆବେଦନରୁ ସ୍ପଷ୍ଟ ଓ ନିର୍ଧାର୍ଯ୍ୟ ।

ଏହା ଅସ୍ୱୀକାର କରିବାର ନାହିଁ ଯେ ଦ୍ରୁତ ସହରୀକରଣ ସହିତ କର୍ମସ୍ଥଳୀ, ବିପଣନ ଓ ମନୋରଞ୍ଜନ ବିକ୍ଷିପ୍ତ ହୋଇଛି ଏବଂ ଗମନାଗମନରେ ଯାନବାହନ ଏକ ଜରୁରୀ ଆବଶ୍ୟକତା ହୋଇପଡ଼ିଛି । ସେହି ଆଧାରରେ ଆଶାତୀତ ଭାବେ ଯାନବାହନ ଉତ୍ପାଦନ ଓ ବିକ୍ରି ବଢ଼ିବାରେ ଲାଗିଛି । ବ୍ୟାଙ୍କ ଓ ବିଭିନ୍ନ ଦେଶୀବିଦେଶୀ ଅର୍ଥଲଗାଣକାରୀ ସଂସ୍ଥାଙ୍କ ପ୍ରାବଲ୍ୟ ଯୋଗୁଁ ସହଜରେ ଋଣ ମିଳିଯାଉଛି । ତା' ସହିତ ଲୋକମାନଙ୍କର ଉପାର୍ଜନ ମଧ୍ୟ ବଢ଼ିଛି । ଆୟ ଓ ଋଣ ସମ୍ପର୍କର ସିଧାସଳଖ ପ୍ରଭାବ ଯାନବାହନ ସଂଖ୍ୟା ବୃଦ୍ଧିରେ ପ୍ରତିଫଳିତ ହେଉଛି । ପରିଣାମ ସ୍ୱରୂପ ବାୟୁ ପ୍ରଦୂଷଣ ଉତ୍କଟ ହେବାରେ ଲାଗିଛି । ବିଷାକ୍ତ ଓ ପ୍ରଦୂଷିତ ବାୟୁ ସମସ୍ୟା ଓ ପରିବେଶ ସଙ୍କଟ ଏବେ କେବଳ ଆଉ ଦେଶର ରାଜଧାନୀ ଦିଲ୍ଲୀରେ ସୀମିତ ହୋଇ ରହିନାହିଁ । ଆମ ରାଜ୍ୟର ଅନୁଗୁଳ ସହର ପ୍ରଦୂଷିତ ବାୟୁ ମାନରେ ଦିଲ୍ଲୀକୁ ମଧ୍ୟ ଟପିଯାଇଛି । ଧୀରେ ଧୀରେ ଦେଶର ବିଭିନ୍ନ ଜନାକୀର୍ଣ୍ଣ ସହରାଞ୍ଚଳ ଏଭଳି ପ୍ରଦୂଷିତ ବାୟୁର ପଞ୍ଝା ମଧ୍ୟକୁ ଚାଲିଯାଉଛି ।

ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣର କାରଣ ଓ ନିରାକରଣ ବିଷୟରେ ଜନତା ଆଉ ଅଜ୍ଞ ନୁହନ୍ତି । ତେଣୁ ସୂଚନା ଓ ସଚେତନତା ପ୍ରୟାସ ବୃଥା । କଥା କଥାକେ ଗାଡ଼ିଟିଏ ନ ହେଲେ ଘରୁ ଗୋଡ଼ ବାହାର କରିବାର କୁଣ୍ଠାକୁ ଆମେ ତ୍ୟାଗ କରିପାରୁନାହୁଁ । ସବୁଜାଣି ମଧ୍ୟ ଅଧିକ ସୁଖ, ସୁବିଧା ଲୋଡୁଥିବାର ପରିଣାମ ଆମକୁ ହିଁ ଭୋଗିବାକୁ ପଡୁଛି ଏବଂ ଆମର ଉତ୍ତରପିଢ଼ିଙ୍କୁ ମଧ୍ୟ ଭୋଗିବାକୁ ପଡ଼ିବ । ଓଡ଼ିଶାରେ ଏକ ପ୍ରବାଦ ଅଛି - ଆପଣାହସ୍ତେ ଜିହ୍ୱା ଛେଦି କେ ଅଛି ତା'ର ପ୍ରତିବାଦୀ । ବିଷବଳୟରୁ କେବଳ ଆମର ଆତ୍ମସଂଯମ ହିଁ ଉଦ୍ଧାର କରିପାରିବ । ନିଷ୍ପତ୍ତି ଆମମାନଙ୍କର ।

## ଓଡ଼ିଆ ଅସ୍ମିତା ଓ ସ୍ୱାବଲମ୍ବନ

**ଡ. ପ୍ରମୋଦ କୁମାର ପଣ୍ଡା**



ଆଜିକାଲି ଆମେ ସମସ୍ତେ ଓଡ଼ିଆ ଅସ୍ମିତା ବୃଦ୍ଧି ପାଇଁ ଉଦ୍ୟମ କରୁଛନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ଆମ ଅସ୍ମିତା ଦେଶ ଓ ବିଦେଶରେ ସେତେବେଳେ ବୃଦ୍ଧି ପାଇବ ଯେତେବେଳେ ପ୍ରତି ଓଡ଼ିଆ ମୁଣ୍ଡ ଟେକି ଆଖିରେ ଆଖି ମିଳାଇ ଅନ୍ୟ ରାଜ୍ୟ ଓ ବିଦେଶର ଲୋକଙ୍କ ସହିତ କଥା ହୋଇପାରିବ କିମ୍ବା ନିଜ ଅଧିକାର ଜାହିର କରିପାରିବ । ଅନ୍ୟମାନେ ଯେତେବେଳେ ଆମକୁ ଦେଖିବେ ତୁରନ୍ତ ସମ୍ମାନ ଦେବାର ମାନସିକତା ପ୍ରଦର୍ଶନ କରିବେ ସ୍ୱତଃପ୍ରବୃତ୍ତ ଭାବରେ । ଏହା ସେତେବେଳେ ସମ୍ଭବ ହେବ, ଯେତେବେଳେ ଆମେ ନିଜକୁ ଧନୀ କରିପାରିବା ।

ଇଂରାଜୀରେ ଏକ ପ୍ରବାଦ ଅଛି - 'ଭିକାରୀର ଇଚ୍ଛା ବାଛିବାର ଅଧିକାର ନାହିଁ, ଯିଏ ଯାହା ଦେଲା ସେଥିରେ ସନ୍ତୁଷ୍ଟ ହେବାକୁ ବାଧ୍ୟ ।' ଏ ଦୁନିଆରେ ଅର୍ଥ ହିଁ ସମ୍ମାନର ଅଧିକାରୀ । ଆପଣଙ୍କ ପାଖରେ ପଇସା ଥିଲେ ସବୁକିଛି ମିଳିଯାଇପାରିବ । ସେଥିପାଇଁ ତ କୁହାଯାଇଛି - 'ଆବେ ପରଶୁ, ଯାବେ ପରଶୁ, ବାବୁ ପରଶୁରାମ; ପଇସା କ୍ୟା ନ କରେ କାମ ।' ଏଠାରେ ପଇସା ଅର୍ଥ ନୁହେଁ କଳା ଟଙ୍କା ରୋଜଗାର କରିବା । ଏ ପୃଥିବୀରେ ସାଧୁ ଉପାୟରେ ପଇସା ରୋଜଗାର କରି ଧନୀ ହେବାର ଶହ ଶହ ରାସ୍ତା ଅଛି । କିନ୍ତୁ ଦୁଃଖ ଲାଗେ ଆମ ସ୍ଥିତି ଦେଖି । ବିକାଶର ସମସ୍ତ ଉପାଦାନ ଆମ ପାଖରେ ଥିବା ସତ୍ତ୍ୱେ ଆମେ ଏକ ଦରିଦ୍ର ଜାତି ହିସାବରେ ନିଜର ପରିଚୟ ସୃଷ୍ଟି କରିଛନ୍ତି ।

ଓଡ଼ିଶା ଦେଶର ଅଷ୍ଟମ ବୃହତ୍ତମ ରାଜ୍ୟ । ପ୍ରାକୃତିକ ସମ୍ପଦରେ ଭରପୂର । ସମଗ୍ର ଦେଶରେ ବାର୍ଷିକ ହରାହାରି ୧୨୦୦ ମିଲିମିଟର ବର୍ଷା ହେଉଥିବା ସ୍ଥଳେ ଆମର ୧୫୦୦ ମିଲିମିଟର । ଦେଶରେ ଆଠପ୍ରକାର ମୃତ୍ତିକା ଥିବା ବେଳେ ଆମର ମଧ୍ୟ ଆଠପ୍ରକାର ମୃତ୍ତିକା ଅଛି । ସମୁଦ୍ର ପତ୍ତନଠୁ ଦେଓମାଳିର ଶିଖର ପର୍ଯ୍ୟନ୍ତ ସମସ୍ତ ପ୍ରକାର ଭୂମିରୂପ ଓ ଜଳବାୟୁ ଆମ ପାଖରେ ମହଜୁଦ ଅଛି । ଏହା ବର୍ଷସାରା ବିଭିନ୍ନ ପ୍ରକାର କୃଷିଜାତ ସାମଗ୍ରୀ ଉତ୍ପାଦନ ପାଇଁ ଭରପୂର ସୁଯୋଗ ଦେଇଛି । ଆମ ପାଖରେ ସମଗ୍ର ଦେଶର ଶତକଡ଼ା ୨୮ ଭାଗ ଲୁହାପଥର, ଶତକଡ଼ା ୨୪ ଭାଗ କୋଇଲା, ଶତକଡ଼ା ୫୯ ଭାଗ ଆଲୁମିନିୟମ (ବକ୍‌ସାଇଟ) ଓ ଶତକଡ଼ା ୯୮ ଭାଗ କ୍ରୋମାଇଟ ମହଜୁଦ ଅଛି । ତା' ଛଡ଼ା ଅନ୍ୟାନ୍ୟ ଖଣିଜ ପଦାର୍ଥ ମଧ୍ୟ ଅକ୍ଲେବହୁତ ଅଛି । ପର୍ଯ୍ୟଟନ ବିକାଶ ପାଇଁ ମନ୍ଦିର, ନଦୀ, ହ୍ରଦ, ଘନ ଜଙ୍ଗଲ ଓ ୪୮୫ କିଲୋମିଟର ସୁଦୀର୍ଘ ସମୁଦ୍ର ବେଳାଭୂମି ଅଛି । ୬୨ ପ୍ରକାର ପରିଶ୍ରମୀ ଜନଜାତି ମଧ୍ୟ ଅଛନ୍ତି । ଆମ ରାଜ୍ୟର ଶ୍ରମିକ ଅନ୍ୟ ରାଜ୍ୟରେ ପରିଶ୍ରମୀ ବୋଲି ପରିଚୟ ସୃଷ୍ଟି କରିଛନ୍ତି ।

ଉପରୋକ୍ତ ବର୍ଣ୍ଣିତ ସମସ୍ତ ବିକାଶ ଉପାଦାନ ମହଜୁଦ୍ ଥିବା ସତ୍ତ୍ୱେ ଓଡ଼ିଶାର ମାସିକ କୃଷି ଆୟ (୫, ୧୧୨ଟଙ୍କା) ଦେଶର ରାଜ୍ୟମାନଙ୍କ ତୁଳନାରେ ତଳ ଆଡୁ ଦ୍ୱିତୀୟ, ଯାହା ଆଦୌ ଗ୍ରହଣୀୟ ନୁହେଁ । ସେହିପରି ବାର୍ଷିକ ମୁଣ୍ଡପିଛା ଆୟରେ ଆମ ରାଜ୍ୟ ଦେଶର ଅନ୍ୟ ରାଜ୍ୟମାନଙ୍କ ତାଲିକାରେ ୧୭ ତମ ସ୍ଥାନ (୧, ୬୩, ୧୦୧ଟଙ୍କା) ମଧ୍ୟ ଗ୍ରହଣୀୟ ନୁହେଁ । କିଛି କେନ୍ଦ୍ରଶାସିତ ଅଞ୍ଚଳକୁ ବିଚାର କଲେ ଆମ ସ୍ଥାନ ୨୨ରେ ଅଛି । ସିକିମର ମୁଣ୍ଡପିଛା ଆୟ ୫, ୪୭, ୭୪୦ ଟଙ୍କା ଦେଶର ସର୍ବୋଚ୍ଚ ହୋଇଥିବା ବେଳେ ତେଲଙ୍ଗାନା, କର୍ଣ୍ଣାଟକ, ତାମିଲନାଡୁ, ହରିୟାଣା ପ୍ରଭୃତି ରାଜ୍ୟର ବାର୍ଷିକ ମୁଣ୍ଡପିଛା ଆୟ ୩ ଲକ୍ଷ ଟଙ୍କାରୁ ଅଧିକ, ଯାହାକି ଆମଠୁ ଶତକଡ଼ା ୧୦୦ରୁ ଅଧିକ ।

କେବେ କୌଣସି ପଞ୍ଜାବୀ, ମାରୁଆଡ଼ି କିମ୍ବା ଗୁଜରାଟୀ ମୂଲିଆ ବା ଚାକିରିଆ ହେବା ପାଇଁ ସ୍ୱପ୍ନ ଦେଖେନି । ସବୁବେଳେ ଧନକୁ ମୂଲିଆ ସଦ ଉପଯୋଗପୂର୍ବକ ମାଲିକ ହୋଇ ଅଧିକ ଧନ ଉପାର୍ଜନ କରିବାକୁ ଚେଷ୍ଟା କରେ । ମୁଁ ଆମର ଯୁବପିଢ଼ିଙ୍କୁ ଆହ୍ୱାନ ଦେଉଛି - ଆପଣ ସମସ୍ତେ ଧନୀ ହେବାକୁ ଚେଷ୍ଟା କରନ୍ତୁ, ତାହା ପୁଣି ସତ୍ ଉପାୟରେ । କାରଣ ଅସତ ଧନ ବେଶି ଦିନ ରହିବ ନାହିଁ । ସେଥିପାଇଁ ଉତ୍କଳମଣି ଗୋପବନ୍ଧୁ କହିଥିଲେ, ବାଲ୍ୟ କାଳୁ ଧନ ଓ ଧର୍ମ ସଂଚିବା କଥା । ଆମ ଯୁବବର୍ଗଙ୍କୁ କହିରଖେ, ଆମ ପାଇଁ ସିନା ପର୍ଯ୍ୟାପ୍ତ ଚାକିରି ନାହିଁ, ମାତ୍ର ପର୍ଯ୍ୟାପ୍ତ ରୋଜଗାର ଅଛି । ମନେରଖନ୍ତୁ ଆପଣଙ୍କ ପାଖରେ ଅର୍ଥବଳ ରହିଲେ ସମସ୍ତେ ସମ୍ମାନ ଦେବେ । ଏଥିପାଇଁ ତ କୁହାଯାଏ ଟଙ୍କା ସବୁକିଛି ନୁହେଁ । ମାତ୍ର ଭଗବାନଙ୍କଠୁ ବି କମ୍ ନୁହେଁ ।

ପ୍ରତି ଓଡ଼ିଆ ଧନୀ ହେଲେ ଯାଇଁ ଓଡ଼ିଆ ଅସ୍ମିତା ପ୍ରତିଷ୍ଠା ହୋଇପାରିବ । ସେ କାହାପାଖରେ ହାତ ପାତିବ ନାହିଁ । ସେ ମଧ୍ୟ ଅନ୍ୟ ରାଜ୍ୟ ଲୋକଙ୍କୁ ନିଜ ଧନ୍ଦାରେ କାମ କରାଇବ । ଏଥିପାଇଁ ସରକାରଙ୍କ ଗୁରୁ ଦାୟିତ୍ୱବୋଧ ରହିଛି । ସବୁଯୁଗରେ ସବୁ ସରକାରଙ୍କର ବଡ଼ ଆହ୍ୱାନ ହେଉଛି ସମ୍ବଳ ସୀମିତତା । ମାତ୍ର ଯେଉଁ ସରକାର ସୀମିତ ସମ୍ବଳର ସଦୁପଯୋଗ କରିପାରେ ଉତ୍ପାଦକତା ବୃଦ୍ଧି ପାଇଁ, ସେ ରାଜ୍ୟ ବା ଦେଶ ପ୍ରଗତି କରେ । ମାତ୍ର ଓଡ଼ିଶାରେ ଦ୍ରବ୍ୟ ଓ ରୋଜଗାର ସୃଷ୍ଟି ଉଦ୍ଦେଶ୍ୟରେ ପୁଞ୍ଜି ନିବେଶ ନ ହୋଇ ଭୋଟ ପକ୍କା କରିବା ପାଇଁ ସରକାର ପରେ ସରକାର ପୁଞ୍ଜି ନିବେଶ କରି ଚାଲିଛନ୍ତି, ଯାହାର ଫଳସ୍ୱରୂପ ରାଜକୋଷରୁ ଅର୍ଥ ଯାଉଛି, ମାତ୍ର ବେରୋଜଗାରୀ ବଢୁଛି । କୃଷି ଆୟ କମୁଛି ଏବଂ ରାଜ୍ୟରେ ଫସଲ ସଘନତା ମାତ୍ରା ହ୍ରାସ ପାଉଛି । ଭୋଟ ରାଜନୀତିରେ ଟଙ୍କା ବାଣ୍ଟିଲେ ଭୋଟବ୍ୟାଙ୍କ ପକ୍କା ହୋଇଯିବ, ମାତ୍ର ଓଡ଼ିଆ ଧନୀ ହୋଇ ପାରିବ ନାହିଁ ।

ଅତୀତରେ ଆମେ ବିଦେଶ ଯାଉଥିଲୁ । ଅନ୍ୟମାନେ ଆମଠୁ ଧନ ନେବା ପାଇଁ ଆମକୁ ଜୟ କରିବାକୁ ଚାହୁଁଥିଲେ । ବର୍ତ୍ତମାନ ପଞ୍ଜାବୀ ଓ କେରଳୀ ବିଦେଶ ଯିବାର ସ୍ୱପ୍ନ ଦେଖୁଥିବା ବେଳେ ଅଧିକାଂଶ ଓଡ଼ିଆ ଯୁବବର୍ଗ ବିପିଏଲ ମଦ୍ୟ ପାନରେ ନିଜର ଭବିଷ୍ୟତ ଖୋଜୁଛନ୍ତି । ଅତ୍ୟନ୍ତ ଦୁର୍ଭାଗ୍ୟଜନକ ସ୍ଥିତି । ଆମ ସରକାର, ଶିକ୍ଷାନୁଷ୍ଠାନ, ଗଣମାଧ୍ୟମ, ବୁଦ୍ଧିଜୀବୀ ସମସ୍ତେ ମିଶି ଆମ ଯୁବବର୍ଗଙ୍କର ଚାକିରି କରିବା ମନୋବୃତ୍ତିକୁ ପରିବର୍ତ୍ତନ କରି ରୋଜଗାର କରିବାରେ ମନୋନିବେଶ ପାଇଁ ସେମାନଙ୍କୁ ପ୍ରବର୍ତ୍ତାଇବାକୁ ପଡ଼ିବ । ସେଥିପାଇଁ ଏକ ବଡ଼ ସାମାଜିକ ପରିବର୍ତ୍ତନର ଆବଶ୍ୟକତା ରହିଛି ।

ଭୁବନେଶ୍ୱର, ମୋ: ୮୯୧୭୪୨୬୪୪୦

## ପ୍ରଶ୍ୱାସରେ ବିଷ

**ତୁଷାର ରଞ୍ଜନ ସାହୁ**

ଶୀତଋତୁ ଆରମ୍ଭ ହୋଇଗଲାଣି । ବିବାହ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ବାଣ ଓ ତତ୍‌ଜନିତ ବିଭିନ୍ନ ସାମଗ୍ରୀର ବ୍ୟବହାର ବାୟୁରେ ବିଷାକ୍ତ କଣିକା ସବୁ ଆଚ୍ଛାଦିତ କରିଦେଲାଣି । ଏହିପରି ଏକ ସମୟରେ ଆମ ସମସ୍ତଙ୍କ ପାଇଁ ବିଶୁଦ୍ଧ ପବନ ଟିକିଏ ପାଇବା କାଠିକର ପାଠ ହୋଇଗଲାଣି କହିଲେ ଅତ୍ୟୁକ୍ତି ହେବନାହିଁ । କଟକ-ଭୁବନେଶ୍ୱର ଦ୍ୱୈତନଗରୀ ପ୍ରଦୂଷଣର ପାରଦରେ ସବୁଠୁ ଶୀର୍ଷରେ ରହିଛି । ଆମେ ସବୁ ଯେଉଁ ବାଣ ବ୍ୟବହାର କରିଥାଉ, ସେଥିରେ କପର, କ୍ୟାଡମିୟମ, ଜିଙ୍କ, ଲିଡ, ମାଗ୍ନେସିୟମ, ସୋଡିୟମ ଆଦି ରାସାୟନିକ (କେମିକାଲ) ବ୍ୟବହାର ହେଉଛି । ଏହି ବାଣ ପୋଡ଼ିଲେ ସେଥିରୁ ବାହାରୁଛି ବିଷାକ୍ତ ଅଙ୍ଗାରକାମ୍ଳ (କାର୍ବନ ଡାଇଅକ୍ସାଇଡ), ସଲଫର ଡାଇଅକ୍ସାଇଡ, ନାଇଟ୍ରୋଜେନ ଡାଇଅକ୍ସାଇଡ, କାର୍ବନ ମନୋକ୍ସାଇଡ, ହାଇଡ୍ରୋ କାର୍ବନ, ଚାରକୋଲ ବାଷ୍ପ । ଆକାଶକୁ ରଙ୍ଗୀନ କରିବା ପାଇଁ ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥରୁ ନିର୍ଗତ ଗ୍ୟାସ କ୍ୟାନସର ଭଳି ଭୟଙ୍କର ରୋଗକୁ ବଢ଼ାଇଥାଏ । ଏସବୁ ବାଷ୍ପ ଧୂଳିକଣା ସହ ମିଶି ବାୟୁମଣ୍ଡଳରେ ଏକ ଅସୁସ୍ଥକର ବାତାବରଣ ସୃଷ୍ଟି କରିଥାଏ ।

ଏହାର ପ୍ରଭାବ ଦ୍ୱାରା ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢ଼ିଲେ ମୁଣ୍ଡ ବ୍ୟଥା ସହ ଧଇଁସଇଁ, ମାନ୍ଦା ଲାଗିପାରେ । ବେଳେ ବେଳେ ଶରୀରରେ ଆକସ୍ମିକ ପୀଡ଼ା ଅନୁଭବ ହୁଏ । ଅଚାନକ ରକ୍ତଚାପ ବଢ଼ିଯାଏ । ଏମିତିକି କେବେ କେବେ କୋମା, ଆସଫିକ୍ସିଆ, କନଭୁଲସନ ହାତ, ଗୋଡ଼, ଆଙ୍ଗୁଠି ଯେମିତି ନିର୍ଦ୍ଦିଷ୍ଟ ଅବସ୍ଥାରେ ଅଟକିଯାଏ । କାର୍ବନ ମନୋକ୍ସାଇଡ ଗ୍ୟାସ ଉଭୟ ମଣିଷ, ପଶୁପକ୍ଷୀଙ୍କୁ ପ୍ରଭାବିତ କରେ । ଏହା ରକ୍ତରେ ଅମ୍ଳଜାନ ପ୍ରବାହର କ୍ଷମତାକୁ କମାଇଦିଏ । ଶରୀରର ବିଭିନ୍ନ କୋଷ, ହୃଦୟ, ମସ୍ତିଷ୍କ ସମେତ ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ପ୍ରବାହ କମିଯାଏ । ଏଥିରେ ହୃଦରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ । ସଲଫର ଡାଇଅକ୍ସାଇଡ ଗ୍ୟାସ ସମ୍ପୂର୍ଣ୍ଣ ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ । ବିଶେଷକରି ଫୁସଫୁସକୁ ଆକ୍ରାନ୍ତ କରେ । ଅଚାନକ କାଶ ବଢ଼ିପାରେ । ଛାତିରେ ଯନ୍ତ୍ରଣା ହୁଏ । ଆଜମା ଓ ଶ୍ୱାସଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ । ବ୍ଲାକ ପାଉଡର ମଧ୍ୟ ବେଶ କ୍ଷତିକାରକ । ଛାତି ରୋଗ ସହ, ଆଜମା, ଫୁସଫୁସ କ୍ୟାନସର ରୋଗକୁ ଏହା ବଢ଼ାଏ । ପରିବେଶକୁ ବ୍ୟାପକ କ୍ଷତାକ୍ତ କରିଥାଏ ।

ଦେଶରେ ସଡ଼କ ଦୁର୍ଘଟଣା ଓ ହୃଦରୋଗ ପରେ ସର୍ବାଧିକ ମୃତ୍ୟୁ କ୍ରୋନିକ ଅବଷ୍ଟ୍ରକଟିଭ ପଲମୋନାରି ଯୋଗୁଁ ହେଉଛି । ଏହା ଏକ ଶ୍ୱାସଜନିତ ରୋଗ । ଏଥିରେ ଫୁସଫୁସ କ୍ଷତିଗ୍ରସ୍ତ ହୋଇ ସଙ୍କଟାପନ୍ନ ସ୍ଥିତି ସୃଷ୍ଟି କରେ । ଧୂମପାନ ଓ ବାୟୁ ପ୍ରଦୂଷଣ ଏହାର ପ୍ରମୁଖ କାରଣ । ଧୂଆଁ ଶ୍ୱାସ ରୋଗୀଙ୍କ ପାଇଁ ସବୁବେଳେ ଖରାପ । ଅତ୍ୟଧିକ ନିର୍ମାଣ କାର୍ଯ୍ୟରୁ ନିର୍ଗତ ଧୂଳି, ଗୋଡ଼ି ମୋଟର ଧୂଆଁକୁ ମଣିଷ ପ୍ରତିଦିନ ପ୍ରଶ୍ୱାସରେ ଗ୍ରହଣ କରୁଛି । ଏହା ସ୍ୱାସ୍ଥ୍ୟକୁ ଖରାପ କରୁଥିବା ବେଳେ ଦୀପାବଳିର ପ୍ରବଳ ଆତସବାଜିରୁ ନିର୍ଗତ ଧୂଆଁ ଆହୁରି ସ୍ୱାସ୍ଥ୍ୟ ବିଗାଡ଼ିବ । ଦୀପାବଳିରେ ସାପବାଣ, ଚାଇନା ଲଙ୍କା ବାଣରୁ ବେଶି ଧୂଆଁ ଓ ପ୍ରଦୂଷଣ ସୃଷ୍ଟି ହୋଇଥାଏ । ସମୟ ଆସିଛି, ଆମକୁ ଚେତିବାକୁ ପଡ଼ିବ ।

ସେହିପରି ଅନାବଶ୍ୟକ ଶବ୍ଦ ସୃଷ୍ଟି 'ଶବ୍ଦ ପ୍ରଦୂଷଣ'ର ବଡ଼ କାରଣ । ଏନଭାର୍ନମେଣ୍ଟ ପ୍ରୋଟେକ୍ସନ ରୁଲସ୍ - ୧୯୯୯ ଅନୁଯାୟୀ ଶବ୍ଦ ସ୍ତର ୧୨୫ ଡେସିବଲ ପର୍ଯ୍ୟନ୍ତ ଦୋଷାବହ ନୁହେଁ । ଅତି ଜୋରରେ ହେଉଥିବା ଶବ୍ଦ ପ୍ରଦୂଷଣ ଶିଶୁ, ବୃଦ୍ଧ, ରୁଗଣ ବ୍ୟକ୍ତିମାନଙ୍କର ବିଶେଷ କ୍ଷତି କରେ । ଉଚ୍ଚ ରକ୍ତଚାପ, ଅତ୍ୟଧିକ ମାନସିକ ଚାପ ବୃଦ୍ଧି ସହ ଏହା ନିଦ୍ରାହୀନତା, ଶ୍ରବଣଶକ୍ତି ହ୍ରାସ ବା ବଧିରତା ପରି ବହୁ ସମସ୍ୟା ସୃଷ୍ଟି କରିଥାଏ । ବଡ଼ ବଡ଼ ସହରରେ ଟ୍ରାଫିକ ବା ଯାନବାହନର ଶବ୍ଦ ଏଭଳି ପ୍ରଦୂଷଣର ଏକ ମୁଖ୍ୟ କାରଣ । ବିଭିନ୍ନ ଶିଳ୍ପସଂସ୍ଥା, କଳକାରଖାନା, ବସ୍, ଟ୍ରକ, ଟ୍ରାକ୍ଟର, ମୋଟର ସାଇକେଲର ଶବ୍ଦ, ଉଡ଼ାଜାହାଜ, ଘର ତିଆରି ଶବ୍ଦ, ବାଣ ଫୁଟାଇବା, ଡାକବାଜି ଯନ୍ତ୍ର ଇତ୍ୟାଦି ଏହି ପ୍ରଦୂଷଣ ସୃଷ୍ଟି କରିଥା'ନ୍ତି । ଘର ଭିତରେ ମଧ୍ୟ ରେଡିଓ, ଟିଭି, ମ୍ୟୁଜିକ ସିଷ୍ଟମ ଜୋରରେ ବଜାଇବା ଦ୍ୱାରା ଶବ୍ଦ ପ୍ରଦୂଷଣ ଘଟିଥାଏ । ଅବଶ୍ୟ ରାସ୍ତାଘାଟ, ଘର ତିଆରି ଶବ୍ଦ ନିର୍ଗମନ ସ୍ତର ଉପରେ ସରକାରୀ କଟକଣା ରହିଛି । କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିଭିନ୍ନ ସ୍ଥାନ ପାଇଁ ନିର୍ଦ୍ଦିଷ୍ଟ ଶବ୍ଦ ସ୍ତର ଅନୁମୋଦନ କରିଛନ୍ତି ।

ସହରରେ ଗାଡ଼ିମୋଟର ଧୂଆଁ, ରାସ୍ତା ଖୋଳାତଡ଼ା, ନିର୍ମାଣ କାର୍ଯ୍ୟ ବୃଦ୍ଧି ଯୋଗୁଁ ବାୟୁ ପ୍ରଦୂଷଣ ଏବେ ବି ଚିନ୍ତାଜନକ ସ୍ଥିତିରେ ରହିଛି । ଦୀପାବଳି ଓ ବିବାହ କିମ୍ବା କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମରେ ମନଇଚ୍ଛା ବାଣ ଫୁଟାଇଲେ ସ୍ଥିତି ଆହୁରି ବିଗିଡ଼ି ଯାଇଥାଏ । ଏହା ଫୁସଫୁସକୁ ଗଭୀର ଭାବେ ପ୍ରଭାବିତ କରିଥାଏ, ଯାହାଦ୍ୱାରା ଆଜମା ରୋଗୀଙ୍କ ସମସ୍ୟା ବଢ଼ିଥାଏ । ବାରୁଦ ଗନ୍ଧ ଓ ଧୂଆଁ ଯୋଗୁଁ ଆଖି, କାନ, ଚର୍ମରେ ଯନ୍ତ୍ରଣା, ଅସ୍ୱସ୍ତିକର ଲାଗିପାରେ । ଏହା ଗୃହପାଳିତ ପଶୁ, ପକ୍ଷୀଙ୍କ ପାଇଁ ମଧ୍ୟ ବିପଦ । ଗାଈଗୋରୁ, ବୁଲା କୁକୁର ମଧ୍ୟ ଆମ ପାଇଁ ଯନ୍ତ୍ରଣା ଭୋଗିବେ, ଅସୁସ୍ଥ ହେବେ । ବିଭିନ୍ନ ବାଣର ପ୍ରଚଣ୍ଡ ଶବ୍ଦ ବି ହୃଦଘାତ, ମସ୍ତିଷ୍କାଘାତର କାରଣ ହୋଇପାରେ । ବିଷାକ୍ତ ବାଷ୍ପ ଓ ଧୂଆଁ ସହ ପ୍ରଚଣ୍ଡ ଶବ୍ଦ ଗର୍ଭବତୀଙ୍କ ବିପଦ । ନବଜାତ, ଶିଶୁ, ବୟସ୍କଙ୍କ ପାଇଁ ଏହା ଅତି ମାରାତ୍ମକ । ଦୀପାବଳି ବାଣଫୁଟା ପରବର୍ତ୍ତୀ ଆବର୍ଜନା ଆଉ ଏକ ବଡ଼ ସମସ୍ୟା ।

ତାପଜ ବିଦ୍ୟୁତକେନ୍ଦ୍ରଗୁଡ଼ିକରେ କୋଇଲା, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଆଦି ଜୀବାଶ୍ମ ଇନ୍ଧନକୁ ବ୍ୟବହାର କରି ତାପଶକ୍ତି ଉତ୍ପନ୍ନ କରାଯାଏ । ଜୀବାଶ୍ମ ଇନ୍ଧନ ଦହନ ଯୋଗୁଁ ସେଥିରୁ ଅଙ୍ଗାରକାମ୍ଳ, କାର୍ବନ ମନୋକ୍ସାଇଡ, ନାଇଟ୍ରୋଜେନ ଅକସାଇଡ, ସଲଫର ଡାଇଅକସାଇଡ ଆଦି ଗ୍ୟାସ ଏବଂ ଅନେକ କ୍ଷୁଦ୍ରକଣିକା ନିର୍ଗତ ହୋଇଥାଏ । ଏସବୁ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ । ବାୟୁମଣ୍ଡଳରେ ଏହାକୁ ପରିମାଣ ବୃଦ୍ଧି ପାଇଲେ ଫୁସଫୁସରେ ସମସ୍ୟା, ଚର୍ମରୋଗ ଓ କର୍କଟ ରୋଗର କାରଣ ପାଲଟି ଥାଏ । ତାପଜ ବିଦ୍ୟୁତ କେନ୍ଦ୍ରରୁ ନିର୍ଗତ ପାଉଁଶ ଫୁସଫୁସକୁ ଆକ୍ରାନ୍ତ କରିଥାଏ । ପରିବେଶକୁ ପ୍ରଦୂଷିତ କରିଥାଏ । ଏକ ତଥ୍ୟ ମୁତାବକ ଆମ ଓଡ଼ିଶାରେ ଥିବା ସାତଟି ତାପଜ ବିଦ୍ୟୁତ କେନ୍ଦ୍ରରୁ ବାର୍ଷିକ ୨୫ ନିୟୁତ ମେଟ୍ରିକ ଟନ୍ ପାଉଁଶ ନିର୍ଗତ ହେଉଛି । ସେହିପରି ଅଙ୍ଗାରକାମ୍ଳ ହେଉଛି ଗ୍ଲୋବାଲ ୱାର୍ମିଂ ଏବଂ ତଜ୍ଜନିତ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ । ତେବେ ଜଳ ବିଦ୍ୟୁତ, ଆଣବିକ ବିଦ୍ୟୁତ୍ ସୌର ଶକ୍ତି ଓ ପବନ ଶକ୍ତି ଆଦିର ଉପଯୋଗ ହୋଇପାରିଲେ ପ୍ରଦୂଷଣର ମାତ୍ରା ହ୍ରାସ ପାଇପାରନ୍ତା ।

ଏକଥା ନୁହେଁ ଯେ, ପ୍ରଦୂଷଣ ବାବଦରେ ଆମେ ଜାଣିନୁ । ଦିଲ୍ଲୀର ଭୟାନକ ପ୍ରଦୂଷଣ ସ୍ଥିତି ଜଳଜଳ ହୋଇ ଦିଶୁଛି । ତଥାପି ଆମର ଚିନ୍ତା ନାହିଁ । ଅନେକ ଭାବୁଛନ୍ତି, ଆମ ସ୍ଥିତି ଭଲ ଅଛି । ଆମର କିଛି ହେବନି । ଦିନକରେ କ'ଣ ପ୍ରଦୂଷଣ ମାଡ଼ିଯିବ ନା ଆକାଶ ଛିଣ୍ଡି ପଡ଼ିବ । ହେଲେ ମନେରଖିବା ଦରକାର ଆନନ୍ଦ ଦୁଃଖ ବା ବିପଦର କାରଣ ନ ହେଉ ।

କଟକ, ମୋ: ୯୮୬୧୦୪୭୫୭୫

## ରାହୁ ମନ୍ଦିର

### ବିଚିତ୍ର ବିଶ୍ୱାସ

**ଓଜସ୍ୱିନୀ**

ପୌରାଣିକ କଥାନୁସାରେ ସାଗର ମନ୍ଥନରୁ ବାହାରିଥିବା ଅମୃତ କଳସରୁ ଦେବତାମାନେ ଅମୃତ ପାନ କରିବା ସମୟରେ ଜଣେ ଦାନବ ଛଳପୂର୍ବକ ଦିବ୍ୟରୂପ ଧାରଣ କରି ଦେବତାଙ୍କ ନିକଟରେ ବସିଯାଇଥିଲା । ଶ୍ରୀବିଷ୍ଣୁ ମୋହିନୀ ରୂପରେ ଅମୃତ ପ୍ରଦାନ କରୁଥିବା ବେଳେ ଉକ୍ତ ଦାନବ ମଧ୍ୟ ଅମୃତ ପାନ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । କିନ୍ତୁ ଶ୍ରୀବିଷ୍ଣୁ ଏହା ଜାଣିପାରି ସୁଦର୍ଶନ ଚକ୍ରରେ ଉକ୍ତ ଦାନବର ମସ୍ତକ ଛିନ୍ନ କଲେ । ଅମୃତ ପାନ କରିଥିବାରୁ ଦାଦବର ମୃତ୍ୟୁ ହୋଇ ନଥିଲା । ତା'ର ମସ୍ତକ ରାହୁ ଓ ଶରୀର କେତୁ ନାମରେ ଗ୍ରହାକାରରେ ଆସୁରିକ ଶକ୍ତିର ପ୍ରତୀକ ଭାବେ ରହିଛି । ତେଣୁ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ନବଗ୍ରହଙ୍କ ସହିତ ରାହୁ ଓ କେତୁଙ୍କୁ ମଧ୍ୟ ମହତ୍ତ୍ୱ ପ୍ରଦାନ କରାଯାଇଛି । ଜ୍ୟୋତିଷଶାସ୍ତ୍ରରେ ରାହୁ ଓ କେତୁଙ୍କୁ ଦୁଷ୍ଟ ଗ୍ରହ ଭାବେ ବିଚାର କରି ବ୍ୟକ୍ତିର ଜୀବନରେ ତା'ର କୁପ୍ରଭାବକୁ ନିଷ୍ଫଳ କରିବା ପାଇଁ ଜ୍ୟୋତିଷମାନେ ବିଭିନ୍ନ ପ୍ରକାର ପୂଜାବିଧି ଏବଂ ଯଜ୍ଞାନୁଷ୍ଠାନ କରିବା ପାଇଁ ପରାମର୍ଶ ଦେଇଥା'ନ୍ତି । ରାହୁ ଗ୍ରହଙ୍କ ନକାରାତ୍ମକ ପ୍ରଭାବକୁ କମ୍ କରିବା ପାଇଁ ଭାରତର ଅନେକ ସ୍ଥାନରେ ରାହୁଙ୍କ ମନ୍ଦିର ମଧ୍ୟ ନିର୍ମାଣ କରାଯାଇଛି ।

ଭାରତରେ ଥିବା ସମସ୍ତ ରାହୁ ମନ୍ଦିର ମଧ୍ୟରୁ ଦେବଭୂମି ଉତ୍ତରାଖଣ୍ଡର ପାଉରି ଜିଲ୍ଲା ଅନ୍ତର୍ଗତ ପେଠାଣୀ ନାମକ ଗ୍ରାମର ମନ୍ଦିର ସର୍ବମାନ୍ୟ । ଏହି ମନ୍ଦିର ସ୍ୟୋଲିଗାଡ଼ ନଦୀ (ରଥବାହିନୀ) ଓ ନାଭାଲିକା (ପଶ୍ଚିମୀ ନୟାର୍) ନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ । ସ୍କନ୍ଦ ପୁରାଣର କେଦାରଖଣ୍ଡରେ ମଧ୍ୟ ଏହି ମନ୍ଦିର ସମ୍ପର୍କିତ ବର୍ଣ୍ଣନା ରହିଛି । ରାହୁଙ୍କର ଗୌତ୍ର 'ପେଠିନସୀ' ଅନୁସାରେ ଗ୍ରାମର ନାମ ପେଠାଣୀ ହୋଇଛି ବୋଲି ଅନେକ ପୌରାଣିକ କଥା ଓ ଲୋକକଥା ଶୁଣିବାକୁ ମିଳିଥାଏ । ଏହି ମନ୍ଦିର ସମ୍ପର୍କରେ ମାନ୍ୟତା ରହିଛି ଯେ, ଯଦି କୌଣସି କାରଣରୁ ରାହୁଙ୍କ ପୂଜା ଖଣ୍ଡିତ ହେଲା କିମ୍ବା କୌଣସି ଭକ୍ତ ରାହୁଙ୍କ ପୂଜା ଭକ୍ତି ଓ ଶ୍ରଦ୍ଧା ସହକାରେ ନକଲା, ତା'ହେଲେ ମହାଦେବଙ୍କ କୋପଦୃଷ୍ଟି ପଡ଼ିଥାଏ । ତେଣୁ ଏଠାରେ ପୂଜାରୀ ଓ ଭକ୍ତମାନେ ବିଧିବିଧାନର ସହିତ ରାହୁଙ୍କ ପୂଜାର୍ଚ୍ଚନା କରିଥା'ନ୍ତି । ପଶ୍ଚିମମୁଖୀ ଏହି ମନ୍ଦିର ଭିତରେ ଶିବଲିଙ୍ଗ ସହିତ ରାହୁଙ୍କ ମସ୍ତକ ପ୍ରତିମା ପୂଜା ପାଉଛନ୍ତି । ମନ୍ଦିରର ଭିତର କାନ୍ଥଗୁଡ଼ିକରେ ଶ୍ରୀବିଷ୍ଣୁଙ୍କ ଦ୍ୱାରା କିଭଳି ଭାବେ ରାହୁଙ୍କ ମସ୍ତକ ଛିନ୍ନ ହୋଇଥିଲା, ତାହାର ଚିତ୍ର ଖୋଦେଇ କରାଯାଇଛି । ଏଠାରେ ମୁଗ ଖେଚୁଡ଼ି ଭୋଗ ଲାଗି କରାଯାଇଥାଏ । ଦୈନିକ ଭୋଗ ଓ ଅନ୍ନଛତ୍ରରେ ଏହି ମୁଗ ଖେଚୁଡ଼ିକୁ ଭକ୍ତମାନେ ରାହୁଙ୍କ ପ୍ରସାଦ ଭାବେ ଶ୍ରଦ୍ଧାର ସହିତ ଗ୍ରହଣ କରିଥା'ନ୍ତି ।

ଏହି ମନ୍ଦିର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ନିର୍ମାଣ ପଛରେ ଗୋଟିଏ ପୌରାଣିକ କଥା ରହିଛି । ସୁଦର୍ଶନ ଚକ୍ର ଦ୍ୱାରା ଦାନବର ଶିର ଛେଦନ ପରେ ଶିର ଏହି ସ୍ଥାନରେ ପତିତ ହୋଇଥିଲା । ତେଣୁ ଏଠାରେ ମନ୍ଦିର ନିର୍ମାଣ କରାଯାଇଛି । ବିଶ୍ୱାସ କରାଯାଏ ଯେ, ଏହି ସ୍ଥାନରେ ଥିବା ବଡ଼ ବଡ଼ ପଥର ଖଣ୍ଡ ଭିତରେ ଆଜି ପର୍ଯ୍ୟନ୍ତ ରାହୁଙ୍କ ଛିନ୍ନ ମସ୍ତକ ପୋତି ହୋଇ ରହିଛି । ତେଣୁ ଏହି ସ୍ଥାନରେ ରାହୁଙ୍କର ପୂଜାର୍ଚ୍ଚନା କରିବା ଦ୍ୱାରା ଜାତକରେ ଥିବା ରାହୁଦୋଷ ଖଣ୍ଡନ ହୋଇଥାଏ । ଅନ୍ୟ ଏକ ପୌରାଣିକ କଥା ଅନୁସାରେ ଏହି ମନ୍ଦିରକୁ ପାଣ୍ଡବମାନେ ନିର୍ମାଣ କରିଥିଲେ । ପାଣ୍ଡବମାନେ ସ୍ୱର୍ଗାରୋହଣ ଯାତ୍ରା ସମୟରେ ରାହୁ ଦୋଷରୁ ମୁକ୍ତ ହେବା ପାଇଁ ଏହି ସ୍ଥାନରେ ମହାଦେବଙ୍କ ସହିତ ରାହୁଙ୍କ ପୂଜା କରିବା ପାଇଁ ଏହି ମନ୍ଦିର ନିର୍ମାଣ କରିଥିଲେ । ମନ୍ଦିର ନିର୍ମାଣ ସମ୍ପର୍କିତ ଅନ୍ୟ ଏକ ତଥ୍ୟ ମିଳେ ଯେ, ଆଦିଗୁରୁ ଶଙ୍କରାଚାର୍ଯ୍ୟ ଏହି ସ୍ଥାନ ଦେଇ ହିମାଳୟକୁ ଯାତ୍ରା କରୁଥିବା ସମୟରେ ତାଙ୍କୁ ଏଠାରେ ରାହୁଙ୍କର ପ୍ରକୋପ ଅଧିକ ଅନୁଭୂତ ହୋଇଥିଲା । ତେଣୁ ଆଦିଗୁରୁ ଶଙ୍କରାଚାର୍ଯ୍ୟ ରାହୁଙ୍କ ଦୁଃପ୍ରଭାବ ଶାନ୍ତ କରିବା ପାଇଁ ଏଠାରେ ମନ୍ଦିର ନିର୍ମାଣ କରି ବିଧିବିଧାନର ସହିତ ପୂଜା କରିଥିଲେ । ଆଉ କେତେକ ପୁରାଣ ମତାନୁସାରେ ଦୁଇନଦୀର ସଙ୍ଗମସ୍ଥଳରେ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ରାହୁ ମହାଦେବଙ୍କ ତପସ୍ୟାରେ ଲୀନ ଥିଲେ । ତେଣୁ ମହାଦେବଙ୍କ ଆଶିଷ ଲାଭ କରିଥିବା ଏହି ପୁଣ୍ୟସ୍ଥଳରେ ରାହୁଙ୍କ ମନ୍ଦିର ନିର୍ମାଣ କରାଯାଇଥିଲା ।

ପେଠାଣୀରେ ଥିବା ରାହୁଙ୍କ ଏହି ମୁଖ୍ୟ ମନ୍ଦିର ବ୍ୟତୀତ ଭାରତର ଅନ୍ୟ ୧୪ଟି ମନ୍ଦିରରେ ରାହୁକେତୁଙ୍କର ପୂଜାର୍ଚ୍ଚନା କରାଯାଏ । ଯଥା - ଶ୍ରୀକାଳହସ୍ତିଶ୍ୱର ମନ୍ଦିର, ତିରୁନାଗେଶ୍ୱରମ୍ ନାଗନାଥର ମନ୍ଦିର, ଶ୍ରୀନାଗନାଥସ୍ୱାମୀ କେତୁ ମନ୍ଦିର, ରାହୁକେତୁ ମନ୍ଦିର, ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର, ରାହୁକେତୁ ମନ୍ଦିର ରାହୁରି, ଶ୍ରୀରାହୁମୁନେଶ୍ୱର ମନ୍ଦିର, ରାହୁକେତୁ ଆଥି ଈଶ୍ୱରନ୍ ମନ୍ଦିର, ରାହୁ ନବଗ୍ରହ ଦେବତା ମନ୍ଦିର, ପମ୍ପୁରନାଥ ମନ୍ଦିର, ନାଗେଶ୍ୱର ମନ୍ଦିର, କୁନ୍ଦ୍ରାଥୁର ନାଗେଶ୍ୱର ମନ୍ଦିର ଓ ବିଶାରେଶ୍ୱର ମନ୍ଦିର ।ପାଉଛନ୍ତି ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।



**ମୁଦ୍ରା ବିନିମୟ ମୂଲ୍ୟ**


ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୫୦ • ପାଉଣ୍ଡ ୧୧୬.୦୩
- ୟୁରୋ ୧୦୨.୯୪ • ୟେନ୍ ୦.୫୭



**ସୁନା, ରୁପା ଦର (ଟଙ୍କାରେ)**


୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୭,୧୦୦ (ନୂଆଦିଲ୍ଲୀ)
- ରୁପା : ୧,୭୭,୦୦୦ (କେଜି)





**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୭୨୦.୦୦
- ନିଫ୍ଟି ୨୬,୨୧୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ୭ ଦିନରେ ଅପ୍‌ଡେଟ୍ ହେବ କ୍ରେଡିଟ୍ ସ୍କୋର




**ଆର୍‌ବିଆଇର ନିର୍ଦ୍ଦେଶ**

**ପ୍ରତି ମାସ ୭, ୧୪, ୨୧ ଓ ୨୮ ତାରିଖରେ କ୍ରେଡିଟ୍ ଡାଟା ଅପଡେଟ୍**

**ବର୍ତ୍ତମାନ ୧୫ ଦିନ ଲାଗୁଛି**

**୨୦୨୬ ଏପ୍ରିଲରୁ ହେବ ଲାଗୁ**

**ସ୍କୋର ଅପ୍‌ଡେଟ୍ ପାଇଁ ଲମ୍ବା ଅପେକ୍ଷାର ହେବ ଅନ୍ତ**

**ନୂଆଦିଲ୍ଲୀ,୨୭।୧୧(ଏଜେନ୍ସି):** ଯେତେବେଳେ କୌଣସି ବ୍ୟାଙ୍କରେ ଋଣ ପାଇଁ ଆବେଦନ କରାଯାଏ, ସେତେବେଳେ ବ୍ୟାଙ୍କ ପ୍ରଥମେ 'ସିବିଲ୍' ସ୍କୋର ଯାଞ୍ଚ କରେ। ଏକ ଭଲ 'ସିବିଲ୍' ସ୍କୋର ସୁଧ ହାର କମ୍ କରିଥାଏ। 'ସିବିଲ୍' ସ୍କୋର ୭୫୦ ରୁ ଅଧିକ ହେଲେ ଜଣେ ଉପଯୁକ୍ତ ସୁଧ ହାରରେ ଋଣ ପାଇବା ଆଶା କରିପାରିବେ। ବର୍ତ୍ତମାନ, ସିଆର୍‌ଆଇଏଫ୍ ହାଇ ମାର୍କ ଏବଂ ଇକ୍ୱିଫାକ୍ସ ଭଳି 'ସିବିଲ୍' ଅପଡେଟ୍କାରୀ କମ୍ପାନୀଗୁଡ଼ିକ ପ୍ରତି ୧୫ ଦିନରେ ଆପଣଙ୍କର 'ସିବିଲ୍' ସ୍କୋର ଅପଡେଟ୍ କରିଥାନ୍ତି। ତଥାପି, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏବେ ଏହି ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଗତ ସେପ୍ଟେମ୍ବର ୨୯ ରେ ଜାରି ହୋଇଥିବା ଚିଠା ନିର୍ଦ୍ଦେଶାବଳୀ ଅନୁଯାୟୀ, ଏଣିକି କ୍ରେଡିଟ୍ ସ୍କୋର ୨୦୨୬ ଏପ୍ରିଲରୁ ସପ୍ତାହକ ମଧ୍ୟରେ ଅପଡେଟ୍ ହେବ। ନୂତନ ନିୟମ ଅନୁଯାୟୀ, ଆର୍‌ବିଆଇ କମ୍ପାନୀଗୁଡ଼ିକ ପ୍ରତି ମାସର ୭,୧୪,୨୧ ଏବଂ ୨୮ ତାରିଖ ଏବଂ ଶେଷ ଦୁଇ ଦିନ (୩୦ କିମ୍ବା ୩୧ ତାରିଖ) ଆପଣଙ୍କର ସମ୍ପୂର୍ଣ୍ଣ କ୍ରେଡିଟ୍ ଡାଟା ଅପଡେଟ୍ କରିବେ। ଏହାର ଅର୍ଥ ହେଉଛି ଆପଣଙ୍କର ସ୍କୋର ମାସକୁ ଅତି କମ୍‌ରେ ପାଞ୍ଚ ଥର ଅପ୍‌ଡେଟ୍ ହେବ। ଯଦି ବ୍ୟାଙ୍କ ଏବଂ କ୍ରେଡିଟ୍ ଡାଟା ଅପଡେଟ୍ କମ୍ପାନୀ ପ୍ରତି ତିନି କିମ୍ବା ଚାରି ଦିନରେ ଆପଣଙ୍କର ସ୍କୋର ଅପଡେଟ୍ କରିପାରିବେ, ତେବେ ଏହା ସପ୍ତାହ ପୂର୍ବରୁ କରାଯାଇପାରିବ।

ଏଥିପାଇଁ ବ୍ୟାଙ୍କଗୁଡ଼ିକ ପ୍ରତ୍ୟେକ ମାସର ଶେଷ ଦିନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ତଥ୍ୟ ପରବର୍ତ୍ତୀ ମାସର ୩ ତାରିଖ ସୁଦ୍ଧା 'ସିବିଲ୍' କମ୍ପାନୀଗୁଡ଼ିକୁ ଦାଖଲ କରିବାକୁ ପଡିବ। ଉଦାହରଣ ସ୍ୱରୂପ, ଅକ୍ଟୋବର ୩୧ ପାଇଁ ସମସ୍ତ ତଥ୍ୟ ନଭେମ୍ବର ୩, ସୁଦ୍ଧା ଦାଖଲ କରିବାକୁ ପଡିବ। ତଥାପି, ବାକି ସପ୍ତାହଗୁଡ଼ିକ ପାଇଁ (୭, ୧୪, ୨୧ ଏବଂ ୨୮), କେବଳ ନୂତନ କିମ୍ବା ପରିବର୍ତ୍ତିତ ତଥ୍ୟ ଦାଖଲ କରିବାକୁ ପଡିବ। ଏହାକୁ "ବର୍ଦ୍ଧିତ ତଥ୍ୟ" କୁହାଯାଏ। ଏଥିରେ ନୂତନ ଭାବରେ ଖୋଲାଯାଇଥିବା ଆକାଉଣ୍ଟ, ବନ୍ଦ ପୁରୁଣା ଋଣ/କାର୍ଡ, ଇଏମ୍‌ଆଇ ପେମେଣ୍ଟ, ଠିକଣା ପରିବର୍ତ୍ତନ ଏବଂ ଋଣ ସ୍ଥିତି ପରିବର୍ତ୍ତନ ସହିତ ଜଡିତ ତଥ୍ୟ ଅନ୍ତର୍ଭୁକ୍ତ। ଏହି ତଥ୍ୟ ମାତ୍ର ଦୁଇ ଦିନ ମଧ୍ୟରେ ଦାଖଲ କରିବାକୁ ପଡିବ। ଏହାର ଅର୍ଥ ହେଉଛି ୭ ତାରିଖ ପାଇଁ ତଥ୍ୟ ୯ ସୁଦ୍ଧା ଏବଂ ୧୪ ତାରିଖ ପାଇଁ ତଥ୍ୟ ୧୬ ସୁଦ୍ଧା ଦାଖଲ କରିବାକୁ ପଡିବ।

ଯଦି କୌଣସି ବ୍ୟାଙ୍କ ସମୟସୀମା ମଧ୍ୟରେ ତଥ୍ୟ ଦାଖଲ କରିବାରେ ବିଫଳ ହୁଅନ୍ତି, ତେବେ 'ସିବିଲ୍' କମ୍ପାନୀକୁ ପ୍ରତି ୬ ମାସରେ (ମାର୍ଚ୍ଚ ୩୧ ଏବଂ ସେପ୍ଟେମ୍ବର ୩୦ରେ) ଆର୍‌ବିଆଇର ଦକ୍ଷ ପୋର୍ଟାଲରେ ସେହି ବ୍ୟାଙ୍କ ବିରୁଦ୍ଧରେ ଅଭିଯୋଗ କରିବାକୁ ପଡିବ। ଏହାର ଅର୍ଥ ହେଉଛି ଯେ ବ୍ୟାଙ୍କ ଏବେ 'ସିବିଲ୍' ଡାଟା ଗୁରୁତ୍ୱଦେବ। ଏଥିରେ ଗୋଟିଏ ବଡ଼ ଲାଭ ହେଉଛି, ସମୟସୀମା ମଧ୍ୟରେ ଇଏମ୍‌ଆଇ ଦେବା ଦ୍ୱାରା ୭ଦିନ ମଧ୍ୟରେ ଜଣଙ୍କର ସ୍କୋର ବୃଦ୍ଧି ପାଇବ। ପୂର୍ବରୁ, ଏହାକୁ ଅପଡେଟ୍ କରିବାକୁ ୧୫-୩୦ ଦିନ ଲାଗୁଥିଲା। ପୁରୁଣା ଋଣ ବନ୍ଦ କରିବା ଦ୍ୱାରା ତୁରନ୍ତ ଲାଭ ମଧ୍ୟ ମିଳିବ, ଯାହା ଫଳରେ ନୂତନ ଋଣ ପାଇବା ସହଜ ହେବ। ଭୁଲ ଏଣ୍ଟ୍ରିଗୁଡ଼ିକ (ଯାହା ଆପଣଙ୍କର ନ ଥିଲା) ସଂଶୋଧନ କରିବା ଦ୍ୱାରା ଆପଣଙ୍କର ସ୍କୋର ଉନ୍ନତ ହେବ। ବ୍ୟାଙ୍କ ଜଣେ ଗ୍ରାହକଙ୍କ ସର୍ବଶେଷ ସ୍ଥିତି ଜାଣିବ, ପ୍ରତ୍ୟାଖ୍ୟାନର ସମ୍ଭାବନା ହ୍ରାସ ପାଇବ। ଠକେଇ କିମ୍ବା ଚୋରି ହୋଇଥିବା କାର୍ଡର ପ୍ରଭାବ ମଧ୍ୟ ଶୀଘ୍ର ଦୂର ହୋଇଯିବ।

ଏହି ବ୍ୟବସ୍ଥାରେ ବ୍ୟାଙ୍କଗୁଡ଼ିକ ପୂର୍ବରୁ ଜାଣିପାରିବେ ଯେ ଜଣେ ଗ୍ରାହକ ଅନ୍ୟତ୍ର ନୂତନ ଋଣ ନେଇଛନ୍ତି କିମ୍ବା ଡିଫଲ୍ଟ ହୋଇଛନ୍ତି। ଏହା ବିପଦ ହ୍ରାସ କରିବ ଏବଂ ସେମାନଙ୍କୁ ଉତ୍ତମ ଋଣ ନିଷ୍ପତ୍ତି ନେବାକୁ ଅନୁମତି ଦେବ। ସାମଗ୍ରିକ ଭାବରେ, ଋଣ ପ୍ରକ୍ରିୟାକରଣ ଦ୍ରୁତ ହେବ। ଆର୍‌ବିଆଇ ସମ୍ପ୍ରତି ନୂତନ ନିୟମର ଏକ ଚିଠା ପ୍ରକାଶ କରିଛି। ସମସ୍ତ ବ୍ୟାଙ୍କ, ଏନ୍‌ବିଏଫ୍‌ସି ଏବଂ ସିବିଲ୍ କମ୍ପାନୀଗୁଡ଼ିକଠାରୁ ମତାମତ ଲୋଡାଯାଇଛି। ନୂତନ ନିୟମଗୁଡ଼ିକ ଆସନ୍ତାବର୍ଷ ଏପ୍ରିଲରୁ କାର୍ଯ୍ୟକାରୀ ହେବାର ଆଶା କରାଯାଉଛି।

### ୧୪ ମାସ ପରେ ଝୁମିଲା ସେୟାର ବଜାର

## ସର୍ବକାଳୀନ ରେକର୍ଡ ସ୍ତରରେ ସେନ୍‌ସେକ୍ସ

**୮୬ ହଜାର ପଏଣ୍ଟ ଟପି ଇତିହାସ ରଚିଲା**

**ମୁମ୍ବଇ,୨୭।୧୧(ଏଜେନ୍ସି):** ଟ୍ରାକ୍‌କୁ ଫେରିଛି ଘରୋଇ ପୁଞ୍ଜିବଜାର। ଦୀର୍ଘ ୧୪ ମାସ ପରେ ଗୁରୁବାର ଷ୍ଟକ୍ ବଜାର ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ୮୬ ହଜାର ପଏଣ୍ଟ ଅତିକ୍ରମ କରି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସ ଇତିହାସ ରଚିଛି। କାରବାର ସମୟରେ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୨୬,୩୧୦ ପଏଣ୍ଟ ଏବଂ ସେନ୍‌ସେକ୍ସ ୮୬,୦୫୫ ପଏଣ୍ଟ ସ୍ତର ଛୁଇଁଥିଲା, ଯାହା ଗତ ୧୪ ମାସ ମଧ୍ୟରେ ସର୍ବାଧିକ ସ୍ତର ଥିଲା। ଏହାପୂର୍ବରୁ, ସେନସେକ୍ସ ୨୦୨୪ ସେପ୍ଟେମ୍ବର ୨୭ରେ ୮୫,୯୭୮ ପଏଣ୍ଟ ଏବଂ ନିଫ୍ଟି ୨୬,୨୭୭ ପଏଣ୍ଟର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା।

ଗୁରୁବାର, ଭାରତୀୟ ଷ୍ଟକ୍ ବଜାର ପାଇଁ ଏକ ଐତିହାସିକ ଦିନ ପ୍ରମାଣିତ ହୋଇଥିଲା। କାରଣ ଏକ ଦୀର୍ଘ ଅପେକ୍ଷା ପରେ ସେନସେକ୍ସ ଏବଂ ନିଫ୍ଟି ଉଭୟ ଶେଷରେ ସେମାନଙ୍କର ସର୍ବୋଚ୍ଚ ସ୍ତର ଛୁଇଁଥିଲେ। ନିଫ୍ଟି ପ୍ରଥମ ଥର ପାଇଁ ୨୬,୩୦୦ ଅଙ୍କ ଅତିକ୍ରମ କରି ୨୬,୩୧୦.୪୫ ର ଏକ ନୂତନ ରେକର୍ଡ ସ୍ତରକୁ ପହଞ୍ଚିଲା। ଅନ୍ୟପକ୍ଷରେ, ସେନସେକ୍ସ ମଧ୍ୟ ୮୬,୦୫୫.୮୬ ର ଏକ ନୂତନ ସର୍ବକାଳୀନ ଉଚ୍ଚତା ହାସଲ କଲା, ଯାହା ପୂର୍ବ ସ୍ତର ୮୫,୯୭୮ କୁ ଅତିକ୍ରମ କରିଗଲା। ନିଫ୍ଟିକୁ ଏହି ନୂତନ ରେକର୍ଡରେ ପହଞ୍ଚିବା ପାଇଁ ପ୍ରାୟ ୨୮୮ ବାଣିଜ୍ୟ ଅଧିବେଶନ ଲାଗିଥିଲା। ଗୁରୁବାର କାରବାରରେ ସେନ୍‌ସେକ୍ସରେ ମାତ୍ର ୧୧୦.୮୭ ପଏଣ୍ଟ ବୃଦ୍ଧି ପାଇ ୮୫,୭୨୦ ପଏଣ୍ଟରେ ବନ୍ଦ ହୋଇଥିଲା। ସେହିଭଳି ନିଫ୍ଟିରେ ୧୦.୨୫ ପଏଣ୍ଟ ବୃଦ୍ଧି ଘଟି ୨୬,୨୧୫ ପଏଣ୍ଟରେ ବନ୍ଦ ହୋଇଥିଲା। ନିଫ୍ଟିରେ ଅଟୋ, ଫାଇନାନ୍ସ ଏବଂ ବ୍ୟାଙ୍କିଙ୍ଗ ଷ୍ଟକ୍ ବୃଦ୍ଧି ପାଇବାଥିବାବେଳେ ଆଇଟି ଏବଂ ରିଅଲିଟି କ୍ଷେତ୍ରର ଶେୟାର ମୂଲ୍ୟ ହ୍ରାସ ପାଇଥିଲା। ତେବେ ସର୍ବୋଚ୍ଚ ସ୍ତରରେ ପହଞ୍ଚିବାର କିଛି ସମୟ ପରେ ସେନ୍‌ସେକ୍ସ ପୁଣି ଥରେ ଉଚ୍ଚ ସ୍ତରରୁ ତଳକୁ ଖସିଆସିଥିଲା। ବିଶ୍ୱ ବଜାରରେ ମଜଭୁତ ସ୍ଥିତି ଦେଖା ଦେଇଥିବାରୁ ଭାରତୀୟ ଷ୍ଟକ୍ ବଜରରେ ହଠାତ ବୃଦ୍ଧି ହୋଇଥିଲା। ଏସୀୟ ଇଣ୍ଡେକ୍ସଗୁଡ଼ିକ ମଜଭୁତ ସ୍ଥିତିରେ ରହି ଉଚ୍ଚ ସ୍ଥିତିରେ କାରବାର କରୁଛନ୍ତି। ସେହିପରି ଆମେରିକାର ୱାଲ ଷ୍ଟ୍ରିଟ୍ ଗତକାଲି ରାତିରେ ଏକ ସକାରାତ୍ମକ ସ୍ଥିତିରେ ବନ୍ଦ ହୋଇଥିଲା।

ଏସୀୟ ବଜାରରେ ବି ଭଲ ସ୍ଥିତି ରହିଥିଲା। କୋରିଆର କୋସ୍ପି ୦.୬୬% ବୃଦ୍ଧି ପାଇ ୩,୯୮୬ରେ ଏବଂ ଜାପାନର ନିକେଇ ୧.୨୩% ବୃଦ୍ଧି ପାଇ ୫୦,୧୬୭ରେ ବନ୍ଦ ହୋଇଛି। ସେହିପରି ଆମେରିକାର ନଭେମ୍ବର ୨୬ କାରବାର ଶେଷ ସୁଦ୍ଧା ଡାଓ ଜୋନ୍ସ ଇଣ୍ଡଷ୍ଟ୍ରିଆଲ୍ ଆଭରେଜ୍ ୦.୬୭% ବୃଦ୍ଧି ପାଇ ୪୭,୪୨୭ ରେ ବନ୍ଦ ହୋଇଥିଲା। ନାସଡାକ୍ କମ୍ପୋଜିଟ୍ ୦.୮୨% ଏବଂ ଏସ୍‌ଆଣ୍ଡପି ୫୦୦ ଇଣ୍ଡେକ୍ସ ୦.୬୯% ବୃଦ୍ଧି ପାଇଥିଲା।

## ଟିପିସିଓଡିଏଲ୍‌କୁ 'ପ୍ରିମିୟମ ଗୋଲ୍ଡ' ସମ୍ମାନ

**ଭୁବନେଶ୍ୱର, ୨୭।୧୧ (ସମିସ):** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) କୁ କଳିଙ୍ଗ ସେଫ୍ଟି ଏକ୍ସଲେନ୍ସ ନ୍ୟାସନାଲ ଆୱାର୍ଡରେ 'ପ୍ରିମିୟମ ଗୋଲ୍ଡ' ବର୍ଗରେ ସମ୍ମାନିତ କରାଯାଇଛି। ନିକଟରେ ନୂଆଦିଲ୍ଲୀସ୍ଥିତ କନଷ୍ଟିଚ୍ୟୁସନ୍ କ୍ଲବ୍ ଅଫ୍ ଇଣ୍ଡିଆରେ ଆୟୋଜିତ ନ୍ୟାସନାଲ ସେଫ୍ଟି କନକ୍ଲେଭ ୨୦୨୫ରେ କମ୍ପାନୀକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଆଣ୍ଡ ଏନଭାଇରନମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍ (ଆଇକ୍ୟୁଇଏମଏସ୍) ଦ୍ୱାରା ସ୍ଥାପିତ ଏହି କଳିଙ୍ଗ ସେଫ୍ଟି ଏକ୍ସଲେନ୍ସ ଆୱାର୍ଡ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ (ଓଏସଏଚ/ଏସଏଚଇ) କ୍ଷେତ୍ରରେ ଭାରତର ଅନ୍ୟତମ ପ୍ରମୁଖ ସମ୍ମାନ ଭାବେ ପରିଗଣିତ ହୁଏ। ୨୦୨୪ ବର୍ଷ ପାଇଁ ସୁରକ୍ଷା ବ୍ୟବସ୍ଥା, ସଚେତନତା କାର୍ଯ୍ୟକ୍ରମ ଏବଂ ସାମଗ୍ରିକ ସୁରକ୍ଷା ସଂସ୍କୃତି ଭଳି ପ୍ରମୁଖ ମାନଦଣ୍ଡଗୁଡ଼ିକର କଠୋର ଏବଂ ନିରପେକ୍ଷ ସମୀକ୍ଷା ମାଧ୍ୟମରେ ବିଭିନ୍ନ ସଂସ୍ଥାକୁ ଚୟନ କରାଯାଇଥିଲା। ଟିପିସିଓଡିଏଲର ଏହି 'ପ୍ରିମିୟମ ଗୋଲ୍ଡ' ସ୍ୱୀକୃତି କମ୍ପାନୀର ସୁରକ୍ଷାକୁ ଅଗ୍ରାଧିକାର ଏବଂ କାର୍ଯ୍ୟକ୍ଷେତ୍ରରେ ନିରନ୍ତର ଉନ୍ନତି ପାଇଁ ଥିବା ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି। ଟିପିସିଓଡିଏଲର ସିଓଓ ଦୁଷ୍ୟନ୍ତ କୁମାର ତ୍ୟାଗୀ ଏହି ପୁରସ୍କାର ଗ୍ରହଣ କରିଥିଲେ। ଉତ୍ତରପ୍ରଦେଶର ଶ୍ରମ ଓ ନିୟୋଜନ ମନ୍ତ୍ରୀ ଡ. ରାଜବୀର ସିଂହ, ଯାଜପୁର ସାଂସଦ ଡ. ରବିନାରାୟଣ ବେହେରା, ବରିଷ୍ଠ ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର ଏବଂ ବ୍ରିଗେଡିୟର ଆଲୋକ ଜୈନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ।




## ଏନବିବିଏଲର ବ୍ୟାଙ୍କିଙ୍ଗ କନେକ୍ଟ

**ମୁମ୍ବଇ,୨୭।୧୧ :** ନ୍ୟାସନାଲ୍ ପେମେଣ୍ଟସ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ)ର ସମ୍ପୂର୍ଣ୍ଣ ମାଲିକାନା ଥିବା ସହାୟକ କମ୍ପାନୀ ଏନପିସିଆଇ ଭାରତ ବିଲ୍ ପେ' ଲିମିଟେଡ୍ (ଏନବିବିଏଲ୍), ବ୍ୟାଙ୍କିଙ୍ଗ କନେକ୍ଟ ସହିତ ଏହାର ଡିଜିଟାଲ୍ ପେମେଣ୍ଟ ଦୃଷ୍ଟିକୋଣକୁ ଆଗକୁ ବଢାଇଛି, ଏହା ଏକ ନୂତନ ଅନ୍ତଃ-ପରିଚାଳିତ ପ୍ଲାଟଫର୍ମ ଯାହା ଇଣ୍ଟରନେଟ୍ ଏବଂ ମୋବାଇଲ୍ ବ୍ୟାଙ୍କିଙ୍ଗ ଅଭିଜ୍ଞତାକୁ ପୁନଃ ପରିଭାଷିତ କରିବାର ପ୍ରତିଶ୍ରୁତି ଦିଏ। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଉପସ୍ଥିତିରେ ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟିଭାଲ୍ ୨୦୨୫ରେ ବ୍ୟାଙ୍କିଙ୍ଗ କନେକ୍ଟ ଆରମ୍ଭ କରାଯାଇଥିଲା। ଆଜିର ନେଟ୍ ବ୍ୟାଙ୍କିଙ୍ଗ କାର୍ଯ୍ୟପ୍ରଣାଳୀ ପାଇଁ ପ୍ରାୟତଃ ବହୁବିଧ ସମନ୍ୱୟ, ଜଟିଳ ଗ୍ରାହକ ପ୍ରମାଣପତ୍ର ଏବଂ ଅଣ-ମାନକିତ ସମାଧାନ ପ୍ରକ୍ରିୟା ଆବଶ୍ୟକ ହୁଏ।

## ଜାଲ୍ ପତାକାରେ ରୁଷରୁ ତେଲ ଆମଦାନୀ

**୩୦ ଜାହାଜରେ ଭାରତ ଆସିଛି ୫୪ ଲକ୍ଷ ଟନ୍**

**ନୂଆଦିଲ୍ଲୀ,୨୭।୧୧(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରୁଷରୁ ତେଲ ଆମଦାନୀକୁ ନେଇ ଭାରତ ଉପରେ ୨୫% ଟାରିଫ୍ ଲାଗୁ କରିଛନ୍ତି। ଟ୍ରମ୍ପ୍ ପ୍ରଶାସନର କ୍ରମାଗତ ଚାପ ଯୋଗୁ ଭାରତ ରୁଷରୁ ତେଲ ଆମଦାନୀ ହ୍ରାସ କରିବାରେ ଲାଗିଛି। ୟୁରୋପ ୟୁନିଅନ୍ (ଇୟୁ) ଥିଙ୍କ୍ ଟ୍ୟାଙ୍କ ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର (କ୍ରିଆ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା ଦାବି କରିଛି। କ୍ରିଆର ରିପୋର୍ଟ ଅନୁଯାୟୀ, ଭାରତ ୩୦ଟି ମିଥ୍ୟା ଜାହାଜ ଜରିଆରେ ୫.୪ ନିୟୁତ ଟନ୍ ରୁଷୀୟ ଅଶୋଧିତ ତେଲ ଆମଦାନୀ କରିଛି। ଭାରତ ଚଳିତବର୍ଷ ଜାନୁଆରୀରୁ ସେପ୍ଟେମ୍ବର ମଧ୍ୟରେ ଏହି ତେଲ ଆମଦାନୀ କରିଛି। ଏହି ସମୟ ମଧ୍ୟରେ ଏପରି ମିଥ୍ୟା ଜାହାଜ ଭାରତ ପାଇଁ ତେଲ ପରିବହନ ନିମନ୍ତେ ସବୁଠାରୁ ବଡ଼ ଗନ୍ତବ୍ୟସ୍ଥଳ ପାଲଟିଛି।

ରିପୋର୍ଟରେ କୁହାଯାଇଛି ଯେ ୟୁକ୍ରେନ ଯୁଦ୍ଧ ପରେ ପାଶ୍ଚାତ୍ୟ ଦେଶମାନଙ୍କ ଦ୍ୱାରା ଲାଗୁ ହୋଇଥିବା ପ୍ରତିବନ୍ଧକ ଏଡାଇବା ପାଇଁ, ରୁଷ ତାର ଛାୟା ନୌବାହିନୀର ବ୍ୟବହାର ବୃଦ୍ଧି କରିଛି। ଚୀନ୍, ଭାରତ ଏବଂ ତୁର୍କୀ ସମେତ କିଛି କ୍ରେତାଙ୍କୁ ଅଶୋଧିତ ତେଲ ଯୋଗାଣ ପାଇଁ ରୁଷ ଅସ୍ପଷ୍ଟ ମାଲିକାନା, ଜାଲ୍ ପଞ୍ଜିକରଣ ଏବଂ ଅକ୍ଷମ ଟ୍ରାକିଂ ସିଷ୍ଟମ ସହିତ ପୁରୁଣା ଟ୍ୟାଙ୍କର୍ ବ୍ୟବହାର କରି ତେଲ ଯୋଗଣ କରୁଥିବା ରିପୋର୍ଟରେ ଅଭିଯୋଗ ହୋଇଛି। ଏଥିରେ ୨୦୨୫ର ପ୍ରଥମ ୯ ମାସରେ, ମୋଟ ୧୧୩ଟି ରୁଷୀୟ ଜାହାଜ ମିଥ୍ୟା ପତାକା ଲଗାଇ ତେଲ ଯୋଗାଣ କରିଥିଲା। ଏମିତି କରି ୨୧,୦୦୦ କୋଟି ଟଙ୍କା ମୂଲ୍ୟର ପ୍ରାୟ ୧୧ ନିୟୁତ ଟନ୍ ଅଶୋଧିତ ତେଲ ପରିବହନ କରାଯାଇଛି। ଏଥିମଧ୍ୟରୁ ପ୍ରାୟ ୧୦,୦୦୦ କୋଟି ଟଙ୍କା ମୂଲ୍ୟର ୫.୪ ନିୟୁତ ଟନ୍ ତେଲ କେବଳ ଭାରତରେ ପହଞ୍ଚିଥିଲା। ସୂଚନାଯୋଗ୍ୟ ଯେ, ୨୦୨୨ ମସିହାରେ ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ, ରୁଷ ଉପରେ କଟକଣା ଲଗାଯାଇଥିଲା। ରୁଷିଆ ତା'ର ତେଲ ବହୁତ ଶସ୍ତାରେ ବିକ୍ରି କରିବା ଆରମ୍ଭ କରିଥିଲା। ପୂର୍ବରୁ, ଭାରତ ରୁଷିଆଠାରୁ ତେଲ କିଣୁ ନ ଥିଲା, କିନ୍ତୁ ବର୍ତ୍ତମାନ ରୁଷିଆ ଅଶୋଧିତ ତେଲ ପ୍ରତି ବ୍ୟାରେଲ ୨୦-୩୦ ଡଲାର ରିଆତିରେ ଉପଲବ୍ଧ।

## ଅରୁଣ ଆଇସକ୍ରିମ୍ ପକ୍ଷରୁ ଆଇସ୍‌କ୍ରିମ ଡୋନଟ୍ସର ଶୁଭାରମ୍ଭ

**ଚେନ୍ନଇ, ୨୭।୧୧:** ଅରୁଣ ଆଇସକ୍ରିମ, ପ୍ରକୃତ କ୍ଷୀର ଏବଂ କ୍ରିମ ସହିତ ପ୍ରସ୍ତୁତ ଆଇସକ୍ରିମର ପରିସର ପାଇଁ ବହୁଳ ଭାବରେ ଲୋକପ୍ରିୟ ଏବଂ କାସାଟା ସ୍ଲାଇସ୍, ଆଇକୋନ୍, ଆବାର, ସ୍ୱାଇରାଲ୍, ବାଇଟ୍ସ, ବଲ୍ ଆଇସ୍‌କ୍ରିମ, ଆଇସକ୍ରିମ ସାଣ୍ଡୱିଚ୍ ଏବଂ ପୁସଅପ୍ କଟନ୍ କ୍ୟାଣ୍ଡି ଭଳି ଆଇକନିକ ଉତ୍ପାଦ ଶୁଭାରମ୍ଭ କରିବା ପାଇଁ ଜଣାଶୁଣା ଏକ କାଟେଗୋରି ଲିଡର ଏହାର ପ୍ରିୟ ଟ୍ରିଟ୍ସ ରେଞ୍ଜ - ଅରୁଣ ଆଇସକ୍ରିମ ଡୋନଟ୍ - ରେ ନୂତନତମ ଉତ୍ପାଦର ଶୁଭାରମ୍ଭ କରିଛି। ଏହି ଉଦ୍ଭାବନ ଆଇସକ୍ରିମ ଜଗତରେ ଏକ ନୂତନ ମୋଡ଼ ଆଣିଛି। ଏହି ବାଇଟ୍- ଆକାରର ଆନନ୍ଦ ଏକ ମଜାଦାର ମିଶ୍ରଣ ଯାହା ଗ୍ରାହକମାନଙ୍କୁ ସତେଜ, ରୋମାଂଚକର ଏବଂ ସ୍ୱାଦ ପାଇଁ ଉପଯୁକ୍ତ କିଛି ଖୋଜୁଥିବା ଲୋକଙ୍କୁ ଆକର୍ଷିତ କରିବା ପାଇଁ ଡିଜାଇନ୍ କରାଯାଇଛି। ଅରୁଣ ଆଇସକ୍ରିମ୍‌ର ନୂତନ ଶୁଭାରମ୍ଭ ସମସ୍ତ ବୟସ ଗୋଷ୍ଠୀକୁ ଆକର୍ଷିତ କରୁଥିବା କ୍ଲାସିକ୍ ଟ୍ରିଟ୍ ପ୍ରସ୍ତୁତ କରିବା ସହିତ ଏକ ଅତୁଳନୀୟ ସ୍ୱାଦ ପ୍ରଦାନ କରେ।

## ଅଯୋଧ୍ୟାରେ ଜମି ମୂଲ୍ୟରେ ୫୦୦% ବୃଦ୍ଧି

**ନୂଆଦିଲ୍ଲୀ,୨୭।୧୧(ଏଜେନ୍ସି):** ଉତ୍ତର ପ୍ରଦେଶର ଅଯୋଧ୍ୟା ବିଶ୍ୱ ମାନଚିତ୍ରରେ ଆଧ୍ୟାତ୍ମିକତାର ଏକ ପ୍ରମୁଖ କେନ୍ଦ୍ର ଭାବରେ ଦ୍ରୁତ ଗତିରେ ଉଭା ହେଉଛି। ୨୦୨୪ରେ ରାମ ମନ୍ଦିର ପ୍ରତିଷ୍ଠା ହେବା ପରଠାରୁ ଏହି ସହରରେ ରିଅଲ୍ ଇଷ୍ଟେଟ୍ ବଜାର ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ଅଯୋଧ୍ୟାରେ ଜମି ମୂଲ୍ୟ ୩୦୦ ରୁ ୫୦୦ ପ୍ରତିଶତର ଐତିହାସିକ ବୃଦ୍ଧି ରେକର୍ଡ କରାଯାଇଛି। ଏହାର ଅର୍ଥ ହେଉଛି ଅଯୋଧ୍ୟା ଏବେ ଆଧ୍ୟାତ୍ମିକତା, ଆଧୁନିକ ଭିତ୍ତିଭୂମି ଏବଂ ଦୃଢ଼ ଆର୍ଥିକ ବିସ୍ତାରର ସଙ୍ଗମସ୍ଥଳ ଭାବେ ଉଭା ହୋଇଛି। ତେଣୁ ଏଥିରେ ଅଯୋଧ୍ୟାରେ ପ୍ରପର୍ଟି ବଜାରର ଅଭିବୃଦ୍ଧି ଖୁବ୍ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି।

ଇନଭେଷ୍ଟୋଏକ୍ସପର୍ଟ ଆଡଭାଇଜର୍ସର ପ୍ରତିଷ୍ଠାତା ଏବଂ ପରିଚାଳନା ନିର୍ଦ୍ଦେଶକ ବିଶାଲ ରାହେଜା କହିଛନ୍ତି ଯେ ଅଯୋଧ୍ୟା ଆଜି ଦେଶର ଏଣ୍ଡ ବାୟର୍ସ ଓ ଲଙ୍ଗ ଟର୍ମ ଇନଭେଷ୍ଟରଙ୍କ ପାଇଁ ସବୁଠାରୁ ବିଶ୍ୱାସ ଯୋଗ୍ୟ ବଜାର ମଧ୍ୟରୁ ଗୋଟିଏ ପାଲଟିଛି। ଏହା କ୍ରେତାଙ୍କ ସୁରକ୍ଷା, ମୂଲ୍ୟ ବୃଦ୍ଧି ଏବଂ ଦୀର୍ଘକାଳୀନ ଲାଭ ଦୃଷ୍ଟିରୁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରୁଛି। ଯାହା ବର୍ତ୍ତମାନର ସମୟକୁ ନିବେଶ ପାଇଁ ଅତ୍ୟନ୍ତ ରଣନୈତିକ ସ୍ଥିତିକୁ ଦର୍ଶାଉଛି। ବିଶାଲଙ୍କ ଅନୁସାରେ, ଅନ୍ତର୍ଜାତୀୟ ବିମାନବନ୍ଦର, ଉନ୍ନତ ରେଳ ଷ୍ଟେସନ, ଚାରି ଲେନ୍ ରାସ୍ତା, ନଦୀକୂଳ ବିକାଶ ଏବଂ ହସ୍ପିଟାଲିଟି ଭିତ୍ତିଭୂମିରେ ମୋଟ ୬ ବିଲିୟନ ଡଲାରରୁ ଅଧିକ ନିବେଶ ଜାରି ରହିଛି। ଏହି ପ୍ରୟାସଗୁଡ଼ିକ ଅଯୋଧ୍ୟାକୁ ବର୍ଷ ସାରା ବିଶ୍ୱ ଆଧ୍ୟାତ୍ମିକ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରୁଛି। ଏହି ନିବେଶ ପାଇଁ ଆଗାମୀ ବର୍ଷଗୁଡ଼ିକରେ ଅଯୋଧ୍ୟାର ସମ୍ପତ୍ତି ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇବା ସମ୍ଭାବନା ରହିଛି। ମନ୍ଦିର ପ୍ରତିଷ୍ଠା ପରେ ବିପୁଳ ଜନସମାଗମ ଯୋଗୁ ବ୍ୟବସାୟ, ବାସସ୍ଥାନ, ହୋଟେଲ ଏବଂ ଯାତ୍ରା ସୁବିଧାର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଇଛି।


**AFFIDAVIT**

By virtue of an affidavit sl. no.-6651, dtd.24.11.2025, in the court of the Executive Magistrate, Kendrapara, I, Pradipta Jena, S/o- Rabindranath Jena, R/o-Vill/Po- Harianka, Ps-Kendrapara Sadar, Dist.-Kendrapara, Odisha, Pin-754210 have changed my minor son's name from Pravat Jena to Pravas Jena. Henceforth he will be known as Pravas Jena instead of Pravat Jena for all purposes.

Sd/- Pradipta Jena

**AFFIDAVIT**

By virtue of an Affidavit before Notary Public, Malkangiri, **I, Ashis Kumar Bairagi,** aged about 26 years, S/o.: Rabin Bairagi resident of Village: Radhagabindapa Palli M.V. - 30, PO.: Kamwada, P.S.: Orkel, Dist.: Malkangiri, Odisha, declare by this Affidavit No.: 16008/2025, Dated: 27.11.2025 that I have changed my & my father name from **Asish Bairagi**, S/o.: Rabindra Bairagi to **Ashis kumar Bairagi**, **S/o.: Rabin Bairagi**. Henceforth I shall be known as **Ashis kumar Bairagi**, **S/o.: Rabin Bairagi** for all future purposes.

**AFFIDAVIT**

By virtue of an affidavit sworn before executive Magistrate Dhamnagar, dated 24/11/2025. I,Firdous Quadri Address At-Mustafapur, PO-Dobal, PS-Dhamnagar, Dist-Bhadrak, PIN-756117,State-Odisha declare that I have changed my name from Firdosh Kadri to Firdous Quadri. Henceforth, I shall be known as Firdous Quadri for all purposes.

(Firdous Quadri)

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 26/11/2025, CF No.- 41/26.11.2025. I, Anirudha Nayak S/O Senapati Nayak, At- Tarini Nagar, Salia Sahi, Jaydev Vihar PO-R R L, PS-Maitri Vihar, Dist- Khordha, Pin-751013, declare that I have changed the name of my daughter from Nansi Nayak to Rincy Nayak. Henceforth, she shall be known as new name Rincy Nayak for all purposes.

Anirudha Nayak

**AFFIDAVIT**

By virtue of an affidavit CF No.50, sworn before Executive Magistrate, Bhubaneswar, dated 29.10.2025, I, Gati Prasad Rout, Plot No.Sd-3 Backside, VSS Nagar, Po-Rasulgarh, Ps.- Sahid Nagar, Bhubaneswar-751010, Dist.-Khordha, Odisha declare that I have changed the name of my daughter from Somya Priyadarsini to Soumya Priyadarshini Rout. Henceforth she shall be known as Soumya Priyadarshini Rout for all purposes.

Gati Prasad Rout

**AFFIDAVIT**

By virtue of an Affidavit Sworn before the Executive Magistrate, Nandapur, Dist.-Koraput vide no.-104 dtd.26/11/2025, I Smt. Purnimarani Das, W/o-Sri Milan Kumar Tikadar, resident of House no.-38, Main road, Banjalaput, Po.- Padwa, Dist.- Koraput, Odisha-764038 declare that, I have changed my name from **Purnima Tikadar** to **Purnimarani Das**. That, **Purnima Tikadar** and **Purnimarani Das** is one and the same person.

**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

*Campus:*
262, Puranpadhan, Balakati, Bhubaneswar

Mob. 7019799641, 7978608747 9853801459

Email: mdscnbbsr@gmail.com

- **B. Pharm** *Rs. 58,000/- P.A.* Eligibility: +2 Sc. (PCB/M & OJEE Appeared)
- **D. Pharm** *Rs. 48,000/- P.A.* Eligibility: +2 Sc. (PCB/M)
- **B.M.L.T.** *Rs. 58,000/- P.A.* Eligibility: +2 Sc. (PCB/M with 50 % Mark)
- **D.M.L.T.** *Rs. 48,000/- P.A.* Eligibility: +2 Sc. Pass (PCB/M)
- **M.P.H.** *Rs. 42,000/- P.A.* Eligibility: Any Graguate

ALL COURSE FEES ARE EXCLUDING HOSTEL

**LOST**

**I Prabodha Kumar Sahani, Proprietor of Premium Chicken House,** S/o.: Late Purna Chandra Sahani of Mahanadi Vihar, Declared by this Affidavit No.: 343803, dated 24.11.2025, my original prior sale deed executed by Labangalata Nayak in Favour of Biswabanita aich Document No.: 4047 vide Khata No.: 111/344, Plot No.: 109/2824, Area: Ac.0.040 Decimal, Unit No.: 6, Uttar deulasahi, Mouza: Cuttack Sahar, P.S.: Bidanasi, Dist.: Cuttack has been lost while I was travelling from Cuttack to Pipili by Bus. If somebody found the same please inform- **Mob- 9937068851**

**AFFIDAVIT**

I, **Tabasum Jahan Begum** wife of Gulam Moinuddin Khan, resident of Ward No.-25, Plot No.- N-1/316, IRC Village, P.O.- IRC Village, P.S.-Nayapalli, Bhubaneswar, Dist.-Khordha, Odisha-751015 declare by this affidavit No.-11 dated 04.11.2025 that now onwards I shall be known as **TABASUM JAHAN** for all future purposes.

Sd/- Tabasum Jahan

**NOTICE (FOR MINOR)**

By virtue of an affidavit sworn before the Notary Public, Bhubaneswar, dated 26.11.2025, I, Swami Sampurnananda Saraswati, At- Sitanath Nagar, Niladri Vihar, P.O. Sailashree Vihar, P.S. Chandrasekharpur, Bhubaneswar – 751021, Dist. Khordha declare that I have changed the name of my Adopted daughter from Jayashree Rath to Jayashree Saraswati Rath. Henceforth, she shall be known as Jayashree Saraswati Rath for all purposes.

SWAMI SAMPURNANANDA SARASWATI

**IN THE COURT OF THE CIVIL JUDGE (SENIOR DIVISION), ANANDAPUR.**

C.S. 115/2023

Kanthia Sethy .......Plaintiff

Vrs.

Nachhu Sethy and others ..Defendants

**NOTICE U/O 5, RULE 20 OF C.P.C To**

Def. 4, 1) Mayadhar Sethy, aged about 57 yrs, Son of late Suka Sethy, of village/P.O- Keshadurapal,P.S- Ghasipura, Dist. Keonjhar.

Def. 5, 2) Tilottama Sethy, aged about 47 years,Wife of Baya Sethy of village-Chhualia, P.O- Dhenka, P.S- Soso, Dist. Keonjhar.

Def. 6, 3) Pramila Sethy, aged about 54 years, Wife of Daitari Sethy Daughter of Sya Sethy of village-Khalagadia,P.O- Dhenka, P.S- Soso, Dist. Keonjhar.

Def. 15, 4) Babuli Sethy, aged about 52 years,Son of late Bali Sethy of village/P.O Atapur, P.S- Sadar,Dist. Keonjhar.

Def. 18, 5) Sanju Sethy, aged about 49 years,Wife of Purna Chandra Behera of village/P.O-Pandirisilli,P.S- Raruan, Dist. Keonjhar.

Def. 20, 6) Pritimaya Sethy, aged about 28 years,Son of late Kulamani Sethy, Village- Sankhapata (Sabarsahi) P.O/P.S- Baripada, Dist. Mayurbhanj.

Take notice that the above-named plaintiff has filed the C.S no. 115/2023 for partition and permanent injunction against the Defendants and the service of summons could not be served against the aforesaid defendants in spite of repeated summons issued by the Court in either ways and the defendants avoided to receive the Court Summons.

So you all are noticed to appear in my Court on 23rd Dec 2025 at about 10.30 A.M in person or through advocate to put forth your claims as to why reliefs prayed by the plaintiff should not be granted.

Take notice that in case of default the suit will be heard or determined in your absence.

Given under my hand and seal of this Court day **30.10.2025.**

**Civil Judge (Sr. Divn.), Anandapur.**

**NOTICE**

By virtue of an affidavit sworn before Executive Magistrate, Dhenkanal, dated 27/11/2025, I Urmila Pati, Address At/PO-Bainsia, Block/PS-Gondia, Dist-Dhenkanal, Odisha-759014, declare that I have changed my name from Urmila Dash to Urmila Pati. Henceforth, I shall be known as Urmila Pati for all purposes.

Urmila Pati

O-1558 e-mail : rwd_gajapati@yahoo.co.in

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISON GAJAPATI PARLAKHEMUNDI

**NATIONAL COMPETITIVE BIDDING THROUGH e-Procurement**

**Identification No. Online Tender- 09/GJP/2025-26**

| | | |
|---|---|---|
| 1. | Name of the work | : Building Works |
| 2. | Total No. Work | : 07 (Seven) No. of Building Works |
| 3. | Estimated Cost | : Rs. 4.20 lakhs to 43.58 lakhs |
| 4. | Class of Contractor | : 'C' & 'D' Class Contractor<br>'B' Class Contractor |
| 5. | Period of Completion | : Furnished in Annexure |
| 6. | Availability of Tender Online for bidding | : 28.11.2025 at 10.00 A.M to 08.12.2025 up to 5.00 PM. |
| 7. | Date and Time of Opening of Tender | : 09.12.2025 at 11.00 A.M |
| 8. | Place of Opening | : As per Annexure |

Further details can be seen from the Website www.tenderorissa.gov.in

Executive Engineer
R.W. Division, Gajapati

OIPR-

**AFFIDAVIT**

I, Prasanta Samantaray, aged about 59 years, S/o-Pitambar Samantaray, resident of At- Plot No-44/1343, Pitambar Realm, Pokhariput, Bhubaneswar, Dist- Khurda, Pin-751020, Odisha declare by this affidavit No. 2407, dtd-27/11/2025, that now onwards I shall be known as **PRASANTA KUMAR SAMANTARAY** for all future purposes.

# ମାଁ ଧନଲକ୍ଷ୍ମୀଙ୍କ ପୂଜା ଉତ୍ସବ

ବିଷମ କଟକ,୨୭।୧୧(ସମିସ):



ରାୟଗଡା ଜିଲ୍ଲା ବିଷମ କଟକ ସହରରେ ମହାଆଡମ୍ବରରେ ଚାଲିଛି ୧୫ତମ ମାଁ ଧନଲକ୍ଷ୍ମୀଙ୍କ ପୂଜା। ଚଳିତ ବର୍ଷ ୧୫ତମ ଧନଲକ୍ଷ୍ମୀ ପୂଜାକୁ ମାର୍ଗଶିର ଚତୁର୍ଥ ଗୁରବାର ଦିନ ଠାରୁ ଅତି ଧୁମ୍ ଧାମରେ ପାଳନ କରାଯାଉଛି। ସନ୍ଧ୍ୟା ସମୟରେ ପୂଜା ମଣ୍ଡପରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ଆକର୍ଷଣୀୟ ମେଢ଼ ସାଙ୍ଗକୁ ରଙ୍ଗ ବେରଙ୍ଗର ଆଲୋକମାଳା ସୁ ସଜ୍ଜିତ କରାଯାଇଛି। ଚଳିତ ବର୍ଷ ବିଷମ କଟକ ସହରର ଧନଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ୧୫ତମ ମାଁ ଧନଲକ୍ଷ୍ମୀ ପୂଜା ଆୟୋଜନ କରାଯାଇଛି। ଆଜି ପ୍ରଥମ ଦିନରେ ମାଁଙ୍କ ସୂର୍ଯ୍ୟପୂଜା, ଶାଳ ପ୍ରବେଶ ସହ ଷୋଡଶ ଉପଚାର, ଜୀବନ୍ୟାସ୍ , ହୋମ ଯଜ୍ଞ ସହ ଭୋଗ ଲାଗି କାରାଯାଉଛି। ସନ୍ଧ୍ୟାରେ ମାଁଙ୍କ ଷୋଡଶ ଉପଚାର ପରେ ଅନୁଷ୍ଠିତ ହେଉଛି ସନ୍ଧ୍ୟା ଆରତୀ। ଶାନ୍ତିପୂର୍ଣ୍ଣ ଭାବେ ଭକ୍ତଙ୍କ ଦର୍ଶନ ଲାଗି ଧନଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସହରବାସୀଙ୍କ ମନରଞ୍ଜନ ପାଇଁ ପୂଜା କମିଟି ପକ୍ଷରୁ ବିଭିନ୍ନ ମନରଞ୍ଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଧନଲକ୍ଷ୍ମୀ ପୂଜା ଏଗାର ଦିନ ଧରି ଚାଲିବାକୁ ଥିବା ବେଳେ ଜନଗହଳି କୁ ଦୃଷ୍ଟିରେ ରଖି ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସେହିପରି ଚଳିତ ବର୍ଷ ପୂଜା ଉପଲକ୍ଷେ ପୂର୍ବଦିନ ଗାଁ ର ଶତାଧିକ ମହିଳା କଳସ ଯାତ୍ରାରେ ବାହାରି ବିଷମ କଟକ ସହରର ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣ ମାଁ ଧନଲକ୍ଷ୍ମୀ ଅସ୍ଥାୟୀ ମଣ୍ଡପରେ କଳସ ସ୍ଥାପନ କରିଥିଲେ। ଚତୁର୍ଥ ଗୁରୁବାର ଦିନ ସକାଳେ ମା ଧନଲକ୍ଷ୍ମୀଙ୍କ ମୃଣୟ ପ୍ରତିମାକୁ ଜୀବନ୍ୟାସ ଦେଇ ପୂଜାର୍ଚ୍ଚନା ସହ ହୋମଯୋଗ୍ୟ କରାଯାଇଥିଲା। ଧନ ଲକ୍ଷ୍ମୀ ପୂଜାର ଶୁଭ ମୂହୁର୍ତରେ ପୂଜକ ରାମଚନ୍ଦ୍ର ରଥ ଙ୍କ ପୌରହିତ୍ୟରେ ପାଞ୍ଚ ଜଣ ପୂଜକ ମିଳିତ ଭାବେ ପୂଜାର୍ଚ୍ଚନା କରିଛନ୍ତି। ଧନଲକ୍ଷ୍ମୀ ପୂଜା କମିଟିର ଅଶ୍ୱିନି ରାଉତ, ଅଞ୍ଜନ ସାହୁ, ଶଶାଙ୍କ ଶେଖର ସାହୁ, ରଂଜିତ କୁମାର, କୁଞ୍ଜ ବିହାର ରାଉତ. ଭି.ଗୋପି, ତପନ ମହାନ୍ତି, ମାନସ ପଟ୍ଟନାୟକ, ,ହର ପଟ୍ଟନାୟକ, ଟିଂଟୁ ଗନ୍ତାୟତ, ବାପୁନ୍ ମହାପାତ୍ର, ଟିଂଟୁ ପାତ୍ର ଓ ମନୋଜ ପାତ୍ରଙ୍କ ସମେତ ପୂଜା କମିଟି ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ମନରେଗା ଦୁର୍ନୀତିର ତଦନ୍ତ ହେଲାନି

# ଉଠାଇ ନେଲେ ଅବଶିଷ୍ଟ ଅର୍ଥ

କୋରୁକୋଣ୍ଡା,୨୭ ।୧୧(ସମିସ):

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ତୁମୁଷା ପଲ୍ଲି ଗ୍ରାମ ପଞ୍ଚାୟତ ସଦରରେ ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧମରେ ଖେଳ ପଡିଆ କାର୍ଯ୍ୟରେ ୧୨୪୪ ଶ୍ରମିକ କାମ କରିଥିବା ଦର୍ଶାଇ ୩ ଲକ୍ଷ ୩୯ ହଜାର୬ ଶହ ୧୨ଟଙ୍କା ଉଠା ଯାଇଛି। ଏହାକୁ ନେଇ କନିଷ୍ଠ ଯନ୍ତ୍ରି ସୁଦିପ୍ତା ସାହୁଙ୍କୁ ପଚାରିବାରୁ ସେ କହିଥିଲେ କାହିଁ ଏନେଇ ତାଙ୍କ ପାଖରେ କୌଣସି ଖବର ନାହିଁ କିମ୍ବା ତଥ୍ୟ ନିରୀକ୍ଷକ କିଛି ଜଣାଇ ନାହାନ୍ତି। ଏହାକୁ ନେଇ ବ୍ଲକ



### କୌଣସି ଅଧିକାରୀଙ୍କ ପାଖରେ ନାହିଁ ଖବର

କାର୍ଯ୍ୟର ଦୁର୍ନୀତିକୁ ନେଇ 'ସକାଳ'ରେ ଜୁଲାଇ ମାସ ୭ ତାରିଖରେ ଖବର ପ୍ରକାଶ ପାଇଥିଲା। ବ୍ଲକ ପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ସହିତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୁଲ୍ୟ କୁମାର ସାହୁ ଜୁଲାଇ ୭ତାରିଖ ଦିନ ଉକ୍ତ ଖେଳ ପଡିଆ କାମକୁ ନେଇ ତଦନ୍ତ କରିବାକୁ ପତ୍ର ସଂଖ୍ୟା -୨୮୮୧/ ଏମଜି ଏନଆରଇଜିଏସରେ ପଞ୍ଚାୟତ ସମିତି ନିର୍ବାହୀ ଯନ୍ତ୍ରି ସୁକାନ୍ତ କୁମାର ସ୍ୱାଇଁ ଏବଂ କନିଷ୍ଠ ଯନ୍ତ୍ରି ବାପୁଜୀ ନାୟକଙ୍କୁ ତଦନ୍ତ ଭାର ହସ୍ତାନ୍ତର କରିବା ସହ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀଙ୍କ ଅବଗତି ନିମନ୍ତେ ପତ୍ର ପ୍ରେରଣ କରିଥିଲେ। କିନ୍ତୁ ଦୁଃଖର ବିଷୟ ଆଦ୍ୟାବଧି ଉକ୍ତ କାର୍ଯ୍ୟର ତଦନ୍ତ ସରିନଥିବା ବେଳେ ଆବଶିଷ୍ଟ ସହକାରୀ ଯନ୍ତ୍ରୀ ସୁକାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଥିଲେ, ତଦନ୍ତ ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିଠି କରିଥିଲେ। କିନ୍ତୁ କଣ ତଦନ୍ତ କରିବା ପଞ୍ଚାୟତ ଅଧିକାରୀ ମାନେ କେହି ସହଯୋଗ କରୁନାହାନ୍ତି। ବର୍ତ୍ତମାନ କିପରି ଭାବେ ପୁଣି ଟଙ୍କା ଉଠା ଯାଇଛି ସେନେଇ କୌଣସି ତଥ୍ୟ ତାଙ୍କ ପାଖରେ ନାହିଁ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ଏଣୁ ଆମେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୁଲ୍ୟ କୁମାର ସାହୁଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସେହି କାମର ତଦନ୍ତକୁ ନେଇ ପଚାରିବା ସହିତ ବର୍ତ୍ତମାନ ଶ୍ରମିକ ବାବଦକୁ ଯାଇଥିବା ଅର୍ଥକୁ ନେଇ ପଚାରିବାରୁ ସେ କହିଥିଲେ ସେ ବିଷୟରେ ଜାଣି ନାହାନ୍ତି ଅଧିକାରିଙ୍କୁ ପଚାରି କହିବେ। ବିଭାଗୀୟ ଅଧିକାରୀଙ୍କ ମତା ମତରୁ ଜଣା ପଡୁଛି ସମସ୍ତ ଅଧିକାରୀଙ୍କ ଅଜାଣତରେ କୋରୁକୋଣ୍ଡା ବ୍ଲକରେ ଚାଲିଛି "ମହାଛା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା"। ଏହା ସ୍ଥାନୀୟ ଶ୍ରମିକଙ୍କୁ କେତେ ସାହାଯ୍ୟ କରୁଛି ଜଣାପଡୁଛି। କାମ ନହୋଇ ଲକ୍ଷ ଲକ୍ଷ ଟଙ୍କା ଉଠା ଯାଉଛି । ହେଲେ ଦାୟିତ୍ୟରେ ଥିବା ଅଧିକାରୀଙ୍କ ପାଖରେ କୌଣସି ଖବର ନାହିଁ କି ଜାଣୁ ନାହାନ୍ତି ଏବଂ ବିଡ଼ିଓ ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ମଧ ୫ମାସପରେ ମଧ ତଦନ୍ତ ସରୁନି, ତାପରେ ମଧ ଟଙ୍କା ଉଠାଆଯାଉଛି। ଏଥିରୁ ବ୍ଲକ ଅଧୀନରେ କିପରି ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଚାଲିଛି ସ୍ୱଷ୍ଟ ଜଣାପଡୁଛି।

## ଯନ୍ତ୍ରୀ ଓ ଲାଇନ୍‌ମ୍ୟାନଙ୍କ ବଦଳି ଦାବି

କୋଷାଗୁମୁଡା,୨୭।୧୧(ସମିସ): ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ (ବିଦ୍ୟୁତ ବିଭାଗ ) ଓ ଦୁଇଜଣ ଲାଇନ୍‌ମ୍ୟାନଙ୍କ କାର୍ଯ୍ୟରେ ଅତିଷ୍ଠ ହୋଇ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟା/ସଭ୍ୟ ମାନେ ସେମାନଙ୍କୁ ଅନ୍ୟତ୍ର ବଦଳି କରାଯିବା ପାଇଁ ସ୍ଥାନୀୟ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଭଳି ଏକ ଦୃଶ୍ୟ ସାମ୍ନାକୁ ଆସିଛି ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକରୁ । ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ମାନଙ୍କ ଅଭିଯୋଗ ରହିଛି କି କୋଷାଗୁମୁଡା ବ୍ଲକ ଅଧୀନରେ ବିଦ୍ୟୁତ ସେବା ସମ୍ବନ୍ଧରେ କାର୍ଯ୍ୟ ସଂଚାଳନର ପର୍ଯ୍ୟାପ୍ତ ସମନ୍ୱୟ ଓ ସମୟ ଉପଯୁକ୍ତ ପ୍ରତିକ୍ରିୟା ମିଳୁନାହିଁ । ଜେଇ ଓ ପିଆରଆଇ ମେମ୍ବର ମାନଙ୍କୁ ଫୋନ କଲେ ଫୋନର ଉତ୍ତର ଦେଉନାହାନ୍ତ। ଯାହା ଫଳରେ ଅଞ୍ଚଳରେ ବିଦ୍ୟୁତ ସମସ୍ୟା ବଢିବାରେ ଲାଗିଛି। ଉପରିସ୍ଥ ଅଧିକାରୀ ମାନେ ମଧ ଏସବୁ ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ତେଣୁ କୋଷାଗୁମୁଡା ବ୍ଲକର ବିଦ୍ୟୁତ କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ପାଣିଗ୍ରାହୀ ଓ ଦୁଇଜଣ ଲାଇନମେନ ଙ୍କୁ ଅନ୍ୟତ୍ର ବଦଳି କରିବାକୁ ଦାବୀ କରାଯାଇଛି । ଏହି ଘଟଣା ସମ୍ପର୍କରେ ବିଦ୍ୟୁତ ଯନ୍ତ୍ରୀ ଫୋନ ନଉଠାଇବା ଯୋଗୁଁ କୌଣସି ପ୍ରତିକ୍ରିୟା ମିଳି ନାହିଁ।

## ବିକଶିତ ଭାରତ ଯୁବ ନେତୃତ୍ୱ ସମ୍ବାଦ କାର୍ଯ୍ୟକ୍ରମ

ରାମନାଗୁଡ଼ା/ରାୟଗଡା,୨୭/୧୧(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ପଞ୍ଚାୟତ ସମିତି ଅଧୀନ କଲ୍ୟାଣ ମଣ୍ଡପରେ ଦୁଇ ଦିନିଆ ବିକଶିତ ଭାରତ ଯୁବ ନେତୃତ୍ୱ ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁସ୍ମିତା ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପଞ୍ଚାୟତ ସମିତି ଅଧକ୍ଷ ରବି ଶଙ୍କର ଗମାଙ୍ଗ, ସମ୍ମାନିତ ଅତିଥି ରୂପେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ,ବ୍ଲକ କଳା ସଂସ୍କୃତି ସଂଘ ଉପ ସଭାପତି ରମେଶ ଶବର, ବ୍ଲକ ଅର୍ଥ ଅଧିକାରୀ ନୀଳକଣ୍ଠ ଶବର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା କୃତି ପ୍ରତିଯୋଗୀ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଅଶ୍ୱନୀ ତ୍ରିପାଠୀ, ରମେଶ ମିଶ୍ର, ଦୂର୍ଗା ଶତପଥୀ, ଜେ.ନାଗରାଜୁ, ସୁରଥ ପାଲକା, ଅଖିଳ ନାୟକ ବେହେରା , ସନ୍ତୋଷ ବେହେରା,ପ୍ରଫୁଲ୍ଲ ଲିମା ପ୍ରମୁଖ ସହଯୋଗ କରିଥିଲେ।

# ଥେରୁବାଲି 'ଇମ୍ଫା'ର ବାର୍ଷିକୋତ୍ସବ

ରାୟଗଡ଼ା,୨୭।୧୧(ସମିସ):



ନଭେମ୍ବର ୨୬ ବୁଧବାର ଦିନ 'ଇମ୍ଫା' , ଏହାର ୬୪ତମ ପ୍ରତିଷ୍ଠା ଦିବସ ଓ ଇମ୍ଫାର ପ୍ରତିଷ୍ଠାତା ସ୍ୱର୍ଗତ ଡକ୍ଟର ବଂଶୀଧର ପଣ୍ଡାଙ୍କର ୯୪ତମ ମହାସମାରୋହରେ ପାଳିତ ହୋଇଯାଇଛି। ଶ୍ରୀ ଶ୍ରୀ ଲକ୍ଷ୍ମୀ ନାରାୟଣ ମନ୍ଦିର ପ୍ରାଙ୍ଗଣରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଇମ୍ଫାର ପାରିପାଶ୍ୱିକ ୭ଟି ପଞ୍ଚାୟତ ଥେରୁବାଲି ଅଞ୍ଚଳର ୫୦୦ରୁ ଅଧିକ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ କରିବା ସହିତ ୩ ଜଣ ଦିବ୍ୟାଙ୍ଗ ସ୍ୱାବଲମ୍ବୀ କ୍ଷୁଦ୍ର ବ୍ୟବସାୟୀ ରେବତୀଗୁଡା ଗ୍ରାମର ରକଧର ବିଡିକା , ଅନୁଗୁଡାର ଜଗନ୍ନାଥ କରକରିଆ , ଖେଦାପଡ଼ାର ସଂଯୁକ୍ତା ସିଂଙ୍କୁ ୧୦୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଓ ଜନ୍ମରୁ ବାମ ଗୋଡ ବିକଳାଙ୍ଗ ଥିବା ଦରଜି ଜି. ସନ୍ତୋଷ ଚନ୍ଦ୍ରଶେଖର ପ୍ରଧାନୀଙ୍କୁ ଏକ ବ୍ୟାଟରୀ ଚାଳିତ ତିନି ଚକିଆ ସାଇକଲ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇମ୍ଫା ଶିଳ୍ପ ଗୋଷ୍ଠୀର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ -ତଥା-ମୁଖ୍ୟ ନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ମହାପାତ୍ର , ମୁଖ୍ୟ ଅତିଥି ଭାବେ ବ୍ୟବସାୟିକ ମୁଖ୍ୟ ସୁରେଶ ବାବୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଇମ୍ଫା ଥେରୁବାଲିର ପରିଚାଳନା ମୁଖ୍ୟ ଏମ୍. ଶ୍ରୀନିଭାସ୍ ଉପସଭାପତି ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଇମ୍ଫାର ସମସ୍ତ ବିଭାଗୀୟ ମୁଖ୍ୟ, ସ୍ଥାନୀୟ ଗ୍ରାମ ଏହି ସଭାରେ ସଭାପତିତ୍ୱ କରିଥିବା ବେଳେ କ୍ଷୀତିଶ ଚନ୍ଦ୍ର ମହାପାତ୍ର, ଉପମୁଖ୍ୟ ପରିଚାଳକ (ମାନବସମ୍ବଳ ଓ ପ୍ରଶାଶନ) କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଲୋକ ସମ୍ପର୍କ ବିଭାଗର ସହକାରୀ ପରିଚାଳକ ଦୀପକ କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ପଞ୍ଚାୟତର ସରପଞ୍ଚ ବୃନ୍ଦ, ପଞ୍ଚାୟତ ସମିତି ଉପାଧକ୍ଷ୍ୟ, ସମିତି ସଭ୍ୟ , ସଭ୍ୟା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଲୋକ ସମ୍ପର୍କ ବିଭାଗ , କାର୍ମିକ ଓ ସାଧାରଣ ପ୍ରଶାସନିକ ବିଭାଗ, ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ କର୍ମକର୍ତ୍ତା ମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅପରାହ୍ନରେ ଇମ୍ଫା କାରଖାନା ପରିସର ମଧ୍ୟରେ ୬୪ ତମ ପ୍ରତିଷ୍ଠା ଦିବସ ଆନୁଷ୍ଠାନିକ ଭାବେ ପାଳନ ହୋଇଥିଲା। ଏହି ସମାରୋହରେ ଦୀର୍ଘ କାଳୀନ ସେବା ପ୍ରଦାନ କରିଥିବା ୩୦ ଜଣ ଶ୍ରମିକ ଓ କର୍ମଚାରୀମାନଙ୍କୁ ଉପହାର ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି କୃତିତ୍ୱ ଅର୍ଜନ କରିଥିବା ୬ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷାବୃତ୍ତି ପ୍ରଦାନ କରାଯାଇଥିଲା। ଇମ୍ଫାର ୬୪ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନ୍ତଃବିଭାଗୀୟ କୁଞ୍ଜବିହାରୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏଥିରେ ବିଜେତା ପ୍ରଥମ ସ୍ଥାନ ଓ ଦ୍ୱିତୀୟ ସ୍ଥାନ ପାଇଥିବା ଦୁଇ ଦଳକୁ ପୁରସ୍କୃତ କରାଯାଇଥିଲା। କାରଖାନା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇମ୍ଫା ଶିଳ୍ପ ଗୋଷ୍ଠୀର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ବ୍ୟବସାୟିକ ମୁଖ୍ୟ ସୁରେଶ ବାବୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି କ୍ଷୀତିଶ ଚନ୍ଦ୍ର ମହାପାତ୍ର, ଉପମୁଖ୍ୟ ପରିଚାଳକ କାର୍ଯ୍ୟକ୍ରମକୁ ପରିଚାଳନନା କରିଥିଲେ। କାର୍ମିକ, ଲୋକସମ୍ପର୍କ ଓ ସାଧାରଣ ପ୍ରଶାସନ ବିଭାଗର କର୍ମକର୍ତ୍ତା ମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରାୟଗଡରୁ ଆସିଥିବା ସ୍ୱର ସାଗର ସାଂସ୍କୃତିକ ଦଳ ତରଫରୁ ଚିତ୍ତାକର୍ଷକ ମନୋରଂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜିର ଦିନଟି ଇମ୍ଫାର ପ୍ରତିଟି ଶ୍ରମିକ ଓ କର୍ମଚାରୀମାନଙ୍କ ମଧ୍ୟରେ ଉତ୍ସାହ, ଉଦ୍ଦୀପନା ଓ ନୂତନ ଗର୍ବର ଅନୁଭବ ପ୍ରଦାନ କରିଥିଲା।

## ୭ରେ ରାମନାଗୁଡ଼ା ବ୍ଲକ୍‌ସ୍ତରୀୟ ଚଇତି ମହୋତ୍ସବ

ରାମନାଗୁଡ଼ା/ରାୟଗଡ଼ା,୨୭।୧୧(ସମିସ

ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ସ୍ତରୀୟ ଲୋକ କଳା ମହୋତ୍ସବ ଚଇତି ୨୦୨୫ ପାଳନ ନିମନ୍ତେ ଆଜି ଏକ ପ୍ରସ୍ତୁତି ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଚଇତି କମିଟି ଅଧ୍ୟକ୍ଷ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ, ଉପାଧ୍ୟକ୍ଷା ଜାନକୀ ନିମାଲା, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ, ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ: ଅଭିଷେକ ପଟ୍ଟନାୟକ ମଞ୍ଚାସୀନ ଥିଲେ। ପୂର୍ବ ପରମ୍ପରା ଅନୁଯାୟୀ ଚଳିତ ବର୍ଷ ଚଇତି ମହୋତ୍ସବ ନିମନ୍ତେ ଶୈବପୀଠ ପାଲୁପାଇ ନାଳରୁ ଜଳ କଳସ ଆଣିବା ନେଇ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଗଲା। ପୂର୍ବବର୍ଷ ଭଳି ଏହି ବର୍ଷ ମଧ ଚଇତି ମହୋତ୍ସବ ପୂର୍ବରୁ ରକ୍ତଦାନ କାର୍ଯ୍ୟକ୍ରମ, ସାହିତ୍ୟ ସଭା ସହ ସହ ବିଭିନ୍ନ ପ୍ରତିଯୋଗିତା କରିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ବ୍ଲକ କଳା ସଂସ୍କୃତି ସଂଘ ଉପ ସଭାପତି ରମେଶ ଶବର ପ୍ରତ୍ୟେକ ପଞ୍ଚାୟତରୁ ଗୋଟିଏ ଦଳ ସ୍ଥାନୀୟ କଳା ସଂସ୍କୃତିକୁ ନୃତ୍ୟ ପ୍ରଦର୍ଶର୍ନ ନେଇ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକ ରେ ସମସ୍ତ ସରପଞ୍ଚ,ସମିତି ସଭ୍ୟ,ବିଭିନ୍ନ ବିଭାଗର ଅଧିକାରୀ,ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟତ୍ରୀ,ଗଣମାଧମ ପ୍ରତିନିଧି ଓ ସ୍ଥାନୀୟ ଜନ ପ୍ରତିନିଧି ଯୋଗ ଦେଇଥିବା ବେଳେ ଜିଲ୍ଲା ସଂସ୍କୃତି ବିଭାଗ ତଥା ଜିଲ୍ଲା ପ୍ରଶାସନର ସହମତିରେ ଡିସେମ୍ବର ମାସ ୭ ତାରିଖ ଚଇତି ମହୋତ୍ସବ ପାଳନ କରାଯିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ପ୍ରସ୍ତୁତି ବୈଠକକୁ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ତାଣ୍ଡାସି ଥୋମାସ ପରିଚାଳନା କରିଥିବା ବେଳେ ଅକ୍ଷୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ରାମନାଗୁଡ଼ା ବ୍ଲକ୍‌ରେ ସାମ୍ବିଧାନିକ ଦିବସ

ରାମନାଗୁଡ଼ା/ରାୟଗଡ଼ା,୨୭।୧୧(ସମିସ):

ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍‌ରେ ସାମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ବିଏଫଓ ନୀଳକଣ୍ଠ ଶବର, ସାଂସଦ ପ୍ରତିନିଧି ଜି. ପ୍ରସାଦ ରାଓ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନ ସାହୁ ମଞ୍ଚାସୀନ ଥିଲେ। ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ମଞ୍ଚାସୀନ ଅତିଥି ଏବଂ ଉପସ୍ଥିତ ସମସ୍ତ ସମିତି ସଭ୍ୟ /ସଭ୍ୟ, ସରପଞ୍ଚ, ବ୍ଲକର ଅନ୍ୟ ଅଧିକାରୀ ଓ କର୍ମଚାରୀଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ଅଧ୍ୟକ୍ଷ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ବିଧାନ ଦିବସ ପାଳନ ଉପଲକ୍ଷେ ସେମାନଙ୍କ ଅଭିଭାଷଣ ରଖିଥିଲେ। ଏହା ପରେ ସମବେତ କଣ୍ଠରେ ଭାରତ ସମ୍ବିଧାନର ମୁଖବନ୍ଧ ଆବୃତ୍ତି କରାଯାଇଥିଲା। ସେହିପରି ବ୍ଲକର ସବୁ ଗ୍ରାମ ପଞ୍ଚାୟତରେ ମଧ ସମ୍ବିଧାନ ଦିବସ ପାଳନ କରାଯାଇଥିଲା।

## ପୌରାଞ୍ଚଳସ୍ତରୀୟ 'ପରବ ୨୦୨୫' ଉଦ୍‌ଯାପିତ

ସୁନାବେଡ଼ା ,୨୭।୧୧ (ସମିସ): ସୁନାବେଡା ପୌର ପରିଷଦ ପକ୍ଷରୁ ତିନି ଦିନ ଧରି ଚାଲିଥିବା ପୌରାଞ୍ଚଳ ସ୍ତରୀୟ "ପରବ ୨୦୨୫" ଉଦ୍‌ଯାପିତ ହୋଇଯାଇଛି। ସୁନାବେଡ଼ା -୧ ଦଶହରା ପଡିଆ ଠାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସୁନାବେଡା ପୌରାଧକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଉପାଧକ୍ଷା ରିତୁ କର୍ଣ୍ଣା, ନିର୍ବାହୀ ଅଧିକାରୀ ସୁଜିତ୍ କୁମାର ଚୌଧୁରୀ, କୋରାପୁଟ ସାଂସଦଙ୍କ ସୁନାବେଡ଼ା ପ୍ରତିନିଧି ପ୍ରଶାନ୍ତ କୁମାର କର, କୋରାପୁଟ ବିଧାୟକଙ୍କ ପ୍ରତିନିଧି ସୁମନ୍ତ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇ "ପରବ ୨୦୨୫" କୁ ସଫଳତାର ସହ ପାଳନ କରା ଯାଇଥିବା ଯୋଗୁଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରିଷଦ ରବୀନ୍ଦ୍ର କୁମାର ପ୍ରଧାନ ଓ ମନୋଜ ସୁନା ନିଜରଅଭିଭାଷଣରଖିଥିଲେ। ଏହିଅବସରରେବିଭିନ୍ନଖେଳକୁଦପ୍ରତିଯୋଗିତାଓସାଂସ୍କୃତିକ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।ପାରିଷଦ ମମତା ରାୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ପୌର ପରିଷଦ ର ବରିଷ୍ଠ କର୍ମଚାରୀ ଲକ୍ଷ୍ମୀଧର ମହାପାତ୍ର ଓ ଅନ୍ୟାନ୍ୟ କର୍ମଚାରୀ ମାନେ ସକ୍ରିୟ ସହଯୋଗ କରିଥିଲେ।

# ଭତ୍ତାରୁ ବଞ୍ଚିତ ବୃଦ୍ଧା ହିଆଲ ସଉତୁଣୀ

ଅମ୍ବାଦଳା,୨୭।୧୧(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଏହାର ଉନ୍ନିତ ପାଇଁ ସରକାର ସବୁ ପ୍ରକାର ସହାୟତା ପର୍ଯ୍ୟାପ୍ତ ପରିମାଣରେ ଯେପରି ସ୍ଥାନୀୟ ବାସିନ୍ଦା ପାଇବେ ସେଥିପାଇଁ ସରକାରୀ ଯୋଜନାର ବ୍ୟବସ୍ଥା କରିଥାନ୍ତି। କିନ୍ତୁ ପ୍ରଶାସନିକ ଅଧିକାରୀ ମାନଙ୍କର ତ୍ରୁଟି ଯୋଗୁଁ ବାରମ୍ବାର ଗରିବ ହିତାଧିକାରୀ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା ନିତିଦିନିଆ ଖବର ପାଲଟିଛି। ଏଭଳି ଏକ ଘଟଣା ପୁଣି ସାମ୍ନାକୁ ଆସିଛି। ମୁନିଗୁଡା ବ୍ଲକ ଜଗଦଲପୁର ପଞ୍ଚାୟତର ସର୍ଗୀଗୁଡ଼ା ଗାଁର ହିଆଲ୍ ସଉତୁଣୀ। ତାଙ୍କୁ ୬୩ ବର୍ଷରୁ ଅଧିକ ହେଲାଣି ଏବେବି ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି ସେ। ସେ ବହୁବାର ଭତ୍ତା ପାଇଁ ଆବେଦନ କରିଥିବା ବେଳେ କେହି କର୍ଣ୍ଣପାତ କରି ନଥିବା ଅଭିଯୋଗ କରିବା ସହ ଆଉ କାହାକୁ ଗୁହାରି ନ କରି ଭାଗ୍ୟକୁ ଆଦରି ପଡି ରହିଛି ବୋଲି କହିଛନ୍ତି ସଉତୁଣୀ। ଆଧାର କାର୍ଡ ଓ ଭୋଟର ପରିଚୟ ପତ୍ରରେ ୬୩ ବର୍ଷ ହୋଇଥିବା ବେଳେ ଦୁଇ ବର୍ଷରୁ ଅଧିକ ସମୟ ହେଲାଣି ଆବେଦନ କରିଥିଲେ



ସୁଦ୍ଧା ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି ସେ। ବାରମ୍ବାର ପଞ୍ଚାୟତରୁ ମୁନିଗୁଡା ବ୍ଲକ ଦୌଡ଼ି ଦୌଡ଼ି ନିରାଶ ହୋଇଛନ୍ତି। ତେଣୁ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ହିଆଲ ସଉତୁଣୀକୁ ବାର୍ଦ୍ଧକ୍ୟ ଭତ୍ତା ଯୋଗାଇ ଦେବା ସହ ଏପରି ଯୋଜନାରୁ ବଞ୍ଚିତ ରହିଯାଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଯୋଜନାରେ ଅନ୍ତର୍ଭୁକ୍ତ କାରାଇବା ପାଇଁ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି।

## ଆଇଡି ବୋମା ବିସ୍ଫୋରଣରେ ମହିଳା ଯବାନ ଆହତ

ମାଲକାନଗିରି, ୨୭ ।୧୧(ସମିସ) ମାଓବାଦୀଙ୍କ ଆଇଡି ବୋମା ବିସ୍ଫୋରଣରେ ଜଣେ ମହିଳା ସୁରକ୍ଷା କର୍ମୀ ଗୁରୁତର ଭାବେ ଆହତ ହୋଇଛନ୍ତି। ମାଲକାନଗିରି ଛତିଶଗଡ଼ ସୀମାନ୍ତ ସୁକମା ଜିଲ୍ଲାର ଗେଗୁଣ୍ଡା ଜଙ୍ଗଲରେ ସୁରକ୍ଷା କର୍ମୀଙ୍କ ପକ୍ଷରୁ ମାଓ ଦମନ ନିମନ୍ତେ ତଲାସୀ ଅଭିଯାନ ଜାରି ରହିଥିଲା। ଉଭୟ ପୁରୁଷ ଓ ମହିଳା ଡିଆରଜି ଯବାନମାନେ ଏହି ତଲାସୀ ଅଭିଯାନ କରୁଥିଲେ। ତେବେ ସେଠାରେ ପୂର୍ବରୁ ଯବାନଙ୍କୁ ଟାର୍ଗେଟ କରି ମାଓବାଦୀ ମାନେ ଲଗାଇଥିବା ଆଇଡି ବୋମା ବିସ୍ଫୋରଣ ହୋଇଥିଲା। ଗୁରୁତର ମହିଳା ଯବାନଙ୍କୁ ଚିକିତ୍ସା ପାଇଁ ସୁକୁମା ସ୍ଥାନାନ୍ତର କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଥିବା ବେଳେ ଅଞ୍ଚଳରେ ତଲାସୀ ଅଭିଯାନକୁ ବଢ଼ାଇ ଦିଆଯାଇଛି।

# ୧୧୫୫ ସ୍ୱୟଂସହାୟକ ଗୋଷ୍ଠୀ ,୨୦ଟି ବି ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଉନି

ବିଷମ କଟକ,୨୭।୧୧(ସମିସ): ଦୁର୍ଗମ ଓ ଗ୍ରାମାଞ୍ଚଳର ମହିଳା ମାନଙ୍କୁ ସ୍ୱାବଲମ୍ବି କରିବା ସହିତ ସେମାନଙ୍କୁ ସମାଜର ମୂଖ୍ୟସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ହେଲେ ସେସବୁ ଯୋଜନା

### ● କାହା ସ୍ୱାର୍ଥରେ ଇଣ୍ଡଷ୍ଟ୍ରିଆଲ୍ ପାର୍କ?

ମହିଳାଙ୍କ ନିକଟରେ ପହଁଞ୍ଚି ପାରୁନାହିଁ କି ଯୋଜନାର ସଫଳ ରୂପାୟନ ହୋଇପାରୁନି। ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକର ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କୁ ସ୍ୱାବଲମ୍ବି କରିବା ପାଇଁ ଲକ୍ଷାଧିକ ଟଙ୍କାରେ ଇଣ୍ଡଷ୍ଟ୍ରୀଆଲ ପାର୍କ ନିର୍ମାଣର ପରିକଳ୍ପନା କରାଯାଇ ମନରେଗା ଯୋଜନାରୁ ୧୫ ଲକ୍ଷ ଏବଂ ଶିଳ୍ପ ଉନ୍ନୟନ ପାଣ୍ଠିରୁ ୧୬ ଲକ୍ଷ ଟଙ୍କା ବ୍ୟୟ ବିନିଯୋଗ କରି ୮ଟି ଗୃହ ନିର୍ମାଣ ହୋଇଥିବା ବେଳେ ବିଜୁ କେବିକେ ଯୋଜନା ଅନୁଦାନରେ କଂକ୍ରିଟ ରାସ୍ତା ମଧ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି। ଗୃହର କାନ୍ଥ ଗୁଡିକ ଆଦିବାସୀ ପରମ୍ପରିକ ରଙ୍ଗ ବେରଙ୍ଗ ଚିତ୍ରରେ ସୁସଜ୍ଜିତ ମଧ କରାଯାଇଛି। ହେଲେ ଏହି ଘର ନିର୍ମାଣକୁ ଆଜକୁ



ଦୁଇବର୍ଷ ପୁରିଲା କିନ୍ତୁ ବର୍ତମାନ ସୁଦ୍ଧା ଏହି ଯୋଜନା କାର୍ଯ୍ୟକ୍ଷମ ହେଉନାହିଁ। ବିଷମ କଟକ ବ୍ଲକରେ ରହିଥିବା ଆଠ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ କରାଯାଇଥିବା ବେଳେ ଏହି ଠାରେ ମୁଢି ପ୍ରସ୍ତୁତି କାରଖାନା, ଡାଲି ପ୍ରସ୍ତୁତି କାରଖାନା, ଅଟା ପ୍ରସ୍ତୁତି କାରଖାନା, ଫୋଟ ବାଇଣ୍ଡିଂ ୟୁନିଟ, ଟେଲରିଂ, ଫିନାଇଲ, ତେଲ, ଧୂପକାଠି ପ୍ରସ୍ତୁତ ଭଳି ବିଭିନ୍ନ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରାଯିବାର ଲକ୍ଷ୍ୟ ରଖାଯାଇଛି। ଏ ସବୁ ପ୍ରକଳ୍ପ ନିମନ୍ତେ ଯନ୍ତ୍ରାଂଶ କ୍ରୟ ନିମନ୍ତେ ମଧ ବ୍ୟୟବରାଦ ହେବ। ବର୍ତମାନ ବିଷମ କଟକ ବ୍ଲକରେ ୧୧୫୫ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ରହିଥିବା ବେଳେ କେତୋଟି ସ୍ୱୟଂସହାୟକ ଗୋଷ୍ଠୀ ପୂର୍ଣ୍ଣ କାର୍ଯ୍ୟକ୍ଷମ କରୁଥିବା ସଂକ୍ରାନ୍ତରେ ବ୍ଲକ ବିପିଏମ ମାନସି ଟାକ୍ରି ଙ୍କୁ ପଚାରି ବୁଝି ଥିବା ବେଳେ ବ୍ଲକରେ ଅତିବେଶିରେ ୨୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଶତପ୍ରତିଶତ କାର୍ଯ୍ୟକ୍ଷମ କରୁଥିବା ସୂଚନା ଦେଇଛନ୍ତି। ସରକାରୀ ଟଙ୍କା ନେବା ପାଇଁ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନ ଗଠନ ହୋଇଛି ଓ କୋଟି କୋଟି ଟଙ୍କା ବିଭିନ୍ନ ପ୍ରକଳ୍ପ ନାଁ ରେ ଋଣ ନେଉଛନ୍ତି ଏବଂ ଆର୍ଥୀକ ସହାୟତା ମଧ ପାଉଛନ୍ତି। ବିଭାଗୀୟ ଅଧିକାରୀ ମାନଙ୍କ ପରିଚାଳନାଗତ ତ୍ରୁଟି , ଦୂରଦୃଷ୍ଟି ଅଭାବ ଯୋଗୁଁ ଯୋଗ୍ୟ ମହିଳା ମାନଙ୍କୁ ନେଇ ସଂଘ ପ୍ରସ୍ତୁତ କରାଯାଉନାହିଁ।ଏହାର ପରିଣାମ ସ୍ୱରୁପ ସଂଘ ସଂଖ୍ୟ ବଢୁଛି। ମହିଳା ମାନେ ଋଣ ନେଉଛନ୍ତି। କିନ୍ତୁ ସ୍ୱାବଲମ୍ବୀ ହୋଇପାରୁନାହାଁନ୍ତି କି ଆତ୍ମ ନିର୍ଭରଶୀଳ ହେଉନାହାନ୍ତି। ନେଇଥିବା ଋଣ ଟଙ୍କା ପରିଶୋଧ କରିବାର ନାଁ ବି ନେଉନାହାନ୍ତି। ଯେଉଁ ବ୍ଲକରେ ଏକ ହଜାରରୁ ଉର୍ଦ୍ଧ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନାହାନ୍ତି ସେ ବ୍ଲକରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଇଣ୍ଡଷ୍ଟ୍ରିଆଲ ପାର୍କ ନିର୍ମାଣ କରିବା କେତେ ସମୀଚିନ ବୋଲି ସାଧାରଣ ରେ ପ୍ରଶ୍ନ ବାଚି ସୃଷ୍ଟି ହୋଇଛି।

## ନେହୁରୁପଙ୍ଗା ଆଶ୍ରମକୁ ଶ୍ରେଷ୍ଠ ବିଦ୍ୟାଳୟ ସମ୍ମାନ

ଚନ୍ଦ୍ରପୁର,୨୭।୧୧(ସମିସ): ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ବୁଡୁବାଲି ଗ୍ରାମପଞ୍ଚାୟତର ନେହୁରୁପଙ୍ଗା ଆଶ୍ରମ ବିଦ୍ୟାଳୟକୁ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ଜିଲ୍ଲା ସ୍ତରୀୟ ସର୍ଗୀଫୁଲ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଗୁଣପୁର ବିଧାୟକ ସତ୍ୟଜିତ ଗୋମାଙ୍ଗ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସିମା ରାଓ, ମଣ୍ଡଳ ଶିକ୍ଷା ନିରୀକ୍ଷକ ଶ୍ୟାମଘନ ଭୂୟାଁ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦୀପ୍ତ ଦଳେଇ, ଏକଲବ୍ୟ ଆଶ୍ରମ ବିଦ୍ୟାଳୟର ଅଧକ୍ଷ ଅନନ୍ତ ତ୍ରିପାଠୀଙ୍କ ଉପସ୍ଥିତରେ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜୁ ପାଲଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏହି ବିଦ୍ୟାଳୟର ଛାତ୍ରୀ ତପସ୍ୱିନୀ ପାଲକା କନିଷ୍ଠ ବିଭାଗ ସଙ୍ଗୀତ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର ମାନପତ୍ର ପାଇ ରାଜ୍ୟସ୍ତରକୁ ମନୋନୀତ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଜିଲ୍ଲା ସ୍ତରୀୟ ସର୍ଗୀଫୁଲରେ ୧୧ଟି ବ୍ଲକରୁ ଆଠ ଜଣ ମେଟ୍ରୋନ ଓ ଆଠ ଜଣ ସ୍ୱାସ୍ଥ୍ୟକର୍ମୀ ଶେଷ୍ଠ ଭାବେ ସମ୍ମାନିତ କରାଯାଇଥିଲା ବେଳେ ସେଥିମଧ୍ୟରୁ ଚନ୍ଦ୍ରପୁର ବ୍ଲକ, ବୁଡୁବାଲି ଆଶ୍ରମ ବିଦ୍ୟାଳୟର ମାଟ୍ରୋନ ସବିତା ଗୌଡ଼ ଶ୍ରେଷ୍ଠ ମାଟୋନ ଓ ନେହୁରୁପଙ୍ଗା ଆଶ୍ରମ ବିଦ୍ୟାଳୟର ସ୍ୱାସ୍ଥ୍ୟକର୍ମୀ ମମତା ଶବର ଶେଷ୍ଠ



ସ୍ୱାସ୍ଥ୍ୟକର୍ମୀ ଭାବେ ମୁଖ୍ୟ ଅତିଥିଙ୍କ ଠାରୁ ମାନପତ୍ର ଗ୍ରହଣ କରିଛନ୍ତି। ସ୍କୁଲର ବିଭିନ୍ନ ସଫଳତା ପଛରେ ଶିକ୍ଷକ ଜଗନ୍ନାଥ ବାଗ, ଶ୍ରୀପତି ହାଡ଼ରାଙ୍ଗାଙ୍କ ଅବଦାନ ଥିବା ପ୍ରଧାନ ଶିକ୍ଷକ ଶ୍ରୀ ରାଜୁ ପାଲ କହିଛନ୍ତି। ଶ୍ରେଷ୍ଠ ଆଶ୍ରମ ବିଦ୍ୟାଳୟଭାବେ ସମ୍ମାନିତ ହୋଇଥିବାରୁ ସରପଞ୍ଚ ଭୀମ ଗୋଗେରେଙ୍ଗା, ଏକ୍ସ ଅଧକ୍ଷା ସଂଗୀତା ପ୍ରତିଙ୍ଗା ୱାର୍ଡ ମେମ୍ବର ଓ ସ୍କୁଲ କମିଟି ସଭାପତି, ସଭ୍ୟା ସଭ୍ୟ, ଗ୍ରାମବାସୀ, ଛାତ୍ରଛାତ୍ରୀ, ଅଭିଭାବକ ମାନେ ଖୁସି ବ୍ୟକ୍ତ କରିଛନ୍ତି।

# ଭାଇ ବାହାଘରୁ ଫେରିବା ବେଳେ ଦୁର୍ଘଟଣାରେ ଭଉଣୀ ମୃତ: ୪ ଆହତ

## ପ୍ରେସ ଆଣ୍ଡ ମିଡିଆ ୱେଲ୍‌ଫେୟାର ଆସୋସିଏସନର ସମବେଦନା

ରାୟଗଡ଼ା,୨୭।୧୧(ସମିସ): ଭାଇର ବାହାଘରକୁ ଯାଇ ଆଉ ଘରକୁ ଫେରି ପାରିଲାନି ଭଉଣୀ। ଅଧାବାଟରେ ସଡ଼କ ଦୁର୍ଘଟଣାରେ ଜୀବନ ଚାଲିଗଲା। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ରାୟଗଡାରେ। ମୃତକ ଜଣକ ହେଲେ ରାୟଗଡ଼ା ସହରର ଯୁବ ୱେବ ମିଡ଼ିଆ ସାମ୍ବାଦିକ ଗୋପୀନାଥ ଗୌଡ଼ଙ୍କ ସାନ ଭଉଣୀ ଜ୍ୟୋତ୍ସ୍ନା ଗୌଡ଼ ଓରଫ୍ ମିଲି। ସୂଚନା ଅନୁଯାୟୀ, ସାମ୍ବାଦିକ ଗୋପୀନାଥ ଗୌଡ଼ଙ୍କ ବାହାଘର ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଠାରେ ବୁଧବାରରେ ଅନୁଷ୍ଠିତ ହୋଇଥିଲା। ଭାଇର ବାହାଘରକୁ ବରଯାତ୍ରୀରେ ଯାଇଥିବା ଭଉଣୀ ଜ୍ୟୋତ୍ସ୍ନା ନିଜ ପରିବାର ଏବଂ ବନ୍ଧୁଙ୍କ ସହ ଏକ ବୋଲେରୋ



ଗାଡ଼ିରେ ରାୟଗଡ଼ା ଫେରୁଥିବା ସମୟରେ ସମ୍ବଲପୁର ଜିଲ୍ଲା କତରଭଗା ଥାନା ଅନ୍ତର୍ଗତ କୁସୁମଡିହି ଗାଁ ନିକଟରେ ଭାରସାମ୍ୟ ହରାଇ ଗୋଟିଏ ଗଛକୁ ପିଟି ହୋଇଯାଇଥିଲା। ଏହି ଦୁର୍ଘଟଣାରେ ଗାଡ଼ି ଚାଳକ ଶକ୍ତି ଦାସ ଓ ଅନ୍ୟ ୩ଜଣ ଆହତ ହୋଇଥିଲେ। ହେଲେ ଜ୍ୟୋତ୍ସ୍ନାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଗାଡ଼ିର ଆଗ ସିଟ୍‌ରେ ବସିଥିବା ମହିଳା ସାମ୍ବାଦିକା ସୁପ୍ରିୟା ଷଡ଼ଙ୍ଗୀ ଗୁରୁତର ଆହତ ହୋଇଥିଲେ। ଖବରପାଇ ଦୁର୍ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କରିଥିଲେ। ଆହତଙ୍କୁ ବୁର୍ଲା ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା କରାଯିବା ପରେ ସୁପ୍ରିୟା ଷଡ଼ଙ୍ଗୀଙ୍କ ଅବସ୍ଥା ଶଙ୍କଟାପନ୍ନ ଥିବାରୁ ତାଙ୍କ ବନ୍ଧୁମାନେ ବିଶାଖାପାଟଣାକୁ ସ୍ଥାନାନ୍ତରିତ କରିଥିବା ଜଣାପଡ଼ିଛି। ଅପରପକ୍ଷେ ଜ୍ୟୋତ୍ସ୍ନାଙ୍କ ମୃତଦେହ ଦୁର୍ଘଟଣା ଗ୍ରସ୍ତ ଗାଡ଼ିରେ ଫସି ରହିଥିବା କାରଣରୁ ଗ୍ୟାସ କଟର ସହାୟତାରେ ଗାଡ଼ିକୁ କାଟି ଅଗ୍ନିଶମ ବାହିନୀ ଶବକୁ ଉଦ୍ଧାର କରିଥିଲା। ତେବେ ଏହି ଖବର ଜଣାପଡ଼ିବା ପରେ ପ୍ରେସ ଆଣ୍ଡ ମିଡ଼ିଆ ୱେଲଫେୟାର ରାୟଗଡାର ସଦସ୍ୟମାନେ ଗଭୀର ଶୋକ ପ୍ରକାଶ କରିବା ସହିତ ବରଯାତ୍ରୀରେ ଯାଇଥିବା ସଦସ୍ୟ ସୁଶାନ୍ତ ପ୍ରଧାନ, ତୁଷାର ସାହୁ ସେଠାରେ ରହି ସହଯୋଗ କରିଥିଲେ। ପ୍ରେସ ଆଣ୍ଡ ମଡିଆ ୱେଲଫେୟାର ରାୟଗଡା ସଦସ୍ୟଙ୍କ ଅନୁରୋଧ କ୍ରମେ ବିଭିନ୍ନ ମହଲରୁ ଯୋଗାଯୋଗ ପରେ ଶବ ବ୍ୟବଚ୍ଛେଦ କରାଇବା ସହିତ ସମ୍ବଲପୁର ଜିଲ୍ଲାପାଳଙ୍କୁ କହି ମହାପ୍ରୟାଣ ଗାଡ଼ିର ବ୍ୟବସ୍ଥା କରାଯାଇଥିଲା। ଗୁରୁବାର ରାତିରେ ଜ୍ୟୋତ୍ସ୍ନାଙ୍କ ମର ଶରୀର ପହଞ୍ଚିବା ପରେ ଶବ ସତ୍କାର କରାଯିବ ବୋଲି ଜଣାପଡିଛି।

# ଆମ୍ବେଦକର ମହାସଂଘର ସମ୍ବିଧାନ ଦିବସ ପାଳନ

ରାୟଗଡ଼ା,୨୭।୧୧(ସମିସ): ଆମ୍ବେଦକର ମହାସଂଘ, ରାୟଗଡା ଆନୁକୂଲ୍ୟରେ ୭୬ ତମ ସମ୍ବିଧାନ ଦିବସ ପାଳନ କରାଯାଇଛ। ଏହି ଅବସରରେ ବସଷ୍ଟାଣ୍ଡ ଛକରେ ଥିବା ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ତଥା ରାୟଗଡା ଜିଲ୍ଲା ଅଧିକାରୀ ବସନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ତେଜସ୍ୱୀ ହୋଟେଲ ସମ୍ମୁଖ ପଡ଼ିଆରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ବକ୍ତା ଭାବେ ମାଲକାନଗିରିର ଆର. ଶ୍ରୀନିବାସ ରାଓ ଯୋଗଦାନ କରିଥିଲେ। ନାଗରିକଙ୍କ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆମ୍ବେଦକର ମହାସଂଘର ସଭାପତି ଉପେନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି ହାଜାରୀ ନିମାଲା, ଜଳନ୍ଧର ପୁସିକା, ଆୟୋଜନ କମିଟିର ସଭାପତି ଦୁର୍ଗାଚରଣ ମାଣ୍ଡାଙ୍ଗି, ସହ ଆୟୋଜକ ଆଦିବାସୀ ମହାସଂଘର ସଭାପତି ବସନ୍ତ ପେଦେଣ୍ଟି, ବିଷମକଟକ କୁଇ କୂଳ ଉନ୍ନୟନ ପରିଷଦର ସଭାପତି ଅଙ୍ଗଦ କୁଟ୍ରକା, ବି. କାନ୍ତାରାଓ, ରାୟଗଡା ୱର୍କର୍ସ କ୍ଲବର ସଭାପତି ଦାଶରଥି ରାଜଗୁରୁ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ରାୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରବୃନ୍ଦ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ, ୱର୍କର୍ସ କ୍ଲବ୍‌ର ସଦସ୍ୟ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଉପେନ୍ଦ୍ର ହିଆଲ, ସୁବାସ ବିଡିକା, ଦେମୁର୍ତ୍ତି ପାତିକା ଓ ଆଦିକନ୍ଦ ନିମାଲ। ଧନ୍ୟବାଦ ଅର୍ପଣ କରିଥିଲେ ସମ୍ପାଦକ ସୁରୋଜ ବିଭୋର।



# ଜାତୀୟ ସମ୍ବିଧାନ ଦିବସ ପାଳିତ




ଜୟପୁର,୨୭।୧୧(ସମିସ):

କୋରାପୁଟ ଜିଲ୍ଲା ଜୟପୁର ଠାରେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ପକ୍ଷରୁ ଜାତୀୟ ସମ୍ବିଧାନ ଦିବସ ବୁଧବାର ପାଳିତ ହୋଇଯାଇଛି। ବିକ୍ରମଦେବ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ଜାତୀୟ ସମ୍ବିଧାନ ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତୀୟ ସମ୍ବିଧାନର ମୂଲ୍ୟବୋଧ, ପ୍ରାସଙ୍ଗିକତା ଓ ପ୍ରତ୍ୟେକ ନାଗରିକ ମାନଙ୍କର ଦେଶପ୍ରତି ଦାୟୀତ୍ୱବୋଧକ ଉପରେ ଦିଗଦର୍ଶନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପି.ଜି କାଉନସିଲର ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ର ନିଜ ବକ୍ତବ୍ୟରେ ସମ୍ବିଧାନକୁ ସମ୍ମାନ ଏବଂ ପାଳନ କରିବା ଦେଶର ସମସ୍ତ ନାଗରିକଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ରାଜନୈତିକ ବିଜ୍ଞାନର ମୁଖ୍ୟ ମହେଶ୍ୱର ଦୁରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭାଗର ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ଭାବେ ସଂଞ୍ଜୁ କୌଶଲ୍ୟା, ପ୍ରଦୀପ ଶବର, ଏସ.ଜ୍ୟୋତ୍ସ୍ନା ରାଓ, ପଲ୍ଲବୀ ନାୟ ଓ ଛାତ୍ରଛାତ୍ରୀ ମାନେ ଯୋଗଦେଇଥିଲେ। ପ୍ରାରମ୍ଭରୁ ସମ୍ବିଧାନ ପ୍ରସ୍ତାବନ ପଠନ ପୂର୍ବକ ଶପଥପାଠ ଏବଂ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ମହାଦଳିତ ପରିଷଦ ପକ୍ଷରୁ ସମ୍ବିଧାନ ଦିବସ ସଭାପତି ବୃନ୍ଦାବନ ଖରାଙ୍କ ନେତୃତ୍ୱରେ ପାରାବେଡା ଟ୍ରାଫିକ ଛକ ନିକଟରେ ଥିବା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଆୟୋଜନ ହୋଇଥିଲା। ଏଥିରେ ସୁରେନ୍ଦ୍ର ଖରା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁଣ ଖରା, ସଞ୍ଜୟ ନାୟକ, ନୀଳମାଧବ ହରିଜନ, ବୁଢୁ କୁଲଦୀପ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲ୍ଲା କୋର୍ଟ ପରିସରରେ ଓ କେବିକେ ସମାଚାର ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ବିନୋଦ ମହାପାତ୍ରଙ୍କ ସଭାପତିତ୍ୱରେ ବିଜୁ ଶ୍ରମିକ ନେତା ବାଲା ରାୟ, ବରିଷ୍ଠ ଆଇନଜୀବୀ ମଦନ ମୋହନ ନାୟକ, ଚନ୍ଦ୍ରକାନ୍ତ ସୁତାର, ଆଇନଜୀବୀ ରାଜେନ୍ଦ୍ର ଗୌଡ଼, ଅବସରପ୍ରାପ୍ତ ଜିଲ୍ଲା କୃଷି ଅଧିକାରୀ ରାମମୋହନ ଦାସ ପ୍ରମୁଖ ଉପସ୍ଥିତ ରହି ସମ୍ବିଧାନ ପ୍ରଣୟନ ବିଷୟରେ ଆଲୋଚନା କରିଥିଲେ।

# ଆଜିଠୁ ଅମ୍ରିତ କାଳ ସାଂସ୍କୃତିକ ଉତ୍ସବ

## ଦୁଇ ଦିନ ସାଂସ୍କୃତିକ ସମାରୋହ

ରାୟଗଡ଼ା,୨୭।୧୧(ସମିସ): ରଙ୍ଗାରଙ୍ଗ ପାରମ୍ପରିକ କାର୍ଯ୍ୟକ୍ରମରେ ଝୁମିବେ କଳାକାର। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ଆନୁକୂଲ୍ୟରେ ପୂର୍ବାଞ୍ଚଳ ସଂସ୍କୃତିକ କେନ୍ଦ୍ର, କଲିକତା ପକ୍ଷରୁ ରାୟଗଡ଼ାରେ ଅମ୍ରିତ କାଳ ସାଂସ୍କୃତିକ ସମାରୋହ ଅବସରରେ ଦୁଇଦିନ ବ୍ୟାପୀ କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହେବାକୁ ଯାଉଛି । ନଭେମ୍ବର ୨୮ ଏବଂ ୨୯ ତାରିଖ ଦୁଇଦିନ ଧରି ଏହି ସମାରୋହ ଅନୁଷ୍ଠିତ ହେବ ବୋଲି ଆୟୋଜକ ମଣ୍ଡଳୀ ପକ୍ଷରୁ କୁହାଯାଇଛି। କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ପୂର୍ବାଞ୍ଚଳ କ୍ଷେତ୍ରୀୟ ସାଂସ୍କୃତିକ କେନ୍ଦ୍ର ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅମ୍ରିତକାଳ ସାଂସ୍କୃତିକ ସମାରୋହ ମାଧ୍ୟମରେ ଏକ ବିକଶିତ ଭାରତର ଯେଉଁ ପରିକଳ୍ପନା କରାଯାଇଛି, ଏହି ସମାରୋହ ମାଧ୍ୟମରେ ରାୟଗଡ଼ା ଜିଲ୍ଲା ସ୍ଥାନୀୟ କଳାକାର ଗୋଷ୍ଠୀ ନିଜର ନୃତ୍ୟ କଳା ପ୍ରଦର୍ଶନ କରିବେ। ଜିଲ୍ଲା ପ୍ରଶାସନ ସହଯୋଗରେ ରାୟଗଡା ସହରର ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟରୀୟମ ଠାରେ ଆଜି ଠାରୁ ଦୁଇ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ସାଂସ୍କୃତିକ ସମାରୋହର ପ୍ରଥମ ସନ୍ଧ୍ୟାରେ ଢେମସା ନୃତ୍ୟ, ଲାଞ୍ଜିଆ ସଉରା, ଚଇତି ଉତ୍ସବ ନୃତ୍ୟ, ଆଦିବାସୀ ଢେମସା ନୃତ୍ୟ ସହିତ ରାଧା ପ୍ରେମଲୀଳା, ଦ୍ୱିତୀୟ ସନ୍ଧ୍ୟାରେ ଡ଼ଙ୍ଗରିଆ କନ୍ଧ, ଧାଙ୍ଗଡ଼ା-ଧାଙ୍ଗୀଡ଼ି, କୁଇ ଆଦିବାସୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଏବଂ ପ୍ରାଚୀନ ପ୍ରହଲ୍ଲାଦ ନାଟକ ପ୍ରଭୃତି ରାୟଗଡା ଜିଲ୍ଲା କଳାକାର ମାନେ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଉଦ୍‌ଘୋଷକ ରହିଛନ୍ତି ରାୟଗଡ଼ା ପ୍ରଶାନ୍ତ କୁମାର ନାୟକ ଏବଂ ବିଦିଶା ଶତପଥୀ । କଳାକାର ଗ୍ରୁପ ମାନଙ୍କୁ ପୂର୍ବାଞ୍ଚଳ କ୍ଷେତ୍ରୀୟ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ଆର୍ଥିକ ସହାୟତା ଦିଆଯିବ ବୋଲି ଜଣାପଡିଛି। ଦର୍ଶକମାନେ ବହୁସଂଖ୍ୟାରେ ଯୋଗ ଦେଇ କଳାକାର ମାନଙ୍କୁ ଉତ୍ସାହିତ କରିବାକୁ କଲିକତା ପୂର୍ବାଞ୍ଚଳ କ୍ଷେତ୍ରୀୟ ସାଂସ୍କୃତିକ କେନ୍ଦ୍ର ଏବଂ ରାୟଗଡ଼ା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ୨୦ଲକ୍ଷ ଇନାମି ନକ୍ସଲ ଦମ୍ପତିଙ୍କ ଆତ୍ମସମର୍ପଣ



ମାଲକାନଗିରି,୨୭।୧୧(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ଖଇରାଗଡ଼ ଜିଲ୍ଲାରେ ନକ୍ସଲ ବିରୋଧୀ ଅଭିଯାନରେ ଏକ ବଡ଼ ସଫଳତା ମିଳିଛି। ସରକାରଙ୍କ ନକ୍ସଲ ଦମନ ଅଭିଯାନ ଓ ଭାଙ୍ଗି ପଡିଥିବା ନକ୍ସଲ ସଙ୍ଗଠନ ହେତୁ ନିଜର ଜୀବନ ବଞ୍ଚାଇବା ପାଇଁ ଆଉ ଏକ ନକ୍ସଲ ଦମ୍ପତି ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ନକ୍ସଲ ହଉଛନ୍ତି ଧନୁଷ ଓରଫ ମୁନ୍ନା ଏବଂ ତାଙ୍କ ପତ୍ନୀ ରୋନି ଓରଫ ଟୁଲେ। ଏହି ନକ୍ସଲ ଦମ୍ପତିଙ୍କ ଉପରେ ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ଥିଲା। ଖଇରାଗଡ଼-ଛୁଇଖାଦାନ-ଗଣ୍ଡାଇ ଜିଲ୍ଲା ପୋଲିସ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଏହି ନକ୍ସଲ ଦମ୍ପତି ଆତ୍ମସମର୍ପଣ କରିଛନ୍ତି। ଏହି ଦମ୍ପତି ମାଡ ଡିଭିଜନରେ ସକ୍ରିୟ ଥିଲେ ଏବଂ ହତ୍ୟା, ଡକାୟତି, ଅଗ୍ନିକାଣ୍ଡ ଭଳି ଅନେକ ଘଟଣାରେ ଜଡିତ ଥିଲେ। ଆତ୍ମସମର୍ପଣ କରିଥିବା ନକ୍ସଲ ଧନୁଷ ଓରଫ ମୁନ୍ନା ନାମରେ ୧୪ ଲକ୍ଷ ଟଙ୍କା ପୁରସ୍କାର ଏବଂ ତାଙ୍କ ସ୍ତ୍ରୀ ରୋନି ଓରଫ ଟୁଲେ ନାମରେ ୬ ଲକ୍ଷ ଟଙ୍କା ପୁରସ୍କାର ରାଶି ରହିଥିଲା। ଆତ୍ମସମର୍ପଣ ନୀତି ଅନୁଯାୟୀ ଏମାନଙ୍କୁ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ



କୋରାପୁଟ,୨୭।୧୧(ସମିସ): ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟ ସୁନାବେଡା କ୍ୟାମ୍ପସ୍‌ରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଭାରତୀୟ ସମ୍ବିଧାନ ଗ୍ରହଣ ଦିବସ ଭାବେ ସ୍ମରଣ ସହିତ ଭାରତର ସମ୍ବିଧାନ ସ୍ୱର୍ଣ୍ଣକାର, ଭାରତ ରତ୍ନ ଡ଼. ବି. ଆର୍. ଆମ୍ବେଡକରଙ୍କୁ ସ୍ମରଣ କରାଯାଇଥିଲା।" ଏହି ଅବସରରେ ବିଶ୍ୱବିଦ୍ୟାଳୟର ଭରପ୍ରାପ୍ତ କୁଳ ସଚିବ ଡ଼. ରାକେଶ କୁମାର ଲେଙ୍କା କାର୍ଯ୍ୟକ୍ରମର ଉଦ୍‌ଘାଟନ ଏବଂ ଅଧ୍ୟକ୍ଷତା କରିଥିଲେ। ମଞ୍ଚରେ ଅର୍ଥନୀତି ବିଭାଗର ପ୍ରଫେସର ଏବଂ ବିଭାଗ ମୁଖ୍ୟ ପ୍ରଫେସର ରତିକାନ୍ତ କୁମ୍ଭାର, ଏନଏସଏସ୍ ସମନ୍ୱୟକର୍ତ୍ତା ଡ଼. ଅଞ୍ଜନେୟୁଲୁ ତୋଟାପଲ୍ଲି ଏବଂ ଆସ୍ପିରେସନାଲ୍ ଭାରତ କଲାବରେଟିଭ୍, କୋରାପୁଟର ପ୍ରୋଗ୍ରାମ୍ ମ୍ୟାନେଜର ଅଲିକାନା ୱେଙ୍କଟ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ନିଜ ବାର୍ତ୍ତା ପ୍ରେରଣ କରି କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ। ଡ଼. ଆମ୍ବେଡକରଙ୍କ ପ୍ରତିମାକୁ ପୁଷ୍ପାଞ୍ଜଳି ଅର୍ପଣ କରାଯାଇ ତାଙ୍କର ଦେଶପ୍ରତି ଅମ୍ଳାନ ଓ ମହାନ ଅବଦାନକୁ ସ୍ମରଣ କରି ସମ୍ମାନିତ କରଯାଇଥିଲା। ଡ଼. ଲେଙ୍କା ସମ୍ବିଧାନର ମୁଖବନ୍ଧ ପାଠ କରାଇ ପ୍ରତ୍ୟେକଙ୍କୁ ସମ୍ବିଧାନୀୟ ମୂଲ୍ୟବୋଧ ପ୍ରତି ପୁନଃସମର୍ପିତ କରିବା ସହ ଡ଼. ଆମ୍ବେଡକରଙ୍କ ଦୂରଦୃଷ୍ଟି ନେତୃତ୍ୱରେ ବୃହତ୍ତମ ଲୋକତାନ୍ତ୍ରିକ ସମ୍ବିଧାନ ରଚନା ପ୍ରକ୍ରିୟାକୁ ସ୍ମରଣ କରିଥିଲେ। ପ୍ରଫେସର କୁମ୍ଭାର ସମ୍ବିଧାନକୁ ଜୀବନ୍ତ ଦଲିଲ୍ ବୋଲି ବର୍ଣ୍ଣନା କରି, ଏହାର ଗତିଶୀଳ ସ୍ୱଭାବ ଏବଂ ମୂଳ ଅଂଶ ମୌଳିକ ଅଧିକାର, ନୀତିନିର୍ଦ୍ଦେଶକ ତତ୍ତ୍ୱ, ସ୍ୱାଧୀନତା ଓ ସାମାଜିକ ନ୍ୟାୟର ମୂଲ୍ୟ ବିଷୟରେ ବିସ୍ତାରିତ ଆଲୋଚନା କରିଥିଲେ। ଏନଏସଏସ୍ ପ୍ରୋଗ୍ରାମ୍ କୋଓର୍ଡିନେଟର ଡ଼. ଅଞ୍ଜନେୟୁଲୁ ତୋଟାପଲ୍ଲି କାର୍ଯ୍ୟକ୍ରମର ସମନ୍ୱୟ କରିବା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ବହୁ ସଂଖ୍ୟାରେ ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି।

# ଡିସିସି ପକ୍ଷରୁ ସମ୍ବିଧାନ ଦିବସ ପାଳିତ

କୋରାପୁଟ,୨୭।୧୧(ସମିସ): କୋରାପୁଟ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଦର ମହକୁମାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ କମିଟି ସଭାପତି ରୂପକ ତୁରୁକଙ୍କ ଅଧ୍ୟକ୍ଷତାରେ ପାଳନ କରା ଯାଇଥିଲା। ସମ୍ବିଧାନ ନ ବଞ୍ଚିଲେ ଜନସାଧାରଣଙ୍କ ଅଧିକାର ବଞ୍ଚିବ ନାହିଁ ବୋଲି ସେ କହିଛନ୍ତି। ପୂର୍ବତନ ବିଧାୟକ ନିମାଇଁ ସରକାରଙ୍କ ସହ ଜିଲ୍ଲାର ବିଭିନ୍ନ ବ୍ଲକ କଂଗ୍ରେସ କମିଟି ସଭାପତି, ଜିଲ୍ଲା ପରିଷଦ ସଦସ୍ୟ , ଛାମୁଆ ସଙ୍ଗଠନର ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ଏହି ଅବସରରେ କୋରାପୁଟ ସଦର ମହକୁମାରେ କଂଗ୍ରେସ କମିଟି ପକ୍ଷରୁ ଏକ ଗଣଦୌଡ଼ର ଆୟୋଜନ କରାଯାଇଥିଲା।

# ଜିଲ୍ଲାସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ; ଗାନ୍ଧୀ ପବ୍ଲିକ ସ୍କୁଲ ରନର୍ସ ଅପ୍




ଗୁଣୁପୁର, ୨୭।୧୧(ସମିସ): ଗୁଣପୁର, ଜିଲ୍ଲା କ୍ରିକେଟ ଆସୋସିଏସନ୍ ରାୟଗଡା ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ଗାନ୍ଧୀ ପବ୍ଲିକ ସ୍କୁଲ ରନର୍ସ ଅପ୍ ହୋଇ ବିଜୟୀ ହୋଇଛି। ଏହି ଟୁର୍ନାମେଣ୍ଟ ନଭେମ୍ବର୧୪ରୁ ଆରମ୍ଭ ହୋଇ ୨୬ ତାରିଖରେ ଶେଷ ହୋଇଥିଲା। ଗାନ୍ଧୀ ପବ୍ଲିକ ସ୍କୁଲ ଛାତ୍ରମାନେ ପ୍ରଥମ ପର୍ଯ୍ୟାୟ ଲିଗ୍ ମ୍ୟାଚରେ ଲକ୍ଷ୍ମୀପତି ସିଙ୍ଘାଣିଆ ସ୍କୁଲ ସହିତ ଖେଳି ବିଜୟୀ ହୋଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସେଞ୍ଚୁରିଆନ ପବ୍ଲିକ ସ୍କୁଲ ଏବଂ ସେମି ଫାଇନାଲରେ ପ୍ରସାଦ ଟେକ୍ନୋ ପବ୍ଲିକ ସ୍କୁଲ ସହିତ ଖେଳି ବିଜୟୀ ହୋଇ ଫାଇନାଲରେ ପ୍ରବେଶ ହୋଇଥିଲେ। ୨୬ ତାରିଖରେ ଆୟୋଜିତ ଫାଇନାଲରେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ସେଞ୍ଚୁରିଆନ ପବ୍ଲିକ ସ୍କୁଲ ସହିତ ଖେଳି ରନର୍ସ ଅପ୍ ବିବେଚିତ ହୋଇଥିଲେ। ଉକ୍ତ ସମସ୍ତ ଟୁର୍ନାମେଣ୍ଟରେ ସର୍ବୋତ୍ତମ ଖେଳାଳି ଏବଂ ଶ୍ରେଷ୍ଠ ବ୍ୟାଟସ ମ୍ୟାନ୍ ଭାବରେ ବିଦ୍ୟାଳୟର ଛାତ୍ର କ୍ୟାପଟେନ କୃଷ୍ଣ ପ୍ରସାଦ ପାଢ଼ୀ ପୁରସ୍କୃତ ହୋଇଥିଲେ। ସେହିପରି ଛାତ୍ର ଶୁଭମ ରଥ ବେଷ୍ଟ ବୋଲର ପାଇଁ ପୁରସ୍କାର ପାଇଥିଲେ। ସ୍କୁଲ ତରଫରୁ ସମସ୍ତ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ କହିଲେ କ୍ରୀଡା ଦକ୍ଷତା ପଦର୍ଶନର ଅନ୍ୟତମ ମାର୍ଗ ଅଟେ ଏବଂ ପ୍ରତ୍ୟେକ ଛାତ୍ର ଜୀବନରେ କ୍ରୀଡ଼ାର ମହତ୍ୱ ଜାଣିବା ଆବଶ୍ୟକ। ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା କୃତି ପ୍ରତିଯୋଗୀଙ୍କୁ କହିଲେ, କେବଳ ପାଠପଢା ନୁହେଁ, ଶରୀର ଓ ମନର ସାମଗ୍ରିକ ବିକାଶ ପାଇଁ କ୍ରୀଡା ଉପରେ ଧ୍ୟାନ ଦେବାକୁ ହେବ। କ୍ରୀଡା ଶିକ୍ଷକ ଦେବେନ୍ଦ୍ରନାଥ ନାୟକ, ଅନନ୍ତ ରଥ ଓ ଶୁକ୍ଲାମ୍ବର ନାୟକଙ୍କ ତତ୍ତ୍ୱାବଧାନରେ ଛାତ୍ରମାନେ ଖେଳିବାକୁ ଯାଇଥିଲେ। ଛାତ୍ର ମାନଙ୍କ ସଫଳତାରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକ ମହଲରେ ଆନନ୍ଦର ଲହରୀ ଖେଳି ଯାଇଛି। ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ଡ. ସତ୍ୟପ୍ରକାଶ ପଣ୍ଡା ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ସମସ୍ତ ଖେଳାଳୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ଟ୍ରେଲର ଚକା ତଳେ ଚାପି ହୋଇ ଡ୍ରାଇଭର ମୃତ

ରାୟଗଡ଼ା/ରାମନାଗୁଡ଼ା, ୨୭।୧୧(ସମିସ): ରାୟଗଡା ଜିଲ୍ଲା ରାମନାଗୁଡ଼ା ଥାନା ଅନ୍ତର୍ଗତ ରାୟଗଡା-ଗୁଣୁପୁର- ଗୁମୁଡା ମୁଖ୍ୟ ରାସ୍ତା ବାଙ୍ଗି ଛକ ନିକଟରେ ଘଟି ଯାଇଛି ଏକ ଅଭାବନୀୟ ଘଟଣା। ଗୁରୁବାର ଦିନ ଅପରାହ୍ନରେ ଛତିଶଗଡ ରାୟପୁର ଠାରୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାକୁ (ଏନଏଲ ୦୧ ଏଜେ ୪୨୯୩) ଆଇରନ ବୋଝେଇ ଟ୍ରେଲର ଯାଉଥିବା ବେଳେ ରାମନାଗୁଡ଼ା ଥାନା ଅଧୀନରେ ଥିବା ଗୋସେଇଁ ଗୁଲୁମୁଣ୍ଡା ପଞ୍ଚାୟତ ସ୍ଥିତ ବାଙ୍ଗି ଛକ ଠାରୁ ଗୁଣୁପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା କଡରେ ନିଜ ଟ୍ରଲରକୁ ଛିଡାକରି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ମରାମତି କରିବା ପାଇଁ ପୋରଭଜ ନାମକ ଡ୍ରାଇଭର ଜଣଙ୍କ ଇଂଜିନ କୁ ଷ୍ଟାର୍ଟରେ ରଖି ରେଞ୍ଚି ଦ୍ୱାରା ମରାମତି କରୁଥିଲେ। ଏହି ସମୟରେ ଟ୍ରଲରଟି ଗଡ଼ିଯିବା ଫଳରେ ଚକା ତଳେ ମୁଣ୍ଡଟି ଚାପି ହୋଇ ସେ ପ୍ରାଣ ହରାଇଥିଲେ। ଟ୍ରଲରଟି ଗଡି ଗଡି ଯାଇ ରାସ୍ତା କଡରେ ଓଲଟି ପଡ଼ିଥିବା ଦେଖିବାକୁ ମିଳିଛି। ଘଟଣା ସମ୍ପର୍କ ରେ ସୂଚନା ପାଇ ରାମନାଗୁଡ଼ା ଥାନା ଏସଆଇ ବାବୁଲା ପ୍ରଧାନ, ଏଏସଆଇ ଜଗନ୍ନାଥ ବେହେରା ସଦଳବଳେ ଦୁର୍ଘଟଣା ସ୍ଥଳରେ ପହଞ୍ଚି ମୃତ ଡ୍ରାଇଭରକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ନିମନ୍ତେ ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ମୃତ ଡ୍ରାଇଭରଙ୍କ ଘର ବିହାର ରାଜ୍ୟରେ ବୋଲି ସୂଚନା ମିଳିଛି। ଏନେଇ ରାମନାଗୁଡ଼ା ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

● ରାସ୍ତା ଉପରେ ନାଗ ସାପ

# ଘଣ୍ଟାଏ କାଳ ଯାତାୟାତ ବନ୍ଦ



ନନ୍ଦପୁର,୨୭।୧୧(ସମିସ): ପୂର୍ବାହ୍ନ ୧୦ଟା ବେଳେ ନନ୍ଦପୁର- ସିମିଳିଗୁଡା ମୁଖ୍ୟ ରାସ୍ତାରେ ଏକ ଅଭିନବ ଦୃଶ୍ୟ ଦେଖିବାକୁ ମିଳିଥିଲା। ବ୍ୟସ୍ତ ସମୟ ମଧ୍ୟରେ କିଏ ଅଫିସ ତ କିଏ ସ୍କୁଲ-କଲେଜକୁ ଯାଉଥିବା ବେଳେ ହଠାତ୍ ରାସ୍ତା ମଝିରେ ଏକ ନାଗ ସାପ ଦେଖା ଦେବାରୁ କିଛି ସମୟ ପାଇଁ ଯାତାୟତ ଠପ୍ ହୋଇଯାଇଥିଲା। ସାପଟି ଫେଣ ଟେକି ରାସ୍ତା ଉପରେ ପ୍ରାୟ ଘଣ୍ଟାଏ କାଳ ଅଚଳ ଅବସ୍ଥାରେ ବସି ରହିଥିବାରୁ ଦୁଇପଟୁ ଯାନବାହାନ ଅଟକି ଥିଲା। ଘଟଣାସ୍ଥଳରେ ଥିବା ଯାତ୍ରୀ ଓ ଚାଳକମାନେ ନାଗ ସର୍ପକୁ "ମହାଦେବଙ୍କ ରୂପ' ଭାବି ସମ୍ମାନ ସୂଚକ ଭାବରେ ମୁଣ୍ଡିଆ ମାରୁଥିଲେ। କିଛି ଲୋକ ରାସ୍ତାକୁ ଘେରି ଦୂରରୁ ସାପଟିକୁ ଦେଖୁଥିଲେ।ଦ ୀର୍ଘ ସମୟ ପରେ ସାପଟି ଧିରେ ଧିରେ ରାସ୍ତା କଡକୁ ଓହ୍ଲାଇ ନିକଟସ୍ଥ ଜଙ୍ଗଲ ଭିତରକୁ ଚାଲିଯାଇଥିଲା। ସାପ ଚାଲିଯାଇବା ପରେ ଯାତାୟାତ ପୁନର୍ବାର ସ୍ୱାଭାବିକ ହୋଇଯାଇଥିଲା।

# ନିୟମଗିରିରେ ଆଉ ଏକ ସୌନ୍ଦର୍ଯ୍ୟମୟ ପାହାଡ଼ ଚିହ୍ନଟ



ବିଷମ କଟକ, ୨୭।୧୧ (ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ନିୟମଗିରି କୁର୍ଲି ପଞ୍ଚାୟତ ଏବେ ଜିଲ୍ଲା ତଥା ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ପାଇଁ ସ୍ୱର୍ଗର ବେଳାଭୂମି ପାଲଟିଯାଇଛି । ପୂର୍ବରୁ ବିଷମ କଟକ ବ୍ଲକ ଅଧୀନରେ ରହିଥିବା ଚାଟିକଣା ପଞ୍ଚାୟତର ପର୍ଯ୍ୟଟନ ସ୍ଥଳୀ ପାତାଳେଶ୍ୱର ମହାଦେବ ମନ୍ଦିର ଓ ମନ୍ଦିର ପାର୍ଶ୍ୱରେ ରହିଥିବା ଜଳ ପ୍ରାପ୍ତ ଏବଂ ନିୟମଗିରିର ଉପର ଗଦଗଦା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିଲା। ବର୍ତ୍ତମାନ ନିୟମଗିରି ପାହାଡ଼ର କୁର୍ଲି ପଞ୍ଚାୟତର ତୁଆଗୁଡା ଗ୍ରାମ ସିକରରେ ସୌନ୍ଦର୍ଯ୍ୟଭରା ସ୍ଥାନ ଚିହ୍ନଟ ହୋଇଛି। ସେଠାକୁ ଯିବାକୁ ହେଲେ କୁର୍ଲି ପଞ୍ଚାୟତ କାର୍ଯ୍ୟାଳୟର ପଛପଟେ ଥିବା ରାସ୍ତା ରହିଛି। ପ୍ରାୟ ୩ କିଲୋମିଟର ମାଟି ରାସ୍ତା ଅତିକ୍ରମ କରିବା ପରେ ସେଠାରୁ ଏକ କିଲେମିଟର ପାହାଡ଼ ଚଢ଼ି ଯିବାକୁ ପଡ଼ିଥାଏ। ଏହି ସ୍ଥାନ ସମୁଦ୍ର ପତନ ଠାରୁ ନିୟମଗିରି ଶିଖରର ୪ ହଜାର ଫୁଟ ଉଚ୍ଚତାରେ ରହିଛି। ପାହାଡ଼ ଶିକରରେ ପାଖାପାଖି ୫୦୦ ଏକରର ବିରାଟ ପଡିଆ ରହିଥିବା ବେଳେ ସେଠାରେ ଏକ ପୋଖରୀ ରହିଛି। ପାହାଡ଼ର ଏତେ ଉଚ୍ଚତାରେ ପୋଖରୀ ରହିଥିବା ପର୍ଯ୍ୟଟକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ନିୟମଗିରି କଡ଼ରେ ରହିଥିବା ପାହାଡ଼ ଏବେ ଯୁବପିଢ଼ିଙ୍କ ପାଇଁ ସ୍ୱର୍ଗଭୂମି ପାଲଟିଯାଇଛି । ପାହାଡ଼ ଘେରାର ସୌନ୍ଦର୍ଯ୍ୟ ଓ ମନୋରମ ଦୃଶ୍ୟ ଜିଲ୍ଲା ତଥା ରାଜ୍ୟ ବାହାରର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି । ବର୍ତ୍ତମାନ ପିକ୍‌ନିକ୍ ଋତୁ ଆରମ୍ଭ ହୋଇଥିବାରୁ ଶହ ଶହ ପର୍ଯ୍ୟଟକଙ୍କ ଏଠାକୁ ଆଗମନ ହେଉଛି। ଯୁବପିଢ଼ି ଏଠାକୁ ଆସି ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ଇନ୍‌ଷ୍ଟାଗ୍ରାମ୍ ଜରିଆରେ ଏହି ଦୃଶ୍ୟକୁ ପୋଷ୍ଟ କରୁଛନ୍ତି। ସାମାଜିକ ଗଣାମାଧ୍ୟମରେ ସୌନ୍ଦର୍ଯ୍ୟଭରା ଦୃଶ୍ୟ ଦେଖିବା ପରେ ଏହି ସ୍ଥାନରେ ପର୍ଯ୍ୟଟକଙ୍କ ପ୍ରବଳ ଭୀଡ଼ ଜମୁଛି । ଏଠାକାର ଦୃଶ୍ୟ କରାପୁଟର ଦେଓମାଳି ଭଳି

> ➤ କୁର୍ଲି ପଞ୍ଚାୟତକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି
> ➤ ବିରଳ ଜନଜାତିଙ୍କ ହେବ ବିକାଶ

ଭ୍ରମ ସୃଷ୍ଟି କରୁଥିବାରୁ ଏହି ସ୍ଥାନ ଯୁବପୀଢିଙ୍କ ପ୍ରଥମ ପସନ୍ଦ ପାଲଟିଛି। ପ୍ରତେକ ଦିନ ଏହି ସ୍ଥାନରେ ଭୋଜିଭାତର ଆସର ଜମୁଛି। ଶୀତଋତୁ ଆରମ୍ଭ ହୋଇଥିବାରୁ ଦିନ ତାମାମ ଘନ କୁହୁଡି ଚାଦରରେ ଢାଙ୍କି ହୋଇ ରହୁଥିବାରୁ ଏହି ପାହାଡ଼ ଶିଖର ସୌନ୍ଦର୍ଯ୍ୟରେ ଭରି ରହୁଛି। ଏହାକୁ ଉପଭୋଗ କରିବା ପାଇଁ ସକାଳୁ ସକାଳୁ ପର୍ଯ୍ୟଟକ ମାନେ ଏଠାରେ ଭିଡ଼ ଜମାଉଛନ୍ତି। ରାଜ୍ୟ ସରକାର ତୁରନ୍ତ ଏଭଳି ସ୍ଥାନକୁ ପର୍ଯଟନ କ୍ଷେତ୍ରରେ ମାନ୍ୟତା ଦେବା ସହ ସେହିଁ ସ୍ଥାନରେ ଭିତିଭୂମିର ବିକାଶ କ୍ଷେତ୍ରରେ ଆଗେଇ ନେଲେ ନିୟମଗିରି ମଧ୍ୟ ଦେଓମାଳି ଭଳି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ପ୍ରତ୍ୟେକ ବର୍ଷ ଏହି ଡିସେମ୍ବର ମାସ ଆରମ୍ଭ ହେଲେ ଏଠାକୁ ବିଦେଶୀ ପର୍ଯ୍ୟଟକ ମାନେ ଏହି ନିୟମଗିରି ଅଞ୍ଚଳକୁ ଆସିଥାନ୍ତି। ତୁରନ୍ତ ଏହି ସ୍ଥାନରେ ପର୍ଯ୍ୟଟକଙ୍କ ପାଇଁ ଟୁରିଜିମ୍ କ୍ୱାର୍ଟର ନିର୍ମାଣ କରିବା ସହ ସମସ୍ତ ଆନୁସଙ୍ଗିକ ସୁବିଧା କରାଗଲେ ବିଷମ କଟକ ବ୍ଲକ ସମେତ ନିୟମଗିରି ଜନଜାତିଙ୍କ ଆର୍ଥିକ ବିକାଶ ହେବ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।



ବିଧାନସଭା ଶୀତ ଅଧିବେଶନର ପ୍ରଥମ ଦିନରେ ଉପସ୍ଥିତ ରାଷ୍ଟ୍ରପତିଙ୍କ ଗହଣରେ ବାଚସ୍ପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ଏବଂ ପୂର୍ବତନ ଓ ବର୍ତ୍ତମାନର ଜନ ପ୍ରତିନିଧିଗଣ

## ଏନ୍‌ଆଇଟିର ଗବେଷଣା

# କୋଲନ୍ କ୍ୟାନସର୍ ଭଲ କରିବ ପିପ୍ପଳି!

ରାଉରକେଲା, ୨୭।୧୧(ସମିସ): କୋଲନ୍ କ୍ୟାନସର୍ ଚିକିତ୍ସା କ୍ଷେତ୍ରରେ ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ଗବେଷକମାନଙ୍କୁ ସଫଳତା ମିଳିଛି। ପିପ୍ପଳି ବା ଥିପ୍ପିଲି (ଇଂରାଜୀ ନାମ ଲଙ୍ଗ୍‌ପେପର୍)ରେ ମିଳୁଥିବା ଏକ ପ୍ରାକୃତିକ ଯୌଗିକରେ ଏହି ରୋଗ ନିଦାନର ଏକ ପ୍ରଭାବଶାଳୀ ତତ୍ତ୍ୱ ରହିଛି ବୋଲି କହିଛନ୍ତି। ଏହି ଗବେଷଣାର ନିଷ୍କର୍ଷଗୁଡ଼ିକ ପ୍ରତିଷ୍ଠିତ ପତ୍ରିକା 'ବାୟୋଫ୍ୟାକ୍ଟରସ୍'ରେ ପ୍ରକାଶିତ ହୋଇଛି। ଏହାକୁ ଏନ୍‌ଆଇଟି ରାଉରକେଲାର ଜୀବବିଜ୍ଞାନ ବିଭାଗର ଆସୋସିଏଟ୍ ପ୍ରଫେସର୍ ବିଜେଶ କୁମାର ବିଶ୍ୱାଳ ଏବଂ ତାଙ୍କ ରିସର୍ଚ୍ଚ ସ୍କଲାର୍ ରାଜୀବ କୁମାର ସାହୁ, ସ୍ତୁତି ବିଶ୍ୱାଳ, ସମ୍ବିତ କୁମାର ପାତ୍ର ଏବଂ ଶିକ୍ଷା ସ୍ୱରୂପା ପଣ୍ଡାଙ୍କ ସହ ଆମେରିକାର ଇଉନିଭର୍ସିଟି ଅଫ୍ ନର୍ଥ କାରୋଲିନାର ଡକ୍ଟର ସୂର୍ଯ୍ୟକାନ୍ତ ତ୍ରିପାଠୀ ଏବଂ ସେଣ୍ଟ୍ରାଲ୍ ୟୁନିଭର୍ସିଟି ଅଫ୍ ସାଉଥ୍ ବିହାରର କୃଷ୍ଣେନ୍ଦୁ ବାରିକ ଓ ଡକ୍ଟର ଅନୀଲ କୁମାରଙ୍କ ସହଯୋଗରେ ଲେଖାଯାଇଛି। ଏହି ପରିପ୍ରେକ୍ଷୀରେ ଏନ୍‌ଆଇଟି ରାଉରକେଲାର ନେତୃତ୍ୱାଧୀନ ବହୁ-ସଂସ୍ଥାଗତ ଗବେଷଣା ଦଳ କେମୋଥେରାପିର ବିକଳ୍ପ ଭାବରେ ଏକ ପ୍ରାକୃତିକ ଯୌଗିକ, ପାଇପରଲଙ୍ଗୁମିନ୍‌ର କାର୍ଯ୍ୟକଳାପ ଦେଖାଇବା ପାଇଁ ଏକ ପରୀକ୍ଷଣ କରିଥିଲେ। ଗବେଷଣା ଦଳ ଏମ୍‌ଟିଟି ପରୀକ୍ଷା ମାଧ୍ୟମରେ ପାଇପରଲଙ୍ଗୁମିନ୍ ସହ ଚିକିତ୍ସା ପରେ କୋଲୋନ୍ କର୍କଟ ଆକ୍ରାନ୍ତ କୋଷଗୁଡ଼ିକର କାର୍ଯ୍ୟକ୍ଷମତା ଯାଞ୍ଚ କରିଥିଲା ଏବଂ ଗୁରୁତ୍ୱପୂର୍ଣ୍ଣ କର୍କଟ ଆକ୍ରାନ୍ତ କୋଷଗୁଡ଼ିକର ମୃତ୍ୟୁ ହୋଇଥିବା ରିପୋର୍ଟ କରିଥିଲା। ଏହି ଗବେଷଣା ବିଶ୍ୱବ୍ୟାପୀ କୋଲୋନ କର୍କଟ ରୋଗର ଚିକିତ୍ସା ଏବଂ ରୋଗୀ ଫଳାଫଳକୁ ଉନ୍ନତ କରିବା ପାଇଁ ଏକ ସ୍ଥାୟୀ ତଥା ସ୍ୱଳ୍ପ ମୂଲ୍ୟ ସମାଧାନ ପ୍ରସ୍ତୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ମତ ପ୍ରକାଶ ପାଇଛି।



■ ଆରମ୍ଭ ହେଲା ଶୀତ ଅଧିବେଶନ

## ଗୃହରେ ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୬।୧୧(ସମିସ): ସପ୍ତଦଶ ବିଧାନସଭାର ପଞ୍ଚମ ତଥା ଶୀତ ଅଧିବେଶନ ଗୁରବାର ଆରମ୍ଭ ହୋଇଛି। ଗୃହକାର୍ଯ୍ୟ ପ୍ରାରମ୍ଭରେ ଦିବଂଗତ ସଦସ୍ୟମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିବଂଗତ ପୂର୍ବତନ ସଦସ୍ୟ ହେମେନ୍ଦ୍ର ପ୍ରସାଦ ମହାପାତ୍ର, କୃଷ୍ଣଚନ୍ଦ୍ର ମଲ୍ଲିକ ଏବଂ ଓଡ଼ିଶା ପୁଲିସର ପୂର୍ବତନ କନେଷ୍ଟବଳ ସରୋଜ କୁମାର ପ୍ରଧାନଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଶୋକ ପ୍ରସ୍ତାବକୁ ସମର୍ଥନ କରି ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷରେ ବାଚସ୍ପତି ସୁରମା ପାଢ଼ୀ ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକବ୍ୟକ୍ତ କରିବା ପରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇ ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖାଯାଇଥିଲା। ଏହାପରେ ରାଷ୍ଟ୍ରପତି ଗୃହକୁ ସମ୍ବୋଧନ କରିଥିଲେ।

# ରାଜଭବନରେ ନବନିର୍ମିତ କଳିଙ୍ଗ ଅତିଥି ନିବାସର ଉଦ୍‌ଘାଟନ କଲେ ରାଷ୍ଟ୍ରପତି

ଭୁବନେଶ୍ୱର,୨୭।୧୧(ସମିସ): ଦୁଇ ଦିନିଆ ଗସ୍ତରେ ଓଡ଼ିଶା ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ରାଜଭବନ ପରିସରରେ ନବନିର୍ମିତ କଳିଙ୍ଗ ଅତିଥି ନିବାସର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ରାଜ୍ୟପାଳଙ୍କ ସହଧର୍ମିଣୀ ଜୟଶ୍ରୀ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ଅନ୍ୟାନ୍ୟ ମନ୍ତ୍ରୀ ଏବଂ ଉଚ୍ଚ ପଦାଧିକାରୀମାନେ ଯୋଗ ଦେଇଥିଲେ। ରାଜଭବନର ସବୁଜ ପରିବେଶ ମଧ୍ୟରେ ଅବସ୍ଥିତ କଳିଙ୍ଗ ଅତିଥି ନିବାସରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପାରମ୍ପରିକ ସ୍ଥାପତ୍ୟର ପ୍ରତିଫଳନ ହୋଇଛି। କଳିଙ୍ଗ ଅତିଥି ନିବାସରେ ବାହ୍ୟ ଏବଂ ଭିତରପାର୍ଶ୍ୱ ଉଭୟ ଶାସ୍ତ୍ରୀୟ ଓଡ଼ିଆ କାରିଗରୀ ଆଧାରିତ ମୋଟିଫ୍, ଭାସ୍କର୍ଯ୍ୟ ଏବଂ ଡିଜାଇନ୍ ପ୍ରଦର୍ଶିତ କରାଯିବା ସହ ପ୍ରତ୍ୟେକ କୋଠରିକୁ ଓଡ଼ିଶାର ପରିଚୟ ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରିବା ପାଇଁ ଚିନ୍ତନଶୀଳ ଭାବେ ଡିଜାଇନ୍ କରାଯାଇଛି। ପୂର୍ବରୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।



# ଏସସିବିରେ ଓପନ୍ ହାର୍ଟ ସର୍ଜରୀ ମୃତ୍ୟୁହାର ହ୍ରାସ ପାଇଁ ପଦକ୍ଷେପ ନିଅ: ହାଇକୋର୍ଟ

କଟକ,୨୭ ।୧୧(ସମିସ): ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର କାର୍ଡିଓ ଥୋରାସିସ୍ ଭସ୍କୁଲାର ସର୍ଜରୀ ବିଭାଗରେ ରୋଗୀମାନଙ୍କର ହୋଇଥିବା ଓପନ ହାର୍ଟ ସର୍ଜରୀ ସମ୍ପର୍କିତ ସମସ୍ୟାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ଏଠାରେ ଓପନହାର୍ଟ ସର୍ଜରୀ ମୃତ୍ୟୁହାର ଜାତୀୟ ହାରଠାରୁ ଯଥେଷ୍ଟ ଅଧିକ ରହିଥିବାରୁ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ ଏହାକୁ କିଭଳି ହ୍ରାସ କରାଯାଇପାରିବ, ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। କଟକ ସହର ସମସ୍ୟା ଶୁଣାଣି ବେଳେ ଜଷ୍ଟିସ୍ ସଂଗମ କୁମାର ସାହୁ ଓ ଜଷ୍ଟିସ୍ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଏ ସମ୍ପର୍କିତ ପଦକ୍ଷେପ ସଂକ୍ରାନ୍ତରେ ଜଣାଇବାକୁ କହିଛନ୍ତି ଖଣ୍ଡପୀଠ।

**ଜାତୀୟ ହାର ୭ ପ୍ରତିଶତ ସ୍ଥଳେ ଏସସିବିରେ ୧୭ ପ୍ରତିଶତ**

ମାମଲା ଶୁଣାଣି ବେଳେ ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କ ପକ୍ଷରୁ ଦାଖଲ ରିପୋର୍ଟ ଉପସ୍ଥାପନ ହୋଇଥିଲା। ସେଥିରେ, ଗତ ଜାନୁଆରିରୁ ଅଗଷ୍ଟ ମାସ ମଧ୍ୟରେ ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲର କାର୍ଡିଓ ଥୋରାସିସ୍ ଭସ୍କୁଲାର ସର୍ଜରୀ ବିଭାଗରେ ରୋଗୀମାନଙ୍କର ହୋଇଥିବା ଓପନ ହାର୍ଟ ସର୍ଜରୀ ମୃତ୍ୟୁହାର ୩୧ ପ୍ରତିଶତ ଥିଲା। ତେବେ ସେପ୍ଟେମ୍ବର-ଅକ୍ଟୋବରରେ ଏହା ୧୭ ପ୍ରତିଶତକୁ ହ୍ରାସ ପାଇଥିବା କୁହାଯାଇଥିଲା। ଏହି ସମୟରେ ମୋଟ ୨୯ ଜଣଙ୍କ ସର୍ଜରୀ ହୋଇଥିବା ବେଳେ ୫ଜଣ ମୃତ୍ୟୁବରଣ କରିଥିବା କୁହାଯାଇଥିଲା।

ଜାତୀୟସ୍ତରରେ ଏଭଳି ଓପନ୍‌ହାର୍ଟ ସର୍ଜରୀ ମୃତ୍ୟୁ ହାର ମାତ୍ର ୫ରୁ୭ ପ୍ରତିଶତ ଥିବା ବେଳେ ଏଠାରେ ୧୭ ପ୍ରତିଶତ ରହିବା ନେଇ ଅଦାଲତ ଉଦବେଗ ପ୍ରକାଶ କରିଥିଲେ। ତେବେ, ଏସ୍‌ସିବି ମେଡିକାଲରୁ ୭ଦିନିଆ ପ୍ରଶିକ୍ଷଣ ନିମନ୍ତେ ଦିଲ୍ଲୀ ଏମ୍ସକୁ ଡାକ୍ତର ଓ ପାରାମେଡିକାଲ କର୍ମଚାରୀ ଯିବେ ଓ ଏମ୍ସରୁ କେତେକ ବିଶେଷଜ୍ଞ ଏଠାକୁ ଆସି ମାର୍ଗଦର୍ଶନ କରିବେ ବୋଲି ସରକାରଙ୍କ ପକ୍ଷରୁ ଅବଗତ କରାଯାଇଥିଲା। ଏ ସମ୍ପର୍କରେ ଏମ୍ସ ନିର୍ଦ୍ଦେଶକଙ୍କୁ ମଧ୍ୟ ଚିଠି ହୋଇଥିବା କୁହାଯାଇଥିଲା। ସେହିଭଳି ବିଭାଗୀୟ ମୁଖ୍ୟଙ୍କ ତରଫରୁ ଓପନହାର୍ଟ ସର୍ଜରୀ ପାଇଁ ବିଶେଷଜ୍ଞ ହୃଦ୍‌ରୋଗ ନିଶ୍ଚେତକଙ୍କ ଆବଶ୍ୟକତା ରହିଥିବା ନେଇ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ପ୍ରସଙ୍ଗରେ ମଧ୍ୟ ପରବର୍ତ୍ତୀ ଶୁଣାଣି ସମୟରେ ତଥ୍ୟ ଉପସ୍ଥାପନ ପାଇଁ କହିଛନ୍ତି ହାଇକୋର୍ଟ।

ପ୍ରକାଶଥାଉକି, ଗତ ୨୦୨୩ରେ ଓପନ୍‌ହାର୍ଟ ସର୍ଜରୀ ହୋଇଥିବା ୧୬୫ଜଣଙ୍କ ମଧ୍ୟରୁ ୧୫ଜଣଙ୍କର ମୃତ୍ୟୁ ହୋଇଥିବା ଦର୍ଶାଯାଇଥିଲା। ସେହିଭଳି ୨୦୨୪ରେ ୧୩୫ଜଣଙ୍କ ମଧ୍ୟରୁ ୨୪ଜଣ ଓ ୨୦୨୫ ଜାନୁଆରିରୁ ଅଗଷ୍ଟ ମଧ୍ୟରେ ମାତ୍ର ୮୫ ଜଣଙ୍କ ମଧ୍ୟରୁ ୨୬ଜଣ ରୋଗୀଙ୍କ ଓପନ୍‌ହାର୍ଟ ସର୍ଜରୀ ପରେ ମୃତ୍ୟୁ ଘଟିଥିଲା ବୋଲି ପୂର୍ବ ସତ୍ୟପାଠରେ କୁହାଯାଇଥିଲା।

■ ଅଭିଯୋଗ ସମାଧାନରେ ଅବହେଳା

## ୩୬ ଅଧିକାରୀଙ୍କ ଦରମା ବନ୍ଦ ପାଇଁ ଚିଠି ଲେଖିଲେ ଜିଲ୍ଲାପାଳ

କଟକ, ୨୭ ।୧୧(ସମିସ): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇଥିବା ଅଭିଯୋଗଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସମାଧାନ ନକରିବା କଟକ ଜିଲ୍ଲାର ୩୬ଜଣ ଅଧିକାରୀଙ୍କ ପାଇଁ ମହଙ୍ଗା ପଡ଼ିଛି। ଅଭିଯୋଗ ସମାଧାନରେ ଅବହେଳା ପାଇଁ କଟକ ଜିଲ୍ଲାର ୩୬ଜଣ ଅଧିକାରୀଙ୍କ ନଭେମ୍ବର ମାସର ଦରମା ବନ୍ଦ ପାଇଁ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଜିଲ୍ଲା ଟ୍ରେଜେରି ଅଫିସର, ସ୍ୱତନ୍ତ୍ର ଟ୍ରେଜେରି ଅଫିସର ଓ ଜିଲ୍ଲାର ସମସ୍ତ ସବ୍ ଟ୍ରେଜେରି ଅଫିସରଙ୍କୁ ଚିଠି ଲେଖିଛନ୍ତି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଖିଲାପି ଅଧିକାରୀଙ୍କ ଦରମା ସ୍ଥଗିତ ରହିବ ବୋଲି କୁହାଯାଇଛି। ଏହି ୩୬ଜଣ ଅଧିକାରୀଙ୍କ ମଧ୍ୟରେ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍ଓ), କଟକ ଉପ-ଜିଲ୍ଲାପାଳ, ଆଠଗଡ଼ ଉପ ଜିଲ୍ଲାପାଳ, କଟକ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ), ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ(ସିଡିଭିଓ), ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ଡିଏସ୍‌ଡବ୍ଲୁଓଙ୍କ ସମେତ ୧୧ ଜଣ ବିଡିଓ ଓ ୮ ଜଣ ତହସିଲଦାର ପ୍ରମୁଖ ରହିଛନ୍ତି। ଜନଶୁଣାଣି ପୋର୍ଟାଲ୍ ମାଧ୍ୟମରେ ପ୍ରାପ୍ତ ଅଭିଯୋଗଗୁଡ଼ିକର ସମାଧାନ ସମୟସୀମା ମଧ୍ୟରେ କରାଯାଉ ନଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବାରମ୍ବାର ସମୀକ୍ଷା କରୁଛନ୍ତି। ଏହାସତ୍ତ୍ୱେ ସମାଧାନର ଅଗ୍ରଗତି କ୍ଷେତ୍ରରେ କଟକ ଜିଲ୍ଲାର ସ୍ଥାନ ଉତ୍ସାହଜନକ ନଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଘୋର୍ ଅସନ୍ତୋଷ ପ୍ରକାଶ କରିଛି। ଏହାକୁ ନେଇ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କ ଦରମା ବନ୍ଦ ପାଇଁ ଚିଠି ଲେଖିଛନ୍ତି। ତେବେ ପ୍ରଥମେ ୯୧ଜଣ ଅଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଥିବା ବେଳେ ପରେ ଏହାକୁ ସଂଶୋଧନ କରି ୩୬ଜଣଙ୍କ ତାଲିକା ପ୍ରକାଶ ପାଇଛି।

■ ଭିଏଲ୍‌ଟିଡି ନିର୍ମାତାଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

## କେନ୍ଦ୍ର ମୋଟରଯାନ ନିୟମାବଳୀ ଅନୁଯାୟୀ ବୈଧ ସଂସ୍ଥାକୁ ଯୋଗାଣ ଅନୁମତି

କଟକ,୨୭ ।୧୧(ସମିସ): କେନ୍ଦ୍ର ମୋଟରଯାନ ନିୟମାବଳୀ ଅନୁସାରେ ବୈଧ ଏଆଇଏସ-୧୪୦ ପ୍ରମାଣପତ୍ର ପାଇଥିବା ଭେଇକିଲ୍ ଲୋକେସନ ଟ୍ରାକିଂ ଡିଭାଇସ୍ (ଭିଏଲ୍‌ଟିଡି) ନିର୍ମାତାଙ୍କୁ ରାଜ୍ୟର ଯାନବାହନ ପାଇଁ ଡିଭାଇସ ଯୋଗାଣ ଓ ଫିଟମେଣ୍ଟ ପାଇଁ ଅନୁମତି ମିଳିପାରିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କେନ୍ଦ୍ର ମୋଟର ଯାନ ଆଇନ ଓ ଏସ୍‌ଓପି ଅନୁପାଳନ ପୂର୍ବକ ଯାନବାହନ ଟ୍ରାକିଂ ଯୋଜନା କାର୍ଯ୍ୟକାରୀ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଆଇ ଟ୍ରାଇଙ୍ଗଲ୍ ଇନ୍‌ଫୋଟେକ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିଭଳି କେନ୍ଦ୍ର ମୋଟର ଯାନ ନିୟମ ଅନୁଯାୟୀ, ଓଡ଼ିଶା ପରିବହନ ବିଭାଗ ପକ୍ଷରୁ ଗତ ୨୦୨୩ ଏପ୍ରିଲ ୪ତାରିଖରେ ଏସ୍‌ଓପି ଜାରି ହୋଇ ନଥିବାରୁ ଏହା କାର୍ଯ୍ୟକାରୀ ହେବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଗତ ୨୦୨୧ଫେବୃଆରି୨୨ର କେନ୍ଦ୍ର ଏସଓପି ଅନୁଯାୟୀ ସାନି ମାନଦଣ୍ଡ ସୁନିଶ୍ଚିତ କରିପାରିବେ। ଯଦି କୌଣସି ନିର୍ମାତା କିମ୍ବା ଉପକରଣ ନିର୍ଦ୍ଧାରିତ ବୈଷୟିକ ମାନଦଣ୍ଡ ପୂରଣ କରିବାରେ ବିଫଳ ହୁଏ, ତେବେ ତାହାକୁ ରାଜ୍ୟ ପରିବହନ ବିଭାଗ ସ୍ଥଗିତ ରଖିପାରିବେ ବୋଲି ଅଦାଲତ କହିଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଭିଏଲ୍‌ଟିଡି ନିର୍ମାତା ହୋଇଥିବା ବେଳେ କେନ୍ଦ୍ର ମୋଟରଯାନ ନିୟମାବଳୀ ଓ ଏସଓପି ଅନୁସାରେ ସମସ୍ତ ମାନଦଣ୍ଡ ପାଳନ କରି ଆସୁଛନ୍ତି। ରାଜ୍ୟ ପରିବହନ ବିଭାଗର ଗତ ୨୦୨୩ର ଅତିରିକ୍ତ ମାନଦଣ୍ଡ ଧାର୍ଯ୍ୟ ହେତୁ ସେ ଭିଏଲ୍‌ଟିଡି ଯୋଗାଣ ଓ ସ୍ଥାପନରୁ ବଞ୍ଚିତ ହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଓଡ଼ିଶା ଏସଓପି ଅନୁଯାୟୀ ଅତିରିକ୍ତ ଯୋଗ୍ୟତା ମାନଦଣ୍ଡ, ସ୍ଥାନୀୟ କାର୍ଯ୍ୟାଳୟ ଆବଶ୍ୟକତା, ଜିଲ୍ଲାସ୍ତରୀୟ ଫିଟମେଣ୍ଟ ସେଣ୍ଟର୍ କିମ୍ବା ଫି' ଲାଗୁ କରିବା ରାଜ୍ୟର କ୍ଷମତା ବାହାରେ ଏବଂ କେନ୍ଦ୍ରୀୟ ଏସ୍‌ଓପି ସହ ଅସଙ୍ଗତ ବୋଲି ଆବେଦନକାରୀ ଦର୍ଶାଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉଚ୍ଚାରଣ, ଆଚରଣରେ...

ନୁହେଁ। ଏହା ଏକ ମହତ୍ତ୍ୱପୂର୍ଣ୍ଣ ସାଂସ୍କୃତିକ ପ୍ରବାହ। ଭାଷା ଭିତ୍ତିରେ ଗଠିତ ପ୍ରଥମ ରାଜ୍ୟ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ପୁନର୍ଗଠନ ପାଇଁ ପ୍ରେରଣାର ଉତ୍ସ ହୋଇଥିଲା। ଦେଶୀୟ ରାଜ୍ୟ ଗୁଡ଼କିର ମିଶ୍ରଣ ପ୍ରକ୍ରିୟା ଓଡ଼ିଶାରୁ ଆରମ୍ଭ ହୋଇଥିବା ବେଳେ ଏହାର ନେତୃତ୍ୱ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହାତାବ ନେଇଥିଲେ। ବରେଣ୍ୟ ଜନନେତା ବିଜୁ ପଟ୍ଟନାୟକଙ୍କ ସାହସ ଓ ସଂଗ୍ରାମ ଦେଶବାସୀଙ୍କ ସ୍ମୃତିରେ ସର୍ବଦା ଜୀବନ୍ତ ହୋଇ ରହିବ। ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କୁ ଜନ୍ମଦେଇ ଓଡ଼ିଶା ଧନ୍ୟ ହୋଇଛି। ଭାରତ ନିର୍ମାଣରେ ଓଡ଼ିଶାର ଅବଦାନ କାଳେକାଳେ ରହି ଆସିଛି। ଓଡ଼ିଶାରେ ନାରୀ ସଶକ୍ତିକରଣର ଏକ ପ୍ରାଚୀନ ପରମ୍ପରା ରହି ଆସିଛି। ରମାଦେବୀ, ସରଳା ଦେବୀ, କୁନ୍ତଳା କୁମାରୀ ସାବତ, ପାର୍ବତୀ ଗିରି ଏବଂ ଅନେକ ନେତ୍ରୀଙ୍କର ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ରହିଥିଲା। ୧୫ ଜଣ ମହିୟସୀ ମହିଳା ଭାରତର ସମ୍ବିଧାନ ସଭାରେ ସଦସ୍ୟ ଥିବାବେଳେ ଏଥିରେ ଓଡ଼ିଶାର ମାଳତୀ ଦେବୀ ରହିଥିଲେ। ଓଡ଼ିଶା ବିଧାନସଭାରେ ମହିଳା ପ୍ରତିନିଧିତ୍ୱର ଦୀର୍ଘ ଇତିହାସ ରହିଛି। ସ୍ୱାଧୀନତା ପୂର୍ବବତି ଏବଂ ପରବର୍ତ୍ତୀ ଏପରି କୌଣସି ବିଧାନସଭା ଗଠନ ହୋଇନାହିଁ, ଯେଉଁଥିରେ ମହିଳା ନାହାନ୍ତି। ନନ୍ଦିନୀ ଶତପଥୀ ଭାରତର ଦ୍ୱିତୀୟ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଜଣାଶୁଣା ବୋଲି ରାଷ୍ଟ୍ରପତି କହିଛନ୍ତି।

ସେ କହିଛନ୍ତି ଯେ ଓଡ଼ିଶାରେ ପ୍ରକୃତି ସବୁ ପ୍ରକାରର ପ୍ରାଚୁର୍ଯ୍ୟ ଅଜାଡ଼ି ଦେଇଛି। ବିପୁଳ ଖଣିଜ ସମ୍ପଦ, ଜଙ୍ଗଲ ଓ ଜଳ ସମ୍ପଦରେ ରାଜ୍ୟ ପରିପୂର୍ଣ୍ଣ ସବୁ ବର୍ଗର ମାନ ସମ୍ବଳରେ ଓଡ଼ିଶା ସମୃଦ୍ଧ। ଓଡ଼ିଶାରେ ସୁଦୀର୍ଘ ବେଳାଭୂମି ଓ ଉର୍ବର ଚାଷଜମି ରହିଛି। କୃଷି, ଶିଳ୍ପ ଏବଂ ବାଣିଜ୍ୟର ବିକାଶ ପାଇଁ ଓଡ଼ିଶାର ପରିବେଶ ଖୁବ ଅନୁକୂଳ। ଏସବୁ ସମ୍ପଦର ସଦୁପଯୋଗ କରାଯାଇ ଓଡ଼ିଶାକୁ ଦେଶର ଅଗ୍ରଣୀ ପ୍ରଦେଶରେ ପରିଣତ କରାଯାଇପାରିବ। ୨୦୪୭ ମସିହା ବେଳକୁ ଭାରତ ବିକଶିତ ଦେଶରେ ପରିଣତ ହୋଇ ସାରିଥିବ ବୋଲି ଆମ ସଭିଙ୍କର ବିଶ୍ୱାସ। ୨୦୩୬ ମସିହାରେ ଓଡ଼ିଶା ଗଠନର ଶତବାର୍ଷିକ ପୂରଣ ହେବ। ଆପଣମାନେ ସମ୍ମିଳିତ ଭାବରେ ୨୦୩୬ ମସିହା ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ କରିପାରିଲେ ତାହା ବିକଶିତ ଭାରତ ଗଠନ ପାଇଁ ଓଡ଼ିଶାର ଶ୍ରେଷ୍ଠ ଅବଦାନ ହେବ। ସେ ଆହୁରି ମଧ୍ୟ କହିଥିଲେ ଯେ ଗଣତନ୍ତ୍ରର ଭିତ୍ତି ହେଉଛନ୍ତି ଜନ ସାଧାରଣ। ଗଣ ବିନା ଗଣତନ୍ତ୍ର କିମ୍ବା ଗଣରାଜ୍ୟ ନାହିଁ। ଭାରତୀୟ ସଂସ୍କୃତିରେ ଲୋକଶକ୍ତିକୁ ସର୍ବଦା ଗୁରୁତ୍ୱାରୋପ କରାଯାଇଛି। ଜନମତକୁ ସର୍ବଦା ସମ୍ମାନ ଦିଆଯାଇଛି। ଆପଣମାନେ ହେଉଛନ୍ତି ଜନଗଣର ପ୍ରତିନିଧି। ସେମାନଙ୍କର ସେବକ। କେତେ ଆଶା, ବିଶ୍ୱାସ, ଭରଷା ନେଇ ଆପଣଙ୍କ ହାତରେ ସେମାନେ କ୍ଷମତା ଅର୍ପଣ କରିଛନ୍ତି। ସେମାନଙ୍କର ଆଶା ପୂରଣ କରିବା, ସେମାନଙ୍କର ସ୍ୱପ୍ନକୁ ସାକାର କରିବା ଏବଂ ସେମାନଙ୍କ ମୁହଁରେ ହସ ଫୁଟାଇବା ଆପଣମାନଙ୍କର କର୍ତ୍ତବ୍ୟ। ଆପଣମାନେ ଏପରି କାର୍ଯ୍ୟ କରିବେ ଯାହା ସାଧାରଣ ଲୋକଙ୍କ ହିତ ପାଇଁ ଉଦ୍ଦିଷ୍ଟ। ଦେଶର ଦରିଦ୍ରତମ ଲୋକଙ୍କ ପାଇଁ କାମ କରିବାକୁ ସେ ଏହି ଅବସରରେ ଆହ୍ୱାନ ଦେଇଛନ୍ତି।

### ରାଷ୍ଟ୍ରପତିଙ୍କ ସାମଗ୍ରିକ...

ତଥା ପ୍ରଥମ ନାଗରିକ ଭାବେ ସେବା କରିବା ପାଇଁ ଦ୍ରୌପଦୀ ମୁର୍ମୁଙ୍କୁ ଏବଂ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ସେବା କରିବା ପାଇଁ ସୁଯୋଗ ମିଳିବା କେବଳ ଆମ ଭାରତୀୟ ସମ୍ବିଧାନ ପାଇଁ ସମ୍ଭବ ହୋଇପାରିଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ରାଷ୍ଟ୍ରପତିଙ୍କ ଅଭିଭାଷଣ କେବଳ ଏହି ପବିତ୍ର ଗୃହର ନୀତି ଆଦର୍ଶକୁ ମାର୍ଗଦର୍ଶନ କରିବ ନାହିଁ; ବରଂ ସାଢ଼େ ଚାରି କୋଟି ଓଡ଼ିଆ'ଙ୍କ ଅଦମ୍ୟ ଭାବନାକୁ ପ୍ରୋତ୍ସାହିତ କରିବ। ଶାନ୍ତି, ମୈତ୍ରୀ, ସମତା ଓ ସଦ୍‌ଭାବନା, ଏକତାର ମନ୍ତ୍ରରେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଓଡ଼ିଶା ଗଠନ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ।

### ରାଷ୍ଟ୍ରପତି ଏ ମାଟିର...

ସୁଦୃଢ଼ କରିବାରେ ବିଭିନ୍ନ ଭାଷା, ଜୀବନଶୈଳୀ, ରୀତିନୀତି, ସଂସ୍କୃତି ଏବଂ ଚିନ୍ତାଧାରାର ଉଲ୍ଲେଖନୀୟ ଯୋଗଦାନ ରହିଛି। ସ୍ୱାଧୀନତା ପରେ ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ଏକ ବଡ଼ ରାଜନୈତିକ ଆହ୍ୱାନ ଥିଲା। ୧୯୪୭ ମସିହା ନଭେମ୍ବର ୧୪ ତାରିଖରେ ନୀଳଗିରି ଏବଂ ଅନ୍ୟରାଜ୍ୟଗୁଡ଼ିକ ଭାରତରେ ଯୋଗଦେବା ସହିତ ଭାରତର ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ପ୍ରଥମେ ଓଡ଼ିଶାରେ ଆରମ୍ଭ ହୋଇଥିଲା। ଏପରି କରି ଓଡ଼ିଶା ଅବଶିଷ୍ଟ ରାଜ୍ୟଗୁଡ଼ିକୁ ଏକତ୍ର କରି ଭାରତୀୟ ରାଷ୍ଟ୍ରକୁ ଏକଜୁଟ ଏବଂ ସୁଦୃଢ଼ କରିବା ପାଇଁ ନେତୃତ୍ୱ ନେଇଥିଲା।

ନବୀନ ଆହୁରି କହିଛନ୍ତି ଯେ ଭାଷା ଆଧାରରେ ଭାରତର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଗଠନ ହୋଇଥିଲା। ଓଡ଼ିଶା ପ୍ରଦେଶ ସୃଷ୍ଟି କରିବାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅବଦାନକୁ ଏଠାରେ ସ୍ମରଣ କରିବାର ଆବଶ୍ୟକତା ରହିଛି। ସାମ୍ବିଧାନିକ ପଦ୍ଧତି ଅବଲମ୍ବନ କରି ସେ ଅନ୍ୟ ଜାତୀୟସ୍ତରର ନେତାଙ୍କ ସହ ମିଶି ଏହି ଐତିହାସିକ ଲକ୍ଷ୍ୟ ହାସଲ କରିଥିଲେ। ଏହି ମହାନ ଦେଶର ରାଷ୍ଟ୍ରପତି ଭାବେ ଆପଣ ଭାରତ ସମ୍ବିଧାନର 'ସଂରକ୍ଷଣ, ସୁରକ୍ଷା ଏବଂ ପ୍ରତିରକ୍ଷା' କରନ୍ତି, ଯାହାର ୭୫ ତମ ବାର୍ଷିକୀ ନିକଟରେ ପାଳନ କରାଯାଇଛି। ଭାରତର ଆତ୍ମାକୁ ବଞ୍ଚାଇ ରଖିବାରେ ପ୍ରେରଣା ଏବଂ ମାର୍ଗଦର୍ଶନ ପାଇଁ ସମଗ୍ର ଦେଶ ରାଷ୍ଟ୍ରପତିଙ୍କ ଆଡ଼କୁ ଚାହିଁ ରହିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ଅନେକ କ୍ଷେତ୍ରରେ ଇତିହାସ ରଚିଛି। ବିପର୍ଯ୍ୟୟ ପରିଚାଳନା, ଖାଦ୍ୟ ଉତ୍ପାଦନ, ମହିଳା ସଶକ୍ତିକରଣ, ଦାରିଦ୍ର୍ୟ ଦୂରୀକରଣ, ଭିତ୍ତିଭୂମି ବିକାଶ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଏବଂ ଶିଳ୍ପ ଅଭିବୃଦ୍ଧିର ପରିବେଶ ସୃଷ୍ଟି କ୍ଷେତ୍ରରେ ଓଡ଼ିଶା ଏକ ପ୍ରେରଣାଦାୟୀ କାହାଣୀ ସୃଷ୍ଟି କରିଛି। ଏଭଳି ଅଭୂତପୂର୍ବ ଅଭିବୃଦ୍ଧିର ସମସ୍ତ ଶ୍ରେୟ ଓଡ଼ିଶାର ଜନସାଧାରଣଙ୍କ ଅତୁଟ ସମର୍ଥନ ଏବଂ ଆଶୀର୍ବାଦ ଯୋଗୁଁ ସମ୍ଭବ ହୋଇପାରିଛି। ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ନୀତି ସମଗ୍ର ଦେଶ ପାଇଁ ଏକ ଆଦର୍ଶ ପାଲଟିଛି। ବିପର୍ଯ୍ୟୟ ପରିଚାଳନାରେ ଉତ୍ତମ କାର୍ଯ୍ୟ ପାଇଁ ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି। ସମୃଦ୍ଧ ପ୍ରାକୃତିକ ସମ୍ବଳ ଏବଂ କୁଶଳୀ ଶ୍ରମଶକ୍ତି ସହିତ ଓଡ଼ିଶାରେ ଅଭିବୃଦ୍ଧିର ବିପୁଳ ସମ୍ଭାବନା ରହିଛି। ଓଡ଼ିଶାକୁ ଗୌରବର ନୂତନ ଶିଖରରେ ପହଞ୍ଚାଇବା ପାଇଁ ଆମେ ସମସ୍ତେ ପ୍ରୟାସ କରିବା ଉଚିତ ବୋଲି ନବୀନ କହିଛନ୍ତି।

### ୪ ସପ୍ତାହ ମଧ୍ୟରେ...

ଆଶା। ପାଣି ସଂଗ୍ରହର ଦାୟିତ୍ୱ କୋର୍ଟ ହାସ୍ୟ ଅଭିନେତାଙ୍କୁ ଦେଉଛନ୍ତି। ଏହା କୌଣସି ଦଣ୍ଡ ନୁହେଁ, ବରଂ ଏକ ସାମାଜିକ ଦାୟିତ୍ୱ।

ସମୟ ରୈନାଙ୍କ ଶୋ'ରେ ଅଶ୍ଳୀଳ ବିଷୟବସ୍ତୁକୁ ପ୍ରୋତ୍ସାହନ ଦିଆଯାଉଛି। ଗତ ଫେବୃଆରୀରେ ମୁକ୍ତିଲାଭ କରିଥିବା ଏହାର ଦୁଇଟି ଶୋ'କୁ ନେଇ ବିବାଦ ହୋଇଥିଲା। ମହିଳା ଏବଂ ଦିବ୍ୟାଙ୍ଗଙ୍କୁ ନେଇ ଏଭଳି ଅଭଦ୍ର ଟିପ୍ପଣୀ ଦିଆଯାଇଥିଲା ଯାହାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାକୁ ନେଇ ସମୟ ରୈନା, ରଣବୀର ଆହ୍ଲାବାଦିଆ ଓ ଅନ୍ୟମାନଙ୍କ ବିରୋଧରେ ଅନେକ ରାଜ୍ୟରେ ଏତଲା ରୁଜୁ କରାଯାଇଥିଲା। ଏହି ସବୁ ଏତଲା ରଦ୍ଦ କରିବାକୁ ରଣବୀର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ କୋର୍ଟ ଏହା ଉପରେ କୌଣସି ଆଶ୍ୱସ୍ତି ଦେଇ ନାହାନ୍ତି। କିନ୍ତୁ କେନ୍ଦ୍ର ସରକାରଙ୍କୁ କଠୋର ନିୟମ ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ ଜଷ୍ଟିସ ଜୟମାଲ୍ୟ ବାଗଚୀ କହିଥିଲେ ଯେ ଅଶ୍ଳୀଳ ବିଷୟବସ୍ତୁକୁ ବନ୍ଦ କରିବା ପୂର୍ବରୁ ଏହା ଭାଇରାଲ ହୋଇ ଲକ୍ଷ ଲକ୍ଷ ଲୋକ ଦେଖି ସାରୁଛନ୍ତି। ତେଣୁ ଏହାର ସମାଧାନ କରିବା ପାଇଁ ସୁପ୍ରିମକୋର୍ଟ ବିଚାରବିମର୍ଶ କରିଛନ୍ତି।

ଶୁଣାଣି ସମୟରେ ସଲିସିଟର ଜେନେରାଲ (ଏସଜି) ତୁଷାର ମେହେଟା କହିଥିଲେ ଯେ ଏହି ମାମଲା କେବଳ ଅଶ୍ଳୀଳତା ନୁହେଁ, ବରଂ ଅପବ୍ୟବହାର ସମ୍ବନ୍ଧିତ ମଧ୍ୟ। ବ୍ୟବହାରକାରୀଙ୍କ ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁରେ ଏହି ସବୁ ସମସ୍ୟା ରହିଛି। ମତ ପ୍ରକାଶ ହେଉଛି ଏକ ଅମୂଲ୍ୟ ଅଧିକାର, କିନ୍ତୁ ଖରାପ କାମ ପାଇଁ ଏହାକୁ ବ୍ୟବହାର କରାଯାଇପାରିବ ନାହିଁ। ଉତ୍ତରରେ ସିଜେଆଇ କହିଥିଲେ ଯେ ଏହା ହିଁ ସମସ୍ୟା। ଯଦି ମୁଁ ନିଜର ଚ୍ୟାନେଲ ଖୋଲୁଛି ତେବେ ବି କାହା ପାଇଁ ଉତ୍ତରଦାୟୀ ନୁହେଁ। କେହି ତ ଜଣେ ଉତ୍ତରଦାୟୀ ହେବା ଦରକାର।

ଏହି ମାମଲାକୁ ଦେଶ ବିରୋଧୀ ଭାବେ ମଧ୍ୟ ଦେଖାଯାଉଛି। ଏହାକୁ ନେଇ ଜଷ୍ଟିସ ବାଗଚୀ କହିଥିଲେ ଯେ ବିଷୟବସ୍ତୁ ଦେଶବିରୋଧୀ ହୋଇଥିଲେ ଏହାକୁ ପ୍ରସ୍ତୁତ କରିଥିବା ବ୍ୟକ୍ତି ଦାୟୀ ହେବେ କି? ଅଶ୍ଳୀଳ ବିଷୟବସ୍ତୁକୁ କେମିତି ରୋକିବେ ବୋଲି ସେ ଏସ୍‌ଜିଙ୍କୁ ପଚାରି ଥିଲେ। ଏହା ଉପରେ ରୋକ୍ ଲଗାଇବା ପାଇଁ ସ୍ୱୟଂଶାସିତ ସଂଗଠନ ଗଠନ କରିବାକୁ ସିଜେଆଇ ପ୍ରସ୍ତାବ ଦେଇଥିଲେ। ଏହି ସମାଜରେ ଶିଶୁଙ୍କର ବି ମୌଳିକ ଅଧିକାର ରହିଛି ବୋଲି କହିଥିଲେ। ସଲିସିଟର ଜେନେରାଲଙ୍କୁ ସିଜେଆଇ ପଚାରି ଥିଲେ ଯେ ଯଦି ସବୁ କିଛି ପ୍ରସାରଣ କରିବାକୁ ଦିଆଯିବ ତେବେ ସରକାର କ'ଣ କରିବେ। ନିରୀହ ଲୋକେ ନିଜେ ନିଜକୁ ସୁରକ୍ଷା ଯୋଗାନ୍ତୁ ବୋଲି ଆପଣ ଚାହୁଁଛନ୍ତି କି? ସମସ୍ତଙ୍କୁ କୋର୍ଟ ଆସିବାକୁ ସୁଯୋଗ ମିଳିବ ନାହିଁ। ତେଣୁ ଏହାର ସମାଧାନ ଲାଗି କୋର୍ଟ ନୂଆ ବ୍ୟବସ୍ଥା ଆଣିବାକୁ କେନ୍ଦ୍ରକୁ କହିଥିଲେ। ଏଥିପାଇଁ ଚାରି ସପ୍ତାହ ସମୟ ଦେଇଛନ୍ତି।

### ରେକର୍ଡ ଭାଙ୍ଗିଲା...

ଦାରିଙ୍ଗବାଡି ୯.୫, ଅନୁଗୁଳ ୧୦, କେନ୍ଦୁଝର ୧୦.୩, ସୁନ୍ଦରଗଡ ୧୦.୬, ଭୁବନେଶ୍ୱର ୧୩.୫ ଏବଂ କଟକରେ ପାରଦ ୧୩.୪ ଡିଗ୍ରୀ ରେକର୍ଡ ହୋଇଛି।

ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଏହାସହିତ ଆସନ୍ତା ୨ ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ଆହୁରି ୨-୩ ଡିଗ୍ରୀ ତଳକୁ ଖସିବ। ଏଥିପାଇଁ ରାଜ୍ୟରେ ଜାରି ରହିଥିବା ଶୀତର ସ୍ଥିତି ଜାରି ରହିବ। ବର୍ତ୍ତମାନ ରାଜ୍ୟକୁ ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ଓ ଥଣ୍ଡା ବାୟୁର ପ୍ରବାହ ଅଧିକ ରହୁଛି। ଏହି ସ୍ଥିତି ଆହୁରି ପ୍ରାୟ ୨-୩ ଦିନ ପର୍ଯ୍ୟନ୍ତ ଲାଗି ରହିବାର ସମ୍ଭାବନା ଥିବା ବେଳେ ଏହି ସମୟରେ କିଛି ସ୍ଥାନରେ ଶୀତ ଲହରୀ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହୁଛି।

ଅନ୍ୟପଟେ ବଙ୍ଗୋପସାଗରରେ ପୁଣି ଏକ ବାତ୍ୟା ସୃଷ୍ଟି ହୋଇଛି। ଦକ୍ଷିଣପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଶ୍ରୀଲଙ୍କା ଉପକୂଳରେ ଏହି ବାତ୍ୟା ଆଜି ସୃଷ୍ଟି ହୋଇଛି। ବାତ୍ୟାର ନାମ 'ଡିଟୱା' ରହିଛି। ଏହି ବାତ୍ୟାଟି ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତିକରି ଉତ୍ତର ୩୦ ତାରିଖ ସୁଦ୍ଧା ତାମିଲନାଡୁ-ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ମୁହାଁ ହେବ। ଓଡ଼ିଶା ଉପରେ ଏହାର କୌଣସି ସିଧାସଳଖ ପ୍ରଭାବ ପଡ଼ିବ ନାହିଁ। ବାତ୍ୟାଟି ଆନ୍ଧ୍ର ନିକଟବର୍ତ୍ତୀ ହେବା ପୂର୍ବରୁ ଦୁର୍ବଳ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଛି। ମାତ୍ର ଯଦି ଏହା ଆନ୍ଧ୍ର ନିକଟବର୍ତ୍ତୀ ହୁଏ ତେବେ ୧ ତାରିଖ ବେଳକୁ ଦକ୍ଷିଣ ଓଡ଼ିଶାର କିଛି କାଁ ଭାଁ ଜିଲ୍ଲାରେ ବର୍ଷା ହେବାର ଆଶଙ୍କା କରାଯାଉଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀଙ୍କୁ ପରିଶ୍ରମର ଉଚିତ ଫଳ ମିଳିବ।

**ତୁଳା:** ବୁଝିବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୬୬୦: ଲଣ୍ଡନରେ ଦ ରୟାଲ ସୋସାଇଟିର ଗଠନ।
- ୧୮୧୪: ଦ ଟାଇମ୍ସ ଅଫ୍ ଲଣ୍ଡନକୁ ପ୍ରଥମଥର ସ୍ୱଚାଳିତ ପ୍ରିଣ୍ଟିଂ ମେସିନ୍‌ରେ ଛପାଗଲା।
- ୧୮୯୦: ସମାଜସେବୀ ଜ୍ୟୋତିବା ଫୁଲେଙ୍କ ପରଲୋକ।
- ୧୯୪୫: ସାହିତ୍ୟିକ ଅମର ଗୋସ୍ୱାମୀଙ୍କ ଜନ୍ମ।
- ୧୯୯୬: ଏୟାରବସ୍ ଏ-୩୦୦ ବିମାନକୁ କମାଣ୍ଡ କରିବା ପ୍ରଥମ ମହିଳା ହେଲେ କ୍ୟାପ୍ଟେନ୍ ଇନ୍ଦ୍ରାଣି ସିଂହ।

## ମେସିନ୍ କାଟୁଛି କେଶ



ସାମାଜିକ ଗଣମାଧ୍ୟମରେ ଏବେ ଏକ ଭିଡିଓ ଖୁବ୍ ଭାଇରାଲ ହେଉଛି। ଏଥିରେ ଦେଖିବାକୁ ମିଳିଛି, ରାସ୍ତାକଡ଼ରେ ଏକ ମେସିନ୍ ଲୋକଙ୍କର ଖୁବ୍ କମ୍ ସମୟ ମଧ୍ୟରେ କେଶ କାଟି ଦେଉଛି। ଭିଡିଓରେ ଦେଖା ଯାଇଛି, ଜଣେ ଯୁବକ ମେସିନ୍‌କୁ ଟେପର୍ଡ ଫେଡ୍ ହେୟାରକଟ୍ କରିବାକୁ କହିଛନ୍ତି। ମେସିନ୍ ଉତ୍ତରରେ ଯୁବକଙ୍କୁ ମୁଣ୍ଡ ରଖିବାକୁ କହିଛି। ବହୁତ କମ୍ ସମୟ ମଧ୍ୟରେ ସମ୍ପୃକ୍ତ ଯୁବକ ଜଣକ ଯେତେବେଳେ ନିଜ ମୁଣ୍ଡକୁ ମେସିନ୍‌ରୁ ବାହାର କରିଛନ୍ତି, ତାଙ୍କୁ ସଂପୂର୍ଣ୍ଣ ଭାବେ ଏକ ନୂଆ ଲୁକ୍‌ରେ ଦେଖିବାକୁ ମିଳିଛି। ଭିଡିଓରେ ଦାବି କରାଯାଇଛି ଯେ, ଏହି ମେସିନ୍ ନରୱେ ରାଜଧାନୀ ଓସ୍‌ଲୋରେ ଲାଗିଛି। ଭିଡିଓରେ ତିନି ଜଣ ଯୁବକ ଜଣକ ପରେ ଜଣେ କେଶ କାଟିଥିବା ଦେଖାଯାଇଛି। ଅନ୍ୟପଟେ ଭିଡିଓର ଶୀର୍ଷକରେ ଲେଖାଯାଇଛି, 'ଆଉ ଅପେକ୍ଷା କରନ୍ତୁ ନାହିଁ। ଏବେ ରାସ୍ତାକଡ଼ରେ କେଶ କାଟିବା ସୁବିଧା ଅଟୋପାଇଲଟ୍ ପର୍ଯ୍ୟାୟରେ ଅଛି। ସେହିପରି ଲୋକଙ୍କୁ ହେୟାର ଷ୍ଟାଇଲିଷ୍ଟ ବିନା ରାସ୍ତାକଡ଼ରେ କେଶ କାଟିବା ସୁଯୋଗ ମିଳିପାରିବ।' ତେବେ ଏହି ଭିଡିଓ ଅସଲି ନୁହେଁ, ବରଂ ଏହାକୁ ଏଆଇ ଦ୍ୱାରା ପ୍ରସ୍ତୁତ କରାଯାଇଛି ବୋଲି କୁହାଯାଉଛି। ଇନ୍‌ଷ୍ଟାଗ୍ରାମ ପେଜ୍ ଆକ୍ସ ଡ୍ରପ୍ ଏକ୍ସ ଏଆଇ ଏହାକୁ ତିଆରି କରିଛି। ଏହା ଏଭଳି ଭବିଷ୍ୟବାଦୀ ଏବଂ କାଳ୍ପନିକ ଭିଡିଓ ପୋଷ୍ଟ କରିଥାଏ। ଏହି ଭିଡିଓ ମାଧ୍ୟମରେ ଲୋକଙ୍କ କଳ୍ପନାକୁ ବାସ୍ତବରେ ଦେଖାଇବାକୁ ପ୍ରୟାସ କରାଯାଇଛି। ସେହିପରି ଲୋକେ ବି ଚିନ୍ତା କରୁଛନ୍ତି କ'ଣ ସତରେ ଭବିଷ୍ୟତରେ ଏମିତି ମେସିନ୍ ଆସିବା ସମ୍ଭବ, ଯାହା ମଣିଷଙ୍କ ଭଳି କେଶ କାଟିବ। ଅନ୍ୟପଟେ ଭିଡିଓଟି ସତ ନ ହେଲେ ବି ଏହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ଯେ, କ'ଣ ଆଗାମୀ ଦିନରେ ମଣିଷର କାମ ମେସିନ୍ କରିବ? ଯଦି ଏଆଇର ପ୍ରଗତି ଏମିତି ଚାଲିବ, ତେବେ ଭବିଷ୍ୟତରେ ମେସିନ୍ ହେୟାର ଷ୍ଟାଇଲିଷ୍ଟଙ୍କ ସ୍ଥାନ ନେବ ଏଥିରେ ଦ୍ୱିମତ ନାହିଁ। ଅନ୍ୟପଟେ ଏହି ଭିଡିଓରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



## 'ବର୍ଡର ୨'
## ନୂଆ ରୂପରେ ଆସିବ 'ସନ୍ଦେଶେ ଆତେ ହେଁ'

ବଲିଉଡ୍ ଅଭିନେତା ସନ୍ନି ଦେୱଲ ତାଙ୍କ ଆଗାମୀ ଫିଲ୍ମ 'ବର୍ଡର ୨'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏବେ ଫିଲ୍ମର ପ୍ରଯୋଜକ ମୂଳ ଫିଲ୍ମର ଆଇକନିକ୍ ଗୀତ 'ସନ୍ଦେଶେ ଆତେ ହେଁ'କୁ ରିକ୍ରିଏଟ୍ କରିବା ପାଇଁ ଯୋଜନା କରିଛନ୍ତି। ପୂର୍ବରୁ ଏହି ଗୀତକୁ ସୋନୁ ନିଗମ୍ ଓ ଅରିଜିତ୍ ସିଂହ ଗାଇବେ ବୋଲି କୁହାଯାଉଥିଲା। ଏବେ ଏଥିରେ ଆଉ ଜଣେ ଜଣାଶୁଣା ଗାୟକଙ୍କ ଏଣ୍ଟ୍ରି ହୋଇଛି। ପଞ୍ଜାବୀ ଅଭିନେତା ତଥା ଗାୟକ ଦିଲଜିତ୍ ଦୋସାଞ୍ଜ ଏଥିରେ ଗୀତ ଗାଇବେ। ତେବେ ଫିଲ୍ମ ନିର୍ମାତା ଏପରି ଜଣେ ଗାୟକ ଚାହୁଁଥିଲେ ଯାହାଙ୍କଠାରେ ଆଧୁନିକ ଓ ପୁରୁଣା ଗୀତ ସୁଟ୍ କରୁଥିବ। ଏଥିପାଇଁ ଦିଲଜିତ୍‌ଙ୍କୁ ବଛାଯାଇଥିଲା। ଏହି ଗୀତକୁ ବେଶ୍ ବଡ଼ ଆକାରରେ ପ୍ରମୋଟ୍ ମଧ୍ୟ କରାଯିବ। 'ବର୍ଡର ୨'ରେ ସନ୍ନି ଦେୱଲଙ୍କ ସହ ବରୁଣ ଧୱନ, ଦିଲଜିତ୍ ଦୋସାଞ୍ଜ, ଅହାନ୍ ସେଟ୍ଟୀ, ସୋନମ୍ ବାଜୱା, ମେଘା ରାଣା ପ୍ରମୁଖ ନଜର ଆସିବେ। ଏହା ଆସନ୍ତା ଜାନୁୟାରୀ ୨୩ରେ ମୁକ୍ତିଲାଭ କରିବ।

## ଛିଙ୍କ ରୋକିବା ଉଚିତ

କିଛି ଲୋକ ସର୍ବସାଧାରଣ ସ୍ଥାନ ତଥା ଆଖପାଖରେ ଲୋକ ଥିଲେ ଛିଙ୍କ ରୋକିବାକୁ ଚେଷ୍ଟା କରିଥାନ୍ତି। ହେଲେ ଏଭଳି କରିବା ବିପଜ୍ଜନକ। କାରଣ ଛିଙ୍କ ଆସିବା ହେଉଛି ଶରୀରକୁ ଜୀବାଣୁ କିମ୍ବା ଧୂଳିକଣିକାରୁ ଶ୍ୱାସନଳୀକୁ ରକ୍ଷା କରିବାର ଏକ ଉପାୟ। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। ହେଲେ ଛିଙ୍କକୁ ରୋକି ବ୍ରିଟେନ୍‌ର ଜଣେ ଯୁବକଙ୍କୁ ଅସହ୍ୟ ଯନ୍ତ୍ରଣା ଭୋଗିବାକୁ ପଡ଼ିଛି। ଏହି ଘଟଣା ଦୁଇ ବର୍ଷ ପୂର୍ବରୁ ଅର୍ଥାତ୍ ୨୦୨୩ ମସିହାରେ ଘଟିଥିଲା। ଜଣେ ୩୦ ବର୍ଷୀୟ ଯୁବକ କାର୍ ଚଳାଉ ଥିଲେ। ଏହି ସମୟରେ ଆଲର୍ଜି ଯୋଗୁଁ ତାଙ୍କୁ ଛିଙ୍କ ଆସିଥିଲା। ହେଲେ ଲଜ୍ୟା ଓ ଭୟ ଯୋଗୁଁ ନ ଛିଙ୍କି ତାକୁ ରୋକିବାକୁ ଚେଷ୍ଟା କଲେ। ଏପରିକି ନାକକୁ ବନ୍ଦ କରିବା ସହିତ ପାଟି ମଧ୍ୟ ଖୋଲିଲେ ନାହିଁ। ଏହାପରେ ସେ ଭାବିଲେ ଛିଙ୍କ ଅଟକିଗଲା। ହେଲେ ଗଳାରେ ତାଙ୍କର ଅଚାନକ ଯନ୍ତ୍ରଣା ହେଲା। ତାଙ୍କୁ ଲାଗୁଥିଲା ଯେମିତି ଗଳାରେ କିଛି ଫାଟିଗଲା। ଏହି ସମୟରେ ଶ୍ୱାସକ୍ରିୟାରେ ବି ତାଙ୍କୁ ସମସ୍ୟା ସାମ୍ନା କରିବାକୁ ପଡ଼ିଲା। ସେ ତୁରନ୍ତ ଡାକ୍ତରଙ୍କ ପାଖରେ ପହଞ୍ଚିବାରୁ ସେଠାରେ ସିଟି ସ୍କାନ କରାଯିବାରୁ ଯୁବକଙ୍କ ଶ୍ୱାସନଳୀରେ ଛେଦ ହୋଇଯାଇଥିବା ଜଣାପଡ଼ିଲା। ଛିଙ୍କ ଆସିବାରୁ ଯେଉଁ ପବନ ପାଟି ଓ ନାକରୁ ବାହାରକୁ ଆସିବାର ଥିଲା, ତାହା ତାଙ୍କ ଛାତି ଓ ଫୁସ୍‌ଫୁସ୍‌ରେ ଜମା ହୋଇଯାଇଥିଲା। ଛିଙ୍କ ରୋକିବାରୁ ଶ୍ୱାସନଳୀରେ ବାୟୁର ଚାପ ୨୦ ଗୁଣ ଅଧିକ ହେଲା। ଫଳରେ ତାଙ୍କ ଗଳାରେ ଛେଦ ହୋଇଯାଇଥିଲା। ସେହିପରି ଏହି ଛେଦ ଯଦି ବଡ଼ ହୋଇଥାନ୍ତା, ତେବେ ରକ୍ତସ୍ରାବ, ସଂକ୍ରମଣ ନଚେତ ଶ୍ୱାସକ୍ରିୟା ବନ୍ଦ ହୋଇ ଜୀବନ ଯାଇଥାନ୍ତା। ଏହି ଘଟଣା ପରେ ବ୍ୟକ୍ତିଙ୍କୁ ପେନକିଲର ଦିଆଯାଇ ଅବଜରଭେସନରେ ରଖାଯାଇଥିଲା। ସୌଭାଗ୍ୟରୁ ତାଙ୍କ ଶ୍ୱାସନଳୀର ଛେଦ ଆପେ ଆପେ ଭରିଗଲା। ଏହି ଘଟଣା ପରେ ଛିଙ୍କ ନ ରୋକିବାକୁ ଡାକ୍ତର ଲୋକଙ୍କୁ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଛିଙ୍କକୁ ନେଇ ଏହା ଥିଲା ବିଶ୍ୱର ପ୍ରଥମ ଘଟଣା। ଯାହାକି ବିଏମ୍‌ଜେ କେସ୍ ରିପୋର୍ଟ ଜର୍ଣ୍ଣାଲରେ ପ୍ରକାଶିତ।



## ସଞ୍ଜୀବନୀ



## ଶୀତଦିନେ ହୃଦ୍‌ରୋଗୀଙ୍କ ପାଇଁ ସତର୍କତା



**ଶୀତଋତୁରେ ବାୟୁମଣ୍ଡଳର ତାପମାତ୍ରା କମିଯାଏ। ଏହି ପରିବର୍ତ୍ତନ ମନୁଷ୍ୟର ଶରୀର ଉପରେ ପ୍ରଭାବ ପକାଇଥାଏ। ତାପମାତ୍ରା ସର୍ବାଧିକ ହ୍ରାସ ପାଇଲେ, ଧମନୀ ସଙ୍କୁଚିତ ହୁଏ। ଏହାଦ୍ୱାରା ରକ୍ତଚାପସ୍ତର ବଢ଼ିଯାଇଥାଏ। ରକ୍ତଚାପ ବଢ଼ିଲେ ହୃଦୟ ଉପରେ ପ୍ରଭାବ ପଡ଼ିପାରେ। ତେଣୁ ଉଚ୍ଚରକ୍ତଚାପରେ ପୀଡ଼ିତ ଓ ହୃଦ୍‌ରୋଗୀ ଥଣ୍ଡା ସମୟରେ ସତର୍କ ରହିବା ଜରୁରି।**


ଶୀତଋତୁରେ ବୟସ୍କ ବ୍ୟକ୍ତି, ମଧୁମେହ, ଉଚ୍ଚରକ୍ତଚାପ, କୋଲେଷ୍ଟ୍ରଲରେ ପୀଡ଼ିତ, ହୃଦ୍‌ଜନିତ ସମସ୍ୟାରେ ପୀଡ଼ିତ ବ୍ୟକ୍ତି ଥଣ୍ଡା ପବନରେ ବୁଲିବା ଅନୁଚିତ। ଏହା ଦ୍ୱାରା ରକ୍ତ ଜମାଟ ବାନ୍ଧିଥାଏ। ରକ୍ତସଞ୍ଚାଳନରେ ବାଧାପ୍ରାପ୍ତ ହୋଇ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ତେଣୁ ବାହାରକୁ ଯାଉଥିଲେ, ଗରମ ପୋଷାକ, ମୋଜା, ଟୋପି, ହ୍ୟାଣ୍ଡ ଗ୍ଲୋବ୍‌ସ ଆଦି ପିନ୍ଧନ୍ତୁ। ଏହାଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ରହିପାରେ।

**କଠିନ ବ୍ୟାୟାମ ଅନୁଚିତ:** ନିୟମିତ ୨୦ରୁ ୩୦ ମିନିଟ୍ ଚାଲିବା, ବ୍ୟାୟାମ ଓ ଯୋଗ ଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ହୁଏ। ମାଂସପେଶୀରେ ରକ୍ତସଞ୍ଚାଳନ ହୋଇଥାଏ। ଏହା ହୃଦୟ ପାଇଁ ଭଲ। ତେବେ ହୃଦ୍‌ରୋଗୀ ଥଣ୍ଡା ସମୟରେ ଅଧିକ କଠିନ ବ୍ୟାୟାମ କରିବା ଅନୁଚିତ।

**ଜୀବନଶୈଳୀରେ ପରିବର୍ତ୍ତନ :** ଶୀତଦିନେ ଶରୀରରେ ଜଳୀୟ ଅଂଶ କମ୍ ହୁଏ। ଦିନକୁ ୩ଲିଟର ପାଣି ପିଇ ହୃଦ୍‌ପିଣ୍ଡକୁ ସୁସ୍ଥ ରଖିପାରିବେ। ମାସ୍କ ଲଗାଇବା ଉଚିତ। ଧୂମପାନଠାରୁ ଦୂରେଇ ରୁହନ୍ତୁ। କମ୍ ଲୁଣଯୁକ୍ତ ସନ୍ତୁଳିତ ଖାଦ୍ୟ ଗ୍ରହଣ ସହ ଖାଦ୍ୟରେ ଓମେଗା-୩ଯୁକ୍ତ ଖାଦ୍ୟ, ଫାଇବର, ଭିଟାମିନ୍ ଡି ଆଦି ସାମିଲ କରିପାରିବେ। ମୁଣ୍ଡବିନ୍ଧା, ଛାତିରେ ଯନ୍ତ୍ରଣା ଆଦି ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି। ନିୟମିତ ଉଚ୍ଚରକ୍ତଚାପସ୍ତର, ରକ୍ତ ଶର୍କରା, କୋଲେଷ୍ଟ୍ରଲ ଆଦିକୁ ପରୀକ୍ଷା କରାଇ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରିବା ଜରୁରି।

'ସକାଳ'ର ସ୍ୱାସ୍ଥ୍ୟ

## ଚକ୍ଷୁ କର୍କଟ



**ଆଖି ମନୁଷ୍ୟ ଶରୀରର ସବୁଠୁ ସୂକ୍ଷ୍ମ ଅଙ୍ଗ। ହେଲେ ଜୀବନଶୈଳୀ, ବଂଶାନୁଗତ ଆଦି କାରଣରୁ ଚକ୍ଷୁଜନିତ କର୍କଟ ଦେଖାଯାଉଛି। ଆଖି ଭିତରେ କିମ୍ବା ଏହାର ଆଖପାଖରେ ଅସାମାନ୍ୟ ଭାବେ କୋଷ ବୃଦ୍ଧି ପାଇ ଏହା ଟ୍ୟୁମରର ରୂପ ନିଏ। ସଠିକ୍ ସମୟରେ ଟ୍ୟୁମରର ଚିହ୍ନଟ ହୋଇ ନ ପାରିଲେ ଏହା ଲିମ୍ଫ ନୋଡ୍‌ସ ଯାଏଁ ବ୍ୟାପିପାରେ। ତେବେ ଚକ୍ଷୁ କର୍କଟର କାରଣ, ଲକ୍ଷଣ ଓ ପ୍ରତିକାର ବିଷୟରେ ଜାଣିବା।**

ବୟସ୍କ, ସମ୍ବେଦନଶୀଳ ତ୍ୱଚା, ବଂଶାନୁଗତ, ଅତି ବାଇଗଣୀ ରଶ୍ମୀ ସମ୍ପର୍କରେ ଅଧିକ ଆସିବା ଯୋଗୁଁ ଏହି ଚକ୍ଷୁ କର୍କଟ ହୋଇଥାଏ। ଚକ୍ଷୁ କର୍କଟ ଇଣ୍ଟ୍ରାଅକୁଲାର ମେଲାନୋମା, କଞ୍ଜକ୍ଟିଭାଲ ମେଲାନୋମା, ଅରବିଟାଲ କ୍ୟାନସ୍‌ର, ରେଟିନୋବ୍ଲାଷ୍ଟମା (ପିଲାଙ୍କଠାରେ), ଇଣ୍ଟ୍ରାଅକୁଲାର ଲିମ୍ଫୋମା (ବୟସ୍କ ଏବଂ ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି ବ୍ୟକ୍ତିଙ୍କୁ ବିପଦ) ପ୍ରକାରର ରହିଛି। କର୍କଟ ଆଖିର ଡୋଳା, ପଲକ, ଚକ୍ଷୁର ଅନ୍ୟାନ୍ୟ ଅଂଶରେ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରୁ କିଛି ଲକ୍ଷଣ ଜଣାପଡ଼େ ନାହିଁ। ଚକ୍ଷୁ କର୍କଟକୁ ଆରମ୍ଭରୁ ଚିହ୍ନଟରେ ସମସ୍ୟା ହୁଏ। ଯାହାଫଳରେ ଏହା ଧୀରେ ଧୀରେ ଶରୀରର ଅନ୍ୟ ଅଙ୍ଗକୁ ବ୍ୟାପି ସମସ୍ୟା ସୃଷ୍ଟି କରେ।

**ଲକ୍ଷଣ:** ଆଖିକୁ ଝାପସା ଦିଶିବା, ଧୀରେ ଧୀରେ ଦୃଷ୍ଟିଶକ୍ତି ହ୍ରାସ ପାଇବା ଆଦି ଚକ୍ଷୁ କର୍କଟର ସଙ୍କେତ। ବିନା କାରଣରେ ଆଖି ଭିତରେ ପରିବର୍ତ୍ତନ, ଆଖି ବାହାରକୁ ବାହାରିବା ପରି ଦିଶିବା, କୁଣ୍ଡାଇ ହୋଇ ଜଳାପୋଡ଼ା ଏହି ରୋଗର ଲକ୍ଷଣ।

**ପ୍ରତିକାର:** ଏହି କର୍କଟ ଅଧିକ ବିପଜ୍ଜନକ। ଆଖିରେ ଅସ୍ୱାଭାବିକ ପରିବର୍ତ୍ତନ ଓ ଉପରୋକ୍ତ ଲକ୍ଷଣ ଦେଖିଲେ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶରେ ଚକ୍ଷୁ ପରୀକ୍ଷା କରିବା ଆବଶ୍ୟକ। ଏହି କର୍କଟ ପାଇଁ ବିକିରଣ ଥେରାପି, ଲେଜର ଥେରାପି, ଇମ୍ୟୁନୋଥେରାପି, ଟାରଗେଟେଡ୍ ଥେରାପି, ଅସ୍ତ୍ରୋପଚାର ଆଦି ସୁବିଧା ରହିଛି। ସଠିକ୍ ସମୟରେ ରୋଗ ଚିହ୍ନଟ ଏବଂ ଚିକିତ୍ସା ଦ୍ୱାରା ଦୃଷ୍ଟିଶକ୍ତି ଏବଂ ଜୀବନ ଉଭୟ ବଞ୍ଚିପାରିବ।

## ଦିବ୍ୟାଙ୍ଗଙ୍କ ପାଇଁ ବରଦାନ ୱାଇଡି ୱାନ୍



ରୋଗାଗ୍ରସ୍ତ ବ୍ୟକ୍ତି, ବୟସ୍କ କିମ୍ବା ଆଘାତ ଲାଗି ଚାଲିବାକୁ ଅସମର୍ଥ ଲୋକ ହ୍ୱିଲ୍‌ଚେୟାର ବ୍ୟବହାର କରିଥାନ୍ତି। ଦିବ୍ୟାଙ୍ଗଙ୍କ ପାଇଁ ହ୍ୱିଲ୍‌ଚେୟାର ସାହାରା ସଦୃଶ ହୋଇଥାଏ। ଏହି କ୍ରମରେ ଏବେ ଆଇଆଇଟି ମାଡ୍ରାସ ସବୁଠୁ ହାଲୁକା ଓ ସକ୍ରିୟ ହ୍ୱିଲଚେୟାର ବିକଶିତ କରିଛନ୍ତି। ଏହାର ନାଁ ହେଉଛି 'ୱାଇଡି ୱାନ୍'। ଓଜନ ମାତ୍ର ୯ କିଲୋ। ଏହାକୁ ପରିଚାଳନା କରିବା ସହଜ। ଏହାକୁ କାର୍, ଅଟୋ, ସାଧାରଣ ଯାନବାହନରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସହଜରେ ନେଇ ହେବ। ବ୍ୟବହାରକାରୀଙ୍କ ଶରୀର, ଅଙ୍ଗଭଙ୍ଗୀ ଏବଂ ଗତିଶୀଳତାର ଆବଶ୍ୟକ ଅନୁଯାୟୀ ଏହାକୁ କଷ୍ଟମାଇଜ୍ କରାଯାଇଛି। ଏହା ୧୨୦ କେଜି ଭାର ଉଠାଇ ପାରିବ। ଏହା ମୋନୋ ଟ୍ୟୁବ୍ ରିଜିଡ ଡିଜାଇନ୍ ଫ୍ରେମ୍ ହ୍ୱିଲଚେୟାର। ଏୟରୋସ୍ପେସ-ଗ୍ରେଡ ସାମଗ୍ରୀରୁ ବନାଯାଇଛି। ଏହି ହ୍ୱିଲଚେୟାରଟି ସ୍ୱତନ୍ତ୍ରତା, ଆତ୍ମ-ସମ୍ମାନ ଏବଂ ସାମାଜିକ ଭାଗୀଦାରିର ପ୍ରତୀକ ହୋଇଥାଏ। ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ପ୍ରଫେସର ବି କମକୋଟି ଏହି ନୂତନ ଚେୟାରଟି ଦୁର୍ବଳ, ଅସୁସ୍ଥ, ଦିବ୍ୟାଙ୍ଗଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ମତ ରଖିଛନ୍ତି। ଏହି ହ୍ୱିଲ୍‌ଚେୟାରକୁ ତାଙ୍କର ଟିମ୍ ଏବଂ ଆଇଆଇଟି ମାଡ୍ରାସ- ଇନ୍‌କ୍ୟୁବେଟେଡ୍ ଷ୍ଟାର୍ଟଅପ୍ ଥ୍ରଭ୍ ମୋବିଲିଟି ସହଯୋଗରେ ପ୍ରସ୍ତୁତ କରାଯାଇଛି।

## ସ୍ୱାସ୍ଥ୍ୟକୁ ପ୍ରଭାବିତ କରିପାରେ ଅଦା



**ଅଦା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍-ସି, ବି୬ ଆଦି ରହିଛି। ଅଦାରେ ଥିବା ଔଷଧୀୟ ଗୁଣ ଥଣ୍ଡା, କାଶ, ପେଟଜନିତ ସମସ୍ୟା ଦୂର କରେ। ଓଜନ ହ୍ରାସ, ରକ୍ତଚାପ ନିୟନ୍ତ୍ରଣ, ମୁଣ୍ଡବିନ୍ଧା ପାଇଁ ମଧ୍ୟ ଅଦା ହିତକର। ହେଲେ ଅଦାକୁ ସଠିକ୍ ମାତ୍ରାରେ ବ୍ୟବହାର କରା ନ ଗଲେ, ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ।**

**ଅଦାକୁ ଅଧିକ ଫୁଟାନ୍ତୁନି:** ଅଦା ଖଣ୍ଡକୁ ଉଷୁମ ପାଣିରେ ଫୁଟାଇ ପିଇଲେ ଚର୍ବି ହ୍ରାସ ହୁଏ। ହେଲେ ଅଦାକୁ ଅଧିକ ସମୟ ଫୁଟାଇବା ଅନୁଚିତ। ଏହାଦ୍ୱାରା ଅଦାର ପୋଷକତତ୍ତ୍ୱ ହ୍ରାସ ପାଏ। ଏହା ପାଚନତନ୍ତ୍ର ଉପରେ କୁପ୍ରଭାବ ପକାଏ। ଛାତି ଜଳାପୋଡ଼ା, ପେଟ ଗ୍ୟାସ୍ ହେବା ସହ ପେଟ ଯନ୍ତ୍ରଣା ମଧ୍ୟ ହୋଇପାରେ।

**ସଠିକ୍ ମାତ୍ରା ବ୍ୟବହାର:** କାଶ, ଥଣ୍ଡା ଆଦି ପାଇଁ ଦିନକୁ ମାତ୍ର ୨ ଗ୍ରାମ୍ ଅଦା ସେବନ ଜରୁରି। ଅଧିକ ମାତ୍ରାର ଅଦା ଖାଇଲେ ରକ୍ତ ପତଳା ହୋଇପାରେ। ରକ୍ତଚାପ, ଗ୍ଲୁକୋଜ୍ କମିଯାଇ ପାରେ। ତେଣୁ ଚିକିତ୍ସକଙ୍କ ପରାମର୍ଶରେ ଅଦା ସେବନ କରିବା ନିହାତି ଜରୁରି।

ଅଦାକୁ ଦୁଗ୍ଧ, ଦହି କିମ୍ବା ଦୁଗ୍ଧଜାତୀୟ ଉତ୍ପାଦ ସହିତ ମିଶାଇ ଖାଇବା ଅନୁଚିତ। ଅଦାକୁ ଖାଇବା ପରେ କିମ୍ବା ଖାଇବା ସହିତ ଅଳ୍ପ ଲୁଣ ମିଶାଇ ଚୋବାଇ ଖାଇଲେ ହଜମଶକ୍ତି ସକ୍ରିୟ ରୁହେ। ଅଦାର ପୋଷକତତ୍ତ୍ୱ ଶରୀରକୁ ଭଲ କାମ ଦିଏ।

## ସୁଲତାନ ଆଜଲାନ ଶାହ କପ୍ ହକି

# ଭାରତର ତୃତୀୟ ବିଜୟ

ଇପୋ,୨୭।୧୧(ଏଜେନ୍ସି): ନ୍ୟୁଜିଲାଣ୍ଡକୁ ୩-୨ ଗୋଲରେ ପରାସ୍ତ କରି ଭାରତ ଏଠାରେ ଚାଲିଥିବା ସୁଲତାନ ଆଜଲାନ ଶାହ କପ୍ ହକି ପ୍ରତିଯୋଗିତାରେ ତୃତୀୟ ବିଜୟ ହାସଲ କରିଛି। ଏହି ବିଜୟ ଫଳରେ ଭାରତ ୪ର୍ଥ ମ୍ୟାଚ୍‌ରୁ ତୃତୀୟ ବିଜୟ ସହ ୯ ପଏଣ୍ଟ ସଂଗ୍ରହ କରି ପ୍ରଥମ ବେଲଜିୟମ ପଛକୁ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। କାନାଡା ସହ ଦଳ ଶେଷ ଲିଗ୍ ମ୍ୟାଚ୍ ଖେଳିବ। ଆସନ୍ତାକାଲିର ସମସ୍ତ ୩ଟି ଯାକ ଲିଗ୍ ମ୍ୟାଚ୍ ଶେଷ ହେବା ପରେ କେଉଁ ଦୁଇ ଦଳ ଫାଇନାଲକୁ ଉନ୍ନୀତ ହେବେ ତାହା ଜଣାପଡ଼ିବ। କିନ୍ତୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ବିଜୟୀ ହେବା ପରେ ଫାଇନାଲ ଖେଳିବା ରାସ୍ତା ଏକପ୍ରକାର ପରିଷ୍କାର ହୋଇଯାଇଛି। ଭାରତ ପକ୍ଷରୁ ଅମିତ ରୋହିଦାସ, ଅଧିନାୟକ ସଞ୍ଜୟ ଓ ସେଲଭାମ କାର୍ତ୍ତି ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ନ୍ୟୁଜିଲାଣ୍ଡର ଜର୍ଜ ବାକର ୨ଟି ଯାକ ଗୋଲ ଶୁଝାଇଥିଲେ। ଆଜିର ଅନ୍ୟ ମ୍ୟାଚ୍‌ରେ କାନାଡା ୩-୨ ଗୋଲରେ ଦକ୍ଷିଣ କୋରିଆକୁ ଓ ବେଲଜିୟମ ୯-୧ ଗୋଲରେ ମାଲେସିଆକୁ ପରାସ୍ତ କରିଛି। ବେଲଜିୟମ, ଭାରତ, ମାଲେସିଆ ଓ କାନାଡା ପ୍ରଥମ ୪ଟି ସ୍ଥାନରେ ରହିଛନ୍ତି।

# କେଆଇୟୁଜିରେ ଓଡ଼ିଶାକୁ ୪ ପଦକ

ଭୁବନେଶ୍ୱର, ୨୭।୧୧ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା(କେଆଇୟୁଜି)ର ୪ର୍ଥ ଦିବସରେ ଗୁରୁବାର ଓଡ଼ିଶା ମୋଟ୍ ୪ଟି ପଦକ ମିଳିଛି। ଯେଉଁଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀ ପ୍ରତ୍ୟାଶା ରାୟ ମହିଳା ସନ୍ତରଣ ୨୦୦ ମିଟର ଫ୍ରିଷ୍ଟାଇଲରେ ରୌପ୍ୟ ବିଜୟୀ ହୋଇଛନ୍ତି। ପ୍ରତିଯୋଗିତାରେ ପ୍ରତ୍ୟାଶାଙ୍କ ଏହା ୪ର୍ଥ ପଦକ। ଅପରପକ୍ଷରେ କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍ ଗୁରୁବାର ସନ୍ତରଣରେ ୩ଟି କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ ମହିଳା ୨୦୦ ମିଟର ବଟରଫ୍ଲାଏରେ, ନୀଳବଜା ଘୋଷ ୧୦୦ ମିଟର ବଟରଫ୍ଲାଏରେ ଏବଂ ୪ ଗୁଣା ୧୦୦ ମିଟର ମିଡଲେ ରିଲେରେ କିଟ୍ ଦଳ ଏହି ପଦକ ଜିତିଥିଲେ।

## ମହିଳା ପ୍ରିମିୟର ଲିଗ୍ ମେଗା ନିଲାମ

# ୩.୨ କୋଟିରେ ଦୀପ୍ତି ସବୁଠୁ ଦାମୀ

ନୂଆଦିଲ୍ଲୀ,୨୭।୧୧(ଏଜେନ୍ସି):

ବିସିସିଆଇ ପକ୍ଷରୁ ମହିଳା ପ୍ରିମିୟର ଲିଗ୍‌ର ପ୍ରଥମ ମେଗା ନିଲାମ ଆଜି ଏଠାରେ ଆରମ୍ଭ ହୋଇଛି। ଦୁଇଦିନ ଧରି ହେବାକୁ ଥିବା ଏହି ଅକ୍ସନର ପ୍ରଥମ ଦିନରେ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ଭାରତର ତାରକା ଅଲରାଉଣ୍ଡର ଦୀପ୍ତି ଶର୍ମା ସବୁଠୁ ଦାମି ଖେଳାଳି ବିବେଚିତ ହୋଇଛନ୍ତି। ୟୁପି ୱାରିୟର୍ଜ ତାଙ୍କୁ ୩.୨ କୋଟି ଟଙ୍କାରେ କିଣିଛି। ଦୀପ୍ତିଙ୍କ ବ୍ୟତୀତ ନ୍ୟୁଜିଲାଣ୍ଡର ଆମେଲିଆ କେରଙ୍କୁ ୩ କୋଟି ଟଙ୍କାରେ କିଣିଛି ମୁମ୍ବଇ ଇଣ୍ଡିଆନ୍ସ। ନ୍ୟୁଜିଲାଣ୍ଡର ଅନ୍ୟତମ ଖେଳାଳି ସୋଫି ଡିଭାଇନ୍‌ଙ୍କୁ ଗୁଜରାଟ ଜାଏଣ୍ଟସ ୨ କୋଟି ଓ ଅଷ୍ଟ୍ରେଲିଆର ମେଗ୍ ଲାନିଙ୍ଗ୍‌ଙ୍କୁ ୟୁପି ୱାରିୟର୍ଜ ୧.୯ କୋଟି ଟଙ୍କାରେ କିଣିଛି। ଏହି ୪ ଖେଳାଳିଙ୍କ ବେସ୍ ପ୍ରାଇସ୍ ୫୦ ଲକ୍ଷ ଟଙ୍କା ରହିଥିଲା। ଫ୍ରାଞ୍ଚାଇଜ୍‌ଗୁଡ଼ିକ ଯେଉଁ ଖେଳାଳିଙ୍କୁ ରିଟେନ କରିଛି, ସେମାନଙ୍କ ଦାମ୍ ପ୍ରକାଶ ପାଇନାହିଁ। ହରମନପ୍ରୀତ୍ କୌର ଓ ସ୍ମୃତି ମନ୍ଧାନାଙ୍କ ପରି ଖେଳାଳି କୋଟିପତି ତାଲିକାରେ ରହିଛନ୍ତି।



ଦିଲ୍ଲୀ କ୍ୟାପିଟାଲ୍ସ ୧.୩ କୋଟି ଲେଖାଏଁ ଟଙ୍କାରେ ଦକ୍ଷିଣ ଆଫ୍ରିକାର ଚିନେଲେ ହେନରୀ ଓ ଭାରତର ସ୍ପିନର ଶ୍ରୀଚରଣିଙ୍କୁ ଦଳରେ ସାମିଲ କରିଛି। ଅଷ୍ଟ୍ରେଲିଆର ଫୋଏବି ଲିଚ୍‌ଫିଲ୍ଡଙ୍କୁ ୧.୨ କୋଟି ଓ ଆଶା ଶୋଭନାଙ୍କୁ ୧.୧ କୋଟି ଟଙ୍କାରେ ୟୁପି ୱାରିୟର୍ଜ, ଦକ୍ଷିଣ ଆଫ୍ରିକାର ଲୌରା ୱଲଭାର୍ଟଙ୍କ ୧.୧ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସ, ଇଂଲଣ୍ଡର ଫାଷ୍ଟ ବୋଲର ଲୌରେନ ବେଲ୍‌ଙ୍କୁ ୯୦ ଲକ୍ଷ ଟଙ୍କାରେ ଆର୍‌ସିବି କିଣିଛି। କିନ୍ତୁ ପ୍ରଥମ ଦିନରେ ଅଷ୍ଟ୍ରେଲିଆ ଅଧିନାୟିକା ଆଲିସା ହିଲୀଙ୍କୁ କେହି କିଣି ନାହାନ୍ତି। ସୋଫି ଇକ୍କ୍ଲେଷ୍ଟନଙ୍କୁ ୮୫ ଲକ୍ଷ ଟଙ୍କାରେ ୟୁପି, ଭାରତୀ ଫୁଲମାଲିଙ୍କୁ ୭୦ ଲକ୍ଷ ଟଙ୍କାରେ ଗୁଜରାଟ, ଦ. ଆଫ୍ରିକାର ନାଦିନ ଡି କ୍ଲର୍କ ଓ ଭାରତର ରାଧା ଯାଦବଙ୍କୁ ୬୫ ଲକ୍ଷ ଲେଖାଏଁ ଟଙ୍କାରେ ଆର୍‌ସିବି, ରେଣୁକା ସିଂ ଠାକୁରଙ୍କୁ ଗୁଜରାଟ, ଜର୍ଜିଆ ଭୋଲଙ୍କୁ ଆର୍‌ସିବି, କିରଣ ନାଗଭିରେଙ୍କୁ ୟୁପି, ଦକ୍ଷିଣ ଆଫ୍ରିକାର ସବ୍‌ନିମ ଇସ୍‌ମାଏଲଙ୍କୁ ମୁମ୍ବଇ ୬୦ ଲକ୍ଷ ଲେଖାଏଁ ଟଙ୍କା ଦେଇ ଦଳରେ ସାମିଲ କରିଛି। ୫୦ ଲକ୍ଷ ଲେଖାଏଁ ଟଙ୍କାରେ ୩ଜଣ ଖେଳାଳି ଯଥା ସ୍ନେହ ରାଣାଙ୍କୁ ଦିଲ୍ଲୀ, ହର୍ଲିନ ଦେଓଲ ଓ କ୍ରାନ୍ତି ଗୌଡ଼ଙ୍କୁ ୟୁପି ଟିମ୍‌ରେ ସାମିଲ କରିଛି।

ମହିଳା ପ୍ରିମିୟର ଲିଗ୍‌ର ଚତୁର୍ଥ ସଂସ୍କରଣ ନଭି ମୁମ୍ବଇ ଓ ଭଦୋଦରାରେ ଆସନ୍ତାବର୍ଷ ଜାନୁଆରୀ ୯ରୁ ଆରମ୍ଭ ହୋଇ ଫେବୃଆରୀ ୭ରେ ଶେଷ ହେବ। ନଭି ମୁମ୍ବଇରେ ଉଦ୍‌ଘାଟନୀ ସହ ପ୍ରଥମ ପର୍ଯ୍ୟାୟ ଓ ଭଦୋଦରାରେ ଦ୍ୱିତୀୟ ପର୍ଯ୍ୟାୟ ସହ ଫାଇନାଲ ମୁକାବିଲା ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

# ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ଗମ୍ଭୀର କୋଚ୍

ମୁମ୍ବଇ, ୨୭।୧୧ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜକୁ ଲଜ୍ଜାଜନକ ଭାବେ ୨-୦ ହାରିବା ପରେ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ନିଶାଣକୁ ଆସିଯାଇଛନ୍ତି। ଗମ୍ଭୀରଙ୍କୁ ତୁରନ୍ତ କୋଚ୍ ପଦରୁ ହଟାଯାଉ ବୋଲି ସାମାଜିକ ଗଣମାଧ୍ୟମରେ ଦାବି ହୋଇଛି। ତେବେ ବିସିସିଆଇ ବର୍ତ୍ତମାନ ଗମ୍ଭୀରଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେବନି ବୋଲି ଜଣାପଡ଼ିଛି। ଆଗାମୀ ଦୁଇ ବର୍ଷ ମଧ୍ୟରେ ଦୁଇ ଦୁଇଟି ବିଶ୍ୱକପ୍ ମୁଣ୍ଡ ଉପରେ ରହିଛି। ତେଣୁ ଚୁକ୍ତି ଅନୁସାରେ ୨୦୨୭ ପର୍ଯ୍ୟନ୍ତ ଗମ୍ଭୀର ତାଙ୍କ ପଦ ବଜାୟ ରଖିବେ ବୋଲି ଜଣାପଡ଼ିଛି। ଏକ ଜାତୀୟ ଗଣମାଧ୍ୟମକୁ ନାମ ଗୋପନ ରଖିବା ସର୍ତ୍ତରେ ବିସିସିଆଇର ଜନୈକ ଅଧିକାରୀ କହିଛନ୍ତି, 'ଦଳ ବର୍ତ୍ତମାନ ଏକ ପରିବର୍ତ୍ତନ ପର୍ଯ୍ୟାୟରେ ରହିଛି। ତେଣୁ ବିସିସିଆଇ କୌଣସି ନିଷ୍ପତ୍ତି ତରତର ଭାବେ ନେବନାହିଁ। ମୁଖ୍ୟ ପ୍ରଶିକ୍ଷକ ଗମ୍ଭୀରଙ୍କ ଭବିଷ୍ୟତ ସମ୍ପର୍କ କୌଣସି ନିଷ୍ପତ୍ତି ନେବୁ ନାହିଁ। କାରଣ ବିଶ୍ୱକପ୍ ପାଖେଇ ଆସୁଛି ଏବଂ ତାଙ୍କ ଚୁକ୍ତି ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ରହିଛି। ବିସିସିଆଇ ଚୟନକର୍ତ୍ତା ଓ ଟିମ୍ ମ୍ୟାନେଜମେଣ୍ଟ ସହ ଆଲୋଚନା କରିବ, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବନି।' ଏହି ବୟାନରୁ ଗମ୍ଭୀରଙ୍କ ପଦ ବର୍ତ୍ତମାନ ସୁରକ୍ଷିତ ରହିଥିବା ସ୍ପଷ୍ଟ ହୋଇଛି।

# ଧୋନିଙ୍କ ଘରେ ଡିନର୍ କଲେ କୋହଲି

ରାଞ୍ଚି, ୨୭।୧୧ (ଏଜେନ୍ସି): ଟେଷ୍ଟ ସିରିଜକୁ ହାରିବା ପରେ ଏବେ ଘରୋଇ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩ ମ୍ୟାଚବିଶିଷ୍ଟ ଦିନିକିଆ ସିରିଜ ଖେଳିବ। ନଭେମ୍ବର ୩୦ରୁ ରାଞ୍ଚିରେ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ଏଥିଲାଗି ଭାରତୀୟ କ୍ରିକେଟ୍ ଦଳର ଦୁଇ ତାରକା ଖେଳାଳି ବିରାଟ କୋହଲି ଓ ରୋହିତ୍ ଶର୍ମା ଦୁଇ ଦିନ ହେବ ରାଞ୍ଚିରେ ପହଞ୍ଚି ସାରିଛନ୍ତି। ଏପରିକି ଗୁରୁବାର ଉଭୟ କୋହଲି ଓ ରୋହିତ ରାଞ୍ଚିର ଜେଏସ୍‌ସିଏ ଷ୍ଟାଡିୟମରେ ଜୋରଦାର ଅଭ୍ୟାସ କରିଛନ୍ତି। ଯେହେତୁ ମହେନ୍ଦ୍ର ସିଂ ଧୋନିଙ୍କ ଘରୋଇ ସହର ରାଞ୍ଚି ତେଣୁ କୋହଲି ଏହି ଅବସରରେ ନିଜ ପୂର୍ବତନ ଅଧିନାୟକଙ୍କ ଘରକୁ ଯିବାକୁ ଭୁଲି ନ ଥିଲେ। ଗୁରୁବାର ରାତିରେ ଧୋନିଙ୍କ ଘରେ ଡିନର୍ କରିଥିଲେ କୋହଲି। କଡ଼ା ସୁରକ୍ଷାବଳୟ ମଧ୍ୟରେ କୋହଲି ହୋଟେଲରୁ ଏକ କାର ଯୋଗେ ଧୋନିଙ୍କ ଘରକୁ ଯାଇଥିଲେ। କୋହଲିଙ୍କ ଝଲକ ଟିକେ ପାଇବାକୁ ରାସ୍ତାରେ କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା।

## ଉତ୍ତରପୂର୍ବ-ଅସ୍ମିତା ଭାରୋତ୍ତୋଳନ

# ୧ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୫ ପଦକ

ଭୁବନେଶ୍ୱର,୨୭।୧୧(ସମିସ): କୋଲକାତାରେ ଆଜି ଆରମ୍ଭ ହୋଇଛି ଉତ୍ତର-ପୂର୍ବାଞ୍ଚଳ ଅସ୍ମିତା ଭାରୋତ୍ତୋଳନ ଚାମ୍ପିଅନସିପ୍। ପ୍ରତିଯୋଗିତାର ପ୍ରଥମ ଦିନରେ ବନିତା ନାଏକ ୩ଟି ପଦକ ଜିତିଛନ୍ତି। ସେ ୪୮ କିଲୋଗ୍ରାମ୍ ଶ୍ରେଣୀରେ ଭାଗନେଇ ଯୁବବର୍ଗରେ ସ୍ୱର୍ଣ୍ଣ, କନିଷ୍ଠ ବର୍ଗରେ ରୌପ୍ୟ ଓ ବରିଷ୍ଠ ବର୍ଗରେ କାଂସ୍ୟ ପଦକ ହାସଲ କରିଛନ୍ତି। ମିନା ସିଂ ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗ ୫୩ କେଜିରେ ୨ଟି କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଉଭୟ ବନିତା ଓ ମିନା କଳିଙ୍ଗ ଷ୍ଟାଡିୟମ୍ ଭାରୋତ୍ତୋଳନ ହାଇ ପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ସଫଳତା ଲାଗି ଉଭୟଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।



ବନିତା ନାଏକ



ମିନା ସିଂ

# ଦିବ୍ୟାଙ୍ଗ ହ୍ୱିଲ୍‌ଚେୟାର କ୍ରିକେଟ: ଓଡ଼ିଶା ଚାମ୍ପିଅନ

ଭୁବନେଶ୍ୱର,୨୭।୧୧(ସମିସ): ଗୁଜରାଟରେ ଖେଳାଯାଇଥିବା ପ୍ରଥମ ଦିବ୍ୟାଙ୍ଗ ହ୍ୱିଲଚେୟାର ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଆୟୋଜକ ଗୁଜରାଟକୁ ହରାଇ ଓଡ଼ିଶା ଦଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଖରାପ ହ୍ୱିଲଚେୟାର ସତ୍ତ୍ୱେ ଏହି ବିଭାଗରେ ବିଉ ଓ ଶକ୍ତିଶାଳୀ ଗୁଜରାଟକୁ ହରାଇ ଓଡ଼ିଶା ଚାମ୍ପିଅନ ହେବା ନିଶ୍ଚିତଭାବେ ଏକ ଉଲ୍ଲେଖନୀୟ ପ୍ରଦର୍ଶନ ବୋଲି କନ୍ଧମାଳର ମାଧବ ବଡ଼ସେଠ କହିଛନ୍ତି। କଳାହାଣ୍ଡିର ସରୋଜକାନ୍ତ କୁମାର ଉପଅଧିନାୟକ ରହିଥିଲେ। ସୁରେଶ କୁମାର ନାଗଙ୍କ ତତ୍ତ୍ୱବଧାନରେ ଏହି ଦଳ ଗୁଜରାଟ ଯାଇଥିଲା।



# ଆଇକନିକ୍ ଇଣ୍ଟରନ୍ୟାସନାଲ ଓପନ୍ ଗେଟ୍‌ବଲ୍ ୩୦ରୁ



ଭୁବନେଶ୍ୱର, ୨୭।୧୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚଳିତ ମାସ ୩୦ ତାରିଖରୁ ଆଇକନିକ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଓପନ୍ ଗେଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଆଇକନିକ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ଓ ଭାରତୀୟ ଗେଟ୍‌ବଲ ୟୁନିୟନ (ଆଇଜିୟୁ)ର ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୪୦୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିବେ। ଯେଉଁଥିରେ ଜାପାନ, ଥାଇଲାଣ୍ଡ, ଇଣ୍ଡୋନେସିଆ ଓ ତାଇୱାନର ୩୦ଜଣ ଖେଳାଳି ରହିଛନ୍ତି। ସେହିଭଳି ଆୟୋଜକ ଓଡ଼ିଶା ସମେତ ୧୮ ଟି ରାଜ୍ୟର ଖେଳାଳି ମଧ୍ୟ ଏହି ଦୁଇଦିନିଆ ପ୍ରତିଯୋଗିତାରେ ଭାଗନେବେ ବୋଲି ଆଇଜିୟୁ ତଥା ଆୟୋଜକ କମିଟିର ଦ୍ୱୀପାୟନ ପଟ୍ଟନାୟକ ଗୁରୁବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଅବସରରେ ଟ୍ରଫି ଓ ଜର୍ସି ଉନ୍ମୋଚନ କରାଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଇଏସ୍‌ଏଫ୍‌ର ଡିରେକ୍ଟର ସଞ୍ଜୟ ଚୌଧୁରୀ, ଚିଦାତମିକା ଖଟୁଆ, ଶେଖ ଅବଦୁଲ ସମିସ, ଆୟୋଜକ କମିଟିର ଅଧ୍ୟକ୍ଷ ତାରିଣୀ ପ୍ରସାଦ ମହାନ୍ତି, ଆଇଜିୟୁ ସଭାପତି ଉମାକାନ୍ତ ପାଣି ପ୍ରମୁଖ ଉପସ୍ଥିତ ରହିଥିଲେ।

# ଶୁଭଶ୍ରୀଙ୍କୁ ଡବଲ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୭।୧୧(ସମିସ): ଅଡଶପୁରଠାରେ ଆଜି ଶେଷ ହୋଇଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃବିଶ୍ୱବିଦ୍ୟାଳୟ ଆଥଲେଟିକ ମିଟ୍‌ରେ ଏକାମ୍ର କଲେଜ୍‌ରେ ଶୁଭଶ୍ରୀ ପରିଡ। ଡବଲ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେ ମହିଳା ୧୦୦ ଓ ୪୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ, ୨୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ଜିତିଛନ୍ତି। ସେହିପରି କୃଷ୍ଣପ୍ରିୟା ବରିସାଲ ୧୦୦ ଓ ୨୦୦ ମିଟର ଦୌଡ଼ରେ କାଂସ୍ୟ ପଦକ ହାସଲ କରିଛନ୍ତି। ଖେଳ ଶିକ୍ଷକ ମନୋଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଉଭୟ ପ୍ରତିଯୋଗୀ ସଫଳ ହୋଇଛନ୍ତି।



# 'ସଟଲ୍'ରେ ୧ରୁ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର,୨୭।୧୧(ସମିସ):

ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍ 'ସଟଲ'ରେ ଡିସେମ୍ବର ୧ରୁ ୬ ତାରିଖ ଯାଏ ୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଆୟୋଜିତ ହେବ। କ୍ରମାଗତ ୨ ବର୍ଷରେ କଳିଙ୍ଗ ୨ଟି ଜାତୀୟ ଚାମ୍ପିଅନସିପ୍ ଆୟୋଜନ କରିବାର ଅଧିକାର ପାଇଛି। ଏଥର ସବ୍‌ଜୁନିଅର ଚାମ୍ପିଅନସିପ୍‌ରେ ୩୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ରେକର୍ଡ ସଂଖ୍ୟକ ପ୍ରତିଯୋଗୀ ଅଂଶଗ୍ରହଣ କରିବାର ସୂଚନା ମିଳିଛି। ଏହା ମଧ୍ୟରୁ ବାଳିକା ବିଭାଗରେ ୨୫୬ ଓ ବାଳକ ବିଭାଗରେ ୩୨୪ ଜଣ ପ୍ରତିଯୋଗୀ ଭାଗ ନେବାର ସମ୍ଭାବନା ରହିଛି।

### ନଜରରେ ତନ୍‌ଭୀ ପତ୍ରୀ

ଓଡ଼ିଶାର ଜୁନିଅର ସୁପରଷ୍ଟାର ତନ୍‌ଭୀ ପତ୍ରୀଙ୍କୁ ଏହି ଟୁର୍ଣ୍ଣାମେଣ୍ଟର ବାଳିକା ବିଭାଗରେ ଫେଭରାଇଟ୍ ବିବେଚନା କରାଯାଇଛି। ଉଭୟ ର୍‍ୟାଙ୍କିଙ୍ଗ୍ ଓ ଫର୍ମକୁ ଦେଖିଲେ ବାଲେଶ୍ୱରର ଏହି ଖେଳାଳି ଜଣଙ୍କ ଉଭୟ ୧୫ ଓ ୧୭ ବର୍ଷରୁ କମ୍ ବିଭାଗରେ ଏକକ ଟାଇଟଲ ଜିତିବାର ଦୃଢ଼ ଦାବିଦାର ରହିଛନ୍ତି। ଗତ ୬ ମାସରେ ସେ ୬ଟି ଟୁର୍ଣ୍ଣାମେଣ୍ଟରେ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ୩୫ତମ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ସେ ଉଭୟ ୧୩ ଓ ୧୫ ବର୍ଷରୁ କମ୍ ବିଭାଗରେ ଏକକ ଟାଇଟଲ ଜିତିଥିଲେ। ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ କ୍ରୀଡ଼ାମନ୍ତ୍ରୀ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ମନୋବଳ ବଢ଼ାଇବାକୁ ଉତ୍ସାହ ଦେଇଛନ୍ତି। ଆନ୍ଧ୍ରପ୍ରଦେଶର ପି. ରାମକ୍ରିଷ୍ଣା ଚିଫ୍ ରେଫରୀ ଭାବେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବେ।



## ଓଡ଼ିଶା ମାଷ୍ଟର୍ସରେ ୨୨ ଦେଶ

ଡିସେମ୍ବର ୯ରୁ ୧୪ ତାରିଖଯାଏ କଟକର ଇଣ୍ଡୋର ଷ୍ଟାଡିୟମ୍‌ରେ ଖେଳାଯିବ ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର ସୁପର ୧୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ। ବିଶ୍ୱ ଓ ଭାରତୀୟ ବ୍ୟାଡମିଣ୍ଟନ ସଂଘ ଦ୍ୱାରା ଅନୁମୋଦିତ ଏହି ଟୁର୍ଣ୍ଣାମେଣ୍ଟର ଚତୁର୍ଥ ସଂସ୍କରଣରେ ଏଥର ୨୨ଟି ଦେଶ ଅଂଶଗ୍ରହଣ କରିବେ। ବିଶ୍ୱ ବ୍ୟାଡ୍‌ମିଣ୍ଟନରେ ପ୍ରାଧାନ୍ୟ ବିସ୍ତାର କରିଥିବା ଏସୀୟ ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଆୟୋଜକ ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ ଏକ ସମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇଥିବାରୁ ରାଜ୍ୟ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟ ଏହାକୁ ସମ୍ମାନର ସହ ଆୟୋଜନ କରିବାକୁ ସମସ୍ତ ପ୍ରକାର ଯୋଜନା କରିଛନ୍ତି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS